୫୬
# ଧରିତ୍ରୀ
DHARITRI
ଢେଙ୍କାନାଳ, ରବିବାର, ୧ ଡିସେମ୍ବର, ୨୦୧୯ (୨୦ ପୃଷ୍ଠା + ଛୁଟିଦିନ) Dhenkanal, Sunday, 1 December, 2019 ★★★★★
୧୫ଶ ଭାଗ ୨୮୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ଗ୍ରାମ୍ୟ ଉନ୍ନୟନ ବିଭାଗ କଣାସ ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜଣାଇବା ସହିତ ଜଗତର ନାଥ କାଳିଆ ସାଆନ୍ତଙ୍କ ନିକଟରେ ଦୀର୍ଘଜୀବୀ ହେବାପାଇଁ ପ୍ରାର୍ଥନା କରୁଛୁ।

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ସହ
**ରାଜେଶ କୁମାର ଶବର**
ଯୋଗାଣ ନିରୀକ୍ଷକ, ନବରଙ୍ଗପୁର

ରାସଗୋବିନ୍ଦପୁର ବନାଞ୍ଚଳ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ତରଫରୁ ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
**ପ୍ରଶାନ୍ତ କୁମାର ବେହେରା**
ବନାଞ୍ଚଳ ଅଧିକାରୀ, ରାସଗୋବିନ୍ଦପୁର, ମୋରଡା

ଦୈନିକ ଖବରକାଗଜ ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ଧରିତ୍ରୀ ପରିବାର ଓ ପାଠକଙ୍କୁ ଶୁଭେଚ୍ଛା ଜଣାଉଛୁ।

**ସୁଧାଂଶୁ ଶେଖର ଜେନା**
ଭାରତୀୟ ଜନତା ପାର୍ଟି,
ସକ୍ରିୟ କାର୍ଯ୍ୟକର୍ତ୍ତା

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ।

**ତ୍ରିନାଥ ପ୍ରଧାନ**
ପାପଡ଼ାହାଣ୍ଡି ବ୍ଲକ ଉପାଧ୍ୟକ୍ଷ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ କଣାସ ଜଳସେଚନ ବିଭାଗ ପକ୍ଷରୁ ଶୁଭେଚ୍ଛା ଜଣାଇବା ସହିତ ଜଗତର ବଡଠାକୁର ଶ୍ରୀ ଜଗନ୍ନାଥଙ୍କ ନିକଟରେ ଦୀର୍ଘଜୀବୀ ହେବାପାଇଁ ପ୍ରାର୍ଥନା କରୁଛୁ।

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ବାରଦା ପଞ୍ଚାୟତ, କଟକସଦର ଜନସାଧାରଣଙ୍କର ସୁଖ, ସମୃଦ୍ଧି କାମନା କରୁଅଛି ।
**ରମେଶ ଚନ୍ଦ୍ର ସାହୁ**
ସରପଞ୍ଚ

**VIKASH JUNIOR COLLEGE**
(A Milestone of Education)
Come built of your Career
*All type of Educational Facilities available here such as:*
- *Extra Class*
- *Group Discussion*
- *Monthly Text*
- *Good Surrounding with Good Environment for Education*
- *Curricular Activities*

Secretary
Vikash Junior College
Nabarangpur
Mob.: 9437000468


ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପାଠକ ପାଠିକା ଓ ନବରଙ୍ଗପୁର ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ସହ

**ତାପସ ତ୍ରିପାଠୀ**
ବରିଷ୍ଠ ଯୁବ ବିଜେଡି ନେତା

**TECHNO GURUKUL, NABARANGPUR**
ADMISSION OPEN FOR
Play Group and Pre-KG
Visit us once and feel the Difference
Chairman
Techno Gurukul, Nabarangpur

ରାଜଲକ୍ଷ୍ମୀ ଫ୍ଲାଏ ଆସ୍ ବ୍ରିକ୍ସ ଶୁଭେଚ୍ଛା ।
ସୁଲଭ ମୂଲ୍ୟରେ ସୁଦୃଢ଼ ଆସ୍ ଇଟା ଯୋଗାଇ ଦିଆଯାଏ।

ଯୋଗାଯୋଗ
କମରପଦା (କଟକ-ପାରାଦ୍ୱୀପ ରାସ୍ତା)
କଟକ
ଫୋନ୍ - 9437062292

With Best Compliments From:

**Sj. Saroj Kumar Sahoo**
Inspector Incharge
**Dharmasala Police Station**
AMA POLICE
DHARMASALA, JAJPUR

*With Best Compliments From:*
**PREMIER ROCK PRODUCTS PVT. LTD.**
DANKARI, DHARMASALA, JAJPUR (ODISHA)
ଏଠାରେ ଉନ୍ନତ ଧରଣର କଳା ଚିପ୍ସ, ମେଟାଲ, ବକ୍ସୁରି ଇତ୍ୟାଦି ସୁଲଭ ମୂଲ୍ୟରେ ମିଳେ ।

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ
**ମୁକୁନ୍ଦ ପାତ୍ର ଡିଗ୍ରୀ ଓ ଜୁନିୟର କଲେଜ୍‌ର**
ଅଧ୍ୟକ୍ଷ ଓ ସହକର୍ମୀ
କନ୍ତପଡ଼ା, ଜେନାପୁର
ଧର୍ମଶାଳା, ଯାଜପୁର


କବିତା ବିଶ୍ୱାଳ
+୩ ଅଧ୍ୟକ୍ଷା
ହେମନ୍ତ କୁମାର ଦାସ
+୨ ଅଧ୍ୟକ୍ଷ

*With Best Compliments From:*
**DHARMASALA MAHILA DEGREE, JUNIOR COLLEGE & STAFF**
ଧର୍ମଶାଳା ବ୍ଲକର
ଏକମାତ୍ର ମହିଳା କଲେଜ


**Dr. Induprava Samal**
Principal
Dharmasala Mahila Degree College
Dharmasala, Jajpur

**Smt. Namita Parida**
Principal
Dharmasala Junior Mahila College
Dharmasala, Jajpur

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ବର୍ଷ ଅବସରରେ **ଜ୍ୟୋତିଶ୍ରୀ ଚକି** ଫ୍ରେସ୍ ଅଟା ଅଭିନନ୍ଦନ ଜଣାଉଅଛି । ଓଡ଼ିଶାର ଗୃହିଣୀମାନଙ୍କର ପସନ୍ଦଯୋଗ୍ୟ ଅଟା ବିଶୁଦ୍ଧ ଓ ସ୍ୱାସ୍ଥ୍ୟରେ ଅଟେ।
ଯୋଗାଯୋଗ
କଳପଡ଼ା, ୪୨ମୌଜା, କଟକ-754112
(ଓଡ଼ିଶା)
ଫୋନ୍ - 7008181649 / 7008179653

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅନୁଷ୍ଠାନର ଦୀର୍ଘ ସଫଳ ଯାତ୍ରା କାମନା କରୁଛି। ଏଥିସହ ମୋ ଜିଲ୍ଲାବାସୀଙ୍କୁ ଆସନ୍ତା ନବବର୍ଷ-୨୦୨୦ ପାଇଁ ଅଭିନନ୍ଦନ ଜ୍ଞାପନ କରିବା ସହ ସମସ୍ତଙ୍କ ପରିବାରର ସୁଖ, ସମୃଦ୍ଧି ଓ ପ୍ରଗତି କାମନା କରୁଛି ।


**CURE - WELL HOSPITAL**, Kherasa, Jagatsinghpur

*Best Compliments From:*
**Hotel Apsara Pvt. Ltd.**
Jeypore - 764001

Founder Director:
Mr. Amar Kumar Sahu, Ms. Padama Sahu
Mr. Vivek Kumar Sahu, Director, Ms. Smriti Sahu


Your classified advertisement published in Dharitri will be listed free in Dharitri online edition : www.dharitri.com

ଧରିତ୍ରୀ
DHARITRI
ଢେଙ୍କାନାଳ, ରବିବାର, ୧ ଡିସେମ୍ବର, ୨୦୧୯ | Dhenkanal, Sunday, 1 December, 2019 | ପୃଷ୍ଠା-୧



## ୱାର୍ନରଙ୍କ ତ୍ରିଶତକ

ଆଡିଲେଡଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦିବାରାତ୍ର କ୍ରିକେଟ ଟେଷ୍ଟରେ ତ୍ରିଶତକ ହାସଲ କରି ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି ଅଷ୍ଟ୍ରେଲିଆର ଡେଭିଡ ୱାର୍ନର।

୧୭

୦୯

## ରିଲିଜ୍ ପୂର୍ବରୁ ବିବାଦରେ 'ପାନିପତ୍'

ଫିଲ୍ମ 'ପାନିପତ୍'ରେ ମହାନ ମରାଠା ସେନାପତି ଓ ତାଙ୍କର ଦ୍ୱିତୀୟ ସ୍ତ୍ରୀ ମସ୍ତାନୀଙ୍କୁ ଅପମାନଜନକ ଢଙ୍ଗରେ ପରିବେଷଣ କରାଯାଇଥିବା ଅଭିଯୋଗ ହୋଇଛି।



### ୮ମ ପର୍ଯ୍ୟାୟ ଗ୍ରାଉଣ୍ଡ ବ୍ରେକିଂ: ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ୮୯୩୯ କୋଟି ପୁଞ୍ଜି ନିବେଶ

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଖାରବେଳ ଭବନରୁ ୨୭ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏହି କାର୍ଯ୍ୟକ୍ରମରେ ୫ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଥିବାବେଳେ ୨୨ଟିର ଗ୍ରାଉଣ୍ଡବ୍ରେକିଂ କରାଯାଇଛି। ଏହି ସମସ୍ତ ପ୍ରକଳ୍ପ ଦ୍ୱାରା ୮୯୩୮.୮୧ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇ ପ୍ରାୟ ୧୨,୧୪୨ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କ୍ଷେତ୍ରସ୍ତରୀୟ ପୁଞ୍ଜି ନିବେଶରେ ସାରା ଦେଶରେ ଓଡ଼ିଶା ସର୍ବୋଚ୍ଚ ୩ ରାଜ୍ୟ ମଧ୍ୟରେ ସାମିଲ ହେବାର ଲକ୍ଷ୍ୟନେଇ କାର୍ଯ୍ୟ କରୁଛି। ସାରା ଦେଶରେ ଗତ ଏପ୍ରିଲରୁ ସେପ୍ଟେମ୍ବର ଭିତରେ ନୂଆ ପୁଞ୍ଜିନିବେଶ ଶ୍ରେଣୀରେ ଓଡ଼ିଶା ୧୮ ପ୍ରତିଶତ ସଫଳତା ପାଇଛି। ତେଣୁ କ୍ଷେତ୍ରସ୍ତରରେ ଶିଳ୍ପଗୁଡ଼ିକର ପ୍ରକ୍ରିୟାକରଣ ସରକାରଙ୍କ ମୁଖ୍ୟ ପ୍ରାଥମିକତା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶିଳ୍ପ ନିଯୁକ୍ତି ସୃଷ୍ଟି କରିବା ସହ ରାଜ୍ୟ ସକଳ ଘରୋଇ ଉତ୍ପାଦ(ଏସ୍‌ଜିଡିପି)ରେ ପ୍ରମୁଖ ଯୋଗଦାନ ଦେଇଥାଏ।




କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ(ମଝି)ଙ୍କ ସହ ବାମରୁ ଶିଳ୍ପ ସଚିବ ହେମନ୍ତ ଶର୍ମା, ଶିଳ୍ପମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏବଂ ଉନ୍ନୟନ କମିଶନର ସୁରେଶ ମହାପାତ୍ର।

- **ସୃଷ୍ଟି ହେବ ୧୨,୧୪୨ ନିଯୁକ୍ତି ସୁଯୋଗ**
- **୫ ପ୍ରକଳ୍ପ ଆରମ୍ଭ, ୨୨ ପାଇଁ ଭିତ୍ତି ପଡ଼ିଲା**
- **ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୦ କାଉଣ୍ଟଡାଉନ ଆରମ୍ଭ**
- **ଓଏଫ୍‌ଡିସି ୱେବ୍‌ସାଇଟ ଉନ୍ମୋଚିତ**

ତେଣୁ ଏହି କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ୫-ଟି ମନ୍ତ୍ରକୁ ମଧ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱଚ୍ଛତା, ବୈଷୟିକ ଜ୍ଞାନକୌଶଳ, ଦଳଗତ ପ୍ରଚେଷ୍ଟା ଜରିଆରେ ସମୟାନୁବର୍ତ୍ତୀ ଭାବେ ଯେପରି ସଫଳତା ହାସଲ କରିହେବ, ସେଥିପ୍ରତି ଦୃଷ୍ଟି ଦିଆଯାଇଛି।

ଆଜିଠୁ ଠିକ୍ ବର୍ଷକ ପରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୦ର ଶୁଭାରମ୍ଭ କରାଯିବ। ଆସନ୍ତା ବର୍ଷ ନଭେମ୍ବର ୩୦ରୁ ଡିସେମ୍ବର ୪ ମଧ୍ୟରେ ଏହା ଅନୁଷ୍ଠିତ ହେବ। ଏହି କନ୍‌କ୍ଲେଭକୁ ସାରା ବିଶ୍ୱରୁ ପୁଞ୍ଜିନିବେଶକାରୀଙ୍କୁ ଆମନ୍ତ୍ରଣ କରାଯିବ। ଏହି ଶିଳ୍ପ ମହାକୁମ୍ଭ କାର୍ଯ୍ୟକ୍ରମକୁ ସଫଳତା ସହ ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୦ ପାଇଁ କାଉଣ୍ଟଡାଉନ ଆରମ୍ଭ ହୋଇଯାଇଛି, ଏହାକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି)ର ଏକ ନୂତନ ୱେବ୍‌ସାଇଟ୍‌କୁ ମଧ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। ☞ପୃଷ୍ଠା-୬

### ଖେଳୁଥିବା ବେଳେ ମୃତ୍ୟୁ ଆସିଲା: ପାଳଗଦାରେ ନିଆଁ

# ଜଳିଗଲେ ୩ ଶିଶୁ

**ଭବାନୀପାଟଣା/କୋକସରା, ୩୦।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ବିଜମରା ଗ୍ରାମରେ ଶନିବାର ମଧ୍ୟାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ପାଳଗଦାରେ ନିଆଁ ଲାଗି ୩ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁମାନେ ହେଲେ ଗ୍ରାମର ହେମରାଜ ଦିଶାରୀଙ୍କ ଯାଆଁଳା ଝିଅ ରୋଜି (୪) ଓ ଡେଜି (୪)। ଜୟପାଟଣା ବ୍ଲକ କୁଣ୍ଡିଗୁଡା ଗ୍ରାମର ଧନୁର୍ଯ୍ୟ ରାଉତଙ୍କ ଝିଅ ରଚନା ରାଉତ (୪)। ରଚନା ମାମୁଘର ବିଜମରାକୁ ଆସିଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଛି। ପୋଲିସ ଡାକ୍ତରଖାନାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଖବର ଜଣାପଡିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ମଧ୍ୟାହ୍ନରେ ବିଜମରା ଗ୍ରାମର ଏକ ଖଳାରେ ଥିବା ପାଳଗଦା ନିକଟରେ ଏହି ଶିଶୁମାନେ ଖେଳୁଥିଲେ। ଖଳାରେ ଲାଗିଥିବା ନିଆଁ ହଠାତ୍ ପାଳଗଦାରେ ଲାଗି ଯାଇଥିଲା। ହେଲେ ଖେଳୁଥିବା ଶିଶୁମାନେ ଏ କଥା ଜାଣିପାରି ନ ଥିଲେ। କିଛି ସମୟ ଭିତରେ ନିଆଁ ଚାରି ଆଡ଼କୁ ବ୍ୟାପୀ ଯିବାରୁ ୩ ଶିଶୁ ସେହି ନିଆଁରେ ପୋଡ଼ି ଯାଇଥିଲେ। ଏହି ସମୟରେ ଶିଶୁମାନଙ୍କ ମା'ବାପା ଘରେ ନ ଥିଲେ। ସେମାନେ ଧାନ କାଟିବା ପାଇଁ ବିଲକୁ ଯାଇଥିଲେ। ଶିଶୁମାନଙ୍କ ଚିତ୍କାର ଶୁଣି ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରିବା ସହ ଏକ କାରରେ ନେଇ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ୩ଜଣଙ୍କୁ ୧୦୮ ଆମ୍ବୁଲାନ୍ସରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ୩ ଶିଶୁଙ୍କ ମୃତ୍ୟୁ ଘଟିଥିଲା।

### କୋଇଲା ଉତ୍ପାଦନରେ ଏମ୍‌ସିଏଲ୍‌ର ରେକର୍ଡ

# ଗୋଟିଏ ଦିନରେ ୫.୬୪ ଲକ୍ଷ ଟନ୍

**ତାଳଚେର, ୩୦।୧୧(ନି.ପ୍ର.)**

କୋଇଲା ଉତ୍ପାଦନରେ ମହାନଦୀ କୋଲ୍ ଫିଲଡ୍‌ସ ଲିମିଟେଡ (ଏମ୍‌ସିଏଲ୍) ନୂଆ ରେକର୍ଡ ପ୍ରତିଷ୍ଠା କରିଛି। ଗତ ୨୯ ତାରିଖ ଗୋଟିଏ ଦିନରେ ଏମ୍‌ସିଏଲ୍ ୫.୬୪ ଲକ୍ଷ ଟନ୍ କୋଇଲା ଉତ୍ପାଦନ କରିପାରିଛି। ଏମ୍‌ସିଏଲ୍ ଆରମ୍ଭ ହେବା ପରଠାରୁ ନଭେମ୍ବର ମାସର ଗୋଟିଏ ଦିନରେ କେବେ ବି ଏତେ ପରିମାଣର କୋଇଲା ଉତ୍ପାଦନ ହୋଇ ନ ଥିଲା। ଏହି ରେକର୍ଡ ପରିମାଣର ଉତ୍ପାଦନରେ ତାଳଚେରର ଜଗନ୍ନାଥ କ୍ଷେତ୍ର, ଲିଙ୍ଗରାଜ କ୍ଷେତ୍ର, ହିଙ୍ଗୁଳା କ୍ଷେତ୍ର, କଣିହାଁ କ୍ଷେତ୍ର ସହିତ ଇବ କୋଲ୍ ଫିଲଡ୍‌ସର ଲଖନପୁର ଏବଂ ସୁନ୍ଦରଗଡର ବସୁନ୍ଧରା କ୍ଷେତ୍ରର ପ୍ରମୁଖ ☞ପୃଷ୍ଠା-୬

ଆଜିଠୁ ନୂଆ ମୋଟରଯାନ ଆଇନ

**ଖସିପାରିବେନି ଉଲ୍ଲଂଘନକାରୀ**

........୩.........

**ଆଜିର ସମ୍ପାଦକୀୟ**

**ସଂଖ୍ୟାଗୁରୁବାଦ**

**ଆଜିର ମନ୍ତବ୍ୟ**

"ନାଗରିକତ୍ୱ ସଂଶୋଧନ ବିଲ ଓ ପାନ୍ ଇଣ୍ଡିଆ ଏନ୍‌ଆର୍‌ସିକୁ ନେଇ କଂଗ୍ରେସ ସବୁ ଦଳକୁ ଏକାଠି କରି କେନ୍ଦ୍ରକୁ ଘେରିବ।

-ଜୟରାମ ରମେଶ, କଂଗ୍ରେସ ନେତା

**କିଛି ତଥ୍ୟ**

ରପ୍ତାନି ପ୍ରୋତ୍ସାହନ ଯୋଜନାର ବେଆଇନ ଭାବେ ଫାଇଦା ନେଉଥିବା ୧୨୭୧ ଫାର୍ମ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

– ବାଣିଜ୍ୟ ମନ୍ତ୍ରଣାଳୟ

Taste the difference!
Vencobb FRESH CHICKEN
30.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 76 | 127 | 137 |
| DKL | 76 | 127 | 137 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |
| BHM | 74 | 124 | 134 |

*Conditions Apply
Issued in the Interest of Consumers






## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ବୈଷ୍ଣବୀ
ପରିବାରବର୍ଗ


କିର୍ତ୍ତୀପ୍ରକାଶ
ପରିବାରବର୍ଗ


କୌସ୍ତୁଭ
ପରିବାରବର୍ଗ


ମୋହିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଆନନ୍ଦ ବଜାରରେ ପଡ଼ି ବୃଦ୍ଧ ଆହତ

ପୁରୀ ଅଫିସ, ୩୦।୧୧: ଶ୍ରୀମନ୍ଦିର ଆନନ୍ଦବଜାରରେ ପଡ଼ି ଜଣେ ବୃଦ୍ଧ ଆହତ ହୋଇଛନ୍ତି। ସେ ହେଲେ ସତୀଶ ଚନ୍ଦ୍ର (୬୫)। ତାଙ୍କ ବାମ ହାତ ଭାଙ୍ଗିଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଶନିବାର ଅପରାହ୍ନରେ ସତୀଶ ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ସାରି ମହାପ୍ରସାଦ ଖାଇବା ଲାଗି ଆନନ୍ଦବଜାର ଯାଇଥିଲେ। କୌଣସି କାରଣବଶତଃ ତାଙ୍କ ଗୋଡ଼ ପାହାଚରେ ଖସିଯାଇଥିଲା। ସେ ତଳେ ପଡ଼ିଯାଇଥିଲେ।

# ୫ ପ୍ରକଳ୍ପ ଶୁଭାରମ୍ଭ, ୨୨ ଗ୍ରାଉଣ୍ଡ୍ ବ୍ରେକିଂ

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୮ମ ପର୍ଯ୍ୟାୟ ଗ୍ରାଉଣ୍ଡ ବ୍ରେକିଂ ଏବଂ ଶୁଭାରମ୍ଭ କରିଛନ୍ତି। ନୂଆ ୫ ପ୍ରକଳ୍ପ ହେଉଛି- ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁରରେ ଓସିଏଲ୍ ଇଣ୍ଡିଆ ଲିଃ ଦ୍ୱାରା କରାଯାଇଥିବା ସିମେଣ୍ଟ କାରଖାନା(୧୯୯୪.୮୮ କୋଟି, ୩୬୫ ନିଯୁକ୍ତି) ଓ ସୁରଜ ପ୍ରଡକ୍ଟସର ଇସ୍ପାତ କାରଖାନାର ସମ୍ପ୍ରସାରଣ(୫୦.୨୫ କୋଟି, ୧୯୬ ନିଯୁକ୍ତି), ଯାଜପୁର ଜିଲାର ବଡ଼ଚଣାରେ ଓମ୍‌ଜୟ ଇଭି ଦ୍ୱାରା ଇଲେକ୍ଟ୍ରିଚାଳିତ ଯାନ ପ୍ରକଳ୍ପ(୫୨.୪୧କୋଟି, ୧୨୨ ନିଯୁକ୍ତି), କେନ୍ଦୁଝର ଜିଲା ବସନ୍ତପୁରରେ ପ୍ରୋ-ମିନେରାଲ ଦ୍ୱାରା ଲୁହାପଥର ପେଲେଟିଷ୍ଟେଶନ ପ୍ଲାଣ୍ଟ(୨୩୮.୯୭ କୋଟି, ୧୯୨ ନିଯୁକ୍ତି) ଏବଂ କଟକ ଜିଲା ଆଠଗଡ଼ରେ ଶ୍ରୀସିମେଣ୍ଟ ଲିଃ ଦ୍ୱାରା ୩ ଏମ୍‌ଟିପିଏ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ (୪୫୨.୫୫ କୋଟି, ୨୪୩ ନିଯୁକ୍ତି)।

ସେହିଭଳି ଗ୍ରାଉଣ୍ଡ ବ୍ରେକିଂ କରାଯାଉଥିବା ପ୍ରକଳ୍ପଗୁଡ଼ିକ ହେଉଛି- ବୌଦ୍ଧର ଆଦିତ୍ୟ ବିର୍ଲା ରିନ୍ୟୁଏବଲ୍(୩୫୨.୫୦ କୋଟି, ୮୦ ନିଯୁକ୍ତି), ସୁନ୍ଦରଗଡ଼ର ଅଗ୍ରସେନ୍ ସ୍ୱଷ୍ଟ ପ୍ରାଇଭେଟ୍ ଲିଃ(୧୯୮.୯୭ କୋଟି, ୪୬୧ ନିଯୁକ୍ତି), ପୁରୀର ଆନନ୍ଦ ଗ୍ଲାସ୍(୫.୬୦ କୋଟି, ୭୦ ନିଯୁକ୍ତି), ଖୋର୍ଦ୍ଧାର କେମ୍‌ଫ୍ଲୋ ଇଣ୍ଡଷ୍ଟ୍ରିଜ୍ (ଇଣ୍ଡିଆ)ପ୍ରା. ଲିଃ(୩.୨୯ କୋଟି, ୭୭ ନିଯୁକ୍ତି), ଯାଜପୁରର ଡିଓ ରେସିଡେନ୍ସି ଆଣ୍ଡ ରିସୋର୍ଟ ପ୍ରା. ଲିଃ(୫୩.୬୯ କୋଟି, ୯୦ ନିଯୁକ୍ତି), ଗଞ୍ଜାମର ଗୋପୁ ହିଲ୍ ଭିଉ ରିସୋର୍ଟ(୫୦.୪୮ କୋଟି, ୧୪୨ ନିଯୁକ୍ତି) ଏବଂ ସମ୍ବଲପୁରର ହିଣ୍ଡାଲ୍‌କୋ(୫୦୦୦ କୋଟି, ୫୫୦ ନିଯୁକ୍ତି)। ସେହିପରି ବାଲେଶ୍ୱରର ହାଇଲ୍ୟାଣ୍ଡ ଆଗ୍ରୋ(୫୩.୦୮ କୋଟି, ୪୪୫ ନିଯୁକ୍ତି), ଖୋର୍ଦ୍ଧାରେ ଆଇନକ୍ସ ଫ୍ୟାବ୍ ଇଣ୍ଡିଆ ପ୍ରା.ଲିଃ(୨.୯୮ କୋଟି, ୧୪୬ ନିଯୁକ୍ତି), ବଲାଙ୍ଗୀରର ଜୟଶ୍ରୀ ଏଣ୍ଟରପ୍ରାଇଜେସ୍ (୨.୫୧ କୋଟି, ୩୦ ନିଯୁକ୍ତି), ବାଲେଶ୍ୱର ଜେ.ଏମ୍. ଇଣ୍ଡଷ୍ଟ୍ରିଜ୍ ୟୁନିଟ୍-୨(୨.୩୪ କୋଟି, ୩୭ ନିଯୁକ୍ତି ସୁଯୋଗ), ଯାଜପୁରର କଳିଙ୍ଗ ଆଲୟ ପ୍ରା.ଲିଃ(୨.୩୨ କୋଟି, ୫୩ ନିଯୁକ୍ତି), ଖୋର୍ଦ୍ଧାର କସ୍ତୁରୀ ଫ୍ଲୋର ମିଲ୍(୮.୩୪ କୋଟି, ୮୯ ନିଯୁକ୍ତି), କଟକର ପେଜ୍ ଇଣ୍ଡଷ୍ଟ୍ରିଜ୍ ଲିଃ(୧୩୫.୫୦ କୋଟି, ୫୮୫୦ ନିଯୁକ୍ତି) ଓ ବାଲେଶ୍ୱରର ରଶ୍ମି ଏଣ୍ଟରପ୍ରାଇଜେସ୍ (୨.୯୮ କୋଟି, ୧୮ ନିଯୁକ୍ତି) ଲକ୍ଷ୍ୟ ରଖାଯାଇଛି। ଏହାକୁ ବାଦ୍ ଦେଇ କଟକସ୍ଥିତ ଓମ୍ ଅଏଲ୍ ଆଣ୍ଡ ଫ୍ଲୋର ମିଲ୍ସ ଲିଃ(୧୦୦ କୋଟି, ୧୫୬୦ ନିଯୁକ୍ତି), ଆର.ଏନ୍.ଡି. ଲାବରେଟୋରିଜ୍(୧୧.୭୨ କୋଟି, ୧୫୦ ନିଯୁକ୍ତି), ସୌକୀନ ଇଣ୍ଡଷ୍ଟ୍ରିଜ୍ (୧୪.୩୬ କୋଟି, ୧୨୦ ନିଯୁକ୍ତି), ଶ୍ରୀ ସାଇ ଏଣ୍ଟରପ୍ରାଇଜେସ୍ (୨୨.୧୪ କୋଟି, ୩୦୦ ନିଯୁକ୍ତି), ଖୋର୍ଦ୍ଧାର ସୁଗୁନା ଫୁଡ୍ସ(୫୦.୨୭ କୋଟି, ୪୮୬ ନିଯୁକ୍ତି), ଉତ୍କଳ ଫିଡ୍ସ ପ୍ରା. ଲିଃ(୧୨.୪୦ କୋଟି, ୫୦ ନିଯୁକ୍ତି) ଏବଂ ଗଞ୍ଜାମର ସ୍ୱସ୍ତି ଭ୍ୟାକେଶନ୍ କ୍ଲବ ପ୍ରା. ଲିଃରେ ୬୪.୫୮ କୋଟି ଟଙ୍କା ବିନିଯୋଗ କରାଯାଇ ୨୨୦ ନିଯୁକ୍ତି ଲାଗି ଲକ୍ଷ୍ୟ ରଖାଯାଇଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଶତାବ୍ଦୀ ତନୟା ଦାସ


ନିକିତା ମୁଦୁଲି

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ମେଡିସିନ ଗୋଦାମରେ ଲାଗିଲା ନିଆଁ

**କଟକ ଅଫିସ, ୩୦।୧୧**

କଟକ ମଙ୍ଗଳାବାଗସ୍ଥିତ ଶ୍ରୀଗୋପାଳ ମେଡିସିନ ଆଣ୍ଡ ସର୍ଜିକାଲ ଗୋଦାମରେ ଶନିବାର ଭୟାନକ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୫ଟି ଘରେ ମହଜୁଦ ଥିବା ପ୍ରାୟ ୫୦ଲକ୍ଷ ଟଙ୍କାର ବିଭିନ୍ନ ସର୍ଜିକାଲ ସାମଗ୍ରୀ ଓ ମେଡିସିନ ପୋଡ଼ି ନଷ୍ଟ ହୋଇଯାଇଛି ବୋଲି ଗୋଦାମ ମାଲିକ ସବ୍ୟସାଚୀ ସାହୁ କହିଛନ୍ତି। ନିଆଁ ଲିଭାଇବା ପାଇଁ କଟକ ଅଗ୍ନିଶମ ବାହିନୀର ତିନୋଟି, ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀ କେନ୍ଦ୍ରର ଗୋଟିଏ ଲେଖାଏ ଦମକଳ ନିୟୋଜିତ ହୋଇଥିଲା। ୬ ଅଗ୍ନିଶମ ଅଧିକାରୀଙ୍କ ଅଧୀନରେ ୩୦ଜଣ କର୍ମଚାରୀ ନିଆଁ ଲିଭାଇବା କାମରେ ନିୟୋଜିତ ହୋଇଥିବାବେଳେ ମଙ୍ଗଳାବାଗ୍ ଥାନାର କର୍ମଚାରୀ ଓ ସ୍ଥାନୀୟ ଲୋକେ ସେମାନଙ୍କୁ ସହଯୋଗ କରିଥିଲେ। ପ୍ରାୟ ଦେଢ଼ଘଣ୍ଟା ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲା। ଶର୍ଟ ସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ତେବେ ଅଧିକ ତଦନ୍ତ ପରେ ଯାହା କହିହେବ ବୋଲି ଜିଲା ଅଗ୍ନିଶମ ଅଧିକାରୀ ଟି.କେ. ବାବୁ କହିଛନ୍ତି।




ମିଳିଥିବା ସୂଚନା ଅନୁଯାୟୀ, ସବ୍ୟସାଚୀ ସାହୁ ପ୍ରାୟ ୩୦ ବର୍ଷ ହେବ ଏଠାରେ ବିଭିନ୍ନ ସର୍ଜିକାଲ ଜିନିଷ ସହ ଔଷଧ ବ୍ୟବସାୟ କରୁଛନ୍ତି। ବିଲ୍ଡିଂର ତଳ ମହଲାରେ ତାଙ୍କର ଦୋକାନ ରହିଥିବାବେଳେ ଉପର ମହଲାର ୫ଟି ଘରେ ଗୋଦାମ କରିଥିଲେ। ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଦୋକାନ କର୍ମଚାରୀ ଜିନିଷ ଆଣିବା ପାଇଁ ଗୋଦାମ ଘରକୁ ଯାଇଥିବାବେଳେ ସେଠାରୁ ଧୂଆଁ ବାହାରୁଥିବା ଦେଖିଥିଲେ। ପରେ ପାଣି ପକାଇ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଏହି ଘରେ ବିଭିନ୍ନ କେମିକାଲ, ପ୍ଲାଷ୍ଟିକ୍ ଓ ତୁଳାରୁ ପ୍ରସ୍ତୁତ ସାମଗ୍ରୀ ରହିଥିବାରୁ ନିଆଁ ଅଣାୟତ୍ତ ହୋଇପଡ଼ିଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁଲିଭା କାର୍ଯ୍ୟରେ ଲାଗିପଡ଼ିଥିଲେ। ଏହି ଘରକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲେ ମଧ୍ୟ ଇନ୍‌ଭର୍ଟର ଥିବାରୁ ନିଆଁ ଲିଭାଇବାବେଳେ ଅଗ୍ନିଶମ କର୍ମଚାରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରବର୍ତ୍ତୀ ସମୟରେ ନିଆଁକୁ ଆୟତ୍ତ କରାଯାଇଥିଲା। ସବୁଠୁ ବଡ଼କଥା ହେଲା, ସବୁ ଗୋଦାମରେ ଅଗ୍ନି ନିର୍ବାପକ ଯନ୍ତ୍ର ରହିବା ନିୟମ ଥିବାବେଳେ ଏହି ଗୋଦାମରେ କୌଣସି ଅଗ୍ନି ନିର୍ବାପକ ଯନ୍ତ୍ର ନ ଥିଲା। ଏଥିସହିତ କିଛିବର୍ଷ ପୂର୍ବରୁ ଏହି ଗୋଦାମରେ ଏକ ଛୋଟ ଧରଣର ଅଗ୍ନିକାଣ୍ଡ ଘଟିଥିଲା ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏ ନେଇ ଦୋକାନ ମାଲିକ ସବ୍ୟସାଚୀ କୁହନ୍ତି, ଗୋଦାମଟି ବହୁ ପୁରୁଣା। ତେଣୁ ଅଗ୍ନି ନିର୍ବାପକ ବ୍ୟବସ୍ଥାର କିଛି ଆବଶ୍ୟକତା ଥିବା ଭାବୁ ନ ଥିଲି। ଗୋଦାମ ଓ ଦୋକାନର ଇନ୍ସ୍ୟୁରାନ୍ସ ଅଛି। ଏତେ ବଡ଼ ଅଗ୍ନିକାଣ୍ଡ ପରେ ଆଗକୁ ନିଶ୍ଚୟ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବି।

- **ପୋଡ଼ିଗଲା ୫୦ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ**
- **ଶର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ**
- **ନିଆଁଲିଭା କାର୍ଯ୍ୟରେ ୩୦ ଅଗ୍ନିଶମ କର୍ମଚାରୀ**
- **ଗୋଦାମରେ ନ ଥିଲା ଅଗ୍ନି ନିର୍ବାପକ ଯନ୍ତ୍ର**

# ଅଭିଯୁକ୍ତଙ୍କୁ ଧରାଇଲା ସରପଞ୍ଚଙ୍କ ଫୋନ କଲ୍

**ଥାନା ଅଧିକାରୀଙ୍କ ଅନୁଭୂତି**

**କେବଳ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ନୁହେଁ, ଅପରାଧ ରୋକିବା ଏବଂ ଠିକ୍ ଢଙ୍ଗରେ ତଦନ୍ତ ଚଳାଇ ଅପରାଧୀଙ୍କୁ ଧରିବା ପୋଲିସର ପ୍ରମୁଖ ଦାୟିତ୍ୱ। ଏହି ଗୁରୁ ଦାୟିତ୍ୱ ସମ୍ପାଦନ ବେଳର ଅନୁଭୂତି ଅନେକ ପୋଲିସ ଅଧିକାରୀଙ୍କ ପାଇଁ ଅପାସୋରା ହୋଇ ରହିଥାଏ। ଏଭଳି ଏକ ଅନୁଭୂତି ସମ୍ପର୍କରେ ମଙ୍ଗଳାବାଗ ଆଇଆଇସି ଅମିତାଭ ମହାପାତ୍ର ଯାହା କୁହନ୍ତି....**



୨୦୧୫ରେ ମୁଁ ଯାଜପୁର ଜିଲା ଧର୍ମଶାଳା ଥାନାରେ ଥାନାଧିକାରୀ ଭାବେ କାର୍ଯ୍ୟ କରୁଥାଏ। ଚଣ୍ଡିଖୋଲଠୁ ଅଳ୍ପଦୂର ଧର୍ମଶାଳା ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ମୃତଦେହ ମିଳିଥିଲା। ତାଙ୍କୁ କେହି ହତ୍ୟା କରି ସେଠାରେ ଫିଙ୍ଗି ଦେଇଥିଲେ। ଘଟଣାସ୍ଥଳରେ ହତ୍ୟାକାରୀ କୌଣସି ସୁରାକ ଛାଡି ନ ଥିବା ବେଳେ ମୃତକଙ୍କ ପରିଚୟ ମଧ୍ୟ ମିଳି ନ ଥିଲା। ତେଣୁ ହତ୍ୟାକାରୀଙ୍କୁ ଖୋଜି ବାହାର କରିବା ପୋଲିସ ପାଇଁ କଷ୍ଟସାଧ ହୋଇପଡିଥିଲା। ମୃତ ଯୁବକଙ୍କ ଫଟୋ ଆମେ ସମସ୍ତ ଥାନାକୁ ପଠାଇଥିଲୁ। କିଛିଦିନ ପରେ ମୃତ ଯୁବକଙ୍କ ମା'ବାପା ଆସି ଯୁବକଙ୍କୁ ଚିହ୍ନଟ କରିଥିଲେ। ଯୁବକ ଜଣକ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ବୋଲି ଜଣାପଡ଼ିଥିଲା। ସେ ଗାଡ଼ି ଡ୍ରାଇଭର ଭାବେ କାମ କରୁଥିଲେ। ଏହାପରେ ଆମେ ନୀଳଗିରି ଯାଇଥିଲୁ। ମୃତକଙ୍କ ଫୋନ କଲ ଟ୍ରାକ୍ କରି ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା କରିଥିଲୁ। ସିଡିଆର(କଲ୍ ରେକର୍ଡ ଡିଟେଲ)ରୁ ୩ଟି ସନ୍ଦେହଜନକ ନମ୍ବର ପାଇଥିଲୁ। ହେଲେ ଟ୍ରାକ୍ କରି ନମ୍ବର ମାଲିକଙ୍କ ନିକଟରେ ପହଞ୍ଚିବାରୁ ତାଙ୍କ ପରିଚୟପତ୍ରରେ ଅନ୍ୟ କେହି ସିମ୍ କିଣିଥିବା ଜାଣିବାକୁ ମିଳିଥିଲା। ସେତେବେଳେ ଜାଲ ପରିଚୟ ପତ୍ରରେ ସିମ୍ ମିଳୁଥିବାରୁ ଅଭିଯୁକ୍ତଙ୍କୁ କଲ୍ ଟ୍ରାକ୍ କରି ଧରିବାରେ ବାଧା ସୃଷ୍ଟି ହେଉଥିଲା। ଏମିତି ଦିନେ ନୀଳଗିରି ଥାନାରେ ବସିଥିଲି। ଅଭିଯୁକ୍ତଙ୍କୁ କେମିତି ଧରିବି ସେହି କଥା ହିଁ ମନରେ ଚାଲୁଥାଏ। ସେହି ସମୟରେ ଥାନାକୁ ସ୍ଥାନୀୟ ଅଞ୍ଚଳର ଜଣେ ସରପଞ୍ଚ ଆସିଥିଲେ। କ'ଣ ମନକୁ ଆସିଲା ତାଙ୍କୁ ଅଭିଯୁକ୍ତଙ୍କ ନମ୍ବରରେ କଲ୍ କରିବାକୁ କହିଲି। ସରପଞ୍ଚ ସେ ନମ୍ବରରେ କଲ କରିବାରୁ ସେହି ଯୁବକ ଅନ୍ୟପଟରୁ କହିଲେ 'ଭାଇ ଆପଣଙ୍କର କିଛି କାମ ଥିଲା କି'। ତେବେ ମୋ କହିବା ମୁତାବକ ସରପଞ୍ଚ ଯୁବକଙ୍କୁ ଦେଖା କରିବାକୁ ଡାକିଥିଲେ। ଯୁବକ ଜଣକ ଆସିବା ପରେ ମୁଁ ତାଙ୍କୁ ଧରିଥିଲି। ପଚରାଉଚରା ପରେ ସେ ୩ଜଣ ସାଙ୍ଗଙ୍କ ସହ ମିଶି ଯୁବକଙ୍କୁ ହତ୍ୟା କରିଥିବା କଥା ମାନିଥିଲେ। ତେବେ ଧରାପଡ଼ିଥିବା ଯୁବକଙ୍କ ଆଉ ଜଣେ ବନ୍ଧୁ ହିଁ ସମସ୍ତ ଘଟଣାର କାର୍ପଟଦାର ବୋଲି ମାନିଥିଲେ। ମୁଖ୍ୟ ଅଭିଯୁକ୍ତଙ୍କୁ ଧରପଗଡ଼ ପାଇଁ ଆମେ ଧରିଥିବା ଯୁବକଙ୍କୁ ଫୋନ କରିବାକୁ କହିଲି। ତଦନୁଯାୟୀ ଯୁବକ ଜଣକ ଫୋନ କରିବାରୁ ମୁଖ୍ୟ ଅଭିଯୁକ୍ତ ସନ୍ଦେହ କରି 'ତୁ ପୋଲିସ ପାଖରେ ଅଛୁ କି' ବୋଲି ପ୍ରଶ୍ନ କରିଥିଲେ। ଯୁବକ ଜଣକ ମନା କରିବାରୁ ସେ ପୋଲିସକୁ ଗାଳି ଦେବାକୁ କହିଥିଲେ। ଏହାପରେ ମୋ ନିର୍ଦ୍ଦେଶ ଅନୁଯାୟୀ ଯୁବକ ଜଣକ ପୋଲିସକୁ ଗାଳି ଦେଇଥିଲେ। ଭରସା ଜିତିବା ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଡାକିବା ପାଇଁ ଯୁବକଙ୍କୁ କହିଥିଲି। ଯୁବକ ଜଣକ ତାଙ୍କୁ ସାକ୍ଷାତ୍ କରିବା ପାଇଁ ଡାକିବାରୁ ୧୦ ମିନିଟ ଭିତରେ ନିକଟସ୍ଥ ଏକ ସ୍ଥାନରେ ପହଞ୍ଚିବେ ବୋଲି ମୁଖ୍ୟ ଅଭିଯୁକ୍ତ ତାଙ୍କୁ କହିଥିଲେ। ଏହାପରେ ମୁଁ ଓ ମୋର ଦୁଇଜଣ ସହଯୋଗୀ ଉକ୍ତ ଯୁବକଙ୍କୁ ସାଙ୍ଗରେ ଧରି ଏକ ଭଡ଼ା କାରରେ ଉକ୍ତ ସ୍ଥାନକୁ ଯାଇଥିଲୁ। ତେବେ ମୁଖ୍ୟ ଅଭିଯୁକ୍ତଙ୍କ ସନ୍ଦେହ ନ ହେବା ଲାଗି ଗାଡ଼ିକୁ କିଛିଦୂରରେ ରଖି ତାଙ୍କୁ ଚିହ୍ନଟ କରିଥିଲୁ। ପରେ ପାଖକୁ ଯାଇ ତାଙ୍କୁ କାବୁ କରିଥିଲୁ। ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପରେ ତାଙ୍କର ୨ ସହଯୋଗୀଙ୍କୁ ଗିରଫ କରିଥିଲୁ।

– ରିପୋର୍ଟ: ଓଁକାର ମିଶ୍ର, କଟକ

# 'ଅଗ୍ନି-୩'ର ପରୀକ୍ଷା ସଫଳ

**ବାଲେଶ୍ୱର ଅଫିସ, ୩୦।୧୧**


'ଅଗ୍ନି-୩' କ୍ଷେପଣାସ୍ତ୍ରକୁ ଉତ୍‌କ୍ଷେପଣ କରାଯାଉଛି।

ପ୍ରତିରକ୍ଷା ଗବେଷଣା କ୍ଷେତ୍ରରେ ଭାରତ ଆଉ ଏକ ସଫଳତା ହାସଲ କରିଛି। ଶନିବାର ବାଲେଶ୍ୱର ଜିଲା ଚାନ୍ଦିପୁର ଡିଆରଡିଓ ପକ୍ଷରୁ ଭଦ୍ରକ ଜିଲା କଲାମ ଦ୍ୱୀପରୁ କରାଯାଇଥିବା 'ଅଗ୍ନି-୩' କ୍ଷେପଣାସ୍ତ୍ରର ରାତ୍ରକାଳୀନ ବ୍ୟବହାରିକ ପରୀକ୍ଷଣ ସଫଳ ହୋଇଛି। ସନ୍ଧ୍ୟା ୭ଟା ୧୭ ମିନିଟ୍‌ରେ ଏହି ପରୀକ୍ଷା କରାଯାଇଥିଲା। ପ୍ରତି ସେକେଣ୍ଡକୁ ୫ରୁ ୭ କି.ମି. ବେଗରେ ଗତି କରି ନିର୍ଦ୍ଧାରିତ ସମୟରେ ଏହା ଟାର୍ଗେଟ ଭେଦ କରିଥିଲା। ଏହି ପରୀକ୍ଷଣ ବେଳେ ସ୍ୱତନ୍ତ୍ର ଭାବେ ପ୍ରତିରକ୍ଷା ବିଭାଗ ସ୍ଥଳସେନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଗ୍ନି-୩ କ୍ଷେପଣାସ୍ତ୍ର ପ୍ରାୟ ଦେଢଟନର ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବହନ କରି ୩,୫୦୦ରୁ ୫ ହଜାର କି.ମି. ଦୂରରେ ଯେକୌଣସି ଲକ୍ଷ୍ୟକୁ ଭେଦ କରିବାର କ୍ଷମତା ରଖିଛି।

ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରକୁ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାର ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡୋଙ୍କ ପକ୍ଷରୁ କଲାମ ଦ୍ୱୀପ ଲଞ୍ଚ୍‌ପ୍ୟାଡରୁ ଉତ୍‌କ୍ଷେପଣ କରାଯାଇଥିଲା। ଏହାର ଲମ୍ବ ପ୍ରାୟ ୧୭ମିଟର। ମୋଟେଇ ୨ ମିଟର। ଓଜନ ପ୍ରାୟ ୨୨ଟନ। ୨୦୧୧ ମସିହାରୁ ଅଗ୍ନି-୩ କ୍ଷେପଣାସ୍ତ୍ରକୁ ଭାରତୀୟ ସେନାରେ ନିୟୋଜିତ କରାଯାଇସାରିଛି। ୨୦୦୬ ମସିହାରୁ ବିଭିନ୍ନ ସମୟରେ ଏହାର ପରୀକ୍ଷା କରାଯାଇ ଆସୁଛି। ଶେଷଥର ପାଇଁ ୨୦୧୭ ଏପ୍ରିଲ ୨୭ ତାରିଖରେ ସେହି କଲାମ ଦ୍ୱୀପରୁ ଏହି କ୍ଷେପଣାସ୍ତ୍ରକୁ ସଫଳତାର ସହିତ ପରୀକ୍ଷା କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କର୍ମସ୍ଥାନରେ ଚନ୍ଦ୍ର ଏକାଧାରରେ କର୍ମକ୍ଷେତ୍ର ଓ ସଭାସମିତିରେ ସମ୍ମାନିତ କରାଇବ। ପାରିବାରିକ ପରିସ୍ଥିତି ନିଶ୍ଚିତ ଭଲ ରହିବ ତଥାପି ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପରିବହନ ତଥା ବାଣିଜ୍ୟ, ବ୍ୟବସାୟରୁ ସନ୍ତୋଷଜନକ ସୁଫଳ ପାଇବେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ତଥା ଚଳଚ୍ଚିତ୍ର ପ୍ରଭୃତି ଶୁକ୍ରଙ୍କ ସ୍ୱଗୃହୀ ପ୍ରଭାବରୁ ଉନ୍ନତ ରହିବ।

**ବୃଷ**
ରବିଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ସହକର୍ମୀମାନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ, ଯାହାକି ଆପଣଙ୍କ ସକାଶେ ହିତକର ହେବ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଅଟକି ରହିଥିବା ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ**
ସପ୍ତମ କେନ୍ଦ୍ରରେ ଏକାଧିକ ଗ୍ରହ ଯୋଗୁ ଆଜି ବିବାଦରୁ ଦୂରେଇ ରହିବା ଭଲ। ବନ୍ଧୁଗହଣରେ ଆପଣଙ୍କ ସୁନ୍ଦର ବ୍ୟବହାର ଓ ରୁଚିପୂର୍ଣ୍ଣ କଥାରେ ଅନ୍ୟମାନେ ଖୁସୀ ହୋଇଯିବେ। ଆର୍ଥିକ ଦିଗରୁ ଉପକୃତ ମଧ୍ୟ ହେବେ, ଏପରି କି ବକେୟା ମଧ୍ୟ ପାଇପାରନ୍ତି। ସତର୍କତା କିମ୍ବା ଅନ୍ୟମନସ୍କତାର ସୁଯୋଗ ନେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**କର୍କଟ**
ଚନ୍ଦ୍ରଙ୍କ ସ୍ୱଗୃହାବଲୋକନ ହେତୁ ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବା ସଙ୍ଗକୁ କଳ୍ପନାବିଳାସୀ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଦୀର୍ଘଦିନର ଆଶା ଫଳବତୀ ହେବ। କର୍ମଜଞ୍ଜାଳ ବୃଦ୍ଧି ସଙ୍ଗକୁ ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ। ଅର୍ଥାଭାବ ଓ ଅପୂରଣୀୟ ଆଶା ପୂରଣ ଦିଗରେ ଜଣେ ବନ୍ଧୁ ସହଯୋଗର ହାତ ବଢ଼ାଇପାରନ୍ତି।

**ସିଂହ**
ଗ୍ରହ ପ୍ରଭାବରେ ଆଜି ଆପଣଙ୍କ ବିଚାରଧାରା ବିକ୍ଷିପ୍ତ ହୋଇପାରେ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମକରି ଅଭିଳଷିତ ଜିନିଷ ହାସଲ କରିବେ। ସାମାଜିକ ସ୍ତରରେ ମଧ୍ୟ ସମ୍ମାନ ଲାଭ କରିବାର ଯୋଗ ରହିଛି। ମିତ୍ର ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ।

**କନ୍ୟା**
କର୍ମସ୍ଥାନକୁ ଏକାଧିକ ଗ୍ରହ ଦେଖୁଥିବାରୁ ଲକ୍ଷ୍ୟ ହାସଲ କରିବା ପରିପ୍ରେକ୍ଷୀରେ ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିବେ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ଅଗ୍ରାଧିକାର ଦେଇ ସଫଳତା ପାଇପାରନ୍ତି। ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବାକୁ ପଡିପାରେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା**
ରାଶିରେ ମଙ୍ଗଳ ଓ ବୁଧ ଯୋଗୁ ଆପଣଙ୍କୁ ଅର୍ଥ, ସମ୍ମାନ,ବନ୍ଧୁଙ୍କ ସହାନୁଭୂତି ସହ ଆଜି ଆନୁଷ୍ଠାନିକ କାର୍ଯ୍ୟରେ ମଧ୍ୟ ସଫଳତା ମିଳିବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗର ଅନୁସରଣ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ବିଛା**
ଦ୍ୱିତୀୟସ୍ଥ ଗ୍ରହମାନେ ଆପଣଙ୍କ ବ୍ୟବହାରକୁ କଠୋର କରି ଅଯଥା ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରନ୍ତି। କର୍ମକ୍ଷେତ୍ର କିମ୍ବା ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଚେରି ମାମଲା କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପାଇବେ।

**ଧନୁ**
ରାଶିରେ ଶନିଙ୍କ ଅନ୍ୟଗ୍ରହମାନଙ୍କ ପ୍ରଭାବରେ ଅଯଥା ଅତୀତ ସ୍ମୃତି ରୋମନ୍ଥନ କରି ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ମାନସିକ ଅସୁସ୍ଥତାର ଅନ୍ୟ ଏକ କାରଣ ହୋଇପାରେ। ଅର୍ଥାଭାବ ଓ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ମକର**
ଚନ୍ଦ୍ର ପ୍ରଭାବରେ ଆଜିସକାଳୁ ସକାଳୁ ଯାତ୍ରା ଓ ବିବାଦରେ ସତର୍କତା ଅବଲମ୍ବନ କରନ୍ତୁ, ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବେ ଏବଂ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ। ବ୍ୟବସାୟିକ କ୍ଷେତ୍ର ପ୍ରାୟତଃ ମଧ୍ୟମ ପ୍ରକାରର ରହିବ।

**କୁମ୍ଭ**
ଦୁର୍ବଳ ରବିଙ୍କ ସ୍ଥିତି ଜନିତ କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ ଏବଂ କେତେକ କ୍ଷେତ୍ରରେ ଅନୁତାପ କରିବାକୁ ପଡିପାରେ। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡିପାରେ। ଶିକ୍ଷାରେ ସଫଳତା ଲାଭ କରିବେ ଏବଂ ପ୍ରଶଂସିତ ମଧ୍ୟ ହୋଇପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ମୀନ**
ଗ୍ରହ ସମ୍ବନ୍ଧରୁ କର୍ମକ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ମାତ୍ର କଳା, ସାହିତ୍ୟ ତଥା ସାମ୍ବାଦିକତା କ୍ଷେତ୍ରରେ ହାତପାହାନ୍ତାରେ ସୁଯୋଗ ପାଇବେ ଓ ଆଶା ପୂରଣ ମଧ୍ୟ ହୋଇଯିବ। କିନ୍ତୁ ଏହା ସାଙ୍ଗକୁ ଈର୍ଷାପରାୟଣ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିପାରନ୍ତି। ପ୍ରତ୍ୟେକ ସ୍ତରରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।

ଆଜି ମାର୍ଗଶିର ଶୁକ୍ଳପକ୍ଷର ମନସା ପଞ୍ଚମୀ ରବିବାର, ଡିସେମ୍ବର ୧ ତାରିଖ, ବିଶ୍ୱ ଏଡ୍‌ସ ଦିବସ, କୁମ୍ଭକାରମାନଙ୍କ ଉପକରଣ ସହ ଚକ୍ରଧାରୀଙ୍କ ପୂଜା, ରାଶି ନକ୍ଷତ୍ର-ଦିବା ଘ.୯।୫୪ମି. ଗତେ, ଶ୍ରବଣା/ମକର, ଅଦ୍ୟ ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ମେଷ ରାଶିର ଘାତବାର, ଅଦ୍ୟ ନବାନ୍ନ, ଗୃହପ୍ରତିଷ୍ଠା ଓ ବିବାହ ପାଣିଗ୍ରହଣ ପାଇଁ ଶୁଭ। ଦିବା ଘ.୯।୦୩ମି. ଗତେ, ଘ.୧୧।୫୭ମି. ମଧ୍ୟେ ଅମୃତ ବେଳା। ଦିବା ଘ.୮।୫୩ମି. ଗତେ, ଘ.୧୦।୧୪ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୩।୪୦ମି. ଗତେ ଘ.୫।୦୧ମି. ମଧ୍ୟେ ରାହୁକାଳ।




■ ନୂଆ ମୋଟର ଯାନ ଆଇନ: ଆଜିଠୁ କଡ଼ାକଡ଼ି ଯାଞ୍ଚ

# ଖସି ପାରିବେନି ଉଲ୍ଲଂଘନକାରୀ

- ଘଟଣାସ୍ଥଳରେ ଜରିମାନା ନ ଦେଲେ ଘରକୁ ଯିବ ଚାଲାଣ
- ପୈଠ ନ କଲେ ଆର୍‌ଟିଓ ଖାତାରେ ଗଡ଼ିବ ଜରିମାନା ରାଶି
- ଭୁବନେଶ୍ୱର ରୁପାଲି ଛକରେ ଲାଗିଲା ପ୍ରଥମ ଟିଭିଡିଏସ୍ ମେଶିନ
- ରାସ୍ତା ମଝିରେ ଲୋକଙ୍କ ସହ ଯୁକ୍ତିତର୍କ ନ କରିବାକୁ ପୋଲିସକୁ ପରାମର୍ଶ

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)

ରବିବାରଠାରୁ କଡ଼ାକଡ଼ି ଲାଗୁହେବ ନୂଆ ମୋଟର ଯାନ ଆଇନ। କେବଳ ଗାଡ଼ି କାଗଜପତ୍ର ଯାଞ୍ଚକୁ ୩ ମାସ କୋହଳ କରାଯାଇଥିବାବେଳେ ଅନ୍ୟ ୧୦ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କଠାରୁ ବହୁଗୁଣା ଜରିମାନା ଆଦାୟ ହେବ। ଏ ନେଇ ପରିବହନ ବିଭାଗ ପକ୍ଷରୁ ସମସ୍ତ ଏସ୍‌ପି ଓ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଜରିମାନାବେଳେ ଉପୁଜୁଥିବା ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବା ପାଇଁ କମିଶନରେଟ ପୋଲିସ ନୂଆ ଧାରା ଆପଣାଇଛି। ନିୟମ ଉଲ୍ଲଂଘନକାରୀଙ୍କ ସହ ରାସ୍ତା ଉପରେ ଯୁକ୍ତିତର୍କ ନ କରିବାକୁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ପରାମର୍ଶ ଦେଇଛନ୍ତି। ଯେଉଁ ଉଲ୍ଲଂଘନକାରୀ ଘଟଣାସ୍ଥଳରେ ଜରିମାନା କାଟିବାକୁ ମନା କରିବେ, ସେମାନଙ୍କୁ ଜବରଦସ୍ତ ନ କରି ତାଙ୍କ ଗାଡ଼ି ନମ୍ବରରେ ଘରକୁ ଡାକରେ ଚାଲାଣ ପଠାଯିବ ବୋଲି କମିଶନର କହିଛନ୍ତି।

କମିଶନରେଟ ପୋଲିସ ମୁଖ୍ୟାଳୟଠାରେ କମିଶନର ଷଡ଼ଙ୍ଗୀ ଏ ସମ୍ପର୍କରେ ସୂଚନା ଦେଇ କହିଲେ, ଏଣିକି ନିୟମ ଉଲ୍ଲଂଘନକାରୀ ଆଉ ଖସି ପାରିବେ ନାହିଁ। ତେଣୁ ରାଜ୍ୟରେ ପ୍ରଥମଥର ଭୁବନେଶ୍ୱରର ରୁପାଲି ଛକରେ ଟିଭିଡିଏସ୍ ମେଶିନ (ଟ୍ରାଫିକ ଭାଓଲେଟ୍‌ର ଡିଟେକ୍ସନ ସିଷ୍ଟମ ବା ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ଧରିପାରୁଥିବା ସ୍ୱୟଂଚାଳିତ ମେଶିନ) ଲଗାଯାଇଛି। ପୋଲିସ ଉଲ୍ଲଂଘନକାରୀଙ୍କୁ ନ ଧରି ପାରିଲେ ଏହି ମେଶିନ ସିସିଟିଭି କ୍ୟାମେରା ମାଧ୍ୟମରେ ଚିହ୍ନଟ କରିବା ପରେ ଉକ୍ତ ଗାଡ଼ି ନମ୍ବର ଅନୁଯାୟୀ ଘରେ ଚାଲାଣ ପହଞ୍ଚିବ। ସେହିଭଳି ଅନ୍ୟ କୌଣସି ସ୍ଥାନରେ ଯଦି ଉଲ୍ଲଂଘନକାରୀ ଜରିମାନା ନ ଦେଇ ଖସି ଯିବାକୁ ଚେଷ୍ଟା କରିବେ, ଟ୍ରାଫିକ ପୋଲିସ ପୋଷାକରେ ଲାଗୁଥିବା ବଡ଼ କ୍ୟାମେରା ସେମାନଙ୍କୁ ଧରିବ। ପୋଲିସ କଣ୍ଟ୍ରୋଲ ରୁମ୍‌ରୁ ସିସିଟିଭି ମାଧ୍ୟମରେ ମଧ୍ୟ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରାଯିବ। ଇ-ମେଶିନ ସାହାଯ୍ୟରେ ସମସ୍ତ ଚାଲାଣ କଟାଯିବ। ଘରେ ଚାଲାଣ ପହଞ୍ଚିବା ପରେ ଗାଡ଼ି ମାଲିକ କମିଶନରେଟ ପୋଲିସ ମୁଖ୍ୟାଳୟରେ ଜରିମାନା ପୈଠ କରିବେ। ଏଥିଲାଗି ସେଠାରେ ଏକ କାଉଣ୍ଟର ଖୋଲାଯିବ। ଯଦି ବି ନିର୍ଦ୍ଧାରିତ ସମୟ ମଧ୍ୟରେ ଜରିମାନା ରାଶି ପୈଠ ନ କଲେ, ତେବେ ଚାଲାଣ ଯାଇଥିବା ଗାଡ଼ି ନମ୍ବରରେ ତାହା ଯୋଡ଼ି ହୋଇଯିବ। ଯେତେ ବିଳମ୍ବ କରିବେ ଓ ପରବର୍ତ୍ତୀ ସମୟରେ ବି ଯେତେଥର ଜରିମାନା ନ ଦେବାକୁ ଚେଷ୍ଟା କରିବେ ତାହା ବଢ଼ିବଢ଼ି ଯିବ। ଯେତେବେଳେ ଗାଡ଼ି କାଗଜପତ୍ର କରିବାକୁ ଆର୍‌ଟିଓ ଅଫିସ୍‌କୁ ଯିବେ, ସେତେବେଳେ ଜରିମାନା ସୁଧମୂଳ ସହ ଦେବାକୁ ପଡ଼ିବ। ନଚେତ ଗାଡ଼ି କାଗଜପତ୍ର ହୋଇପାରିବ ନାହିଁ ବୋଲି କମିଶନର ଷଡ଼ଙ୍ଗୀ ସତର୍କ କରାଇ ଦେଇଛନ୍ତି।

### ୩ ବର୍ଷରେ ଟ୍ରାଫିକ ପୋଷ୍ଟରୁ ପୋଲିସ ପ୍ରତ୍ୟାହାର ଲକ୍ଷ୍ୟ


ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ରବିବାରଠାରୁ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ ପାଇଁ ଭୁବନେଶ୍ୱର ରୁପାଲି ଛକରେ ଟିଭିଡିଏସ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ପରେ ଏହା ରାଜଧାନୀର ଆଉ ୮ ପ୍ରମୁଖ ଛକରେ ଲଗାଯିବ। ଏହାସହ ଆଗାମୀ ୩ବର୍ଷ ମଧ୍ୟରେ ଟ୍ରାଫିକ ପୋଷ୍ଟରୁ ପୋଲିସ ପ୍ରତ୍ୟାହାର କରାଯିବାର ଲକ୍ଷ୍ୟ ରଖାଯାଇଛି। ଲୋକଙ୍କୁ ଭୟଭୀତ ହେବାର ନାହିଁ। ଟ୍ରାଫିକ ନିୟମ ମାନି ଗାଡ଼ି ଚଳାନ୍ତୁ। ପୋଲିସ ପକ୍ଷରୁ ଧୀରେ ଧୀରେ କାର୍ଯ୍ୟାନୁଷ୍ଠାନ ବଢ଼ିବ ବୋଲି କମିଶନର ଷଡ଼ଙ୍ଗୀ କହିଛନ୍ତି।

### କେଉଁ ନିୟମ ଉଲ୍ଲଂଘନ କଲେ କେତେ ଗଣିବେ

- ମଦ୍ୟପାନ କରି ଗାଡ଼ି ଚଲାଇଲେ ୧୦ ହଜାର ଟଙ୍କା
- ଦ୍ରୁତ ଗତି ପାଇଁ ୫ ହଜାର ଟଙ୍କା
- ରଙ୍ଗ୍ ରୁଟ୍‌ରେ ଗାଡ଼ି ଚାଳନା କଲେ ୫ହଜାର
- ଗାଡ଼ି ଚଲାଇବାବେଳେ ମୋବାଇଲ୍ ଫୋନ୍ ବ୍ୟବହାର କଲେ ୫ ହଜାର
- ବିପଦପୂର୍ଣ୍ଣଭାବେ ଗାଡ଼ି ଚାଳନା ପାଇଁ ୫ ହଜାର
- ଦୁଇ ଚକିଆରେ ୩ଜଣ ବସି ଯାତ୍ରା କଲେ ୫ ହଜାର
- ଅତ୍ୟଧିକ ଭାର ପରିବହନ ଲାଗି ୨ହଜାର
- ରେଡ୍ ଲାଇଟ୍‌କୁ ଅବମାନନା କଲେ ୫ ହଜାର
- ହେଲ୍‌ମେଟ୍ ନ ପିନ୍ଧିଲେ ୧ ହଜାର
- ସିଟ୍‌ବେଲ୍ଟ ନ ପିନ୍ଧିଲେ ୧ ହଜାର ଟଙ୍କା

### ୨୬ ଘଣ୍ଟାରେ ୧୬୦ ମଦ୍ୟପ ଡ୍ରାଇଭର ଗିରଫ

**ଭୁବନେଶ୍ୱର, ୩୦।୧୧ (ବ୍ୟୁରୋ):** ରାଜ୍ୟରେ ନୂଆ ମୋଟର ଯାନ ଆଇନ କଡ଼ାକଡ଼ି ଲାଗୁ ହେବାର ଗୋଟିଏ ଦିନ ପୂର୍ବରୁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ୨୬ ଘଣ୍ଟା ଭିତରେ ମୋଟ୍ ୧୬୦ ଜଣ ମଦ୍ୟପ ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ନେଇ ପୋଲିସ ଡିଜି ସତ୍ୟଜିତ ମହାନ୍ତି ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲାରେ ସବୁଠୁ ଅଧିକ ୨୭ଜଣ ମଦ୍ୟପ ଡ୍ରାଇଭର ଗିରଫ ହୋଇଛନ୍ତି। ଏହାସହ କଟକ ଜିଲାର ବାଙ୍କୀ ଜାତମୁଣ୍ଡିଆ ଛକରେ ଜଣେ ମଦ୍ୟପ ଡ୍ରାଇଭରଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ରବିବାରଠାରୁ ଯାଞ୍ଚକୁ ଅଧିକ କଡ଼ାକଡ଼ି କରାଯିବ। ବିଶେଷକରି ମଦ ପିଇ ଗାଡ଼ି ଚଲାଉଥିଲେ ଅଧିକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଜିପି ମହାନ୍ତି କହିଛନ୍ତି।



## ଜିଲା ଚିଠି
## ଢେଙ୍କାନାଳ

# ଟ୍ରାଫିକ୍ ଟେନ୍‌ସନ

**ଢେ**ଙ୍କାନାଳ ସମେତ ଜିଲାର ପ୍ରମୁଖ ସହରରେ ଟ୍ରାଫିକ୍ ସମସ୍ୟା ଚିନ୍ତାଜନକ ହୋଇଛି। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ମୋଟରଯାନ ସଂଶୋଧିତ ଆଇନ ଲାଗୁ ହୋଇଛି ସତ, ହେଲେ ବାସ୍ତବ ସ୍ଥିତି ଦେଖିଲେ ଏଥିପ୍ରତି କାହାରି ଖାତିର ନ ଥିବା ଭଳି ମନେହେଉଛି। ଗାଡ଼ି ଚାଳକ, ପଥଚାରୀଙ୍କ ମଧ୍ୟରେ ସଚେତନତା ଅଭାବ, ଜନଗହଳିପୂର୍ଣ୍ଣ ସ୍ଥାନରେ ଦ୍ରୁତ ଗାଡ଼ିଚାଳନା ଏହାର ପ୍ରମୁଖ କାରଣ। ଅନ୍ୟପଟେ ବ୍ୟବସ୍ଥାରେ ସୁଧାର ଆଣିବାକୁ ପୋଲିସ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଖାକି ଉପରେ ମାତ୍ରାଧିକ ଚାପ ପଡୁଛି, ଯାହା ସମସ୍ୟାକୁ ବଢ଼ାଉଛି। ଢେଙ୍କାନାଳରୁ କାମାକ୍ଷାନଗରକୁ ସଂଯୋଗ କରୁଥିବା ୪୦ କି.ମି. ଦୀର୍ଘ ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା ପାଲଟିଛି। ଦୁର୍ଘଟଣାପ୍ରବଣ ସ୍ଥାନରେ ସଚେତନତା ଫଳକ ଲାଗୁନାହିଁ। ୬ମାସ ମଧ୍ୟରେ ଦୁର୍ଘଟଣା ଘଟି ଏହି ରାସ୍ତାରେ ୬ଜଣଙ୍କ ମୃତ୍ୟୁ ଘଟିଲାଣି। ଅନେକେ ଆହତ ମଧ୍ୟ ହେଲେଣି। ଶଙ୍କରପୁର-ଭାପୁର-ଅନୁଗୋଳ-ସମ୍ବଲପୁର ରାସ୍ତାରେ ବେପରୁଆ ଗାଡ଼ି ଚାଳନା ପଥଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ସେହିପରି ଢେଙ୍କାନାଳ ସହରର ଅନ୍ୟତମ ବ୍ୟସ୍ତବହୁଳ କୁଞ୍ଜକାନ୍ତ ଅଞ୍ଚଳରେ ଶତାଧିକ ଗାଡ଼ି ଚଳାଚଳ ଯୋଗୁ ରାସ୍ତା ଜାମ୍ ହେଉଛି। କିଛିଦିନ ମଧ୍ୟରେ ଏହି ସ୍ଥାନରେ ଦୁର୍ଘଟଣା ଘଟି ୨ଜଣଙ୍କ ଜୀବନହାନି ହେଲାଣି। ସହର ଭିତରେ ଦୁର୍ଘଟଣା ବଢ଼ିଚାଲିଥିଲେ ମଧ୍ୟ ପୋଲିସ ପ୍ରଶାସନର ଚେତା ପଶୁନାହିଁ। ବେପରୁଆ ଗାଡ଼ି ଚାଳକଙ୍କ ଉପରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେଣୁ କେହି କାହାରିକୁ ଖାତିର କରୁନାହାନ୍ତି। ଜିଲାରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଟ୍ରାଫିକ୍ ସମସ୍ୟାରେ ସୁଧାର ନ ହେଲେ ସାଧାରଣରେ କୁହୁଳୁଥିବା ଅସନ୍ତୋଷ ଉଗ୍ରରୂପ ନେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

– ରତନ ନାୟାର






### ୭୫ % ଉପସ୍ଥାନ ନ ଥିଲେ ପରୀକ୍ଷା ମନା



**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ):** ଏଣିକି ୭୫ ପ୍ରତିଶତ ଉପସ୍ଥାନ ନ ଥିଲେ ପରୀକ୍ଷା ଦେଇପାରିବେନି କଲେଜ ଛାତ୍ରୀଛାତ୍ର। ରାଜ୍ୟର ସମସ୍ତ କଲେଜରେ ୭୫ ପ୍ରତିଶତ ଉପସ୍ଥାନ ଥିବା ଛାତ୍ରୀଛାତ୍ର ହିଁ ପରୀକ୍ଷା ଦେବା ଲାଗି ଯୋଗ୍ୟ ବିବେଚିତ ହେବେ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ କଲେଜର ଅଧକ୍ଷା ଓ ଅଧକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିୟମକୁ ତୁରନ୍ତ ଲାଗୁ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ କଲେଜର ଅଧକ୍ଷା ଓ ଅଧକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ ଉଲ୍ଲେଖ ରହିଛି, ଏଣିକି ସମସ୍ତ କଲେଜ ଛାତ୍ରୀଛାତ୍ରମାନଙ୍କର ଶ୍ରେଣୀରେ ଉପସ୍ଥାନ ଅତିକମ୍‌ରେ ୭୫ ପ୍ରତିଶତ ରହିବା ଆବଶ୍ୟକ। ଯଦି କୌଣସି ଛାତ୍ରୀଛାତ୍ରଙ୍କର ଏହାଠୁ କମ୍ ଉପସ୍ଥାନ ରହେ ତେବେ ତାଙ୍କୁ ବାର୍ଷିକ ପରୀକ୍ଷା ଦେବାକୁ ଅନୁମତି ମିଳିବ ନାହିଁ। ଏଭଳି ପରିସ୍ଥିତିରେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ଏକ୍ସଟ୍ରା କ୍ଲାସ୍ କରି ତାହାକୁ ପୂରଣ କରିବାକୁ ହେବ। ତେଣୁ ଏ ନେଇ ପିଲାମାନଙ୍କୁ ବାର୍ଷିକ ପରୀକ୍ଷା ପୂର୍ବରୁ ଆଗୁଆ ସଚେତନ କରାଇବା ପାଇଁ ସମସ୍ତ କଲେଜ ଅଧକ୍ଷଙ୍କୁ ସଚିବ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।


ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ



No. DSPL-167

ବାର୍ତ୍ତା

ପ୍ରତ୍ୟେକ ବର୍ଷ ଡିସେମ୍ବର ୧ ତାରିଖରେ ସାରା ଦେଶରେ 'ବିଶ୍ୱ ଏଡ୍‌ସ ଦିବସ' ପାଳନ କରାଯାଉଛି। ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ଗୋଷ୍ଠୀ ହିଁ ପରିବର୍ତ୍ତନ ଓ ସଂସ୍କାର ଆଣେ।' ଏଡ୍‌ସ, ଏଚ.ଆଇ.ଭି ଭୂତାଣୁଜନିତ ସଂକ୍ରମଣରୁ ହୋଇଥାଏ। ଆମେ ସଚେତନ ହୋଇ ଆମ ବ୍ୟବହାରରେ ପରିବର୍ତ୍ତନ ଆଣିପାରିଲେ ଏଡ୍‌ସ ସଂକ୍ରମଣକୁ ରୋକାଯାଇପାରିବ। ତେଣୁ ସଚେତନତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏତଦ୍‌ବ୍ୟତୀତ ଏଡ୍‌ସ ସଂକ୍ରମିତ ବ୍ୟକ୍ତିଙ୍କ ପ୍ରତି ଆମ ମାନସିକତାରେ ମଧ୍ୟ ପରିବର୍ତ୍ତନ ଜରୁରୀ।

ଏହି ଅବସରରେ ଆସନ୍ତୁ, ଆମେ ସମସ୍ତେ ଶପଥ ନେବା ନିଜେ ସଚେତନ ହୋଇ ଏଚ.ଆଇ.ଭି. ଏଡ୍‌ସ ସମ୍ପର୍କିତ ଭ୍ରାନ୍ତଧାରଣାକୁ ଦୂର କରି ଏକ ସୁସ୍ଥ ପରିବାର, ସୁସ୍ଥ ସମାଜ ଏବଂ ସୁସ୍ଥ ଓଡ଼ିଶା ଗଠନ ପାଇଁ କାମ କରିବା। ୨୦୩୦ ସୁଦ୍ଧା ଏଚ.ଆଇ.ଭି. ଏଡ୍‌ସମୁକ୍ତ ବିଶ୍ୱ ଗଠନ ଲକ୍ଷ୍ୟ ପୂରଣରେ ସହଯୋଗ କରିବା।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

10009/13/0001/1920

ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ



No. DSPL-167

ବାର୍ତ୍ତା

ପ୍ରତିବର୍ଷ ଆଜିର ଦିବସ ଡିସେମ୍ବର ୧ରେ ବିଶ୍ୱ ଏଡସ୍ ଦିବସ ପାଳନ କରାଯାଉଛି। ଏଚ.ଆଇ.ଭି. / ଏଡ୍‌ସ ପ୍ରତିହତ ଉଦ୍ଦେଶ୍ୟରେ ସରକାରୀ, ବେସରକାରୀ, ସାମାଜିକ ଅନୁଷ୍ଠାନ, ରେଡ ରିବନ କ୍ଲବ୍, ପଜିଟିଭ ନେଟ୍‌ୱାର୍କ ଆଦି ଏହି ଦିବସକୁ ସମ୍ପ୍ରତି ଏକ ସାମାଜିକ କ୍ରାନ୍ତିରେ ପରିଣତ କରିଛନ୍ତି।

ରାଜ୍ୟକୁ ଏଡ୍‌ସମୁକ୍ତ କରିବା ଦିଗରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନସ୍ଥ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମଗୁଡ଼ିକ ଦ୍ୱାରା ଏହି ସଂକ୍ରମଣ ହାର ଆମ ରାଜ୍ୟରେ ୩୦ ପ୍ରତିଶତ ହ୍ରାସ ପାଇଛି, ଯାହା ପ୍ରଶଂସନୀୟ।

ଚଳିତ ବର୍ଷର ସ୍ଲୋଗାନ 'ଗୋଷ୍ଠୀ ହିଁ ପରିବର୍ତ୍ତନ ଓ ସଂସ୍କାର ଆଣେ'କୁ ନେଇ ଆମେ ସମସ୍ତେ ପ୍ରତ୍ୟେକ ସ୍ତରରେ ସଚେତନ ହେବା, ଏଚ.ଆଇ.ଭି. ସଂକ୍ରମଣର ପରୀକ୍ଷଣ ଓ ଚିକିତ୍ସା ସଠିକ୍ ସମୟରେ କରାଇବା ଏବଂ ଏକ ସୁସ୍ଥ ସମାଜ ଗଠନରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା। ଏଡ୍‌ସ ନିୟନ୍ତ୍ରଣ ପାଇଁ ଏକ ପ୍ରତୀକ ଭାବେ ଆଜିର ଏହି ଦିବସ ପାଳନ କରିବା ଏବଂ ଏକ ସୁସ୍ଥ ସମାଜ ତଥା ସୁସ୍ଥ ରାଜ୍ୟ ଗଠନ କରିବାରେ ବ୍ରତୀ ହେବା।

(ନବକିଶୋର ଦାସ)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଓଡ଼ିଶା

10009/13/0001/1920

# ସଂଖ୍ୟାଗୁରୁବାଦ

ଆକାର ପଟେଲ

ସଂଖ୍ୟାଗୁରୁବାଦ କ'ଣ? ରାଜନୈତିକ ଦର୍ଶନ ଅନୁଯାୟୀ ଯେଉଁଠି ସଂଖ୍ୟାଗରିଷ୍ଠ ଲୋକ ଅଗ୍ରଗଣ୍ୟ ହୋଇଥିବେ ଏବଂ ଅନ୍ୟ ସମ୍ପ୍ରଦାୟ ତୁଳନାରେ ଅଧିକ ସୁବିଧା ସୁଯୋଗ ପାଉଥିବେ, ସେଠି ସଂଖ୍ୟାଗୁରୁବାଦ ପ୍ରଚଳିତ ବୋଲି କୁହାଯାଏ। ଦୁଇଟି ଉପାୟରେ ଏହା କରାଯାଇଥାଏ। ଆଇନ ଅନୁଯାୟୀ ଏହା କରାଯାଏ ଏବଂ ତା'ର ଅନେକ ଉଦାହରଣ ଅଛି ଯାହା ଆମେ ଦେଖିବା। ଏହାର ଆଉ ଗୋଟିଏ ସ୍ୱତନ୍ତ୍ର ଉପାୟ ଅଛି, ଯାହା ଆମ ଆଗରେ ଉନ୍ମୋଚିତ ହୋଇସାରିଛି। ସଂଖ୍ୟାଲଘୁଙ୍କୁ ଡରେଇ ରଖିବାର ଶ୍ରେଷ୍ଠ ଉପାୟ ହେଉଛି ଏହା ସାମ୍ବିଧାନିକ ବାଟ ଦେଇ କରିବା। ଏପରି ଦେଶରେ ଗୋଟିଏ ଗୋଷ୍ଠୀର ଲୋକ ଅନ୍ୟମାନଙ୍କ ଅପେକ୍ଷା ନିଜକୁ ଅଧିକ ସ୍ପେସିଆଲ ଭାବନ୍ତି।

ଶ୍ରୀଲଙ୍କାର ସମ୍ବିଧାନ କହେ: ''ଶ୍ରୀଲଙ୍କା ସାଧାରଣତନ୍ତ୍ର ବୌଦ୍ଧଧର୍ମକୁ ପ୍ରମୁଖ ସ୍ଥାନ ଦେବ ଏବଂ ସେହି ଅନୁସାରେ ସରକାରଙ୍କ ଦାୟିତ୍ୱ ହେଉଛି ବୁଦ୍ଧ ଶାସନକୁ ସୁରକ୍ଷା ଓ ପୋଷଣ କରିବା।'' ସମ୍ବିଧାନରେ ଥିବା ଏହି ଧାଡ଼ିଟି ଯୋଗୁ କ୍ଷମତାରେ ଥିବା ଲୋକମାନେ ଅଣବୌଦ୍ଧ ଶ୍ରୀଲଙ୍କାବାସୀଙ୍କୁ ହଇରାଣ କରିବାକୁ ସୁଯୋଗ ପାଉଛନ୍ତି। ପାକିସ୍ତାନର ପ୍ରତିଷ୍ଠାତା ତାଙ୍କ ଦେଶ ସଂଖ୍ୟାଲଘୁଙ୍କ ପ୍ରତି ପାତରଅନ୍ତର କରୁ ବୋଲି ଚାହିଁ ନ ଥିଲେ। କିନ୍ତୁ ସେ ଚାହିଁଥିଲେ ସମ୍ବିଧାନରେ ଇସଲାମ ସ୍ଥାନ ପାଉ। ମହମ୍ମଦ ଅଲି ଜିନ୍ନାଙ୍କ ମୃତ୍ୟୁର ଛଅମାସ ପରେ ତାଙ୍କ ଉତ୍ତରାଧିକାରୀ ଲିଆକତ ଅଲି ଖାନ୍‌ଙ୍କ ଅଧୀନରେ ପାକିସ୍ତାନ ସାମ୍ବିଧାନିକ ସଭା ଏକ ବିରାଟ ବିତର୍କ ପରେ ସଂକଳ୍ପନାମା ଗୃହୀତ କରାଇନେଲେ। ଏହି ବିତର୍କ ମୁଖ୍ୟତଃ ପୂର୍ବ ପାକିସ୍ତାନର ବଙ୍ଗଭାଷୀ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ହୋଇଥିଲା। ମୁସଲମାନମାନେ ଚାହିଁଲେ ସମ୍ବିଧାନରେ ଇସ୍‌ଲାମିକ ଭାଷା ଅନ୍ତର୍ଭୁକ୍ତ କରିବାକୁ। ସେଥିରେ 'ସାର୍ବଭୌମତ୍ୱ କେବଳ ଆଲ୍ଲାଙ୍କର ହିଁ ଅଛି' ପରି ବାକ୍ୟ ଯୋଡ଼ାଗଲା ଏବଂ ଦେଶରେ ଗଣତନ୍ତ୍ର, ସ୍ୱାଧୀନତା, ସମାନତା, ସହିଷ୍ଣୁତା ଓ ସାମାଜିକ ନ୍ୟାୟ ପରି ନିୟମଗୁଡ଼ିକ ଇସ୍‌ଲାମରେ ଯେପରି ଅଛି ସେପରି ରଖାଗଲା। ହିନ୍ଦୁମାନେ ଏହାର ପ୍ରତିବାଦ କଲେ। ସେମାନେ କହିଲେ ଯେ, ପରେ ଏହାକୁ ନେଇ ଅଣମୁସଲମାନଙ୍କ ପ୍ରତି ପାତରଅନ୍ତର କଲା ପରି ବ୍ୟବସ୍ଥାମାନ ଖଞ୍ଜିଦିଆଯାଇପାରେ। ଏହା ଉପରେ ଭୋଟ ହେଲା ଏବଂ ଧର୍ମକୁ ନେଇ ଏହା ଏକ ପ୍ରକାର ବିଭାଜନ ଥିଲା। କୌଣସି ହିନ୍ଦୁ ମୁସଲମାନଙ୍କ ମତ ସପକ୍ଷରେ ଏବଂ କୌଣସି ମୁସଲମାନ ହିନ୍ଦୁଙ୍କ ମତ ସପକ୍ଷରେ ଭୋଟ ଦେଲେ ନାହିଁ। ଏହାର କିଛିଦିନ ପରେ ହିନ୍ଦୁମାନେ ଯାହାକୁ ଡରୁଥିଲେ ତାହା ହିଁ ଘଟିଲା। ଧୀରେ ଧୀରେ ସମ୍ବିଧାନ ନକାରାତ୍ମକ ଦିଗ ଉପରେ ଗୁରୁତ୍ୱ ଦେଲା ଏବଂ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଭଳି ପଦ କେବଳ ମୁସଲମାନଙ୍କ ଅଧିକାରଭୁକ୍ତ ବୋଲି ନିୟମ କରାଗଲା। ପରେ ସେହି ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ମୁସଲମାନଙ୍କର ଏକ ଗୋଷ୍ଠୀକୁ ବିଧର୍ମୀ ବୋଲି ଘୋଷଣା କରାଗଲା ଓ ସେମାନଙ୍କ ପ୍ରତି ଅତ୍ୟାଚାର କରାଗଲା।

ଆମ ପ୍ରତିବେଶୀ ଭୁଟାନରେ ନିୟମ ଅଛି ଯେ, ସେଠାରେ କେବଳ ବୌଦ୍ଧ ଧର୍ମାବଲମ୍ବୀ ରାଜାମାନେ ଶାସନ କରିପାରିବେ। ସେ ଉଭୟ ସରକାର ଓ ଧର୍ମକୁ ନିୟନ୍ତ୍ରଣ କରିବେ। ଗତ କିଛିବର୍ଷ ପୂର୍ବ ପର୍ଯ୍ୟନ୍ତ ନେପାଳ ଏକ ହିନ୍ଦୁରାଷ୍ଟ୍ର ଥିଲା କାରଣ ସେଠାରେ କ୍ଷତ୍ରିୟ ରାଜା ଶାସନ କରୁଥିଲେ ଏବଂ ମନୁ ସଂହିତା ଅନୁସାରେ ତାଙ୍କୁ ଜଣେ ପୁରୋହିତ ମନ୍ତ୍ରଣା ଦେଉଥିଲେ। ବାଂଲାଦେଶର ସମ୍ବିଧାନ 'ବିସ୍‌ମିଲ୍ଲାଃ ଇର୍ ରହମାନ ଇର୍ ରହିମ୍' ପରି ଏକ ଧାଡ଼ିରୁ ଆରମ୍ଭ ହୋଇଛି। ବଙ୍ଗାଳୀମାନେ ପାକିସ୍ତାନୀଙ୍କ ପରି ଖଳ ପ୍ରକୃତିର ନ ହେଲେ ମଧ୍ୟ ଏହି ଧାଡ଼ିଟି ଏକ ଟାଇମ୍ ବମ୍ ପରି ଟିକ୍ ଟିକ୍ କରିଚାଲିଛି। ସାମ୍ବିଧାନିକ ସଂଖ୍ୟାଗୁରୁବାଦ ସବୁବେଳେ ନେତାଙ୍କ ଉପରେ ଅପେକ୍ଷା ରଖିଥାଏ, ଯିଏ କ୍ଷତିକାରକ ମନେ ହେଉ ନ ଥିବା ଧାଡ଼ିଟିକୁ ଭିନ୍ନ ଭାବରେ ତର୍ଜମା କରି କ୍ଷତିକାରକ କରିତୋଳିବେ।

ଏବେ ସେହି ସ୍ୱତନ୍ତ୍ର ଶୈଳୀ ଉପରେ ନଜର ପକାଇବା ଯାହା ଦ୍ୱାରା ଗୋଟିଏ ଦେଶ ସଂଖ୍ୟାଗୁରୁବାଦୀ ହୋଇଥାଏ। ଦକ୍ଷିଣ ଏସିଆରେ ଭାରତ ହେଉଛି ଏକ ସେପରି ଏକ ସ୍ୱତନ୍ତ୍ର ଦେଶ। ଇନ୍ଦିରା ଗାନ୍ଧୀ ଆମ ସମ୍ବିଧାନରେ ସ୍ୱତନ୍ତ୍ର ଭାବେ ଧର୍ମନିରପେକ୍ଷ (ସିକ୍ୟୁଲାର) ଶବ୍ଦଟି ଯୋଡ଼ିଥିଲେ, ଯାହାର ଅର୍ଥ ସ୍ପଷ୍ଟ ନ ଥିଲା। କିନ୍ତୁ ବାହାର ଲୋକମାନେ ଭାରତକୁ ପାକିସ୍ତାନ, ଶ୍ରୀଲଙ୍କା ବା ଅନ୍ୟ ଦକ୍ଷିଣ ଏସୀୟ ସଂଖ୍ୟାଗୁରୁବାଦୀ ଦେଶଠାରୁ ଭିନ୍ନ ଦୃଷ୍ଟିରେ ଦେଖୁନାହାନ୍ତି। ହଁ, ଭାରତରେ ଯେ କେହି ବି ପ୍ରଧାନମନ୍ତ୍ରୀ ହୋଇପାରିବେ କିନ୍ତୁ ଏ ଯାବତ୍ କୌଣସି ମୁସଲମାନ ପ୍ରଧାନମନ୍ତ୍ରୀ ହୋଇନାହାନ୍ତି। ଆମେ ଅବଶ୍ୟ ଖୁସି ଯେ ଆମ ଦେଶରେ ମୁସଲମାନ ରାଷ୍ଟ୍ରପତି ହୋଇଛନ୍ତି, କିନ୍ତୁ ସେ ଜଣେ ରବରଷ୍ଟାମ୍ପ ଶାସନମୁଖ୍ୟ। ପାକିସ୍ତାନ ରାଷ୍ଟ୍ରପତିଙ୍କ ପରି ସେ କ୍ଷମତାଶାଳୀ ନୁହନ୍ତି। ଯଦି ତାଙ୍କର ପାର୍ଲାମେଣ୍ଟକୁ ଭାଙ୍ଗିଦେବା ପରି କ୍ଷମତା ଥାନ୍ତା, ତେବେ ମୁଁ ନିଶ୍ଚିତ ଯେ ଆମେ କେବେ କୌଣସି ମୁସଲମାନଙ୍କୁ ଭାରତର ରାଷ୍ଟ୍ରପତି କରି ନ ଥାନ୍ତୁ।

ଆମେ ଭିନ୍ନ ବୋଲି କେବଳ ମିଛ କହି ଆସିଛୁ, ବାସ୍ତବରେ ଆମେ ଅନ୍ୟ ସଂଖ୍ୟାଗୁରୁବାଦୀ ରାଷ୍ଟ୍ରଠାରୁ କୌଣସି ଗୁଣରେ ଭିନ୍ନ ନୋହୁଁ। ଅନ୍ୟ ବାଟରେ ଆମେ ସଂଖ୍ୟାଗୁରୁବାଦକୁ ଜାହିର କରିଆସିଛୁ। ଆମର ନାଗରିକତ୍ୱ ସଂଶୋଧନ ବିଲ୍ ଓ ଏନ୍‌ଆର୍‌ସି ଏହା ପ୍ରମାଣ କରୁଛି। ଆତଙ୍କବାଦ ପ୍ରସଙ୍ଗରେ କଶ୍ମୀର ଓ ଆସାମରେ ଆମର କାର୍ଯ୍ୟାନୁଷ୍ଠାନ ବି ଏହା ଦର୍ଶାଉଛି। ଅଯୋଧ୍ୟା ମାମଲା ବି ଆମ ସଂଖ୍ୟାଗୁରୁବାଦର ଏକ ଉଦାହରଣ ଯଦିଚ ତାହାକୁ ଭିନ୍ନ ଭାବରେ ଦର୍ଶାଯାଉଛି। ସତକଥା ହେଲା ଭାରତୀୟ ସଂଖ୍ୟାଗୁରୁବାଦର ସ୍ୱରୂପ ଅଧିକ ସୂକ୍ଷ୍ମ ଓ କମ୍ କଞ୍ଚା, କିନ୍ତୁ ତାହା ସମାନ ଭାବରେ କ୍ଷତିକାରକ।

Email: aakar.patel@gmail.com

## su | do | ku  ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 2 | | | E | | 7 | 1 | | | | 0 | | |
| D | | | 2 | B | A | | | 0 | | | 8 | | | 4 |
| | | 9 | | 8 | 6 | | 5 | | 3 | | B | | | |
| E | | | | | 3 | C | | | 1 | 5 | | | 8 | 9 |
| | | | 4 | | | | | | 9 | | | | 1 | |
| 6 | | | | | | | | | | 1 | A | B | 4 | |
| 5 | | | | | | | D | | | C | | 6 | | |
| | B | | 0 | D | | | 3 | E | | | | | | |
| | | 1 | 8 | | | B | 2 | | 4 | | | | 3 | E |
| 7 | | A | | | 5 | | | | D | | | | C | |
| | | | | | 4 | | | A | 2 | | | | E | |
| | | E | | | C | | 1 | | | | | 9 | | 0 |
| 2 | | 7 | | | | | | | | E | 0 | 8 | | B |
| | 9 | 6 | A | E | | | | | | | | | | |
| | | B | | 7 | | | | | | 8 | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 6 | A | 5 | D | 7 | 1 | B | 3 | 8 | E | C | 4 | 0 | 2 |
| 7 | D | 0 | A | 1 | 8 | 2 | 9 | 4 | 3 | 6 | 5 | C | E | B |
| 4 | 8 | 1 | E | 9 | C | 6 | 0 | A | 2 | B | 7 | 5 | 3 | D |
| C | 2 | 5 | 6 | 3 | B | D | E | 8 | 0 | 4 | 1 | 9 | 7 | A |
| E | B | 3 | 4 | 0 | 2 | 7 | 5 | C | D | A | 9 | 6 | 8 | 1 |
| 1 | E | 7 | 9 | B | 3 | 0 | D | 5 | A | C | 4 | 8 | 2 | 6 |
| 8 | C | 9 | D | 2 | 1 | A | 3 | 6 | B | 7 | E | 0 | 4 | 5 |
| B | 0 | 2 | 8 | 5 | A | C | 4 | E | 9 | 3 | 6 | 1 | D | 7 |
| 3 | 5 | 4 | C | 6 | 0 | 9 | 2 | 7 | 1 | D | 8 | B | A | E |
| 6 | A | D | 7 | 4 | E | B | 8 | 1 | 5 | 0 | 2 | 3 | 9 | C |
| 5 | 3 | 6 | 2 | 8 | 4 | E | 7 | 9 | C | 1 | D | A | B | 0 |
| D | 4 | E | 1 | C | 9 | 3 | A | 0 | 6 | 2 | B | 7 | 5 | 8 |
| 0 | 9 | C | B | 7 | 5 | 4 | 1 | D | E | 8 | A | 2 | 6 | 3 |
| 2 | 1 | 8 | 3 | A | D | 5 | 6 | B | 7 | 9 | 0 | E | C | 4 |
| A | 7 | B | 0 | E | 6 | 8 | C | 2 | 4 | 5 | 3 | D | 1 | 9 |

ଗତକାଲିର ଉତ୍ତର

# ବିଡ଼ମ୍ବିତ ଶୈଶବ

ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ଗତ ବାଲ୍ୟକାଳର ସ୍ମୃତି ରୋମନ୍ଥନ କରି କେହି ଜଣେ ଦରଦୀ କବି ପରମ ଆବେଗରେ ପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ-''ମୋ ସକଳ ଧନସମ୍ପତ୍ତି, ପ୍ରତିଷ୍ଠା, ପ୍ରତିପତ୍ତି, ଯାହା କିଛି ମୋ ପାଖରେ ଅଛି, ସବୁ ନେଇଯାଅ। ବଦଳରେ ମୋତେ ମୋ ବାଲ୍ୟକାଳ ଫେରାଇଦିଅ ପ୍ରଭୁ!'' ସଚରାଚର ଏମିତି ଏକ ପ୍ରାର୍ଥନା କେବେ ବି ପୂରଣ ହୁଏନା। ବାଲ୍ୟକାଳ କେବେ ବି ବାହୁଡ଼ି ଆସେନା। କେବଳ ଯାହା ଫେରିଆସେ ପିଲାଦିନର କମନୀୟ ସ୍ମୃତି, ଯାହା ଦେହରେ ଧକ୍କା ଖାଇ ମଣିଷ ନିଜ ବର୍ତ୍ତମାନ ବୟସକୁ ବେଖାତିର କରି ପିଲାଟିଏ ପାଲଟିଯିବା ପାଇଁ ବିକଳ ହୋଇଉଠେ। ସବୁରି ଅଲକ୍ଷ୍ୟରେ ଗୁମୁରି ଗୁମୁରି କାନ୍ଦେ ସେଇଦିନସବୁର ସ୍ମୃତି ଚାରଣ କରି।

ପିଲାଦିନକୁ ଫେରିପାଇ ହୁଏନା ସିନା, ଫେରିଯାଇ ହୁଏ ନିଶ୍ଚୟ। ମନେପଡ଼େ ପଛରେ ଛାଡ଼ି ଆସିଥିବା ସୁକୁମାର ଶୈଶବର ମଧୁର ସ୍ମୃତି। ଆଖି ଆଗରେ ଭାସିଉଠେ ସଂସାରର ସଂକୀର୍ଣ୍ଣ ସ୍ୱାର୍ଥପରତାକୁ ବୁଝି ପାରୁ ନ ଥିବା ଟିକି ଟିକି ଆଖି ଯୋଡ଼ିକର ନିରୀହ ଚାହାଣି ଓ ଅନାଗତ ଜୀବନର ଯାବତୀୟ ଜଞ୍ଜାଳକୁ ଗୋଟିଏ ଫୁତ୍‌କାରରେ ଉଡ଼ାଇ ଦେଉଥିବା ନାଲି ନାଲି ଓଠର ମନୋଲୋଭା ହସ। ଆଃ, କି ସୁନ୍ଦର ସେ ପିଲାଦିନ! ଅତୀତ ପାଇଁ ଚିନ୍ତା ନାହିଁ କି ଭବିଷ୍ୟତ ଲାଗି ନିଘା ନାହିଁ। ପେଟର ଭୋକ ପାଇଁ ସଂପୃକ୍ତି ନାହିଁ କି ପ୍ରତିଯୋଗିତା ଦୌଡ଼ରେ ସାମିଲ ହେବାକୁ ପ୍ରସ୍ତୁତି ନାହିଁ। ବାସ୍, କେବଳ ଶୈଶବର ଫୁଲ ଶଯ୍ୟାରେ ଶୋଇ ଶୋଇ ଦୁଃଖଶୋକହୀନ ଜଗତର ସ୍ୱର୍ଗୀୟ ସୌରଭରେ ସୁରଭିତ ହେଉଥିବା ବର୍ତ୍ତମାନ ହିଁ ଏକମାତ୍ର ଜୀବନ!

ଶୈଶବ, ଯୌବନ ଓ ବାର୍ଦ୍ଧକ୍ୟ- ଜୀବନର ଏହି ତିନୋଟି ଅବସ୍ଥାକୁ ନିଦ୍ରାର ପରିମାପକରେ ତଉଲି ଜଣେ ଦାର୍ଶନିକ ଚମତ୍କାର ବିଶ୍ଳେଷଣ କରିଥିଲେ। ଶୈଶବରେ ଶୋଇବା ପାଇଁ ପ୍ରଚୁର ସମୟ ଥାଏ। ଅଥଚ ଶିଶୁଟିର ଶୋଇବାକୁ ସାମାନ୍ୟ ସ୍ପୃହା ନ ଥାଏ। ପିଠି ଥାପୁଡ଼ାଇ ମା' ଯେତେ ନାନାବାୟା ଗୀତ ଗାଇଲେ ବି ଆଖିକୁ ନିଦ ଆସୁ ନ ଥାଏ। ଯୌବନରେ ଯାବତୀୟ କର୍ମକ୍ଳାନ୍ତି ଯୋଗୁ ଶୋଇବାକୁ ମନରେ ଇଚ୍ଛା ଜାଗେ। ମାତ୍ର ବ୍ୟସ୍ତତା ଏତେ ବେଶି ଥାଏ ଯେ ଆଖି ମୁଦି ଟିକିଏ ଗଡିଯିବାକୁ ହାତରେ ସମୟ ନ ଥାଏ। ବାର୍ଦ୍ଧକ୍ୟର ଅଭିଶପ୍ତ ଅବସ୍ଥାରେ ଶୋଇବା ପାଇଁ ମନରେ ଇଚ୍ଛା ଥାଏ, ହାତରେ ସମୟ ବି ଥାଏ ପ୍ରଚୁର, ଅଥଚ ଆଖିରେ ନିଦ ନ ଥାଏ। ସୁତରାଂ ଆଉ ଥରେ ଶିଶୁଟିଏ ହୋଇଯିବାକୁ କେବଳ ସେଇ କବି କାହିଁକି, ଜୀବନର ଯାବତୀୟ ଜଞ୍ଜାଳକୁ ନେଇ ବ୍ୟସ୍ତବିବ୍ରତ ରହୁଥିବା ଯେ କେହି ଯୁବକ ବା ସଂସାରରୁ ବିଦାୟ ନେବାକୁ ଅପେକ୍ଷା କରୁଥିବା ଯେ କୌଣସି ବୃଦ୍ଧ ଈଶ୍ୱରଙ୍କୁ ପ୍ରାର୍ଥନା କରିବାରେ କିଛି ଅସ୍ୱାଭାବିକତା ନାହିଁ।

ମାତ୍ର ସାମ୍ପ୍ରତିକ ସମୟରେ ଅତି ପ୍ରତ୍ୟୁଷରୁ କାନ୍ଧରେ ସ୍କୁଲ ବ୍ୟାଗ ଓ ପାଣି ବୋତଲ ଗଳାଇ ସ୍କୁଲକୁ ଧାଉଁଥିବା ଟିକି ଟିକି ଶିଶୁମାନଙ୍କ ବିକଳ ଅବସ୍ଥା ଯେଉଁମାନେ ପ୍ରତ୍ୟକ୍ଷ କରିଛନ୍ତି, ସେମାନେ କେବେ ବି ଆଉଥରେ ଶିଶୁଟିଏ ହୋଇଯିବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିବେ ନାହିଁ। କେବେ ବି ଚାହିଁବେ ନାହିଁ ଫେରିଯିବାକୁ ସେମିତି ଏକ ଅବସ୍ଥାକୁ, ଯେଉଁଠି ଶିଶୁଟିଏ ଥିବ, ଅଥଚ ଶୈଶବ ନ ଥିବ। କୋମଳତାହୀନ ଫୁଲପରି ଶୈଶବବିହୀନ ଶିଶୁଟିଏ ହେବାକୁ ବିମୁଖ ହେବେ ବଡ଼ମାନେ।

କେଉଁ ଅପଦେବତାର ଅଶୁଭ ଦୃଷ୍ଟିରେ ପଡ଼ି ଏବକାର ଶୈଶବ ଶାପଗ୍ରସ୍ତ ହୋଇଯାଇଛି। ଫୁଲ ପରି କୋମଳ ହେବା ପରିବର୍ତ୍ତେ ଶୈଶବ ପାଲଟିଯାଇଛି ପଥରଠୁ ଆହୁରି କଠିନ। ନବ୍ୟ ଆଧୁନିକତାର ଭବ୍ୟ ଆହ୍ୱାନ ମଧ୍ୟରେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଜୈବିକ ବିବର୍ତ୍ତନର ସକଳ ସୋପାନକୁ ପ୍ରତିହତ କରି ବଡ଼ ହେବାର ଯଥେଷ୍ଟ ପୂର୍ବରୁ ଶିଶୁମାନଙ୍କୁ ବଡ଼ କରିଦେଉଛି। ସବୁରି ଅଲକ୍ଷ୍ୟରେ ସେମାନଙ୍କଠାରୁ ଅପହୃତ ହୋଇଯାଉଛି ସେମାନଙ୍କ କମନୀୟ ଶୈଶବ। ସବୁଠୁ ବିଡ଼ମ୍ବନାର ବିଷୟ ଏହା ଯେ, ଶିଶୁମାନଙ୍କଠୁ ସେମାନଙ୍କ ଶୈଶବ ଅପହରଣ କରି ନେଉଥିବା ଲୋକ ଆଉ କେହି ନୁହନ୍ତି, ସେମାନଙ୍କର ମାତାପିତା। ନିଜ ପିଲାମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଢିବାର ଆକାଂକ୍ଷା ଯୋଗୁ ସେମାନେ ପାଲଟିଯାଉଛନ୍ତି ଦିବ୍ୟ ଶୈଶବର ନିଷ୍ଠୁର ଅପହର୍ତ୍ତା। ପ୍ରତିଯୋଗିତାର ପାଗଳପଣ ସେମାନଙ୍କୁ ଏମିତି ଆବୋରି ବସୁଛି ଯେ ସନ୍ତାନର ଟିକି ମୁଣ୍ଡ ଉପରେ ପାଠପଢ଼ାର ଓଜନଦାର ବୋଝ ଥୋଇଦେଇ ସେମାନେ ଆତ୍ମତୃପ୍ତି ଲାଭ କରୁଛନ୍ତି। ପିଲାମାନଙ୍କୁ ନିଜ ବେଗରେ ଚାଲିବାକୁ ନ ଦେଇ ହାତ ଧରି ଦୌଡ଼ାଇ ନେଉଛନ୍ତି ଏକ ଅନିଶ୍ଚିତ ଲକ୍ଷ୍ୟ ଆଡକୁ। ସେମିତି ଏକ ଲକ୍ଷ୍ୟ, ଯାହା ସମ୍ପୂର୍ଣ୍ଣ ଭାବେ ସେମାନଙ୍କର, ସେମାନଙ୍କ ମହତ୍ତ୍ୱାକାଂକ୍ଷାର। ପିଲାମାନଙ୍କର ସାମାନ୍ୟ ଅଧିକାର ନ ଥାଏ ତହିଁରେ।

ଶୈଶବର ଧୂଳିଖେଳ, ବର୍ଷାପାଣିରେ କାଗଜ ଡଙ୍ଗା ଭସାଇବାର ମୁଗ୍ଧ ଅନୁଭବ, ଭାଇଭଉଣୀଙ୍କ ସଙ୍ଗେ ମିଛଯୁଦ୍ଧ ଜିତିବାର ଗୌରବବୋଧ ଓ ସର୍ବୋପରି ପାହାନ୍ତା ପହରରେ ମା'ର ଉଷୁମ କୋଳରେ ଶୋଇରହି ନିଜକୁ ସୁରକ୍ଷିତ ସମ୍ରାଟ ମଣିବାର ନିଆରା ମୁହୂର୍ତ୍ତ-ଏ ସବୁ ସେକାଳ ପଖାଳ ହୋଇଗଲାଣି ଏବେ। କାଉ ରାବିବା ବା ସିନ୍ଦୂରା ଫାଟିବାର ଯଥେଷ୍ଟ ପୂର୍ବରୁ ଆଲାର୍ମର ବିକଟ ଗର୍ଜନରେ ଶିଶୁଟିଏ ବିଛଣା ଛାଡୁଛି ନିଜ ଇଚ୍ଛା ବିରୋଧରେ, ବାଧ୍ୟବାଧକତାରେ। ନିଦ ମଳ ମଳ ଆଖିରେ ଟଳମଳ ପାଦରେ ନିତ୍ୟକର୍ମ ସାରି କାନ୍ଧରେ ନିଜ ଓଜନ ପାଖାପାଖି ଓଜନର ସ୍କୁଲ ବ୍ୟାଗ ପକାଇ ଘରୁ ଗୋଡ଼ କାଢୁଛି ସେ। ବୟସ ଛଅ କି ସାତ ବର୍ଷ, ଅଥଚ ଷୋଳ ବର୍ଷ ବୟସର ଦାୟିତ୍ୱ ମୁଣ୍ଡାଇବାକୁ ପଡୁଛି ତାକୁ। ସ୍କୁଲର ଟାସ୍କ ଶେଷ କରିବାକୁ ପଡିବ। ଟ୍ୟୁଶନ ସାର୍‌ଙ୍କ ପାଠ ସାରିବାକୁ ପଡ଼ିବ। ପୁଣି ପ୍ରସ୍ତୁତ ହେବାକୁ ପଡିବ କେଉଁଠି ଡ୍ରଇଂ କ୍ଲାସ, କେଉଁଠି ସଙ୍ଗୀତ ବା ନୃତ୍ୟ କ୍ଲାସ ତ ଅନ୍ୟ କେଉଁଠି କରାଟେ କ୍ଲାସ ପାଇଁ!

ଅଭିଶପ୍ତ ଶୈଶବର ଏ ଅକୁହା ବେଦନା କିଏ ହେଲେ ବୁଝନ୍ତେ ତ! କିଏ ବା ବୁଝିବେ? ଅନ୍ୟମାନଙ୍କ ପରି ତାଙ୍କର ମଧ୍ୟ ଏକ ସଂଗଠନ ଥାଆନ୍ତା ହେଲେ, ଯାହା ତଳେ ସାମ୍ପ୍ରତିକ ଉପଭୋକ୍ତାବାଦୀ ବିଶ୍ୱର ସମସ୍ତ ଶିଶୁ ଏକଜୁଟ ହୁଅନ୍ତେ ଓ ସେମାନଙ୍କ ଉପରେ ହେଉଥିବା ଅବିଚାର ବିରୋଧରେ ପ୍ରତିବାଦ କରନ୍ତେ। କହନ୍ତେ, ''ଆମ ଶୈଶବକୁ ଏମିତି ନିର୍ମମ ଭାବେ ହତ୍ୟା କରା ନ ଯାଉ। ଆମକୁ ଶିଶୁ ଭାବେ ବଞ୍ଚିବାକୁ ଦିଆଯାଉ। ଭବିଷ୍ୟତ ଗଢ଼ିବାକୁ, ଡାକ୍ତର, ଇଞ୍ଜିନିୟର ବା ପ୍ରଶାସକ ହୋଇ ବଡ଼ ବୋଲାଇବାକୁ ଆଗକୁ ତ ଲମ୍ବା ରାସ୍ତା ପଡିଛି। ସେ ରାସ୍ତାରେ ଆମ ହାତ ଝିଙ୍କି ଦୌଡ଼ାଇ ନିଆ ନ ଯାଉ। ଆମକୁ ଆମ ବେଗରେ ଚାଲିବାକୁ ଦିଆଯାଉ।''

କେଇଦିନ ତଳେ ପିଲାଙ୍କ ସ୍କୁଲ ବ୍ୟାଗର ଓଜନ ତଦାରଖ କରିବାକୁ ରାଜ୍ୟ ସରକାର ସ୍କ୍ୱାଡ୍ ଗଠନ କରି ଏ ଦିଗରେ ନିଜର ସଜାଗତାର ପ୍ରମାଣ ଦେବାକୁ ଚେଷ୍ଟା କରିଛନ୍ତି। ମାତ୍ର ନିର୍ଦ୍ଧାରିତ ଓଜନଠାରୁ ଅଧିକ ଓଜନର ବସ୍ତାନି ମିଳିଲେ ସେଥିପାଇଁ କାହାକୁ କି ପ୍ରକାର ଦଣ୍ଡ ଦିଆଯିବ ସେ ନେଇ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ତେବେ ଏଥିପାଇଁ କାହାକୁ ଦାୟୀ କରାଯିବ, ତାହା ବି ଏ ଯାଏ ସ୍ପଷ୍ଟ ହୋଇନାହିଁ। ଟିକି ପିଲାଟିର ଓଜନଦାର ସ୍କୁଲ ବ୍ୟାଗ ପାଇଁ ପ୍ରକୃତରେ କିଏ ଦାୟୀ? ପାଠ ପଢ଼ାଉଥିବା ଶିକ୍ଷକ, ଶିକ୍ଷୟିତ୍ରୀ, ପଢିବାକୁ ବାଧ୍ୟ କରୁଥିବା ମା'ବାପାମାନେ ନା ଶିକ୍ଷାନୀତି ପ୍ରଣୟନ କରିବାରେ ବହୁବିଧ ପରୀକ୍ଷା ନିରୀକ୍ଷା ଚଳାଉଥିବା ଆମ ଲୋକପ୍ରିୟ ସରକାର? ଏମାନଙ୍କ ମଧ୍ୟରୁ ଯିଏ ବା ହୁଅନ୍ତୁ, ସମସ୍ତେ ମନରେଖିବା ଉଚିତ ସମୟର ପ୍ରଖର ପ୍ରବାହ ମଧ୍ୟରେ ବାଲ୍ୟକାଳ ରୁକୁଣାରଥ ପରି ଅଣଲେଉଟା। ଥରେ ଅତିକ୍ରାନ୍ତ ହୋଇଗଲେ ଆଉ କେବେ ବି ଫେରି ଆସେନା। ସୁତରାଂ ଅନ୍ଧ ଆଧୁନିକତାର ଆହ୍ୱାନରେ ଆମ ସଂସ୍କାର ଓ ସଂସ୍କୃତି ଚରମ ସଙ୍କଟର ସମ୍ମୁଖୀନ ହେଉଥିଲା ବେଳେ ପିଲାଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତଟିଏ ଗଢ଼ିବାର ନାମ ନେଇ କୋମଳ ଶୈଶବକୁ ଆଜି ନିର୍ମମ ଭାବେ ହତ୍ୟା କରା ନ ଯାଉ। ଶିଶୁଟିକୁ ଶିଶୁ ହେବାକୁ ନ ଦେଇ ଶିକ୍ଷିତ କରିବାକୁ ତରବର ହେଲେ, ଭବିଷ୍ୟତରେ ସଂଭ୍ରାନ୍ତ ଶିକ୍ଷିତର ସନନ୍ଦପତ୍ର ସେ ଲାଭ କରିବ ସିନା, ବହୁତ କିଛି ହରାଇ ବସିବ; ଯାହା ଯେତେ ଖୋଜିଲେ ବି ଜୀବନକାଳ ମଧ୍ୟରେ ଆଉ କେବେ ବି ଉପଲବ୍ଧ ହେବନାହିଁ!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି
ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# କ୍ଷମତା ଚୌକିରେ ଗ୍ରୀନ୍‌ହର୍ନ

ବ୍ୟକ୍ତିତ୍ୱ



ଉଦ୍ଧବ ଠାକ୍‌ରେ

ମହାରାଷ୍ଟ୍ରରେ 'ମରାଠୀ ମାନୁଷ୍' କଥା ଉଠିଲେ ସମସ୍ତଙ୍କ ନଜର ପଡ଼େ 'ମାତୋଶ୍ରୀ' ଉପରେ। ମାତୋଶ୍ରୀ ଠାକ୍‌ରେ ପରିବାରର ଆଦ୍ୟପୀଠ, ଯେଉଁଠାରେ ଶିବସେନାର ସାଂଗଠନିକ ଆଦର୍ଶକୁ ଗୁଛା ହୋଇ ରଖାଯାଇଆସିଛି। ଜନ୍ମମାଟିକୁ ଅତି ଭଲ ପାଇ ଦେଶଭକ୍ତିର ପରିଚୟ ସୃଷ୍ଟି କରିଥିବା ଶିବସେନାର ମାଉଥ୍‌ପିସ୍ ବା ମୁଖପତ୍ର 'ସାମ୍‌ନା' ମରାଠୀଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରିଥାଏ ବୋଲି ସାଧାରଣରେ ଆଲୋଚନା ହୁଏ। ଏହିସବୁ ଚିନ୍ତାଧାରା ପଛରେ ଯେଉଁ ବ୍ୟକ୍ତିଙ୍କ ମଗଜ ଖେଳୁଥିଲା, ସେ ଥିଲେ ବାଲାସାହେବ ଠାକ୍‌ରେ। ମହାରାଷ୍ଟ୍ର ସମେତ ଜାତୀୟ ରାଜନୀତିରେ ଯେତେବେଳେ କୌଣସି ଜଟିଳ ସମସ୍ୟା ଉପୁଜୁଥିଲା, ତାହାର ସମାଧାନ ପାଇଁ ସମାଜର ସବୁବର୍ଗ ଧାଉଁଥିଲେ ବାଲ୍ ଠାକ୍‌ରେଙ୍କ ପାଖକୁ। ସେ ଥିଲେ ସଂଗଠକ। ନିର୍ବାଚନ ଲଢ଼ି ନେତା ହେବାର ସବୁ ସୁଯୋଗ ଥିଲେ ମଧ୍ୟ ସେ ମରାଠୀଙ୍କ ମୁରବି ଭାବେ ରହିବାକୁ ପସନ୍ଦ କରୁଥିଲେ। କେବଳ ନିଜ ରାଜ୍ୟ ମଧ୍ୟରେ ତାଙ୍କ ବ୍ୟକ୍ତିତ୍ୱର ଚର୍ଚ୍ଚା ସୀମିତ ନ ଥିଲା। ଜାତୀୟ ସ୍ତରର ନେତାମାନେ ମଧ୍ୟ ତାଙ୍କୁ ସମ୍ମାନ ଦେଉଥିଲେ। ସେହି ପରିବାରରୁ କେହି ପ୍ରତ୍ୟକ୍ଷ ରାଜନୀତିକୁ ଆସନ୍ତୁ ବୋଲି ସେ ଚାହୁଁ ନ ଥିଲେ। ୨୦୧୨ରେ ତାଙ୍କ ଦେହାନ୍ତ ପରେ ଶିବସେନାର ଦାୟିତ୍ୱ ତାଙ୍କ ପୁଅ ଉଦ୍ଧବ ନେଇଥିଲେ। କୁହାଯାଏ ବାଲ୍ ଠାକ୍‌ରେଙ୍କ ଗୁଣ ତାଙ୍କ ପୁତୁରା ରାଜ୍ ଠାକ୍‌ରେଙ୍କଠାରେ ଅଧିକ ଦେଖାଯାଉଥିବାରୁ ସେ ତାଙ୍କୁ ଉତ୍ତରାଧିକାରୀ କରିବାକୁ ଚାହୁଁଥିଲେ। ସମୟ ଚକ୍ର ବଦଳିଗଲା। ଉଦ୍ଧବ ଓ ରାଜ୍‌ଙ୍କ ମଧ୍ୟରେ ମନାନ୍ତର ଓ ମତାନ୍ତର ଯୋଗୁ ଉଭୟେ ଭିନ୍ନେ ହୋଇଗଲେ। ଶିବସେନାରୁ ଅଲଗା ହୋଇ ରାଜ୍ ଗଢ଼ିଲେ 'ମହାରାଷ୍ଟ୍ର ନବନିର୍ମାଣ ସେନା' ଓ ଉଦ୍ଧବ ପିତାଙ୍କ ଉତ୍ତରାଧିକାରୀ ହୋଇଗଲେ। ଶିବସେନାର ନେତୃତ୍ୱ ନେଇଥିଲେ ମଧ୍ୟ ଉଦ୍ଧବ କ୍ଷମତାର ସ୍ୱାଦ ଚାଖିବାକୁ ମନ ବଳାଇ ନ ଥିଲେ। ପ୍ରଥମ ଥର ଲାଗି ପୁଅ ଆଦିତ୍ୟଙ୍କୁ ନିର୍ବାଚନରେ ଲଢ଼ିବାକୁ ଦେଇଥିଲେ। ଆଦିତ୍ୟ ୱର୍ଲି ଆସନରୁ ବିଜୟୀ ହୋଇଥିଲେ ହେଁ ଉଦ୍ଧବ ଏବେ ମୁଖ୍ୟମନ୍ତ୍ରୀ।

ରାଜନୈତିକ ବାଧ୍ୟବାଧକତା ଅପ୍ରତ୍ୟାଶିତ ଭାବେ ଉଦ୍ଧବଙ୍କୁ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ କରାଇଛି। ଅକ୍ଟୋବର ୨୦୧୯ରେ ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ କରି ନ ଥିଲା। ଭାଜପା ସର୍ବାଧିକ ୧୦୫ ଆସନ ପାଇଥିବା ବେଳେ ତା'ର ସହଯୋଗୀ ଶିବସେନା ଖାତାକୁ ଯାଇଥିଲା ମାତ୍ର ୫୬। ଅନ୍ୟପଟେ ବିରୋଧୀ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୫୪ ଆସନ ଅକ୍ତିଆର କରିଥିବା ବେଳେ କଂଗ୍ରେସ ୪୪ ଆସନରେ ସନ୍ତୁଷ୍ଟ ହୋଇଥିଲା। ଭାଜପା ଓ ଶିବସେନା ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଟଣାଓଟରା ଚାଲିଲା। କୌଣସି ନିଷ୍କର୍ଷ ନ ଆସିବାରୁ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି ହେଲା। ଏହି ସନ୍ଧିକ୍ଷଣରେ ମତ ଓ ଆଦର୍ଶ ଭୁଲି ଭାଜପା-ଶିବସେନା ବିରୋଧୀ ଶିବିରରେ ଥିବା ଏନ୍‌ସିପି ଓ କଂଗ୍ରେସ ବିଧାୟକଙ୍କୁ ଗୋଟାଇବାରେ ଲାଗିଲେ। ପ୍ରଥମେ ଅଜିତ୍ ପାୱାର ଏନ୍‌ସିପିର କିଛି ନେତାଙ୍କୁ ଧରି ଭାଜପାର ଦେବେନ୍ଦ୍ର ଫଡ଼ନବିସଙ୍କ ସହ ମିଶି ସରକାର ଗଢ଼ି ପକାଇଲେ। ହେଲେ ସଂଖ୍ୟା ଖେଳ ଅଜିତ୍ ଓ ଦେବେନ୍ଦ୍ରଙ୍କୁ ଅଡୁଆରେ ପକାଇଲା। ଫଳରେ ଏହାର ସୁଯୋଗ ନେଲେ ଉଦ୍ଧବ। ଏନ୍‌ସିପି ଓ କଂଗ୍ରେସ ସହଯୋଗ କରିବାରୁ ଉଦ୍ଧବ ୨୮ ନଭେମ୍ବରରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ। ଶୁଣିବାକୁ ମିଳୁଥିଲା ପୁଅ ଆଦିତ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ଉଦ୍ଧବ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ। ସମ୍ଭବତଃ ଆଦିତ୍ୟଙ୍କ ସପକ୍ଷରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ଓ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସବୁଜ ସଙ୍କେତ ନ ଦେବାରୁ ଉଦ୍ଧବ ସର୍ବସମ୍ମତି ପାଇଲେ।

ବମ୍ବେଠାରେ ୨୭ ଜୁଲାଇ ୧୯୬୦ରେ ଉଦ୍ଧବ ଜନ୍ମଗ୍ରହଣ କରିଥିଲେ। ୨୦୦୨ରେ ତାଙ୍କ ରାଜନୈତିକ କ୍ୟାରିୟର ବ୍ରିହାନ୍ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ ନିର୍ବାଚନ ପ୍ରଚାର ବେଳେ ଆରମ୍ଭ ହୋଇଥିଲା। ତାଙ୍କ ନେତୃତ୍ୱରେ ଦଳ ସଫଳତା ପାଇବା ପରେ ୨୦୦୩ରେ ତାଙ୍କୁ ଶିବସେନାର କାର୍ଯ୍ୟକାରୀ ସଭାପତି କରାଯାଇଥିଲା। ୨୦୦୬ରେ ସେ 'ସାମ୍‌ନା'ର ମୁଖ୍ୟ ସମ୍ପାଦକ ହୋଇଥିଲେ। ଏବେ ମୁଖ୍ୟମନ୍ତ୍ରୀ ହେବା ପରେ ସେ ସମ୍ପାଦନାରୁ ଓହରିଯାଇଛନ୍ତି। ତେବେ ପିତା ବାଲାସାହେବଙ୍କ ଦେହାନ୍ତ ପରେ ଉଦ୍ଧବ ୨୦୧୩ରେ ଶିବସେନାର ସଭାପତି ହୋଇଥିଲେ।

ରାଜନୀତିକୁ ଛାଡ଼ିଦେଲେ ଉଦ୍ଧବଙ୍କ ସର୍ବାଧିକ ପସନ୍ଦ ଫଟୋଗ୍ରାଫିରେ ରହିଆସିଛି। 'ମହାରାଷ୍ଟ୍ର ଦେଶା' ଓ 'ପାହାବ ଭିଟ୍ଠଲ' ନାମରେ ସେ ଦୁଇଟି କଫି ଟେବଲ୍ ବୁକ୍ ପ୍ରକାଶ କରିଛନ୍ତି। ପ୍ରକୃତିପ୍ରେମୀ ହୋଇଥିବାରୁ ସେ ଚିନ୍ତାରୁ ମୁକ୍ତି ପାଇବା ସକାଶେ ଯେତେବେଳେ ଚାହାନ୍ତି, ସେତେବେଳେ 'ଆନିମଲ୍ ପ୍ଲାନେଟ' ଓ 'ଡିସ୍‌କଭରି' ଚ୍ୟାନେଲ ଦେଖିଥାଆନ୍ତି। ନୀରବ ରହିବାକୁ ତାଙ୍କୁ ଭଲ ଲାଗେ। କିନ୍ତୁ ସମାଲୋଚକଙ୍କୁ କ୍ଷମା ଦେବାରେ ତାଙ୍କର ମହାନୁଭବତା ନ ଥାଏ। ସେ ଯାହା ପଛରେ ପଡ଼ନ୍ତି ତାଙ୍କୁ ଠିକ୍ ସମୟରେ ଉଚିତ ଜବାବ ଦେଇଥାଆନ୍ତି ବୋଲି ସମୀକ୍ଷକ ମତ ଦେଇଥାଆନ୍ତି। କ୍ଷମତା ଚୌକିରେ ଉଦ୍ଧବ ଗ୍ରୀନ୍‌ହର୍ନ (ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନୂଆ କିମ୍ବା ଅନଭିଜ୍ଞ)। ସହଧର୍ମିଣୀ ରଶ୍ମି ତାଙ୍କ ପରାମର୍ଶଦାତା (ଏପରି କି ରାଜନୈତିକ ଉପଦେଷ୍ଟା) ବୋଲି କୁହାଯାଏ। ଦୁଇ ପୁଅ ଆଦିତ୍ୟ ଓ ତେଜସ୍। ଆଦିତ୍ୟ ସକ୍ରିୟ ରାଜନୀତିରେ ଥିବା ବେଳେ ତେଜସ୍ ଏବେ ନ୍ୟୁୟର୍କରେ ପଢୁଛନ୍ତି।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ସମାଜରେ ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେ ଚାକିରି କରିବା ସହ ନିଜକୁ ସମାଜ ସେବାରେ ନିୟୋଜିତ କରିଥାନ୍ତି। ଏମାନଙ୍କ ମଧ୍ୟରୁ ରାଜସ୍ଥାନର କନଷ୍ଟେବଲ ଧର୍ମବୀର ଜାଖଡ ଜଣେ। ସେ ଚୁରୁଠାରୁ ୪ କିମି ଦୂର ଗଜସାର ହନୁମାନଗଡି ବସ୍ତିରେ ୨୦୧୬ରେ ଆରମ୍ଭ କରିଥିବା ଏକ ନନ୍‌ଫର୍ମାଲ ସ୍କୁଲ୍ ଗରିବ ପିଲାମାନଙ୍କୁ ଶିକ୍ଷାର ବାଟ ଦେଖାଉଛି। ୩୫ ବର୍ଷୀୟ ଜାଖଡ ଏହି ସ୍କୁଲ୍‌ର ନାମ ରଖିଛନ୍ତି 'ଆପ୍‌ନି ପାଠଶାଳା'। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ପିଲା ପଢୁଛନ୍ତି। କିନ୍ତୁ ଷଷ୍ଠରୁ ଉର୍ଦ୍ଧ୍ୱ ଶ୍ରେଣୀର ପିଲାଙ୍କ ପାଇଁ ଏକ୍ସଟ୍ରା କ୍ଲାସ୍ କରାଯାଉଛି। ଜାଖଡ ବସ୍ତି ତଥା ଆଖପାଖ ଗାଁରେ ରହୁଥିବା ଗରିବ ପରିବାରର ପିଲାମାନେ ଯେଉଁମାନେ ପାଠ ଛାଡି ଭିକ୍ଷା ମାଗୁଛନ୍ତି, ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଉଦ୍ଧାର କରି ପୁଣି ସ୍କୁଲ୍‌କୁ ପଠାଉଛନ୍ତି କିମ୍ବା ଆପ୍‌ନି ପାଠଶାଳାକୁ ଆଣୁଛନ୍ତି। ଏଭଳି ୫୦୦ ପିଲାଙ୍କୁ ସେ ପଢାଉଛନ୍ତି। ଜାଖଡ ଜଣେ ଶିକ୍ଷକ ହେବା ପାଇଁ ଚାହୁଁଥିଲେ। କିନ୍ତୁ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେ ଚାକିରି କରିଥିଲେ। କନ୍‌ଷ୍ଟେବଲ ଚାକିରି କରି ବସ୍ତିରେ ଏକ ଛୋଟ ଘରେ ଆପ୍‌ନି ପାଠଶାଳା ଆରମ୍ଭ କରି ପିଲାମାନଙ୍କୁ ପଢାଇବା ଆରମ୍ଭ କରିଥିଲେ। ତାଙ୍କ ସୀମିତ ଆୟରେ ପରିବାର ଚଳାଇ ଓ ପିଲାମାନଙ୍କ ଲାଗି ସ୍କୁଲ୍ ଘର କରିବା ତାଙ୍କ ପାଇଁ କଷ୍ଟକର ଥିଲା। ଏଠାରେ ନିୟମିତ ମଧ୍ୟାହ୍ନରେ ପିଲାମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଉଛି। ଏଥପାଇଁ ଏହି ଏନ୍‌ଜିଓ ସମେତ ଅନ୍ୟ ବ୍ୟକ୍ତିମାନେ ବି ସାହାଯ୍ୟ ଦେଉଛନ୍ତି।

## ଚିରନ୍ତନୀ

ଧବଳ ହରିତ କୃଷ୍ଣ ବହୁ ବର୍ଣ୍ଣ ଚର୍ମ ବେଶବାସ
ବୌଦ୍ଧ ହିନ୍ଦୁ ମୁସଲମାନ ଶିଖ ବା ଖ୍ରୀଷ୍ଟାନ
ସଂଗ୍ରାମ ମାଗଇ ନମ୍ର ବିଦଳିତ ଧୂଳିତଳ ଘାସ
ଶତେକ ଶତାବ୍ଦୀ ପରେ ରଚେ ଅଭିଯାନ।
(ଶତାବ୍ଦୀ-ସୈନିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧ ଡିସେମ୍ବର ୧୯୯୪

- ଭିତରକନିକା ଅଭୟାରଣ୍ୟକୁ ଜାତୀୟ ପାର୍କରେ ପରିଣତ କରାଯିବା ଆବଶ୍ୟକ ବୋଲି ସ୍ୱାମୀନାଥନ ଫାଉଣ୍ଡେଶନ ପକ୍ଷରୁ ଏକ ସର୍ଭେ ରିପୋର୍ଟରେ ସୁପାରିସ କରାଯାଇଛି।
- ମହାରାଷ୍ଟ୍ରର ଗୋୱାଡି ଏବଂ ମାନା ଆଦିବାସୀ ସମ୍ପ୍ରଦାୟ ତାଙ୍କ ପାଇଁ ରାଜ୍ୟ ସରକାର ଘୋଷଣା କରିଥିବା ସଂରକ୍ଷଣ ବ୍ୟବସ୍ଥାକୁ ପ୍ରତ୍ୟାଖ୍ୟାନ କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଚାଷୀଙ୍କୁ ଅଣଦେଖା ମହଙ୍ଗା ପଡ଼ିବ

ମହାଶୟ,

ଭଦ୍ରକ ଜିଲାର କେତେକ ଚାଷୀ ଧାନ ବିକ୍ରିକରି ଅଦ୍ୟାବଧି ପ୍ରାପ୍ୟ ପାଇ ନ ପାରି ବାଧହୋଇ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି। ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ଧାନ ବିକ୍ରି କରିବାର ୭ ଦିନ ମଧ୍ୟରେ ଚାଷୀ ତା' ପ୍ରାପ୍ୟ ପାଇବା କଥା। କିନ୍ତୁ ଦୀର୍ଘଦିନ ବିତିଯାଇଥିଲେ ବି ସରକାର ନିର୍ବିକାର। ଚାଷୀ ଆରମ୍ଭରୁ ଧାନକୁ ମଣ୍ଡି କିମ୍ବା ମିଲର ପାଖରେ ବିକ୍ରି କଲାବେଳେ ନାନା ହଇରାଣ ହେବାକୁ ପଡ଼େ। ଗତ ବର୍ଷ ଡିସେମ୍ବରରୁ ଦେଇଥିବା ଧାନର ମୂଲ୍ୟ ବାବଦକୁ ଟଙ୍କା କାହାକୁ କିସ୍ତିରେ ଦେଇ ଅବଶିଷ୍ଟ ବାକି ରହିଛି ତ ଆଉ କାହାକୁ ତା'ର ପ୍ରାପ୍ୟ ଦିଆଯାଇନାହିଁ। ଅନ୍‌ଲାଇନ ହେଉ କି ଅଫ୍‌ଲାଇନରେ ଚାଷୀ ତା'ର ଧାନ ଗଣ୍ଡାକ ବିକ୍ରିକରି ଯଦି ପ୍ରାପ୍ୟ ପାଇବା ପାଇଁ ନ୍ୟାୟାଳୟର ଆଶ୍ରୟ ନେବାକୁ ପଡେ, ଏଥିରୁ ସରକାର ଚାଷୀଙ୍କ ପ୍ରତି କେତେ ଦରଦୀ ତାହା ସ୍ପଷ୍ଟ ଜଣାପଡୁଛି। ବଡ଼ଚାଷୀ ସିନା ନ୍ୟାୟାଳୟର ଆଶ୍ରୟ ନେଇ ପ୍ରାପ୍ୟ ପାଇପାରିବେ ହେଲେ କ୍ଷୁଦ୍ର ଚାଷୀଙ୍କ ଅବସ୍ଥା କ'ଣ ହେବ? ଚାଷୀଙ୍କୁ ଏପରି ଅଣଦେଖା କରିବା ଭବିଷ୍ୟତରେ ସରକାରଙ୍କୁ ମହଙ୍ଗା ପଡ଼ିପାରେ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ପଲିଥିନ ନିଷେଧ ପ୍ରହସନ

ଗତବର୍ଷ ଗାନ୍ଧୀ ଜୟନ୍ତୀରୁ କିଛି ସହରରେ ପଲିଥିନ ବ୍ୟବହାର ନିଷିଦ୍ଧ ହୋଇଥିଲା। ତାହା କାର୍ଯ୍ୟକାରୀ ହେବାପରି ମନେହେଉନି। ଏ ବର୍ଷ ଗାନ୍ଧୀ ଜୟନ୍ତୀରେ ପ୍ରଧାନମନ୍ତ୍ରୀଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ପଲିଥିନ ବ୍ୟବହାର ନ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଦୋକାନୀମାନଙ୍କୁ ପଲିଥିନ ନ ମାଗିବାକୁ ଦୋକାନ ଆଗରେ ଲେଖି ମାରିବାକୁ କୁହାଯାଉଛି। ମୋ ପିଲାବେଳେ ଦୋକାନ କିମ୍ବା ହାଟକୁ ଗଲାବେଳେ ସମସ୍ତେ ଜିନିଷ ଆଣିବା ପାଇଁ ବ୍ୟାଗ୍, ଅଖା କିମ୍ବା ଟୋକେଇ ସାଙ୍ଗରେ ନେଇ ଯାଉଥିଲେ। ଦୋକାନୀ ଜିନିଷ ଦେବା ପାଇଁ କାଗଜ ଠୁଙ୍ଗା ବ୍ୟବହାର କରୁଥିଲେ। ପଲିଥିନ ସୁବିଧା ହେଲାପରେ ଲୋକମାନେ ହାଟକୁ ଗଲାବେଳେ ଆଉ କପଡ଼ା ବା ଅଖାବ୍ୟାଗ୍ ସାଙ୍ଗରେ ନେବାକୁ ଇଚ୍ଛା କଲେ ନାହିଁ। ପଲିଥିନ ଆମ ପରିବେଶ ତଥା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ତେଣୁ ପ୍ରଶାସନ ପଲିଥିନ ଉତ୍ପାଦନ ବନ୍ଦ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ପଲିଥିନ ନିଷେଧ କେବଳ ପ୍ରହସନରେ ପରିଣତ ହେବ।

ନାରାୟଣ ପରିଡ଼ା, ତେରତାଙ୍ଗ, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପୋଡ଼ାଗଲା ୧୫ଶହ ଗଞ୍ଜେଇ ଗଛ



ଛେଣ୍ଡିପଦା, ୩୦।୧୧ (ଡି.ଏନ.ଏ./ସ୍ୱ.ପ୍ର.)- ଛେଣ୍ଡିପଦା ଥାନା କଙ୍କୁରପାଳ ଓ ବଡବେରେଣା ପାଣି ଓହଳା ନାଳର ଉଭୟ ପାର୍ଶ୍ୱରେ ବେଆଇନ ଭାବେ କରାଯାଇଥିବା ଗଞ୍ଜେଇ ଚାଷକୁ ଶନିବାର ଅନୁଗୋଳ ଅବକାରୀ ବିଭାଗ ଓ ଛେଣ୍ଡିପଦା ଜଙ୍ଗଲ ବିଭାଗ ପକ୍ଷରୁ ନଷ୍ଟ କରାଯାଇଛି। କେତେଜଣ ଚାଷୀ ପନିପରିବା ବଗିଚାରେ ଗଞ୍ଜେଇ ଚାଷ କରିଥିବା ସୂଚନା ପାଇ ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ କ୍ରିଷ୍ଣା ନାୟକଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଏଥିରେ ମୋଟ ୧୫ ଶହ ପରିପକ୍ୱ ଗଞ୍ଜେଇ ଗଛ କଟାଯାଇ ପୋଡା ଯାଇଥିଲା। ଅବକାରୀ ବିଭାଗ ନିରୀକ୍ଷକ କରୁଣା ଶଙ୍କର ତିୱାରୀ, ଦିଲୀପ ବେହେରା, ଉପ ନିରୀକ୍ଷକ ଅରବିନ୍ଦ ରାଉତରାୟ, ଛେଣ୍ଡିପଦା ଫରେଷ୍ଟ ରେଞ୍ଜ ଅଫିସର ମନମୋହନ ସ୍ୱାଇଁଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ। ସମ୍ପୃକ୍ତ ଚାଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ଚୋରା ବାଲି, ପଥର ଚାଲାଣ: ଟ୍ରାକ୍ଟର, ହାଇୱା ଜବତ





ଛେଣ୍ଡିପଦା, ୩୦।୧୧(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲ ଅଞ୍ଚଳରୁ ଶନିବାର ଚୋରା ବାଲି ବୋଝେଇ ଟ୍ରାକ୍ଟର ଓ ଏକ ପଥର ବୋଝେଇ ହାଇୱା ଜବତ କରାଯାଇଛି। ବେଆଇନ ଭାବେ ବାଲି, ପଥର, ମୋରମ ଚାଲାଣ ହେଉଥିବା ଖବରପାଇ ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା ମାମୁରିଆ ଗ୍ରାମ ନିକଟରେ ଚଢ଼ାଉ କରିଥିଲେ। ଜବତ ହୋଇଥିବା ହାଇୱାଟି ପଥର ବୋଝେଇ କରି ରେଙ୍ଗାଲି ଅଞ୍ଚଳରୁ ଛେଣ୍ଡିପଦା ଆସୁଥିଲା। ସେହିପରି ନୂଆପଡା ଟିକିରାରୁ ଯାଉଥିବା ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଥିଲା। ଗାଡି ଦୁଇଟିକୁ ତହସିଲଦାର ଛେଣ୍ଡିପଦା ପୋଲିସ ଜିମା ଦେଇଛନ୍ତି। ଛେଣ୍ଡିପଦା ତହସିଲ ଅଞ୍ଚଳରେ ଥିବା ବେଆଇନ ବାଲି ଘାଟ ଓ ପଥର ଖଣି ଉପରେ ଚଢ଼ାଉ ଜୋରଦାର କରାଯିବ ବୋଲି ତହସିଲଦାର କହିଛନ୍ତି।

### ଆଇନ ଦିବସ ଅବସରରେ ନାଟକ ମଞ୍ଚସ୍ଥ



ତାଳଚେର,୩୦।୧୧(ନି.ପ୍ର.)- ଆଇନ ଦିବସ ଅବସରରେ ତାଳଚେର ଓକିଲ ସଂଘ ତରଫରୁ ସିଭିଲ୍ କୋର୍ଟ ପରିସରରେ ନାଟକ 'ସବୁବେଳେ ସଞ୍ଜ ଏଠି, ଆସେନା ସକାଳ' ମଞ୍ଚସ୍ଥ ହୋଇଯାଇଛି। ପ୍ରାରମ୍ଭରେ ସଂଘ ସଭାପତି ରଞ୍ଜିତ କୁମାର ଘୋଷ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମଣିଷ ଜୀବନରେ କେମିତି ସବୁବେଳେ ଅନ୍ଧାର ଆସିଥାଏ ଓ ପ୍ରତିଟି ମୁହୂର୍ତ୍ତରେ ସେ କିଭଳି ସକାଳକୁ ଖୋଜିବୁଲୁଥାଏ ତାହାର ଏକ ନିଦର୍ଶନ ଏହି ନାଟକରେ ଦେଖିବାକୁ ମିଳିଥିଲା। ସ୍ୱର୍ଗତ ବସନ୍ତ କର ନାଟକର ରଚନା କରିଥିବାବେଳେ ପ୍ରଶାନ୍ତ କୁମାର ମହାରଣା ଓ ହେମନ୍ତ କୁମାର ଦାସ ନିର୍ଦ୍ଦେଶନା ଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ଗଣେଶ୍ୱର ରାଏ, ଦୀପ୍ତିରଞ୍ଜନ ଦାସ, ନବଦୀପ ମହାଲିକ, ମୁକୁନ୍ଦ ଶତପଥୀ ପ୍ରମୁଖ ନିର୍ଦ୍ଦେଶକମାନେ ମାର୍ଗଦର୍ଶନ କରିଥିଲେ। ନିମାଇଁ ଚରଣ ମହାନ୍ତି ସହ ନିର୍ଦ୍ଦେଶକ ଥିବାବେଳେ ଅଖିଳ କୁମାର ସାମଲ ନାଟ୍ୟ ପରିଚାଳନା ଓ ରଞ୍ଜନ କୁମାର ରାଉତ ମଞ୍ଚ ପରିଚାଳନା କରିଥିଲେ। ସଂଘ ଉପସଭାପତି ସର୍ବେଶ୍ୱର ନାଏକ, ସାଧାରଣ ସମ୍ପାଦକ ତନୋଜ କୁମାର ପ୍ରଧାନ, ସହ ସମ୍ପାଦକ ଦୁଃଶାସନ ସାମଲ, କୋଷାଧ୍ୟକ୍ଷ ପ୍ରତାପ ସାହୁ, ସାଂସ୍କୃତିକ ସମ୍ପାଦକ କରୁଣାକର ନାୟକ, ସେମିନାର ସମ୍ପାଦକ ଜ୍ଞାନେଶ୍ୱର ସାହୁ, ଅଡିଟର ରାଜେନ୍ଦ୍ର ସିଂ ଡିଙ୍ଗ୍ରା ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ■ନାସା ଚିଠିକୁ ନେଇ ହଟୁନି ସନ୍ଦେହ

# ଆଜି ରିପୋର୍ଟ ଦେବ ସାଇବର ସେଲ୍

**ଅନୁଗୋଳ ଅଫିସ, ୩୦।୧୧**

■ଏବେ ବି ଆଶା ଛାଡ଼ିନାହାନ୍ତି କୁନି ବୈଜ୍ଞାନିକ ଶୁଭ୍ରାଂଶୁ
■ସ୍ଥିତି ସ୍ପଷ୍ଟ କରୁନି ବହିର୍ବ୍ୟାପାର ମନ୍ତ୍ରଣାଳୟ
■ଗତ ୧୩ ତାରିଖରୁ ଫେକ୍ କି ନୁହେଁ ଚାଲିଛି ତଦନ୍ତ

ଅନୁଗୋଳ ହୁଲୁରିସିଂହାର ଲକ୍ଷ୍ମଣ ନାୟକଙ୍କ ପୁଅ ଶୁଭ୍ରାଂଶୁଙ୍କ ମାଭିକ୍ ଡ୍ରୋନକୁ ଉଚ୍ଚ ପ୍ରଶଂସା କରି ଆମେରିକା ଯିବାକୁ ଇମେଲ୍‌ରେ ଆସିଥିବା ଚିଠି ପ୍ରକୃତରେ ଆମେରିକାର ମହାକାଶ ଗବେଷଣା ସଂସ୍ଥା (ନାସା) ପଠାଇଛି କିମ୍ବା ଏହା ଫେକ୍ ତାହା ଉପରୁ ଏଯାଏ ସନ୍ଦେହ ହଟିପାରି ନାହିଁ। ଗତ ୧୩ ତାରିଖରୁ ଉକ୍ତ ଚିଠିକୁ ନେଇ ସାଇବର ସେଲ୍ ତଦନ୍ତ କରୁଥିବାବେଳେ ବହିର୍ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଯୋଗାଯୋଗରେ ରହିଛି। କିନ୍ତୁ ଚିଠିର ପ୍ରକୃତ ସ୍ଥିତି କ'ଣ ସେ ନେଇ କୌଣସି ନିର୍ଯାସରେ କେହି ପହଞ୍ଚିପାରି ନାହାନ୍ତି। ଫଳରେ କୁନି ବୈଜ୍ଞାନିକଙ୍କ ଆଶା ଧୀରେ ଧୀରେ ମଉଳିଯାଉଥିବାବେଳେ ଏହାକୁ ନେଇ ପରିବାର ଲୋକେ ମଧ୍ୟ ଚିନ୍ତିତ ହୋଇପଡ଼ିଛନ୍ତି। ତେବେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା କହିଛନ୍ତି, ସାଇବର ସେଲ୍‌ର ତଦନ୍ତ ଜାରି ରହିଛି। ରବିବାର ଏ ନେଇ ରିପୋର୍ଟ ଆସିବା ପରେ ଚିଠି ସମ୍ପର୍କରେ ଯାହା କିଛି କୁହାଯାଇପାରିବ।

ପ୍ରକାଶ ଯେ, ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୯ମ ଶ୍ରେଣୀ ଛାତ୍ର ଶୁଭ୍ରାଂଶୁ ନାୟକ ପ୍ରସ୍ତୁତ କରିଥିବା ରୋବୋଟିକ୍ 'ମାଭିକ୍' ଡ୍ରୋନ୍ ସମ୍ପର୍କରେ ନାସା ୱେବ୍‌ସାଇଟ୍‌ରେ ପୋଷ୍ଟ କରିଥିଲେ। ଏହାପରେ ଗତ ମେ ୧୦ ତାରିଖରେ ଇ-ମେଲ୍ ମାଧ୍ୟମରେ ଏକ ଚିଠି ଗାନ୍ଧୀମାର୍ଗସ୍ଥିତ ଶିଶୁ ବିଦ୍ୟା ମନ୍ଦିରକୁ ଆସିଥିଲା। ସେଥିରେ ଶୁଭ୍ରାଂଶୁଙ୍କ ରୋବୋଟିକ୍ ପ୍ରକଳ୍ପ ନାସାକୁ ପସନ୍ଦ ଆସିଛି ଓ ତାହା ବିଶ୍ୱରେ ଦ୍ୱିତୀୟ ସ୍ଥାନ ପାଇଥିବାରୁ ନାସା ସ୍ପେଶ୍ ସେଟେଲମେଣ୍ଟ ପ୍ରତିଯୋଗିତାରେ ଭାଗନେବାକୁ ତାଙ୍କୁ ନାସା ଆମେରିକା ଡକାଇଥିବା ଉଲ୍ଲେଖ ରହିଥିଲା। ଏହାକୁ ନେଇ ଶୁଭ୍ରାଂଶୁଙ୍କ ସହ ତାଙ୍କ ପରିବାର ଓ ସ୍କୁଲ କର୍ତ୍ତୃପକ୍ଷ ଖୁସି ହେବା ସହିତ ଆମେରିକା ଯିବାକୁ ପ୍ରସ୍ତୁତି ଆରମ୍ଭ କରିଥିଲେ। କେହି ବି ସେତେବେଳେ ଚିଠିର ପ୍ରକୃତ ସ୍ଥିତିକୁ ନେଇ ସନ୍ଦେହବ୍ୟକ୍ତ କରି ନ ଥିଲେ। ଏପରି କି ନାସା ଯିବାକୁ ପ୍ରସ୍ତୁତ ଶୁଭ୍ରାଂଶୁ ଓ ବିଜ୍ଞାନ ଶିକ୍ଷକ ସୌମେନ୍ଦ୍ର ଡାଙ୍ଗ ପାସ୍‌ପୋର୍ଟ ନିମନ୍ତେ ଆବେଦନ କରିଥିଲେ। ତେବେ ଭିଜା ଆବେଦନ ପୂର୍ବରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଚିଠିକୁ ନେଇ ସନ୍ଦେହବ୍ୟକ୍ତ କରିଥିଲେ। ନଭେମ୍ବର ୧୩ରେ କର୍ତ୍ତୃପକ୍ଷ ଏସ୍‌ପିଙ୍କୁ ଭେଟି ସାଇବର ସେଲ୍‌ର ସହଯୋଗ ଲୋଡ଼ିଥିଲେ। ଉକ୍ତ ଚିଠିକୁ ଫେକ୍ ବୋଲି ସାଇବର ସେଲ୍ କହିବା ସହ ଆମେରିକାରୁ କୌଣସି ଚିଠି ଭାରତୀୟ ଆଇଡି ଜି-ମେଲ୍‌ରୁ ଆସି ନ ଥାଏ ବୋଲି ଜଣାଇଥିଲେ। ତେବେ ଅଧିକ ତଦନ୍ତ କରିବାକୁ ଚିଠିକୁ ସାଇବର ସେଲ୍‌ର ହେଡ୍‌କ୍ୱାର୍ଟର୍ସକୁ ପଠାଇଥିଲେ। ସେହିପରି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଏଯାଏ କୌଣସି ସ୍ପଷ୍ଟୋକ୍ତି ଆସି ନ ଥିବାରୁ କୁନି ବୈଜ୍ଞାନିକ ସହ ପରିବାର ଲୋକ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏ ସମ୍ପର୍କରେ ଶୁଭ୍ରାଂଶୁ କହିଛନ୍ତି, ଚିଠି ଫେକ୍ ବୋଲି ଏଯାଏ ତାଙ୍କ ନିକଟକୁ ସାଇବର ସେଲ୍ କି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଲିଖିତ ଭାବେ କିଛି ଆସିନାହିଁ। ଦିଲ୍ଲୀ ଗଲାପରେ ଏସବୁ ଜଣାପଡ଼ିଥିଲା। ବହିର୍ବ୍ୟାପାର ମନ୍ତ୍ରଣାଳୟ ତଦନ୍ତ କରୁଥିଲେ ବି କୌଣସି ଉତ୍ତର ଆସିନାହିଁ। ଶୁଭ୍ରାଂଶୁଙ୍କ ବାପା ଲକ୍ଷ୍ମଣ କହିଛନ୍ତି, ଯଦି ଚିଠି ଫେକ୍ ହୋଇଥିବ ତା'ହେଲେ ନିଶ୍ଚିତ ମନରେ କଷ୍ଟ ହେବ। କିନ୍ତୁ ପୁଅର ପରିଶ୍ରମ କେବେ ବୃଥା ଯିବନାହିଁ। ବିଜ୍ଞାନ ଶିକ୍ଷକ ସୌମେନ୍ଦ୍ର ଡାଙ୍ଗ କହିଛନ୍ତି, ବର୍ତ୍ତମାନ କୁନି ବୈଜ୍ଞାନିକଙ୍କୁ ମାନସିକ ଚାପରୁ ମୁକ୍ତ କରାଯିବା ଆବଶ୍ୟକ। ତାଙ୍କୁ ପରିଶ୍ରମର ଫଳ ନିଶ୍ଚିତ ମିଳିବ। ସେହିପରି ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ କହିଛନ୍ତି, ନଭେମ୍ବର ୧୩ରେ ଚିଠି ଫେକ୍ ବୋଲି ଜଣାପଡ଼ିଥିଲା। କିନ୍ତୁ ତଦନ୍ତ ଚାଲୁଥିବାରୁ କିଛି କହିବାକୁ ପୋଲିସ ମନା କରିଥିଲା। ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ।

# ଝିଅ ହତ୍ୟାକାରୀ ମା'ଙ୍କୁ ଆଜୀବନ ଜେଲ

**ଅନୁଗୋଳ ଅଫିସ, ୩୦।୧୧**

**ଅଭିଯୁକ୍ତ ପ୍ରେମିକ ନିର୍ଦ୍ଦୋଷରେ ଖଲାସ**

ଅନୁଗୋଳ ଜିଲା ନାଲ୍‌କୋ ଥାନା ବାଙ୍କିହଟିଂ ଅଞ୍ଚଳରେ ସାଢେ ୪ ବର୍ଷ ତଳେ ଜଣେ ନାବାଳିକା ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ଅନୁଗୋଳ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଭାକର ଗଣ୍ଡିଆ ଏହି ମାମଲାର ଶୁଣାଣି କରି ମୃତା ନାବାଳିକାଙ୍କ ମା' ଦମୟନ୍ତୀ ସୋରେନ୍(୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅନ୍ୟପକ୍ଷରେ ମାମଲାର ଅନ୍ୟତମ ଅଭିଯୁକ୍ତ ଭାଗବତ ମୁର୍ମୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ବାଙ୍କିହଟିଂରେ ରହୁଥିବା ଭାଗବତ ଓ ଦମୟନ୍ତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଏହା ଜାଣିବା ପରେ ଦମୟନ୍ତୀଙ୍କ ସ୍ୱାମୀ ତାଙ୍କୁ ଛାଡି ମୟୂରଭଞ୍ଜ ପଳାଇଥିଲେ। ଦମୟନ୍ତୀ ତାଙ୍କ ୮ ବର୍ଷର ଝିଅକୁ ଧରି ବାଙ୍କିହଟିଂରେ ରହୁଥିଲେ। ତାଙ୍କ ରାସ୍ତାରେ ବାଧା ସାଜୁଥିବା ଭାବି ଦମୟନ୍ତୀ ଝିଅକୁ ହତ୍ୟା କରିବାକୁ ଯୋଜନା କରିଥିଲେ। ୨୦୧୫ ମାର୍ଚ୍ଚ ୧୦ ତାରିଖ ରାତିରେ ଦମୟନ୍ତୀ ଝିଅଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ପରଦିନ ସକାଳେ ଘରୁ ଝିଅର ମୃତଦେହ ଉଦ୍ଧାର କରାଯାଇଥିଲା। ଏ ସମ୍ପର୍କରେ ହଟିଂର ମୁଖିଆ ବାଢ଼ା ମୁର୍ମୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଦମୟନ୍ତୀ ଓ ଭାଗବତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୨୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅତିରିକ୍ତ ଜିଲା ଓ ଦୌରାଜଜ୍ ଦମୟନ୍ତୀଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡ ଶୁଣାଇବା ସହ ୧୦ ହଜାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ସ୍ଥଳେ ଅତିରିକ୍ତ ୬ ମାସ ଜେଲ ଦଣ୍ଡାଦେଶ ହୋଇଛି। ଅନ୍ୟପକ୍ଷରେ ପ୍ରମାଣ ଅଭାବରୁ ଭାଗବତଙ୍କୁ କୋର୍ଟ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ସରୋଜ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ଗ୍ରହଣ ଖଣ୍ଡିଆ ଚିହ୍ନଟ ଶିବିର

**ଅନୁଗୋଳ ଅଫିସ, ୩୦।୧୧**

ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମାଗଣା ଗ୍ରହଣ ଖଣ୍ଡିଆ ଓ ତାଲୁକା କଣା ଚିହ୍ନଟୀକରଣ ଶିବିର ମୁଖ୍ୟ ଚିକିତ୍ସାଳୟ ଏନ୍‌ଏଚଏମ୍ ଶିବିର କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏକ ଘରୋଇ ହସ୍ପିଟାଲର ସହାୟତାରେ ଏହି ଶିବିର ଆୟୋଜନ ହୋଇଥିଲା। ମୋବାଇଲ ହେଲଥ୍ ଟିମ୍ ଦ୍ୱାରା ୪୯ (୩୧ଟି ଗ୍ରହଣ ଖଣ୍ଡିଆ, ତାଲୁକା କଣା ଓ ୧୮ଟି ଟଙ୍ଗଟାଏ) ପିଲା ଶିବିରକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୧୫ ଗ୍ରହଣ ଖଣ୍ଡିଆ, ତାଲୁକା କଣା ଓ ୯ ଜଣ ଟଙ୍ଗଟାଏ ଚିହ୍ନିତ ପିଲାଙ୍କୁ ସମ୍ପୃକ୍ତ ହସ୍ପିଟାଲକୁ ସ୍ମାଇଲ ଟ୍ରେନ ସହଯୋଗରେ ଅପରେଶନ ପାଇଁ ପଠାଯାଇଛି। କାର୍ଯ୍ୟକ୍ରମରେ ଅନୁଗୋଳ ସିଡିଏମ୍‌ଓ ଡା. ଅମରେନ୍ଦ୍ରନାଥ ମହାନ୍ତି, ଡା. ତ୍ରିଲୋଚନ ପ୍ରଧାନ, ଏଡିପିଚ୍‌ଓ (ଏଫ୍‌ଡବ୍ଲ୍ୟୁ) ଯଶଶ୍ରୀ ଜେନା, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମ୍ୟାନେଜର ଓ ମୋବାଇଲ ହେଲ୍‌ଥ ଟିମ୍ ସହ ଡିଆଇସିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।




# ହଣ୍ଡପା ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ

**ବଇଣ୍ଡା,୩୦।୧୧(ଡି.ଏନ୍.ଏ.)**

୫୫ନଂ. ଜାତୀୟ ରାଜପଥ ହଣ୍ଡପା ଥାନା ସମ୍ମୁଖରେ ଶନିବାର ହଣ୍ଡପା ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡ଼ିଗୁଡ଼ିକୁ ଅଟକାଇ ଡ୍ରାଇଭିଂ ଲାଇସେନ୍ସ, ହେଲମେଟ ସହ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ ୩ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ହଣ୍ଡପା ଥାନା ସେକେଣ୍ଡ ଅଫିସର ଏହି ଗାଡ଼ିମୋଟର ଯାଞ୍ଚ କରିଥିଲେ।


Annexure-I

**GRAMIN KRISHI MAUSAM SEWA**
**ODISHA UNIVERSITY OF AGRICULTURE AND TECHNOLOGY**
**BHUBANESWAR -751 003**

**Walk-in-Written Test**

**No. 1608** **Date.30.11.2019**

A walk-in written test will be conducted on 27th December 2019 at 11 AM followed by walk-in-interview for the contractual engagement of four number of Meteorological Observers to be posted at Semiliguda, Malkangiri, Bhawanipatna & Ranital AMFUs in the Gramin Krishi Mausam Seva project implemented under IMD, New Delhi. The top 20 candidates will be eligible to appear the interview to be conducted on 8th January 2020.

| Sl# | Particulars | Eligibility | Emoluments (Rs.) |
|---|---|---|---|
| 01 | Meteorological Observers, GKMS (100% GOI) | **Essential Qualification:** A. 12th class pass in any discipline with basic knowledge of computer application. **Desirable:** 2-5 Year Experience in Meteorological data handling/processing. | Scale 5,200/- + GP 2,000/- plus DA and HRA |

The details about written test, interview and general instructions to the candidates can be downloaded from OUAT website (www.ouat.nic.in). The posts are contractual, Co-terminus with the project or before the termination of the project as the case may arise. No TA/DA shall be provided for attending the written test.

**Tel: +91 674 2397186/2397046**

**Agrometeorologist& PNO**


# କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ

**ବନ୍ତଲା, ୩୦।୧୧(ଡି.ଏନ.ଏ.)**



ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଅଧୀନ ଜିଲିଣ୍ଡା ରେଞ୍ଜ ଅଞ୍ଚଳରେ ଅଭୟାରଣ୍ୟ ପାଇଁ ଜୀବିକା ହରାଇଥିବା ମତ୍ସ୍ୟଜୀବୀମାନଙ୍କୁ ଶୁକ୍ରବାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ବାଲିପୁଟ ଗ୍ରାମର ଜଣ ପ୍ରତି ୫,୨୬୩ ଟଙ୍କା ଲେଖାଏଁ ୫୦ ପରିବାରଙ୍କୁ ଏହି ରାଶି ଦିଆଯାଇଛି। ଏ ନେଇ ଜିଲିଣ୍ଡାର ବାଲିପୁଟଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସାତକୋଶିଆ ଡିଏଫ୍‌ଓ ରାମାସ୍ୱାମୀ ପି, ସମ୍ମାନିତ ଅତିଥି ଭାବେ ଏସିଏଫ ଶୁଭେନ୍ଦୁ ବେହେରା, ଜିଲିଣ୍ଡା ରେଞ୍ଜର ହରିଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଫରେଷ୍ଟର ବିରଞ୍ଚି ନାରାୟଣ ଆପଟ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବରୁ ସାତକୋଶିଆ ମହାନଦୀ ଗଣ୍ଡରେ ମାଛ ମାରି ଗୁଜୁରାଣ ମେଣ୍ଟାଉ ଥିବା ସମ୍ପୃକ୍ତ ମତ୍ସ୍ୟଜୀବୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏଥିରେ ସମସ୍ତ ବନ କର୍ମଚାରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଏନ୍‌ଟିପିସିରେ ସିସିଟିଭି ନିରୀକ୍ଷଣ ଶୁଭାରମ୍ଭ

**ତାଳଚେର,୩୦।୧୧(ନି.ପ୍ର.)**

କଣିହାଁ ସ୍ଥିତ ଏନ୍‌ଟିପିସି ସିଆଇଏସ୍‌ଏଫ୍ କଣ୍ଟ୍ରୋଲ ରୁମ୍ ଠାରେ ଶୁକ୍ରବାର ସିସିଟିଭି ନିରୀକ୍ଷଣ ପ୍ରଣାଳୀର ଶୁଭାରମ୍ଭ କରାଯାଇଛି। ସିଜିଏମ୍ ସୁଦୀପ ନାଗ ଏହାର ଉଦ୍‌ଘାଟନ କରିଥିଲେ। ଏହି ବିଦ୍ୟୁତ୍ ଶକ୍ତି କେନ୍ଦ୍ରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଉପରେ ୨୪ଘଣ୍ଟା ତୀକ୍ଷ୍ଣ ନଜର ରଖିବାକୁ ୫୧ଟି ସ୍ଥାନରେ କ୍ୟାମେରା ଲଗାଯାଇଛି। ଏଥିପାଇଁ ୨୧ କିମି ଅପ୍ଟିକାଲ ଫାଇବର ମାଟିତଳେ ବିଛାଯାଇଛି। ଏନ୍‌ଟିପିସି ତାଳଚେର କଣିହାଁର ଆଇଟି ବିଭାଗ ଦ୍ୱାରା ତଥା ଏଜିଏମ(ଆଇଟି) ପି.କେ. ଦାସଙ୍କ ତତ୍ତ୍ୱାବଧାନରେ ଏହି ସିସିଟିଭି ତନଖି ପ୍ରଣାଳୀ ସ୍ଥାପନ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରକଳ୍ପର ସିଜିଏମ୍ ଆଇଟି ବିଭାଗ ଏବଂ ଏହାର ବିଭାଗୀୟ ମୁଖ୍ୟ, ପଦାଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଏହାଦ୍ୱାରା ପ୍ଲାଣ୍ଟର ସୁରକ୍ଷା ଅଧିକ ମଜଭୁତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପର ଜିଏମ୍ (ଓଆଣ୍ଡଏମ୍) ଏନ୍.ଏସ୍. ରାଓ, ବିଭାଗୀୟ ମୁଖ୍ୟ, ବରିଷ୍ଠ ପଦାଧିକାରୀ, କର୍ମଚାରୀଗଣ ଉପସ୍ଥିତ ଥିଲେ।




ଏନ୍‌ଟିପିସିରେ ସିସିଟିଭି ନିରୀକ୍ଷଣ ପ୍ରଣାଳୀ ଉଦ୍‌ଘାଟନ କରାଯାଇଛି।




## ସଂକ୍ଷେପରେ

### ଚେନ୍ନାଇ-ହଳଦିଆ ଏକ୍ସପ୍ରେସରେ ୫ ନୂଆ ସ୍ଲିପର କୋଚ୍

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ):** ପୂର୍ବତଟ ରେଳପଥର ଯାଜପୁର କେନ୍ଦୁଝର ରୋଡ଼, କଟକ, ଭୁବନେଶ୍ୱର, ଖୋର୍ଦ୍ଧାରୋଡ଼, ବ୍ରହ୍ମପୁର ଓ ବିଜୟନଗରମ ଦେଇ ଚଳାଚଳ କରୁଥିବା ଚେନ୍ନାଇ-ହଳଦିଆ-ଚେନ୍ନାଇ (୨୨୬୧୩-୨୨୬୧୪) ଏକ୍ସପ୍ରେସ୍‌ରେ ଅତିରିକ୍ତ ୫ଟି ଶୟନଯାନ ବଗି (ସ୍ଲିପର କୋଚ୍) ସଂଯୋଗ କରାଯାଇଛି। ଫଳରେ ଏଥିରେ ସ୍ଲିପର କୋଚ୍ ସଂଖ୍ୟା ୬ରୁ ୧୧କୁ ବୃଦ୍ଧି ପାଇଛି। ଅତିରିକ୍ତ ବଗି ସହ ଏହି ଏକ୍ସପ୍ରେସ ଚେନ୍ନାଇରୁ ୧୨ ଡିସେମ୍ବରରୁ ଓ ହଳଦିଆରୁ ୧୪ ଡିସେମ୍ବରରୁ ଚଳାଚଳ କରିବ। ସେହିପରି ପୁରୀ-ବିକାନେର-ପୁରୀ(୧୪୭୦୯-୧୪୭୧୦) ଏକ୍ସପ୍ରେସରେ ଆଇସିଏଫ୍ (ଇଣ୍ଟିଗ୍ରେଟେଡ କୋଚ୍ ଫ୍ୟାକ୍ଟ୍ରି) କୋଚ୍ ବଦଳରେ ଏଲଏଚ୍‌ବି (ଲିଙ୍କେ ହଫ୍‌ମାନ ବସ୍କ) କୋଚ୍ ଲାଗିବ। ଆଇସିଏଫ୍ କୋଚ୍ ହେଉଛି ପୁରାତନ ଶୈଳୀର କୋଚ୍। ଏଲ୍‌ଏଚ୍‌ବି ହେଉଛି ନୂତନ ଜର୍ମାନ କୌଶଳରେ ପ୍ରସ୍ତୁତ କୋଚ୍, ଯାହା ବେଶ୍ ସୁରକ୍ଷିତ ଓ ଆରାମଦାୟକ। ନୂତନ ବ୍ୟବସ୍ଥା ସହ ଏହି ଟ୍ରେନ୍ ବିକାନେରରୁ ୧୫ ଡିସେମ୍ବରରୁ ଓ ପୁରୀରୁ ୧୮ ଡିସେମ୍ବରରୁ ଚଳାଚଳ କରିବ।

### ୨ ସ୍ପେଶାଲ ଟ୍ରେନର ଚଳାଚଳ ଅବଧି ବଢ଼ିଲା

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ):** ହଟିଆ-ବେଙ୍ଗାଲୁରୁ କ୍ୟାଣ୍ଟ(୮୦୬୩୫-୮୦୬୩୬) ସୁବିଧା ସ୍ପେଶାଲ ଏକ୍ସପ୍ରେସ୍ ଓ ସାନ୍ତ୍ରାଗାଛି-କୋଏମ୍ବାଟୁର (୮୦୮୨୩-୮୦୮୨୪) ସ୍ପେଶାଲ ଏକ୍ସପ୍ରେସ୍‌ର ଚଳାଚଳ ଡିସେମ୍ବର ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ହଟିଆ-ବେଙ୍ଗାଲୁରୁ କ୍ୟାଣ୍ଟ ସୁବିଧା ସ୍ପେଶାଲ ଟ୍ରେନ ଝାରସୁଗୁଡ଼ା, ରାଉରକେଲା, ସମ୍ବଲପୁର, ଟିଟିଲାଗଡ଼, ରାୟଗଡ଼ା, ବିଜୟନଗରମ ଦେଇ ଚଳାଚଳ କରୁଛି। ସେହିପରି ସାନ୍ତ୍ରାଗାଛି-କୋଏମ୍ବାଟୁର ସ୍ପେଶାଲ ଟ୍ରେନ ବାଲେଶ୍ୱର, ଭଦ୍ରକ, ଭୁବନେଶ୍ୱର, ଖୋର୍ଦ୍ଧାରୋଡ଼, ବ୍ରହ୍ମପୁର ଦେଇ ଚଳାଚଳ କରୁଛି। ସୂଚନାଯୋଗ୍ୟ, ହଟିଆ-ବେଙ୍ଗାଲୁରୁ କ୍ୟାଣ୍ଟ ସ୍ପେଶାଲ ଶୁକ୍ରବାର ହଟିଆରୁ ଓ ରବିବାର ବେଙ୍ଗାଲୁରୁରୁ ଚଳାଚଳ କରୁଛି। ସେହିପରି ସାନ୍ତ୍ରାଗାଛି-କୋଏମ୍ବାଟୁର ସ୍ପେଶାଲ ବୁଧବାର ସନ୍ତ୍ରାଗଛିରୁ ଓ ଶୁକ୍ରବାର କୋଏମ୍ବାଟୁରରୁ ଚଳାଚଳ କରୁଛି।

## ■ ଗ୍ରାହକଙ୍କୁ ଠକୁଛନ୍ତି ସୁନା ଦୋକାନୀ

# ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

■ ଲୋକେ ଯେମିତି ଠକାମିରେ ନ ପଡିବେ ସେ ନେଇ ପଦକ୍ଷେପ ନିଆଯାଉଛି: ଖାଉଟି କଲ୍ୟାଣ ମନ୍ତ୍ରୀ

■ ସବୁ ସୁନାରେ ବିଆଇଏସ୍ କିମ୍ବା ହଲ୍‌ମାର୍କ ରହିବା ବାଧ୍ୟତାମୂଳକ

ସୁନା କିଣିବା ବେଳେ ଏହା ବିଆଇଏସ୍ କିମ୍ବା ହଲମାର୍କ କି ନୁହେଁ ତାହା ଉପରେ ଗ୍ରାହକଙ୍କର ନଜର ନ ଥାଏ। ପସନ୍ଦ ହୋଇଥିବା ସୁନା କେତେ ଶୁଦ୍ଧ ତାହା ମଧ୍ୟ ଗ୍ରାହକ ଜାଣିବା କଷ୍ଟକର। ଏହାର ଫାଇଦା ଉଠାଇ ଗ୍ରାହକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଅସାଧୁ ସୁନା ଦୋକାନୀମାନେ ଠକୁଥିବା ଅଭିଯୋଗ ହେଉଛି। ଏଥିପାଇଁ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସୁନା ଦୋକାନ ଉପରେ ଗତ କିଛିଦିନ ହେବ ଜୋରଦାର ଚଢ଼ାଉ ଜାରି ରହିଛି। କେବଳ ଯେ ଛୋଟ ଦୋକାନୀ ଠକୁଛନ୍ତି ତାହା ନୁହେଁ, ବଡ ବଡ ନାମକରା ଦୋକାନୀ ମଧ୍ୟ ଗ୍ରାହକଙ୍କୁ ନିମ୍ନମାନର ସୁନା ବିକ୍ରି କରି ଶୋଷଣ କରୁଛନ୍ତି। ସୁନା ଦୋକାନୀ ୧୪ କ୍ୟାରେଟ ଦେଇ ୨୨ କ୍ୟାରେଟର ପଇସା ନେଉଛନ୍ତି। ଗୋଟିଏ କି ଦୁଇଟି ଦୋକାନୀ ନୁହେଁ ରାଜ୍ୟବ୍ୟାପୀ ଏଭଳି ଠକେଇ ଚାଲିଛି। ଓଜନରେ ଠକୁଛନ୍ତି। ଅପମିଶ୍ରଣ କରୁଛନ୍ତି। ଲୋକେ ଯେମିତି ଠକେଇରେ ନ ପଡିବେ ସେ ନେଇ ତତ୍ପରତା ପ୍ରକାଶ ପାଇଛି। ସେଥିପାଇଁ ରାଜ୍ୟବ୍ୟାପୀ ଚଢାଉ ଆରମ୍ଭ ହୋଇଛି। ୧୦ ଦିନରେ ୪୦ଟି ଦୋକାନ ଉପରେ ଚଢାଉ କରାଯାଇଛି। ଆଗକୁ ଏପରି ଚଢାଉ ଜାରି ରହିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ସୁନାର ଅପମିଶ୍ରଣ ଏବଂ ଠକେଇକୁ ରୋକିବା ଲାଗି ସମସ୍ତ ସୁନା ଦୋକାନୀ ବିଆଇଏସ ଏବଂ ହଲମାର୍କ ଲେଖିବାକୁ ବାଧ୍ୟ ହେବେ। ଏ ନେଇ କେନ୍ଦ୍ର ସରକାର ଆସନ୍ତା ଜାନୁୟାରୀ ୨୦ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିବେ। ଏଠାରେ ସୂଚନାଯୋଗ୍ୟ ଯେ ଗତ ଶୀତ ଅଧିବେଶନରେ ସୁନା ଓଜନ ଠକେଇକୁ ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ମନ୍ତ୍ରୀ ରାଜ୍ୟର କେଉଁ ଦୋକାନ ଉପରେ ଚଢାଉ କରାଯାଇଛି ସେ ନେଇ ତଥ୍ୟ ଦେଇଥିଲେ। ହେଲେ ଭୁବନେଶ୍ୱର କିମ୍ବା ବ୍ରହ୍ମପୁର ସହରର କୌଣସି ସୁନା ଦୋକାନୀଙ୍କ ନାମ ନ ଥିଲା। ଏହାକୁ ନେଇ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବିଭାଗୀୟ ଅଧିକାରୀଙ୍କୁ କାରଣଦର୍ଶାଅ ନୋଟିସ କରିବାକୁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ମାପ ଏବଂ ଓଜନ ଯାଞ୍ଚ କରିବା ଦାୟିତ୍ୱରେ ଥିବା ଅଧିକାରୀମାନେ ଗତ କିଛି ଦିନ ହେବ ଭୁବନେଶ୍ୱର ଓ ବ୍ରହ୍ମପୁର ସହରରେ ମଧ୍ୟ ବ୍ୟାପକ ଚଢାଉ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ଦେଉଥାଏ ପରକୁ**
**ବୁଦ୍ଧି ନ ଦିଶଇ ଘରକୁ।**

ଅନ୍ୟକୁ ଉପଦେଶ ଦେବାରେ ସମସ୍ତେ ଧୁରନ୍ଧର। କିନ୍ତୁ ସେଇ ପ୍ରକାର ଅସୁବିଧାରେ ପଡ଼ିଲେ କ'ଣ କରିବାକୁ ହେବ ନିଜେ ସ୍ଥିର କରିପାରନ୍ତି ନାହିଁ। କେତେକେ ଅନ୍ୟକୁ ଉପରେ ପଡ଼ି ଉପଦେଶ ଦେବାକୁ ଭୁଲି ନ ଥାନ୍ତି, ଯେଉଁଟାକୁ ସେ ନିଜ ଜୀବନରେ କେବେ ବି ପ୍ରୟୋଗ କରି ନ ଥାନ୍ତି। ଅନ୍ୟକୁ କହିବା ସହଜ, କିନ୍ତୁ ତାକୁ ନିଜ କ୍ଷେତ୍ରରେ କାର୍ଯ୍ୟକାରୀ କରେଇବା କଷ୍ଟକର। ପରକୁ ବୁଦ୍ଧି ଦେଉଥିବା ବ୍ୟକ୍ତି ନିଜ ବେଳକୁ ଥଳକୂଳ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୃଅ ନନ୍ଦ !**
**କିଏ ଜାଣିଥିଲା ଏତେ ଛନ୍ଦ।**

କାହାର କେଉଁ ଗୁଣ ଅଛି ତା' ସହ ମିଳାମିଶା ନ କଲେ ଜଣାପଡ଼େ ନାହିଁ। ଅନ୍ତରର ଭାବ ବୁଝିବା ନିହାତି କଷ୍ଟକର। ସବୁ ଭିତିରି କଥା, ଭିତିରି ଉଦ୍ଦେଶ୍ୟ ଓ ରହସ୍ୟ ଆଗରୁ ଜଣା ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ଚାଷୀଙ୍କ ସହ ଫୋନ୍ ଯୋଗେ କଥା ହେଲେ ମନ୍ତ୍ରୀ

■ ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟକୁ କଲେ ଅଚାନକ ଗସ୍ତ



ନିଗମ କାର୍ଯ୍ୟାଳୟରେ ଯୋଗାଣମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ ।

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ଚଳିତ ଆର୍ଥିକ ବର୍ଷ ପାଇଁ ଖରିଫ ଧାନ ସଂଗ୍ରହ ଚଳିତ ମାସରୁ ଆରମ୍ଭ ହୋଇଯାଇଛି। ଏହି ସଂଗ୍ରହ ପ୍ରକ୍ରିୟା ସମ୍ପର୍କରେ ତଦାରଖ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶନିବାର ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟକୁ ଅଚାନକ ଗସ୍ତ କରିଥିଲେ। ଏଥିସହିତ କାର୍ଯ୍ୟାଳୟରେ ବିଭିନ୍ନ ଜିଲାର ଚାଷୀମାନଙ୍କ ସହିତ ଫୋନ୍ ଯୋଗେ ସିଧାସଳଖ ବାର୍ତ୍ତାଳାପ କରିଛନ୍ତି। କଲ୍ ସେଣ୍ଟରରେ ଚାଷୀମାନଙ୍କ ପଞ୍ଜିକୃତ ମୋବାଇଲ ନମ୍ବରରେ କଲ୍ କରି ମନ୍ତ୍ରୀ ଧାନ ସଂଗ୍ରହ କେନ୍ଦ୍ରରେ ଚାଷୀମାନେ ଧାନ ବିକ୍ରି ନେଇ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଧାନ ବିକ୍ରି ଟଙ୍କା ଠିକ୍ ସମୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଉଛି କି ନାହିଁ ସେ ବିଷୟରେ ମଧ୍ୟ ଚାଷୀମାନଙ୍କୁ ପଚାରିଥିଲେ। ମନ୍ତ୍ରୀ ପ୍ରଥମେ ସମ୍ବଲପୁରର ଧନକଉଡ଼ା ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଗୁଣମନି ନାଗଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ। ଏହାପରେ ସମ୍ବଲପୁର ଜିଲାର କର୍ଣ୍ଣପାଲିର ଟିକେଶ୍ୱର ପାଣିଗ୍ରାହୀ, ବରଗଡ଼ର ଡି. ଆଦିଲକ୍ଷ୍ମୀ, ନୂଆପଡ଼ାର ଦୁର୍ଗାପ୍ରସାଦ ସିଂ, କଳାହାଣ୍ଡି ମହାଲିଙ୍ଗ ଗ୍ରାମର ରୁକ୍ମିଣି ସାହୁ, ମାଲକାନଗିରିର ବିକାଶ ମଣ୍ଡଳଙ୍କ ସମେତ ୨୦ଜଣ ଚାଷୀଙ୍କ ସହ ଫୋନ୍‌ଯୋଗେ କଥା ହୋଇଥିଲେ। ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ପି-ପାସ୍ ଓ ଆଗୁଆ ଟୋକନ ବ୍ୟବସ୍ଥା ନେଇ ଚାଷୀମାନେ ସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ଧାନ ସଂଗ୍ରହ କାର୍ଯ୍ୟ ଠିକ୍‌ଠାକ୍ ଚାଲିଛି ବୋଲି ମନ୍ତ୍ରୀ ସ୍ୱାଇଁ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଯୋଗାଯୋଗ ଏବଂ ଅଭିଯୋଗ ଗ୍ରହଣ ନିମନ୍ତେ ଏକୀକୃତ ଅଭିଯୋଗ ନମ୍ବର ୧୯୬୭ ଜାରି କରାଯାଇଛି । ଧାନ କ୍ରୟ ବିକ୍ରୟ ନେଇ ଅଭିଯୋଗ ଥିଲେ ଏହି ନିଃଶୁଳ୍କ ହେଲ୍ପଲାଇନ ନମ୍ବର ଯୋଗେ ଅଭିଯୋଗ କରିପାରିବେ। ଏଥିନିମନ୍ତେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କଲ୍ ସେଣ୍ଟର ଖୋଲାଯାଇଛି। ଏହି ସେଣ୍ଟରରେ ୨୦ ଏକ୍ଜିକ୍ୟୁଟିଭ୍ କାମ କରୁଥିବା ବେଳେ ଏହା ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲାରହୁଛି।

# ୨ରୁ ମିଶନ ଇନ୍ଦ୍ରଧନୁଷ୍

## ■ ଶତ ପ୍ରତିଶତ ଟିକାକରଣ ନିର୍ଦ୍ଦେଶ

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)




ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଓ ଶାଳିନୀ ପଣ୍ଡିତ ଟିକାକରଣ ସଂକ୍ରାନ୍ତରେ ସମୀକ୍ଷା କରୁଛନ୍ତି।

ଆସନ୍ତା ୨ ତାରିଖରୁ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ 'ମିଶନ ଇନ୍ଦ୍ରଧନୁଷ୍-୨'ର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବ। ୬ ଜିଲା ଯଥା ଗଜପତି, କନ୍ଧମାଳ, କୋରାପୁଟ, ମାଲକାନଗିରି, ଢେଙ୍କାନାଳ ଓ ରାୟଗଡ଼ାରେ ଟିକାକରଣ କରାଯିବ। ଏ ନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସମୀକ୍ଷା କରିଛନ୍ତି। ଏ ସମସ୍ତ ଜିଲାର ଜିଲାପାଳ, ସିଡିଏମ୍‌ଓ ଏବଂ ଅନ୍ୟ ପଦାଧିକାରୀଙ୍କ ସହିତ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିଛନ୍ତି। ଜିଲାର ସମସ୍ତ ଗ୍ରାମ, ପଡ଼ା ଓ ବସ୍ତିଗୁଡ଼ିକରେ ଥିବା ପିଲା ଏବଂ ଗର୍ଭବତୀ ମହିଳାଙ୍କ ସମେତ ପୂର୍ବଥର ଟିକାକରଣରୁ ବାଦ୍ ପଡ଼ିଥିବା ସମସ୍ତଙ୍କୁ ଏଥିରେ ସାମିଲ କରିବାକୁ କୁହାଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ଶତ ପ୍ରତିଶତ ଟିକାକରଣ କରିବାକୁ ସଚିବ ମେହେର୍ଦ୍ଦା ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ମୋଟ ୪ଟି ପର୍ଯ୍ୟାୟରେ ରାଜ୍ୟରେ ଟିକାକରଣ କରାଯାଇ ଅନ୍ୟ ସମସ୍ତ ଜିଲାକୁ ଅନ୍ତର୍ଭୁକ୍ତ କରାଯିବ। ମିଶନ ଇନ୍ଦ୍ରଧନୁଷ-୨ର ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ୨୦୨୦ ଜାନୁୟାରୀ ୬ରୁ ଆରମ୍ଭ ହେବ। ସେହିଭଳି ଫେବୃୟାରୀ ୩ରେ ତୃତୀୟ ଓ ମାର୍ଚ୍ଚ ୨ରେ ଚତୁର୍ଥ ପର୍ଯ୍ୟାୟ ଟିକାକରଣ କରାଯିବ। ଅଭିଜ୍ଞତା ଆଧାରରେ ଏହି ମିଶନର ସଫଳତା ଲାଗି ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଜିଲା ସ୍ତରରେ ତାଲିମ ଦିଆଯିବ। ଟିକାଦାନ ପାଇଁ ହିତାଧିକାରୀଙ୍କୁ ଚିହ୍ନଟ କରାଯିବା ସହିତ ସେମାନେ ଯେଭଳି ସମସ୍ତେ ଟିକା ନେବେ ସେଥିପାଇଁ ସ୍ୱାସ୍ଥ୍ୟକର୍ମୀମାନେ ତୃଣମୂଳ ସ୍ତରରେ ଉଦ୍ୟମ କରିବେ। ଦୁଇବର୍ଷରୁ କମ୍ ବୟସର ଶିଶୁ ଓ ଗର୍ଭବତୀ ମହିଳା ଯେଭଳି ନିଶ୍ଚିତ ଭାବେ ଟିକା ନେବେ ତାହା ଉପରେ ଶାଳିନୀ ପଣ୍ଡିତ ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି। ଜିଲାରେ ଥିବା ସମସ୍ତ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକୁ ମିଶନ ଇନ୍ଦ୍ରଧନୁଷ୍-୨ ରେ ସାମିଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତଙ୍କୁ ଟିକାକରଣ ପାଇଁ ସ୍ୱାସ୍ଥ୍ୟ ମିଶନ ତରଫରୁ ଅଫିସରଙ୍କ ଲାଗି ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଟିକାଦାନ ପାଇଁ ଯୋଗ୍ୟ ବିବେଚିତଙ୍କୁ ଚିହ୍ନଟ ସହିତ ସେମାନଙ୍କର ସମସ୍ତ ସୂଚନା ମିଶନ ଇନ୍ଦ୍ରଧନୁଷ୍ ପୋର୍ଟାଲରେ ଅପଲୋଡ୍ କରିବା ପାଇଁ ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୮୯୩୯ କୋଟି...

ସେହିଭଳି ଶନିବାର ଶିଳାନ୍ୟାସ ସହ ଶୁଭାରମ୍ଭ କରାଯାଇଥିବା ୨୭ ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ଶିଳ୍ପାୟନର ନୂଆ ଧାରା ସୃଷ୍ଟି କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶାପୋଷଣ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଏହା ୮ମ ପର୍ଯ୍ୟାୟ ଗ୍ରାଉଣ୍ଡବ୍ରେକିଂ କାର୍ଯ୍ୟକ୍ରମ। ମୋଟ୍ ୧୦ଟି କ୍ଷେତ୍ରରେ ୧୧ ଜିଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର, ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ପାହ୍ୟାର ପ୍ରଶାସନିକ ଅଧିକାରୀ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ୍, ଇଡ୍‌କୋ ସିଏମ୍‌ଡି ସଞ୍ଜୟ ସିଂ, ଶିଳ୍ପ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ରହିଥିଲେ।

### ଗୋଟିଏ ଦିନରେ...

ଭୂମିକା ରହିଛି। ଏହି ସଫଳତା ପାଇଁ ଏମ୍‌ସିଏଲ୍‌ର ସିଏମ୍‌ଡି ଭୋଳାନାଥ ଶୁକ୍ଳା ସମସ୍ତ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଏହାସହିତ ରାଜ୍ୟ ସରକାରଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଅଧିକରୁ ଅଧିକ କୋଇଲା ଉତ୍ପାଦନ କରି ନୂତନ ରେକର୍ଡ ହାସଲ କରିବାକୁ ଏମ୍‌ସିଏଲ୍ ଆଶାବ୍ୟକ୍ତ କରିଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲ୍‌ସର୍ ବାଇକ୍ (ମାସିକ 25,000 - 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ। ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି। ସୁଧ=1%
MOB-9853098838, 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, କୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, କୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

EDUCATION

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ASTRO / VASTU
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି ?
2 ଘଣ୍ଟାରେ ୧୦୦% ସମାଧାନ। ତନ୍ତ୍ର ମନ୍ତ୍ରର ସମ୍ରାଟ
ଇଚ୍ଛାନୁସାରେ ବଶୀକରଣ, ପ୍ରେମ ବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗର ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।
ଯଦି କାହାର ପତି ଓ ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
9938991467
BHUBANESWAR-09

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
☎ 9338222113, 9337594620
CORRESPONDENCE COURSE ALSO AVAILABLE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

DHARITRI Career appointment Every Wednesday and Saturday

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397, 9953959390

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ 90 ଲକ୍ଷ/- ଭଡ଼ା - 90 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office G-79, Adarsh Nagar, Karol Bagh
7082322494, 7496805598


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସାପ୍ତାହିକ କାର୍ଯ୍ୟକ୍ରମ

୧।୧୨।୨୦୧୯
**ଢେଙ୍କାନାଳ**
■ବିଶ୍ୱ ଏଡ୍ସ ଦିବସ
ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ
ସମୟ: ପୂର୍ବାହ୍ନ ୧୦ଟା।

୨।୧୨।୨୦୧୯
**ଢେଙ୍କାନାଳ**
■ଜନ ଅଭିଯୋଗ ଶୁଣାଣି ଶିବିର
ସ୍ଥାନ: ଭୁବନ ବ୍ଲକ ପରିସର
ସମୟ: ପୂର୍ବାହ୍ନ ୧୦ଟା।
■ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମ ଶୁଭାରମ୍ଭ
ସ୍ଥାନ: କାଠଗଡ଼ା ସ୍ୱାସ୍ଥ୍ୟକେନ୍ଦ୍ର
ସମୟ: ପୂର୍ବାହ୍ନ ୯ଟା।
**ଅନୁଗୋଳ**
ମିଳିତ ଜନଶୁଣାଣି ଶିବିର
ସ୍ଥାନ: ଜିଲା କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।

୩।୧୨।୨୦୧୯
**ଢେଙ୍କାନାଳ**
■ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ
ସ୍ଥାନ: ଗୋପବନ୍ଧୁ ଟାଉନ ହଲ
ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବାହାଘରର ୨ମାସ ପରେ ନାବାଳିକା ଉଦ୍ଧାର

**■ ଶିକ୍ଷୟିତ୍ରୀଙ୍କ ଟୁଇଟ୍ ପରେ ଘଟଣାର ପର୍ଦ୍ଦାଫାଶ**
**■ ଜିଲାପାଳ ନେଲେ କାର୍ଯ୍ୟାନୁଷ୍ଠାନ**

ସୋରଡା,୩୦।୧୧(ଡି.ଏନ୍.ଏ.)

ପୁରୀ ଜିଲା ପିପିଲି ଅଞ୍ଚଳର ଏକ ସରକାରୀ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ୨ ମାସ ହେଲା ସ୍କୁଲକୁ ଆସୁ ନଥିଲେ। ଶିକ୍ଷୟିତ୍ରୀ ଜାଣିଲେ ଯେ, ତାଙ୍କର ଗଞ୍ଜାମ ଜିଲା ସୋରଡା ବ୍ଲକ ବଡଗଡ ଥାନା ଅଞ୍ଚଳରେ ବିବାହ ହୋଇଯାଇଛି। ଏନେଇ ସେ ଗଞ୍ଜାମ ଜିଲାପାଳଙ୍କୁ ଟୁଇଟ୍ କରି ଜଣାଇଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଓ ସିଡିପିଓ ଅଫିସ କର୍ମଚାରୀ ଶୁକ୍ରବାର ନାବାଳିକାଙ୍କୁ ଶାଶୁଘରୁ ଉଦ୍ଧାର କରିଛନ୍ତି। ପ୍ରକାଶ ଯେ, ସମ୍ପୃକ୍ତା ନାବାଳିକାଙ୍କ ଘର ସୋରଡା ବ୍ଲକ ବଡଗଡ଼ ଥାନା ଅଞ୍ଚଳରେ। ସେ ତାଙ୍କ ବାପାଙ୍କ ସହ ପିପିଲିରେ ରହି ପାଠ ପଢନ୍ତି। ୨ ମାସ ତଳେ ମୁଡେସକୁପା ଗ୍ରାମସ୍ଥିତ ତାଙ୍କ ମାମୁ ପୁଅଙ୍କ ସହ ନାବାଳିକାଙ୍କ ବିବାହ ହୋଇଥିଲା। ବିଦ୍ୟାଳୟକୁ ନ ଆସିବାରୁ ଶିକ୍ଷୟିତ୍ରୀ ଜଣକ ତାଙ୍କ ସହପାଠୀମାନଙ୍କୁ ପଚାରି ଜାଣିବାକୁ ପାଇଲେ ଯେ, ଗଞ୍ଜାମ ଜିଲାରେ ନାବାଳିକାଙ୍କର ବିବାହ ହୋଇଯାଇଛି। ଏନେଇ ସେ ଗଞ୍ଜାମ ଜିଲାପାଳଙ୍କୁ ଟୁଇଟ୍ କରି ଜଣାଇଥିଲେ। ଶୁକ୍ରବାର ଜିଲାପାଳ ବଡଗଡ ଥାନା ଓ ସୋରଡା ସିଡିପିଓଙ୍କୁ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଓ ସିଡିପିଓ ଅଫିସ କର୍ମଚାରୀ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଉଭୟ ପକ୍ଷଙ୍କ ସହମତିରେ ବିବାହ ହୋଇଥିବା ପୁଅଙ୍କ ବାପା କହିଛନ୍ତି। ବ୍ରହ୍ମପୁର ବଡ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ନାବାଳିକାଙ୍କୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। ଏନେଇ ସୋରଡା ସିଡିପିଓ ମଞ୍ଜୁଶ୍ରୀ ନାୟକ କହିଛନ୍ତି, ଛାତ୍ରୀଙ୍କର ପଢିବାକୁ ବହୁତ ଆଗ୍ରହ ରହିଛି। ତାଙ୍କ ଅନିଚ୍ଛା ସତ୍ତ୍ୱେ ଉଭୟ ପରିବାର ଲୋକେ ଜୋରଜବରଦସ୍ତି ବିବାହ କରିଛନ୍ତି। ତାଙ୍କୁ ପିପିଲିରୁ ଗାଁକୁ ଡାକି ଆଣି ମାମୁପୁଅ ଭାଇ ସହିତ ବିବାହ କରିଛନ୍ତି। ଆହୁରି ଆଗରୁ ତାଙ୍କୁ ଉଦ୍ଧାର କରିଥିଲେ ଭଲ ହୋଇଥାନ୍ତା ବୋଲି ନାବାଳିକା ଜଣକ କହିଛନ୍ତି।

# ଓମ୍‌ସା ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ



ଶପଥ ପାଠ କାର୍ଯ୍ୟକ୍ରମରେ ଅତିଥିମାନେ।

ଅନୁଗୋଳ ଅଫିସ, ୩୦।୧୧

ଭୁବନେଶ୍ୱର ସ୍ଥିତ ଭାରତୀୟ ଚିକିତ୍ସାଳୟ ସଂଘ ଭବନ ଠାରେ ଓଡ଼ିଶା ସ୍ୱାସ୍ଥ୍ୟସେବା ସଂଘର ୨୦୧୯-୨୧ ବର୍ଷ ପାଇଁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ୍(ଓଏମ୍‌ସା) ନିର୍ବାଚିତ କର୍ମକର୍ତ୍ତାମାନଙ୍କ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ଦିଲୀପ କୁମାର ଷଡ଼ଙ୍ଗୀ ଏହି ଉତ୍ସବରେ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ରାଜ୍ୟ ସଭାପତି ଭାବେ ଡା. ନାରାୟଣ ରାଉତ, ସାଧାରଣ ସମ୍ପାଦକ ଭାବେ ଡା. ବିଶ୍ୱଜିତ ସାମଲ, ପୂର୍ବାଞ୍ଚଳ ଉପ-ସଭାପତି ଭାବେ ଡା. ସଞ୍ଜୀବ ପ୍ରଧାନ, କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଡା. ନଗେନ୍ଦ୍ର କୁମାର ଶତପଥୀ ଓ ଡା. ପ୍ରଶାନ୍ତ କୁମାର ମହାପାତ୍ର, ରାଜ୍ୟ କୋଷାଧ୍ୟକ୍ଷ ଭାବେ ଡା. କ୍ଷୀରୋଦ ଚନ୍ଦ୍ର ପାଲ ଓ ଓମ୍‌ସା ମୁଖ୍ୟପାତ୍ରର ସମ୍ପାଦକ ଭାବେ ଡା. କିଶୋର ଚନ୍ଦ୍ର ମିଶ୍ର ପ୍ରମୁଖଙ୍କୁ ଶପଥପାଠ କରାଯାଇଥିଲା। ଏଥିରେ ରାଜ୍ୟର ପୂର୍ବତନ ସଭାପତି ଡା. ମଧୁସୂଦନ ମିଶ୍ର, ମୁଖ୍ୟ ନିର୍ବାଚନ କମିଶନର ଡା. ରାମଚନ୍ଦ୍ର ରାଉତ, ଡା. ସରୋଜ କୁମାର ନାୟକ, କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟଙ୍କ ସହ ରାଜ୍ୟର ବିଭିନ୍ନ ଶାଖାର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ।

# କ୍ରୀଡ଼ାର ଉପଯୋଗିତା ଉପରେ ଆଲୋକପାତ

ଅନୁଗୋଳ ଅଫିସ, ୩୦।୧୧




ଅନୁଗୋଳ ସ୍ଥିତ ରୋଟାରି ପବ୍ଲିକ ସ୍କୁଲ ପରିସରରେ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଅବସରରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଓ ସମ୍ମାନିତ ଅତିଥି ଭାବେ ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ ଯୋଗଦେଇ କ୍ରୀଡାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଏଥିସହ କୃତୀ ପ୍ରତିଯୋଗୀମାନଙ୍କୁ ମେଡାଲ ସହ ମାନପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନିଖିଲ ରଞ୍ଜନ ମିଶ୍ରଙ୍କ ସମେତ ଡ. ଧରଣୀଧର ନାଥ, କିଶୋର କୁମାର ଦେହୁରୀ ଯୋଗଦେଇଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ କଳ୍ପଲତା ଦାଶଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା।

# ଯୁବକଙ୍କୁ ଟାଙ୍ଗିଆ ଚୋଟ

**କାମାକ୍ଷାନଗର, ୩୦।୧୧(ଡି.ଏନ୍.ଏ.)**
ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମୁକ୍ତାପଶି ଗ୍ରାମରେ ଶନିବାର ସନ୍ଧ୍ୟାରେ ଅନାମ ନାୟକ (୨୨)ଙ୍କ ଉପରେ ଆକ୍ରମଣ ହୋଇଛି। ସେ ନିଜ ଭିଣୋଇଙ୍କ ସହ କଥା ହେଉଥିବାବେଳେ ଗ୍ରାମର ଜଣେ ଯୁବତୀ ତାଙ୍କ ମୁଣ୍ଡକୁ ଟାଙ୍ଗିଆରେ ହାଣି ଦେଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କୁ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ପାଇ ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଧରିତ୍ରୀର ୪୭ତମ ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ଶୁଭେଚ୍ଛା ଜଣାଉଛି
ସତ୍ୟ ସମ୍ବଳିତ ସମ୍ବାଦ ପରିବେଷଣ କରି ଓଡ଼ିଶାର ପୁରପଲ୍ଲୀରେ ସର୍ବ ଜନାଦୃତ ହୋଇପାରିଛି, ଆଶା କରୁଛି ଏହିପରି ନିର୍ଭୀକ ଓ ନିରପେକ୍ଷ ସମ୍ବାଦ ପରିବେଷଣ କରି ଆହୁରି ଆଗକୁ ବଢିବା ସହିତ ଏକ ନୂତନ ଦିଗନ୍ତର ସନ୍ଧାନ ଦେବ।


**ଅଧ୍ୟକ୍ଷ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ, କଟକ**

# ତବଲା ବାଦକ ରାଧାକାନ୍ତ ନନ୍ଦଙ୍କ ଦେହାନ୍ତ

ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)



ପ୍ରସିଦ୍ଧ ତବଲା ବାଦକ ତଥା ସଙ୍ଗୀତ ନିର୍ଦ୍ଦେଶକ ରାଧାକାନ୍ତ ନନ୍ଦ (୫୮)ଙ୍କର ଶନିବାର ଦେହାନ୍ତ ହୋଇଯାଇଛି। ସେ ଦୀର୍ଘ ଦିନ ଧରି କର୍କଟ ରୋଗରେ ପୀଡ଼ିତ ଥିଲେ। ଶୁକ୍ରବାର ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ତେବେ ଶନିବାର ତାଙ୍କର ପରଲୋକ ଘଟିଥିଲା। ଓଡ଼ିଶାର ପ୍ରମୁଖ ତବଲା ଓ ପଖଉଜ ବାଦକମାନଙ୍କ ମଧ୍ୟରେ ରାଧାକାନ୍ତ ଥିଲେ ଅନନ୍ୟ ପ୍ରତିଭା। ନିକଟରେ ତାଙ୍କୁ ରାଜ୍ୟ ସରକାର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରିଥିଲେ। ୧୯୬୧ ମେ' ୧୩ରେ ଜନ୍ମଗ୍ରହଣ କରିଥିବା ରାଧାକାନ୍ତ କଟକର ଆଲିଶା ବଜାରରେ ରହୁଥିଲେ। ସେ ପ୍ରାଚୀନ କଳା କେନ୍ଦ୍ର, ଚଣ୍ଡୀଗଡ଼ରୁ ତବଲା ବାଦନରେ ବିଶାରଦ ହୋଇ ସଫଳ ତବଲା ଶିଳ୍ପୀ ଓ ଗୁରୁ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ବେତାର ଓ ଦୂରଦର୍ଶନରେ ଲଘୁ ଶାସ୍ତ୍ରୀୟ ତବଲା ପରିବେଷଣ କରି ସ୍ୱୀକୃତିପ୍ରାପ୍ତ ଶିଳ୍ପୀ ଓ ସ୍ୱର ସଂଯୋଜକ ଭାବେ ବହୁ ପ୍ରଶଂସା ସାଉଣ୍ଟିଥିଲେ। ଅନେକ ଜଣାଶୁଣା ଭଜନ ଓ ଗୀତରେ ତବଲା ବାଦନ କରି ସେ ଶ୍ରୋତାଙ୍କ ହୃଦୟ ଜିଣି ଲୋକପ୍ରିୟ ହୋଇପାରିଥିଲେ। ଭଜନ ସମ୍ରାଟ ଭିକାରୀ ବଳ, ଅରବିନ୍ଦ ମୁଦୁଲି, ସୁବାସ ଦାସ, ଶାନ୍ତିଲତା ଛୋଟରାୟ, ମନ୍ମଥ ମିଶ୍ରଙ୍କ ଭଳି ଖ୍ୟାତିସମ୍ପନ୍ନ ଭଜନ ଗାୟକ ଏବଂ ବହୁ ନୃତ୍ୟଶିଳ୍ପୀଙ୍କ ପାଇଁ ସେ ତବଲା ବାଦନ କରିଥିଲେ। ରାଧାକାନ୍ତ ଶତାଧିକ ଓଡ଼ିଆ କ୍ୟାସେଟ୍‌ରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସେ ରାକେଶ ମହାନ୍ତିଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ଦାଦାଗିରି'ରେ ମଧ୍ୟ (ମୁବାରକ-ହରି) ନାଆଁରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସେ ଦୀର୍ଘ ୩ ଦଶନ୍ଧିରୁ ଅଧିକ କାଳ ଓଡ଼ିଆ ସଙ୍ଗୀତ ଜଗତରେ ସକ୍ରିୟ ଥିଲେ। ସ୍ୱର୍ଗତ ନନ୍ଦଙ୍କର ଦୁଇ ପୁତ୍ର, ପୁତ୍ରବଧୂ ଓ ପତ୍ନୀ ଅଛନ୍ତି। ତାଙ୍କ ବିୟୋଗରେ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ନନ୍ଦଙ୍କ ବଡ଼ପୁଅ ବିଭୁ ପ୍ରସାଦ ନନ୍ଦ ମୁଖାଗ୍ନି ଦେଇଥିବାବେଳେ ସାନପୁଅ ପ୍ରଭୁପ୍ରସାଦ ଉପସ୍ଥିତ ଥିଲେ। ଅନ୍ତିମ ଶୋଭାଯାତ୍ରାରେ ହେରାପଞ୍ଚମୀ ଭଜନ ସମାରୋହ ସମ୍ପାଦକ ଘନଶ୍ୟାମ ମର୍ଦ୍ଦରାଜ, କଣ୍ଠଶିଳ୍ପୀ ଏ. ମହେଶ୍ୱର ରାଓ, ଶ୍ରୀଚରଣ ମହାନ୍ତି, ସୁଧାକର ମିଶ୍ର, ସାଂସ୍କୃତିକ ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି, ଗୀତିକାର ବଦ୍ରି ମିଶ୍ର, କଣ୍ଠଶିଳ୍ପୀ ଅଞ୍ଜଳି ମିଶ୍ର, ପ୍ରଶାନ୍ତ ପାଢୀ ପ୍ରମୁଖ ସାମିଲ ଥିଲେ।

# ହାତୀ ଆକ୍ରମଣରେ ମହିଳା ମୃତ

**ତେଲକୋଇ/କେନ୍ଦୁଝର, ୩୦।୧୧ (ଡି.ଏନ.ଏ./ସ୍ୱ.ପ୍ର.)**

ତେଲକୋଇ ବନାଞ୍ଚଳ ଅଧୀନର ବିମଳା ଫରେଷ୍ଟ ବିଟର ଟାଙ୍ଗୀରୀ ଗ୍ରାମର ଯୁଆଙ୍ଗ ବସ୍ତିରେ ହାତୀ ଆକ୍ରମଣରେ ସୁଆଙ୍ଗୀ ଯୁଆଙ୍ଗ (୫୫) ନାମ୍ନୀ ଜଣେ ମହିଳାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ଶନିବାର ସକାଳେ ସୁଆଙ୍ଗୀ ରନିକଟସ୍ଥ ଜଙ୍ଗଲରୁ ଦାନ୍ତ କାଠି ଆଣିବା ପାଇଁ ଯାଇଥିଲେ। ଘରକୁ ଫେରୁଥିବାବେଳେ ସେ ଏକ ହାତୀ ହାବୁଡରେ ପଡିବା ଯୋଗୁ ହାତୀଟଇ ଶୁଣ୍ଢରେ କଚାଡି ମାରି ଦେଇଥିଲା। ଏହା ପରେ ଉକ୍ତ ସ୍ଥାନରେ ହାତୀ ମୃତ ମହିଳାଙ୍କୁ ଜଗିରହିଥିବା ବନ ବିଭାଗ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏକୁଟିଆ ହାତୀକୁ ଘଉଡାଇବା ପରେ ମୃତଦେହ ଉଦ୍ଧାର କରି ତେଲକୋଇ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ତେବେ ବନବିଭାଗ ପକ୍ଷରୁ ତାଙ୍କୁ ଆର୍ଥିକ ସହାୟତା କରିବା ସହିତ ମୃତକଙ୍କ ପରିବାରକୁ ସରକାରଙ୍କ ଯୋଜନା ଅନୁଯାୟୀ ୪ଲକ୍ଷ ଟଙ୍କାର ରାଶି ପ୍ରଦାନ କରିବା ପାଇଁ ବନ ବିଭାଗ ଅଧିକାରୀ ପ୍ରମୋଦ ସେଠୀ ପ୍ରକାଶ କରିଛନ୍ତି।

# କ୍ୟାରିୟର କାଉନସେଲିଂ



କାର୍ଯ୍ୟକ୍ରମରେ ଅତିଥିମାନେ।

ଓଡ଼ାପଡ଼ା, ୩୦।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ହିନ୍ଦୋଳରୋଡ୍‌ସ୍ଥିତ ଓପିଏସ୍ କଲେଜରେ 'କ୍ୟାରିୟର କାଉନସେଲିଂ ସ୍ନାତକ ପରବର୍ତ୍ତୀ ବୃତ୍ତି ଓ ସମ୍ଭାବନା' ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶମ୍ଭୁ ପ୍ରସାଦ ପ୍ରଧାନ ଯୋଗଦେଇ ନିଷ୍ଠାପର ଭାବେ ଲକ୍ଷ୍ୟ ସାଧନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଇତିହାସ ବିଭାଗର ଡ. ରମେଶ ପ୍ରସାଦ ମିଶ୍ର ବେକାର ସମସ୍ୟା ଏବଂ ସମାଧାନ ଉପରେ ଆଲୋକପାତ କରିଥିଲେ। ସମ୍ବଲପୁର ସିଲିକନ ଅନୁଷ୍ଠାନର ମୁଖ୍ୟ ଡ. ତ୍ୟାଗରାଜ ଠାକୁର ଉଭୟ ସରକାରୀ ଏବଂ ବେସରକାରୀ ପ୍ରତିଷ୍ଠାନରେ କ୍ୟାରିୟର କିପରି ଗଢ଼ିବେ ସେ ନେଇ ବୁଝାଇଥିଲେ। ଗଣିତ ବିଭାଗ ମୁଖ୍ୟ କିଶୋର ସାମଲ, ଅଧ୍ୟାପିକା ନୟନା ବରାଳଙ୍କ ସମେତ କଲେଜର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

**Odisha State Health & Family Welfare Society,**
**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8,**
**Bhubaneswar-751012, District-Khordha (Odisha)**
**Phone/Fax: 0674- 2392480/79**

**CANCELLATION NOTICE** No. E-537

**Advt. No. 56/19** **Date:- 01.12.2019**
**Ref.: Advt. No. 44/18 dt. 11.10.18.**

The advertisement for the position of **ACSM Officer, RNTCP** made vide Advt. No. 44/18 dt. 11.10.18 (Sl. No. 07), published in "The Samaja" (all Odisha editions), "The Dharitri" (all Odisha editions) & "The New Indian Express"(Odisha edition only) is hereby cancelled as the candidate has not qualified in the written test as per the advertisement.

10084/11/0040/1920 **Sd/- Mission Director NHM, Odisha**

**GOVERNMENT OF INDIA**
**CENTRAL WATER COMMISSION**
**OFFICE OF THE EXECUTIVE ENGINEER**
**MAHANADI DIVISION, DOCTOR'S COLONY**
**BURLA-768017, Dist: SAMBALPUR (ORISSA)**
**NOTICE INVITING e-TENDER**

Onlinee-Tenders are invited by the Executive Engineer, Mahanadi Division,CWC, At –Doctor's colony, Burla, Dist:- Sambalpur (Orissa)-768017on behalf of the President of India, from the reputed Firms as below:

| SL. N | Tender Ref.No | Name of work | EMD | Last date of receipt & online submission | Date oftender opening |
|---|---|---|---|---|---|
| 1 | MD/HQ/NIT/2019-20/2425-32Dated:26.11.2019 | "Providing the service" for collection of hydro meteorological data at Existing sites under Mahanadi Division, CWC, Burla for the period from 01.11.2019 to 31.05.2020 | Rs.92000/- | 14.12.2019 upto 16:00 hrs | 16.12.2019 at 11:00 hrs |
| 2 | MD/HQ/NIT/2019-20/2435-44DATED 29.11.2019 | Providing services of Data Entry Operator (02 Nos) for Mahanadi Division, CWC, Burla. | Rs.8500/- | 16.12.2019 up to 16:00 hrs | 18.12.2019 at 11:00 hrs |

The Bid forms and other details can be obtained from the CWC website www.eprocure.gov.in /www.cwc.nic.in

Sd/- Executive Engineer
MD,CWC,Burla

**BHUBANESWAR MUNICIPAL CORPORATION**
**No.33986 COMPETITIVE BIDDING THROUGH e-Procurement Dt.30/11/19**
**NOTICE INVITING TENDER**
**Bid Reference No. BMC-EE DIV-1-08/2019-20, Dt.30.11.2019**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-I, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under BMC are also eligible to participate for the works having estimated cost up to Rs.4.00 lakhs.

Only the Bid Reference No. **(BMC-EE DIV-I-08/2019-20)** should be submitted on-line in the website www.tendersorissa.gov.in by eligible class of contractors as mentioned in TCN. The affidavit to be submitted/furnished by the intending bidders should feature Name of the Work and/or its Sl. No. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information mentioned in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, Sri S.C Mallia, HA-cum-Acct., BMC Division No.I (Tel. No.9861094727) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **05** Nos.
2. Place of Execution : Different locations under **Division-1** of Bhubaneswar Municipal Corporation
3. Estimated Cost of Individual Work: **Rs. 221902/- to Rs. 9023708/-**
4. Eligible Class of Contractors –: Registered Contractors of **Class-'D' to Class-'A'** as indicated against each work mentioned in the tender call notice and **BMC Contractors** for the works having estimated cost up to Rs.4.00 lakhs only.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The original documents i.e, Tender paper cost, EMD, Affidavits, Undertakings & Certificates as per the Schedules and Annexure of DTCN that have to be Uploaded by the bidder in the e-tender website. The cost of tender paper & EMD should be made on net banking. After opening of bid from e-procurement system the successful bidder shall be intimated to award of the work and original documents also be verified.
7. The bid documents will be available in the above website from **11.00 A.M of 03.12.2019 to 5 P.M of 12.12.2019** for online bidding.
8. Bids received will be opened from e-procurement system at **4.30 P.M onwards on 13.12.2019.**
9. The bidder must possess valid and Compatible **Digital Signature Certificate (DSC).**
10. Further details are available in the DTCN. The DTCN **for 05 Nos.** of works shall be available during the aforesaid period in the e-procurement portal https://www.tendersodisha.gov.in for on-line bidding and in BMC website https://www.bmc.gov.in for view, download and information of all concerned.

**On behalf of Commissioner, BMC, Bhubaneswar**
**Executive Engineer,**
**BMC Division No.-I**
**Progress Through Partnership for a Better Bhubaneswar**

**SAMBALPUR UNIVERSITY**
Jyoti Vihar-768019, Dist.: Sambalpur (Odisha)
www.suniv.ac.in
**No. 7636/Estt-I** **Dt.: 28.11.2019**
**NOTIFICATION**

Nominations in plain paper are invited from Recognized Organizations working in the fields of Social Culture / Literary/ Educational/ Science & Technological and other such areas of distinction for the Felicitation of person(s) belonging to the territorial Jurisdiction of Sambalpur University on occasion of Celebration of Day **53rd Foundation Day** of this University.

Persons, So Nominated should be distinguished in their field and should have remarkable contribution for development of Literature, Art, Culture, Education, Science, Technology, Social work, Games & Sports and others such fields.

While sending the nomination on through registered post / Special Messenger, Bio data of the person(s) concerned along with a celebration of the outstanding activities / achievements shall be in sealed cover superscribed with **"NOMINATION FOR AWARD OF RECOGNITION BY SAMBALPUR UNIVERSITY ON THE FOUNDATION DAY"** so as to the undersigned latest by **20.12.2019**

**Sd/- Registrar**

**OFFICE OF THE EXECUTIVE ENGINEER**
**RWS&S DIVISION, BALANGIR**
**Email: eerwss_blg@nic.in**
**3rd Corrigendum for "e" Procurement Notice**
**Bid Identification No. RWSS/11 /2019-2020**

**No.O-565:-** The corrigendum has been made to the e-procurement notice Identification Bid Identification No. RWSS/11 /2019-2020 and Letter No. 2289 Dated 30.09.2019 as per following amendment.

- Bid document will be available in the website on dt. 18.12.2019 at 10.00 A.M to 06.01.2020 till 5.00 P.M instead of dt. 28.11.2019 at 10.00 A.M to 13.12.2019 till 5.00 P.M respectively.
- The date of opening of Bid document is on dt. 08.01.2020 at 11.00 A.M onwards instead of dt. 16.12.2019.

All other terms and conditions of Bid documents remains unaltered.

Further details can be seen from the e-procurement portal **http://tenderodisha.gov.in.**

**25033/11/0011/1920** **Sd./- Executive Engineer, RWS&S Division, Balangir**

**Odisha Mineral Exploration Corporation Ltd.**
**Regd. Office: OMC House, Bhubaneswar-751001, Odisha**
**CIN : U13209OR2016SGC025960** **OMECL**

**CORRIGENDUM TO SCOPE OF WORK FOR MANAGEMENT CONSULTANT CUM TRANSACTION ADVISOR OF ODISHA MINERAL EXPLORATION CORPORATION LTD (OMECL)**

Reference to final RFP, NIT No. 02/OMECL/E-PROC/2019, dated 28.11.2019, displayed in OMC Website on 28.11.2019, following is the amendment for additional scope of work.

**ADDITIONAL SCOPE OF WORK :**
**SECTION - 5 : TERMS OF REFERENCE,** Clause: 1.2
**Addition as below:**
J: Transaction advisory for selection of MDO (Mine Developer cum Operator) for developing proposed Sukinda Chromite Underground Mine.

**General Manager (Exploration)**

**ନ୍ୟାଶନାଲ ଇନ୍‌ଲାଣ୍ଡ ନାଭିଗେଶନ୍ ଇନ୍‌ଷ୍ଟିଚ୍ୟୁଟ୍**
(ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ କର୍ତ୍ତୃପକ୍ଷ)
(ଜାହାଜ ଚଳାଚଳ ମନ୍ତ୍ରଣାଳୟ, ଭାରତ ସରକାର)
ଗାଇଘାଟ, ପାଟନା-୫୦୦ ୦୦୭, ଦୂରଭାଷ-0612-2311200

**ନାମଲେଖା ବିଜ୍ଞପ୍ତି**
**"ରେସିଡେନ୍ସିଆଲ କୋର୍ସ"**
**(10ମ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ)**
**ଇନ୍‌ଲାଣ୍ଡ ଭେସେଲ୍ସ ନିମନ୍ତେ ରେଟିଂ ଇଣ୍ଡକ୍ସନ କୋର୍ସ**

| | |
|---|---|
| ଯୋଗ୍ୟତା | : 10ମ ଉତ୍ତୀର୍ଣ୍ଣ |
| ବୟସ ସୀମା | : 19.01.2020 ସୁଦ୍ଧା 17 1/2 ବର୍ଷରୁ 25 ବର୍ଷ ମଧ୍ୟରେ (ଏସ୍‌ସି/ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ 5 ବର୍ଷ ଏବଂ ଓବିସି ପ୍ରାର୍ଥୀଙ୍କ ପାଇଁ 3 ବର୍ଷ କୋହଳଯୋଗ୍ୟ) |
| ଶାରୀରିକ ମାନ | : ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଫିଟ୍। ଦୃଷ୍ଟିଶକ୍ତି 6/6 ଏବଂ ବର୍ଣ୍ଣାନ୍ଧତା ରହି ନ ଥିବ। |
| ପାଠ୍ୟକ୍ରମ ଅବଧି | : ଛଅ ମାସ |
| ପାଠ୍ୟକ୍ରମ ଦେୟ | : ₹13,000/- (ବୋର୍ଡିଂ ଓ ଲଜିଂ ଅନ୍ତର୍ଭୁକ୍ତ ନୁହେଁ) |

**ସିଟ୍ ସଂରକ୍ଷଣ ଏସ୍‌ସିଙ୍କ ପାଇଁ 15%, ଏସ୍‌ଟିଙ୍କ ପାଇଁ 7.5% ଓ ଓବିସିଙ୍କ ପାଇଁ 27%**

ବାୟୋଡାଟା/ଦରଖାସ୍ତ ଦାଖଲର ଶେଷ ତାରିଖ ହେଉଛି ତା10.01.2020ରିଖ। ତା19.01.2020ରିଖରେ ଏକ ଯୋଗ୍ୟତାମୂଳକ ପରୀକ୍ଷା ଅନୁଷ୍ଠିତ ହେବ। ବଛାବଛା ପ୍ରାର୍ଥୀଙ୍କ ସାକ୍ଷାତ୍‌କାର ସେହିଦିନ ଅନୁଷ୍ଠିତ ହେବ। ନମୁନା ଦରଖାସ୍ତ ଫର୍ମ ୱେବ୍‌ସାଇଟ୍ **www.niniedu.in** ରୁ ଡାଉନ୍‌ଲୋଡ୍ କିମ୍ବା ଏନ୍‌ଆଇଏନ୍‌ଆଇ କାର୍ଯ୍ୟାଳୟରୁ ସଂଗ୍ରହ କରାଯାଇପାରିବ। ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କର ବାୟୋଡାଟା / ଦରଖାସ୍ତ ଫର୍ମ ସହିତ 10ମ ଉତ୍ତୀର୍ଣ୍ଣ ପ୍ରମାଣପତ୍ର, ମାର୍କଶିଟ୍, 2 ଫଟୋଗ୍ରାଫ୍ ଓ ନିଜସ୍ୱ ଠିକଣା ଉଲ୍ଲିଖିତ ଲଫାପା **"ପ୍ରିନ୍ସିପାଲ୍, ନ୍ୟାଶନାଲ୍ ଇନ୍‌ଲାଣ୍ଡ ନାଭିଗେଶନ ଇନ୍‌ଷ୍ଟିଚ୍ୟୁଟ୍, ଗାଇଘାଟ, ପାଟନା-୫୦୦୦୦୭"**ରେ ପଠାଇବା କିମ୍ବା iwai.nini.ari@gmail.com, info@niniedu.inରେ ଇ-ମେଲ୍ କରାଯିବା ଆବଶ୍ୟକ। ପାଠ୍ୟକ୍ରମ ଓ ଅନୁଷ୍ଠାନ ସଂକ୍ରାନ୍ତରେ ଅଧିକ ବିବରଣୀ ପାଇଁ ଏନ୍‌ଆଇଏନ୍‌ଆଇ କାର୍ଯ୍ୟାଳୟ ପରିଦର୍ଶନ କରନ୍ତୁ।

ପ୍ରିନ୍ସିପାଲ୍
ଏନ୍‌ଆଇଏନ୍‌ଆଇ, ପାଟନା

**ଅନ୍ତର୍ଦ୍ଦେଶୀୟ ଜାହାଜରେ ନାବିକ କ୍ୟାରିୟର୍**



ଦେଶରେ ଭାଜପାର ଆଧିପତ୍ୟ ୭୧%ରୁ ୪୦%କୁ କମିଛି। ଆଗାମୀ ଭବିଷ୍ୟତରେ ଏହା ଆହୁରି କମିବ।

-ବ୍ରିନ୍ଦା କାରାତ୍,
ସିପିଆଇଏମ୍ ନେତ୍ରୀ

# ଆସ୍ଥା ଜିତିଲେ ଉଦ୍ଧବ

**ମୁମ୍ବାଇ,୩୦।୧୧(ପି.ଟି.)**



ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ମହା ବିକାଶ ଅଘାଡି ସରକାର ଶନିବାର ମହାରାଷ୍ଟ୍ର ବିଧାନସଭାରେ ଆସ୍ଥାଭୋଟ ଜିତିଛନ୍ତି। ୨୮୮ ସଦସ୍ୟ ବିଶିଷ୍ଟ ବିଧାନସଭାରେ ସଦସ୍ୟମାନଙ୍କ ମୁଣ୍ଡଗଣତି ପୂର୍ବରୁ ଭାଜପାର ୧୦୫ ବିଧାୟକ କକ୍ଷତ୍ୟାଗ କରି ଚାଲିଯାଇଥିଲେ। ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ ଏବଂ ବିଧାନସଭା ଅଧିବେଶନ ଡାକିବା ବେଆଇନ ବୋଲି ସମାଲୋଚନା କରି ଭାଜପା ଆସ୍ଥାଭୋଟ ବର୍ଜନ କରିଥିଲା।

ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ ଗୃହରେ ଆସ୍ଥା ପ୍ରସ୍ତାବ ଆଗତ କରିଥିବାବେଳେ ଏହାକୁ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି), କଂଗ୍ରେସ ଓ ଶିବସେନାର ବରିଷ୍ଠ ସଦସ୍ୟମାନେ ସମର୍ଥନ କରିଥିଲେ। ଆସ୍ଥା ପ୍ରସ୍ତାବ ସପକ୍ଷରେ ୧୬୯ ବିଧାୟକ ଭୋଟ ଦେଇଥିଲେ। ୪ ଜଣ ମତଦାନରୁ ବିରତ ରହିଥିବା କାମଚଳା ବାଚସ୍ପତି ଦିଲୀପ ୱାଲସେ ପାଟିଲ ଗୃହକୁ ଜଣାଇଥିଲେ। ଅଲ୍ ଇଣ୍ଡିଆ ମଜଲିସ୍-ଇ-ଇତେହାଦୁଲ ମୁସଲିମିନ୍ (ଏଆଇଏମ୍ଆଇଏମ୍)ର ୨, ସିପିଆଇ(ଏମ୍)ର ଜଣେ ଏବଂ ଏମ୍ଏନ୍ଏସ୍‌ର ଜଣେ ବିଧାୟକ ଭୋଟ ଦେଇ ନ ଥିଲେ।

ଆସ୍ଥାଭୋଟ ପୂର୍ବରୁ ବିଧାନସଭାରେ ଯାହାସବୁ ଘଟିଲା ତାହା ସାମ୍ବିଧାନିକ ନିୟମାବଳୀର ଉଲ୍ଲଂଘନ ବୋଲି ଭାଜପା ଅଭିଯୋଗ କରିଛି। ଏ ସମ୍ପର୍କରେ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ଭାଜପା କହିଛି। କାମଚଳା ବାଚସ୍ପତି ପଦରୁ



ବିଧାନସଭା ବାହାରେ ଭାଜପା ବିଧାୟକଙ୍କ ବିକ୍ଷୋଭ।

- କାମଚଳା ବାଚସ୍ପତି ପରିବର୍ତ୍ତନକୁ ବିରୋଧ
- କକ୍ଷତ୍ୟାଗ କଲା ଭାଜପା
- ଆଜି ବାଚସ୍ପତି ନିର୍ବାଚନ

କାଳିଦାସ କୋଲମ୍ବକରଙ୍କୁ ହଟାଇ ତାଙ୍କ ସ୍ଥାନରେ ଏନ୍‌ସିପି ବିଧାୟକ ଦିଲୀପ ୱାଲ୍‌ସେ ପାଟିଲଙ୍କୁ ନିଆଯିବା ଘଟଣାକୁ ଭାଜପା ବିଧାୟକ ଦଳ ନେତା ଦେବେନ୍ଦ୍ର ଫଡ୍‌ନବିସ ବିରୋଧ କରିଥିଲେ। ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ଆସ୍ଥାଭୋଟ ହାରିଯିବା ଭୟରେ ଏଭଳି କରାଯାଇଛି। ଭାରତର ଇତିହାସରେ କାମଚଳା ବାଚସ୍ପତି ବଦଳିବା ପ୍ରଥମ ଘଟଣା ବୋଲି ଫଡ୍‌ନବିସ କହିଥିଲେ। ଗତ ଅଧିବେଶନ ପରେ ଜାତୀୟ ସଙ୍ଗୀତ ଗାନ କରାଯାଇ ନ ଥିଲା। ଏହାର ଅର୍ଥ ଗୃହ ସାଇନ୍-ଏ-ଡାଏ ହୋଇଥିଲା। ତେଣୁ ନୂଆ ଅଧିବେଶନ ଡାକିବା ଲାଗି ରାଜ୍ୟପାଳ ସମନ ଜାରି କରିବା ଆବଶ୍ୟକ ଥିଲା। ତାହା କରାଯାଇ ନ ଥିବା ଫଡ୍‌ନବିସ ଅଭିଯୋଗ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ ନିୟମ ଅନୁଯାୟୀ ହୋଇ ନ ଥିବା ସେ କହିଥିଲେ। ନିର୍ଦ୍ଧାରିତ ବିଧିରେ ଶପଥ ଗ୍ରହଣ ନ କରି କିଏ ବାଲାସାହେବ ଠାକ୍‌ରେଙ୍କ ନାଁରେ ଶପଥ ନେଇଥିଲେ ତ ଆଉ କିଏ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନାଁରେ। ପୁଣି କିଏ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ନାମରେ ଶପଥ ନେଇଥିଲେ। ବାଚସ୍ପତିଙ୍କ ଉପସ୍ଥିତିରେ ଆସ୍ଥାଭୋଟ ହେଲେ ହାରିଯିବା ଭୟ ଥିବାରୁ କାମଚଳା ବାଚସ୍ପତିଙ୍କ ଉପସ୍ଥିତିରେ ଆସ୍ଥା ଲୋଡାଗଲା ବୋଲି ଫଡ୍‌ନବିସ ଅଭିଯୋଗ କରି ଦଳୀୟ ବିଧାୟକମାନଙ୍କ ସହ କକ୍ଷତ୍ୟାଗ କରିଥିଲେ।

ଆସ୍ଥା ଜିତିବା ପରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଗୃହର ସଦସ୍ୟମାନଙ୍କୁ ତଥା ମହାରାଷ୍ଟ୍ର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ। ଜନସାଧାରଣଙ୍କ ଆଶୀର୍ବାଦ ବିନା କାମ କରିବା ସମ୍ଭବ ନୁହେଁ ବୋଲି ସେ କହିଥିଲେ। ବିଧାନସଭାରେ ଉଦ୍ଧବ ପ୍ରଥମ ହୋଇଥିବାରୁ ଆସିବା ପୂର୍ବରୁ କିଛିଟା ଚାପ ଅନୁଭବ କରୁଥିବା କହିଥିଲେ। ତାଙ୍କ ପଛରେ ପୁଅ ଆଦିତ୍ୟ ଏବଂ ଦଳର ଅନ୍ୟ ବିଧାୟକମାନେ ଗୈରିକ ପଗଡ଼ି ପିନ୍ଧି ଛିଡା ହୋଇଥିଲେ।

ରବିବାର ବିଧାନସଭା ବାଚସ୍ପତି ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସ ନାନା ପାଟୋଲଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଭାଜପା ମଧ୍ୟ ବାଚସ୍ପତି ନିର୍ବାଚନକୁ ଓହ୍ଲାଇ ବିଧାୟକ କିଷନ କାଠୋରଙ୍କୁ ପ୍ରାର୍ଥୀ କରିଛି। ବିଦର୍ଭ ଅନ୍ତର୍ଗତ ସାକୋଲି ଆସନରୁ ପ୍ରତିନିଧିତ୍ୱ କରୁଥିବା ପାଟୋଲ କଂଗ୍ରେସ ପ୍ରାର୍ଥୀ ବୋଲି ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ଶୁକ୍ରବାର କାମଚଳା ବାଚସ୍ପତି କାଳିଦାସ କୋଲମ୍ବକରଙ୍କ ସ୍ଥାନରେ ଏନ୍‌ସିପି ବିଧାୟକ ଦିଲୀପ ପାଟିଲଙ୍କୁ ନିଯୁକ୍ତି ଦିଆଯାଇଥିଲା।

## ସଂକ୍ଷେପରେ

### ସୁରିନାମ୍ ରାଷ୍ଟ୍ରପତିଙ୍କୁ ୨୦ ବର୍ଷ ଜେଲ୍



**ପାରାମାରିବୋ,୩୦।୧୧(ଏଏଫ୍‌ପି):** ସୁରିନାମ୍‌ର ଏକ ସାମରିକ ଅଦାଲତ ରାଷ୍ଟ୍ରପତି ଡେସି ବୌଟେର୍ସେଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଶୀ ଦଶକରେ ବୌଟେର୍ସେ ଦକ୍ଷିଣ ଆମେରିକୀୟ ଦେଶର ଏକଚ୍ଛତ୍ରବାଦୀ ଶାସକ ଥିବାବେଳେ ରାଜନୈତିକ ବିରୋଧୀମାନଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ। ସମ୍ପ୍ରତି ଚାଇନା ଗସ୍ତରେ ଥିବା ବୌଟେର୍ସେ ଆସନ୍ତା ସପ୍ତାହରେ ଫେରିବା ପରେ ରାୟ ବିରୋଧରେ ଅପିଲ୍ କରିବେ ବୋଲି ତାଙ୍କ ଓକିଲ କହିଛନ୍ତି। ୧୯୮୦ରେ ସାମରିକ ବିଦ୍ରୋହ କରି ବୌଟେର୍ସେ କ୍ଷମତା ଦଖଲ କରିଥିଲେ। ୧୯୮୨ ଡିସେମ୍ବରରେ ସେ ତାଙ୍କର ୧୫ ବିରୋଧୀଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ।

### ହରିୟାଣାରେ ୫ ହଜାର କୋଟିର ଖଣି ଦୁର୍ନୀତି ଅଭିଯୋଗ

**ଚଣ୍ଡିଗଡ଼, ୩୦।୧୧(ପି.ଟି.) :** ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟରଙ୍କ ପୂର୍ବପାଳି ସରକାରରେ ୫ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଛି। ଏହାର ବିଧିବଦ୍ଧ ତଦନ୍ତ କରାଯିବାକୁ ପ୍ରଦେଶ କଂଗ୍ରେସ ପକ୍ଷରୁ ଶନିବାର ଦାବି କରାଯାଇଛି। ହାଇକୋର୍ଟର ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିପାରିବ ବୋଲି ଖବରଦାତାଙ୍କୁ ସମ୍ବୋଧନ କରି ବରିଷ୍ଠ କଂଗ୍ରେସ ନେତା ରଣଦୀପ ସୁର୍ଜେୱାଲା ପ୍ରକାଶ କରିଛନ୍ତି। ରାଜ୍ୟ ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପନ କରାଯିବା ବେଳେ ରାଜ୍ୟ ଖଣି ବିଭାଗର ଅନିୟମିତତା ଧରାପଡ଼ିଥିଲା। ୧,୪୭୬ କୋଟି ଟଙ୍କାର କ୍ଷତି ହୋଇଥିବା ସିଏଜି ଧରିଥିଲେ। ତେବେ ଏହି ଦୁର୍ନୀତି ୫ ହଜାର କୋଟିରୁ ଅଧିକ ବୋଲି ସୁର୍ଜେୱାଲା ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି। ସିଏଜି ରିପୋର୍ଟରେ ଖଟ୍ଟର ସରକାରଙ୍କ ଖଣି ଠିକାଦାର(ମାଫିଆ)ଙ୍କ ସହ ସମ୍ପର୍କ ସ୍ପଷ୍ଟହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି।

### [ଇତିହାସର ଆଇନାରେ]
### ଡିସେମ୍ବର ୧ର ପ୍ରମୁଖ ଘଟଣା

୧୯୮୦ ଡିସେମ୍ବର ୧ରେ ଟିମ୍ ଇଣ୍ଡିଆର ପୂର୍ବତନ କ୍ରିକେଟର ମହମ୍ମଦ କୈଫ୍ ଜନ୍ମଗ୍ରହଣ କରିଥିଲେ। ଅଣ୍ଡର-୧୯ ଟିମ୍‌ର ଅଧିନାୟକତ୍ୱ କରି ସେ ଦେଶକୁ ୨୦୦୦ ମସିହାରେ ବିଶ୍ୱ ଚାମ୍ପିୟନ କରାଇଥିଲେ।

୧୯୯୭ ଡିସେମ୍ବର ୧ରେ ବିହାରରେ ରଣବୀର ସେନା ଆତଙ୍କ ସୃଷ୍ଟି କରିଥିଲା। ସେନା ପକ୍ଷରୁ ଲକ୍ଷ୍ମଣପୁର-ବାଥେରେ ୬୩ ଜଣ ଦଳିତଙ୍କୁ ହତ୍ୟା କରାଯାଇଥିଲା। ମୃତକଙ୍କ ମଧ୍ୟରେ ୨୭ ମହିଳା, ୧୬ ଶିଶୁ ଥିଲେ।

## ■ ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ଓ ହତ୍ୟା ମାମଲା
# ୧୪ ଦିନ ହାଜତ ଗଲେ ୪ ଅଭିଯୁକ୍ତ



ମହିଳା ଡାକ୍ତର ପ୍ରିୟଙ୍କା ରେଡ୍ଡୀ ବଳାତ୍କାର ଓ ହତ୍ୟା ଘଟଣାର ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ଦାବିରେ ହାଇଦ୍ରାବାଦରେ ଛାତ୍ରୀଛାତ୍ରଙ୍କ ରାଲି।

**ହାଇଦ୍ରାବାଦ, ୩୦।୧୧ (ଆଇଏଏନ୍ଏସ୍)**

### ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦାବିରେ ବିକ୍ଷୋଭ

ତେଲଙ୍ଗାନାର ମହିଳା ପ୍ରାଣୀ ଚିକିତ୍ସକ ଗଣବଳାତ୍କାର ଓ ହତ୍ୟା ମାମଲାରେ ଗିରଫ ୪ ଅଭିଯୁକ୍ତଙ୍କୁ ଶନିବାର ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଥାନା ବାହାରେ ଉତ୍ତେଜନା ଲାଗିରହିଥିବାରୁ ଅଭିଯୁକ୍ତମାନଙ୍କୁ ମହବୁବନଗର ଫାଷ୍ଟଟ୍ରାକ୍ କୋର୍ଟରେ ହାଜର କରାଯାଇ ପାରି ନ ଥିଲା। ଫଳରେ ମଣ୍ଡଳ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଶାଦନଗର ଥାନାକୁ ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତ ମହମ୍ମଦ ଅରିଫ୍, ଚିନ୍ତାକୁଣ୍ଟା ଚେନ୍ନାକେଶୁଭାଲୁ, ଜୋଲୁ ଶିବା ଏବଂ ଜୋଲୁ ନବୀନଙ୍କୁ ମହବୁବ୍‌ନଗର ଜେଲ୍‌କୁ ପଠାଯିବ ବୋଲି ଜଣାପଡିଛି।

ବଳାତ୍କାର ଓ ହତ୍ୟା ଘଟଣାର ଅପରାଧୀମାନଙ୍କୁ ସର୍ବସମ୍ମୁଖରେ ଫାଶୀ ଦିଆଯାଉ ବୋଲି ଉତ୍ୟକ୍ତ ଲୋକେ ଦାବି କରିଥିଲେ। ହଜାର ହଜାର ଲୋକ ସକାଳଠାରୁ ଥାନା ଆଗରେ ବିକ୍ଷୋଭ ଚଳାଇବାରୁ ଉତ୍ତେଜନା ଲାଗି ରହିଥିଲା। ଶାନ୍ତ ହେବା ପାଇଁ ଅଫିସରମାନଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଉତ୍ତେଜନା ଜାରି ରହିବାରୁ ପୋଲିସକୁ ଲାଠିଚାଳନା କରିବାକୁ ପଡ଼ିଥିଲା। ପଛଦ୍ୱାର ଦେଇ ମାଜିଷ୍ଟ୍ରେଟଙ୍କୁ ଥାନାକୁ ଅଣାଯାଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ସମେତ ବିଭିନ୍ନ ମହିଳା ସଂଗଠନ, ଛାତ୍ର ସଂଗଠନ ଆନ୍ଦୋଳନରେ ସାମିଲ ହୋଇଥିଲେ। ତୁରନ୍ତ ଅପରାଧୀଙ୍କୁ ଫାଶୀ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ହିଂସା ରୋକିବା ପାଇଁ ଥାନା ଚାରିପଟେ ସୁରକ୍ଷା ବଢ଼ାଇବା ସହ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଥିଲା।

ବୁଧବାର ରାତିରେ ହାଇଦ୍ରାବାଦ ଉପକଣ୍ଠ ଶାମଶାବାଦ ଆଉଟର ରିଙ୍ଗ୍‌ରୋଡ୍‌ଠାରେ ଦୁଇଜଣ ଟ୍ରକ୍ ଡ୍ରାଇଭର ଓ ୨ କ୍ଲିନର ୨୫ ବର୍ଷୀୟା ପ୍ରାଣୀ ଚିକିତ୍ସକଙ୍କୁ ଗଣବଳାତ୍କାର କରିବା ପରେ ହତ୍ୟା କରିଥିଲେ। ଏହା ପରେ ସେମାନେ ମୃତଦେହକୁ ଶାଦନଗର ସହର ନିକଟକୁ ନେଇ ପୋଡିଦେଇଥିଲେ। ଗୁରୁବାର ସକାଳେ ପୀଡିତାଙ୍କ ମୃତଦେହ ଏକ ଅଣ୍ଡରପାସ୍‌ରୁ ଠାବ ହୋଇଥିଲା। ମହିଳା ଡାକ୍ତର ଜଣକ ତାଙ୍କ ସ୍କୁଟିକୁ ଟୋଲ ପ୍ଲାଜା ନିକଟରେ ପାର୍କିଂ କରିଥିଲେ। ଅଭିଯୁକ୍ତମାନେ ଉକ୍ତ ସ୍କୁଟିକୁ ପଙ୍କଚର କରିଦେଇ ସାହାଯ୍ୟ କରିବା ବାହାନାରେ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଶୁକ୍ରବାର ରାତିରେ ପୋଲିସ ଅଭିଯୁକ୍ତମାନଙ୍କୁ ଅପରାଧ ସ୍ଥଳକୁ ନେବା ସହ ସେମାନଙ୍କ ବୟାନ ରେକର୍ଡ କରିଥିଲା।

# ୫ ଫୁଟ ଉପରକୁ ଉଠାଗଲା ୬୦୦ ଟନ୍ ମନ୍ଦିର

**ମଦୁରାଇ, ୩୦।୧୧(ପି.ଟି.)**

ମଦୁରାଇର ପାଲାଙ୍ଗାନାଥମ୍‌ସ୍ଥିତ ଏକ ୧୦୦ ବର୍ଷର ୬୦୦ ଟନ୍ ଓଜନବିଶିଷ୍ଟ ପୁରୁଣା ମନ୍ଦିର ହଲ୍‌କୁ ଭୂମିଠାରୁ ୫ ଫୁଟ ଉପରକୁ ଉଠାଯାଇଛି। ଅରୁଲମିଗୁ କାଳିଆମ୍ମାନ୍‌ମନ୍ଦିରର ମୁଳାଇପାରି ହଲ୍ ରାସ୍ତା ତଳେ ରହିଥିଲା। ଏହି ହଲ୍‌କୁ ଲୋକମାନେ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିଆସୁଥିଲେ। ବିଶ୍ରାମାଗାର, ଭୋଜିଭାତ ଠାରୁ ଆରମ୍ଭ କରି ବିଭିନ୍ନ ଆନୁଷ୍ଠାନିକ କାର୍ଯ୍ୟ ମଧ୍ୟ ଏଠାରେ ହୋଇଆସୁଥିଲା। ଏହି ମନ୍ଦିରକୁ ଉପରକୁ ଉଠାଇବା ଲାଗି ୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ବେଳେ ସ୍ଥାନୀୟ ଲୋକ ଓ ହରିୟାନାର ଏକ ଫାର୍ମ ଏଥିଲାଗି ସହାୟତା କରିଛନ୍ତି। ଏହାକୁ ଉଠାଇବା କଠିନ କାର୍ଯ୍ୟ ଥିଲା ।



ମଦୁରାଇର ଅରୁଲମିଗୁ କାଳିଆମ୍ମାନ୍ ମନ୍ଦିର ୫ ଫୁଟ ଉପରକୁ ଉଠାଯାଇଛି।

## ସିଆଚେନରେ ହିମସ୍ଖଳନ
# ୨ ଯବାନ ଶହୀଦ

**ଶ୍ରୀନଗର, ୩୦।୧୧(ପି.ଟି.)**

କେନ୍ଦ୍ରଶାସିତ ଅଞ୍ଚଳ ଲଦାଖର ଦକ୍ଷିଣ ସିଆଚେନ୍ ଗ୍ଲାସିୟର୍ ସେକ୍ଟର ନିକଟରେ ଶନିବାର ପାଟ୍ରୋଲିଂ କରୁଥିବା ବେଳେ ହଠାତ୍ ହିମସ୍ଖଳନ ହେବାରୁ ୨ ଭାରତୀୟ ଯବାନ ଶହୀଦ ହୋଇଛନ୍ତି। ପ୍ରାୟ ୧୮ ହଜାର ଫୁଟ ଉପରେ ସେମାନେ ପାଟ୍ରୋଲିଂ କରୁଥିଲେ ବୋଲି ଶ୍ରୀନଗରର ପ୍ରତିରକ୍ଷା ବିଭାଗର ମୁଖପାତ୍ର କହିଛନ୍ତି। ହିମସ୍ଖଳନ ପରେ ଉଦ୍ଧାରକାରୀ ଦଳ, ମେଡିକାଲ ଟିମ୍ ଓ ସେନା ହେଲିକପ୍ଟର ସେଠାରେ ପହଞ୍ଚି କାର୍ଯ୍ୟାରମ୍ଭ କରିଥିଲେ ହେଁ ୨ ଯବାନ ପ୍ରାଣ ହରାଇଥିଲେ। ଅନ୍ୟମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇ ପାରିଥିବା ସେନା ମୁଖପାତ୍ର ପ୍ରକାଶ କରିଛନ୍ତି।

# ଲଣ୍ଡନ ବ୍ରିଜ୍ ଆକ୍ରମଣରେ ୨ ମୃତ

**ଲଣ୍ଡନ,୩୦।୧୧(ପି.ଟି.)**

### ଆକ୍ରମଣକାରୀ ପାକିସ୍ତାନୀ ଆତଙ୍କବାଦୀ

ଲଣ୍ଡନ ବ୍ରିଜ୍‌ରେ ଶୁକ୍ରବାର ଜଣେ ଆତଙ୍କବାଦୀଙ୍କ ଛୁରାମାଡ଼ରେ ୨ ଜଣଙ୍କ ମୃତ୍ୟୁ ହେବା ସହ ୩ ଆହତ ହୋଇଥିଲେ। ପୋଲିସ ଗୁଳିରେ ଆକ୍ରମଣକାରୀ ନିହତ ହୋଇଛନ୍ତି। ଲଣ୍ଡନ ଷ୍ଟକ୍ ଏକ୍ସଚେଞ୍ଜ ବିସ୍ଫୋରଣ ଘଟଣାରେ ସେ ଦୋଷୀସାବ୍ୟସ୍ତ ହୋଇ ୭ ବର୍ଷ ଜେଲ୍ ଯାଇଥିଲେ। ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ତାଙ୍କର ପରିବାର ରହୁଛନ୍ତି।



ଉସ୍‌ମାନ ଖାନ୍

ସେଠାରେ ସେ ଏକ ଆତଙ୍କବାଦୀ ତାଲିମ ଶିବିର ଖୋଲିଥିବା ଜଣାପଡିଛି। ଉସ୍‌ମାନ ଖାନ୍ ନାମକ ଏହି ଆତଙ୍କବାଦୀ ମୁମ୍ବାଇ ଷ୍ଟାଇଲ୍‌ରେ ବ୍ରିଟେନ ପାର୍ଲାମେଣ୍ଟ ଉପରେ ଆକ୍ରମଣ କରିବାକୁ ଯୋଜନା କରିଥିଲେ ବୋଲି ୨୦୧୨ରେ ତାଙ୍କୁ ଦଣ୍ଡିତ କରିଥିବା ବିଚାରପତି କହିଛନ୍ତି। ଉସ୍‌ମାନ ଶୁକ୍ରବାର ପାରୋଲରେ ବାହାରିବା ପରେ ଆକ୍ରମଣାତ୍ମକ ହୋଇଯାଇଥିଲେ। ସେ ଲଣ୍ଡନ ବ୍ରିଜ୍‌ରେ ପହଞ୍ଚି ଆଖିବୁଜା ଛୁରାମାଡ଼ କରିଥିଲେ। ପୋଲିସ ଗୁଳିରେ ନିହତ ହେବା ପୂର୍ବରୁ ସେ ଦୁଇ ଜଣଙ୍କୁ ହତ୍ୟା କରିବା ସହ ଅନ୍ୟ ୩ ଜଣଙ୍କୁ ଆହତ କରିଥିଲେ। ୨୮ ବର୍ଷୀୟ ଉସ୍‌ମାନ ଷ୍ଟାଫୋର୍ଡଶାୟାର ଅଞ୍ଚଳରେ ରହୁଥିଲେ। ତାଙ୍କର ଅଲ୍-କାଏଦା ସହ ସମ୍ପୃକ୍ତି ଥିବା ବିଶ୍ୱାସ କରାଯାଉଥିଲା। ଏଥିସହିତ ଆଇଏସ୍ ଆତଙ୍କବାଦୀ ସଂଗଠନ ସହ ତାଙ୍କର ସମ୍ପର୍କ ଥାଇପାରେ ବୋଲି କୁହାଯାଉଛି।

## ଝାଡ଼ଖଣ୍ଡରେ ୬୪% ମତଦାନ
# ଇଭିଏମ୍‌ରେ ୧୮୯ ପ୍ରାର୍ଥୀଙ୍କ ଭାଗ୍ୟ

**ରାଞ୍ଚି, ୩୦।୧୧**

- ବିସ୍ଫୋରଣରେ କଲଭର୍ଟ ଉଡ଼ାଇଲେ ମାଓବାଦୀ
- କଂଗ୍ରେସ ପ୍ରାର୍ଥୀଙ୍କଠାରୁ ପିସ୍ତଲ, କାର୍ତ୍ତ୍ରିଜ୍ ଜବତ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଶନିବାର ଅନୁଷ୍ଠିତ ଏହି ନିର୍ବାଚନରେ ମତଦାନ ହାର ୬୪.୪୪ ପ୍ରତିଶତ ରହିଛି। ପ୍ରଥମ ପର୍ଯ୍ୟାୟରେ ୬ ଜିଲାରେ ୧୩ ଆସନ(ଛତ୍ରା, ଗୁମ୍‌ଲା, ବିଶ୍ରାମପୁର, ଲୋହାରଡ଼ାଗା, ମାନିକା, ଲଟେହାର, ପାନ୍‌କି, ଡାଲ୍‌ଟନ୍‌ଗଞ୍ଜ, ବିଷ୍ଣୁନ୍‌ପୁର, ଛତରପୁର, ହୁସେନାବାଦ୍, ଗର୍‌ୱା ଓ ଭଓ୍ୱନାଥପୁର) ଲାଗି ଭୋଟଗ୍ରହଣ କରାଯାଇଥିଲା। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା।

ମତଦାନ ବେଳେ ମାଓବାଦୀମାନେ ଗୁମ୍‌ଲା ଜିଲା ବିଷ୍ଣୁନ୍‌ପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନଲତା ଓ ବିରନ୍‌ପୁର ଗ୍ରାମ ମଝିରେ ଥିବା ଏକ କଲଭର୍ଟକୁ ବିସ୍ଫୋରଣରେ ଉଡ଼ାଇ ଦେଇଛନ୍ତି। ଏଥିରେ କେହି ମୃତାହତ ହୋଇ ନ ଥିଲେ ହେଁ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ସେହିଭଳି ଡାଲ୍‌ଟନ୍‌ଗଞ୍ଜ ନିର୍ବାଚନମଣ୍ଡଳୀର କୋଶିୟାରୀ ପୋଲିଂ ଷ୍ଟେଶନରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। କଂଗ୍ରେସ ପ୍ରାର୍ଥୀ କେ.ଏନ୍. ତ୍ରିପାଠୀ ବଳପୂର୍ବକ ପୋଲିଂ ବୁଥ ଭିତରକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ଏହାକୁ ନେଇ ଗଣ୍ଡଗୋଳ ହୋଇଥିଲା। ବିକ୍ଷୋଭକାରୀମାନେ ପୋଲିସ ଗାଡ଼ିର ୱିଣ୍ଡୋ ପେନ୍ସକୁ ଭାଙ୍ଗିଦେଇଥିଲେ। ତ୍ରିପାଠୀଙ୍କଠାରୁ ପୋଲିସ ଗୋଟିଏ ପିସ୍ତଲ ଓ ୩ କାର୍ତ୍ତ୍ରିଜ୍ ଜବତ କରିଛି। ମୋଟାମୋଟି ୧୩ ନିର୍ବାଚନମଣ୍ଡଳୀରେ ଭୋଟ ଶାନ୍ତିପୂର୍ଣ୍ଣ ଥିବା କୁହାଯାଇଛି। ପ୍ରଥମ ପର୍ଯ୍ୟାୟରେ ଭାଜପା ନେତା ରାମଚନ୍ଦ୍ର ଚନ୍ଦ୍ରବଂଶୀ, କଂଗ୍ରେସ ପ୍ରଦେଶ ଅଧ୍ୟକ୍ଷ ରାମେଶ୍ୱର ଓରାଓଁ, ପୂର୍ବତନ ପ୍ରଦେଶ କଂଗ୍ରେସ ମୁଖ୍ୟ ସୁଖ୍‌ଦେଓ ଭଗତ୍, ଭାଜପା ନେତା ରାଧାକ୍ରିଷ୍ଣ କିଶୋର ପ୍ରମୁଖ ଭାଗ୍ୟ ନିର୍ଦ୍ଧାରଣ ହେବ। ୮୧ ଆସନବିଶିଷ୍ଟ ରାଜ୍ୟ ବିଧାନସଭା ଲାଗି ଅନ୍ୟ ୪ ପର୍ଯ୍ୟାୟ ଭୋଟ ଆସନ୍ତା ଡିସେମ୍ବର ୭, ୧୨, ୧୬ ଓ ୨୦ରେ ଅନୁଷ୍ଠିତ ହେବ।




## ■ ଇରାକରେ ସରକାର ବିରୋଧୀ ବିକ୍ଷୋଭ ଜୋରଦାର
# ଇସ୍ତଫା ଦେବେ ପ୍ରଧାନମନ୍ତ୍ରୀ ମେହଦି

**ବାଗଦାଦ୍,୩୦।୧୧**

ଇରାକ୍‌ରେ ଅକ୍ଟୋବରରୁ ଲାଗିରହିଥିବା ସରକାର ବିରୋଧୀ ବିକ୍ଷୋଭ କ୍ରମେ ଅଧିକ ସହରକୁ ବ୍ୟାପିଚାଲିଛି। ବିକ୍ଷୋଭ ହିଂସାରେ ୩୫୪ ଲୋକଙ୍କ ଜୀବନ ଗଲାଣି ଓ ୮୦୦୦ରୁ ଊର୍ଦ୍ଧ୍ୱ ଆହତ ହେଲେଣି। ଚାପରେ ପଡ଼ି ପ୍ରଧାନମନ୍ତ୍ରୀ ଆଦେଲ ଅବଦୁଲ ମେହଦି ଇସ୍ତଫା ଦେବେ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି। ଏହା ସତ୍ତ୍ୱେ ଆନ୍ଦୋଳନ କମିବା ନାଁ ନେଉନାହିଁ। ଶନିବାର ବାଗ୍‌ଦାଦ ସମେତ ଦକ୍ଷିଣ ଇରାକର ବିଭିନ୍ନ ସହରରେ ବିକ୍ଷୋଭ କରାଯାଇଥିଲା।

ଇରାକରେ ବ୍ୟାପୁଥିବା ଦୁର୍ନୀତିକୁ ନେଇ ଦୀର୍ଘଦିନ ହେଲା ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଏଥିସହିତ ଇରାକ ରାଜନୀତିରେ ଇରାନର ପ୍ରଭାବ ଅସନ୍ତୋଷକୁ ଆହୁରି ବଢ଼ାଇ ଦେଇଥିଲା। ଲେବାନନ୍‌ରେ ସରକାର ବିରୋଧୀ ଆନ୍ଦୋଳନ ଯୋଗୁ ପ୍ରଧାନମନ୍ତ୍ରୀ ଅକ୍ଟୋବରରେ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ଇରାନରେ ମଧ୍ୟ ତୈଳ




ଦର ବୃଦ୍ଧିକୁ ନେଇ କିଛି ସପ୍ତାହ ହେଲା ଆନ୍ଦୋଳନ ଓ ଦଙ୍ଗା ଲାଗି ରହିଛି। ଏହାର ପ୍ରଭାବ ଇରାକ ଉପରେ ପଡିଥିଲା। ଇରାକବାସୀ ସରକାରଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇଥିଲେ। ଇରାକ୍ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଘୋଷଣା ଇରାନ ପାଇଁ ବଡ଼ ଝଟ୍‌କା ବୋଲି କୁହାଯାଉଛି। କାରଣ ୨୦୧୮ରେ ମେହଦି ପ୍ରଧାନମନ୍ତ୍ରୀ ହେବା ପରଠାରୁ ଇରାନ କଥାରେ ପରିଚାଳିତ ହେଉଥିଲେ ବୋଲି ସେଠାକାର ଏକ ଗୋଇନ୍ଦା ରିପୋର୍ଟରୁ ଜଣାପଡିଛି। ମେହଦି ଇରାନ ସହ ଇରାନ ସହ ଜଡିତ ଏକ ବୃହତ୍ ଶିହା ଦଳର ସଦସ୍ୟ ଭାବେ ସେ ଅନେକ ବର୍ଷ କାର୍ଯ୍ୟ କରିଥିଲେ।

ମେହଦି ଇସ୍ତଫା ଘୋଷଣା କରିବା ପରେ ବାଗଦାଦର ତହରିର୍ ସ୍କୋୟାରରେ ଆନ୍ଦୋଳନକାରୀ ଉତ୍ସବ ପାଳନ କରିଥିଲେ। ଗୁରୁବାର ଇରାନ ବାଣିଜ୍ୟିକ ଦୂତାବାସ ଉପରେ ବିକ୍ଷୋଭକାରୀଙ୍କ ଆକ୍ରମଣ ଯୋଗୁ ୪୦ ଜଣଙ୍କ ମୃତ୍ୟୁ ହୋଇଥିଲା। ଇରାକ୍‌ରେ ଆନ୍ଦୋଳନ ଆରମ୍ଭ ହେବା ଦିନଠାରୁ ଆଜିପର୍ଯ୍ୟନ୍ତ ୩୫୪ ଜଣଙ୍କ ମୃତ୍ୟୁ ଘଟିଥିବା ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତଙ୍କ ପକ୍ଷରୁ କୁହାଯାଇଥିଲେ ହେଁ ପ୍ରକୃତ ମୃତ୍ୟୁସଂଖ୍ୟା ଯଥେଷ୍ଟ ଅଧିକ ବୋଲି ଅଧିକାଂଶ ରିପୋର୍ଟରେ କୁହାଯାଇଛି। ରାଜନୈତିକ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଦାବି କରି ବାଗଦାଦ୍ ଓ ସମଗ୍ର ଦକ୍ଷିଣ ଇରାକର ଯୁବସମାଜ ଓ ଗରିବ ଲୋକମାନେ ରାସ୍ତାକୁ ଓହ୍ଲାଇଥିଲେ। ଲାଇସେନ୍ସ, ଠିକାଦାରି, ଚାକିରି ସବୁଥିରେ ଉତ୍କୋଚ ଦେବାକୁ ପଡୁଥିବାରୁ ଏଭଳି ରାଜନୈତିକ ଦଳର ଉଚ୍ଛେଦ ସେମାନେ ଦାବି କରିଥିଲେ। ଏପରିକି ସିକ୍ୟୁରିଟି ଗାର୍ଡ ଭଳି ନିମ୍ନ ପଦବୀ ପାଇଁ ଆବେଦନ କଲେ ୫୦୦୦ ଡଲାର ଦେବାକୁ ସମ୍ପୃକ୍ତ ଦଳ ପକ୍ଷରୁ ଦାବି କରାଯାଉଥିବା ଅଭିଯୋଗ ହୋଇଛି।



ଧରିତ୍ରୀ
DHARITRI
ଢେଙ୍କାନାଳ, ରବିବାର, ୧ ଡିସେମ୍ବର , ୨୦୧୯



ସତ୍ୟମେବ ଜୟତେ, ବାଟ୍‌ଲା ହାଉସ୍ ପରେ ମୋ ଅଭିନୀତ ଥ୍ରିଲର ମୁଭି 'ଆଟାକ୍' ୨୦୨୦ ସ୍ୱାଧୀନତା ଦିବସରେ ମୁକ୍ତିଲାଭ କରିବ।

-ଜନ୍ ଆବ୍ରାହମ,
ବଲିଉଡ୍ ଅଭିନେତା



# ଶୋଇଲେ ମିଳିବ ଲକ୍ଷେ ଟଙ୍କା ଦରମା



**ବେଙ୍ଗାଲୁରୁ:** କର୍ମଚାରୀଙ୍କ କାର୍ଯ୍ୟରେ ଖୁସି ହୋଇ କମ୍ପାନୀ କର୍ତ୍ତୃପକ୍ଷ ଦରମା ବଢ଼ାଇବା ସହ ଇନ୍‌ସେଟିଭ୍ ଦେଉଥିବା କଥା ବହୁ ଥର ଶୁଣିଥିବେ ବା ଜାଣିଥିବେ। ହେଲେ କେବେ ଶୁଣିଛନ୍ତି କି, ଶୋଇବା ପାଇଁ କର୍ମଚାରୀଙ୍କୁ ଦିଆଯାଉଛି ଲକ୍ଷେ ଟଙ୍କା। କିନ୍ତୁ ଏଥିପାଇଁ ଆପଣ ଚୟନ ହେବା ଆବଶ୍ୟକ। ତେବେ ଏହି ଖବର ବିଦେଶରେ ନୁହେଁ ବରଂ ଭାରତର। ଆଜ୍ଞା ହଁ, ଶୁଣିବାକୁ କଥାଟି ଆଶ୍ଚର୍ଯ୍ୟ ଲାଗୁଥିବ ହେଲେ ସତ। କର୍ମଚାରୀଙ୍କ ପାଇଁ ଏଭଳି ଅଫର୍ ଆଣିଛି କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରୁର ଅନ୍‌ଲାଇନ୍ ଫର୍ମ ୱେକ୍‌ଫିଟ୍। ଅନ୍‌ଲାଇନ ସ୍ଲିପ୍ ସଲ୍ୟୁସନ୍ ଫର୍ମ ନିଜର ଏହି ପ୍ରୋଗ୍ରାମକୁ ୱେକ୍‌ଫିଟ୍ ସ୍ଲିପ୍ ଇନ୍‌ଟର୍ଣ୍ଣସିପ୍‌ର ନାଁ ଦେଇଛି। ଆଉ ଏହି କାର୍ଯ୍ୟ ପାଇଁ କମ୍ପାନୀ ପକ୍ଷରୁ କିଛି ନିୟମ ଓ ସର୍ତ୍ତାବଳୀ ରଖାଯାଇଛି। ପ୍ରଥମେ ଏହି ଇନ୍‌ଟର୍ଣ୍ଣସିପ୍ ପାଇଁ ମାତ୍ର କେତେଜଣ ଲୋକଙ୍କୁ ଚୟନ କରାଯିବ। ଏହାପରେ କମ୍ପାନୀ ପକ୍ଷରୁ ଦିଆଯାଇଥିବା ବିଛଣା ଉପରେ କର୍ମଚାରୀଙ୍କୁ ଶୋଇବାକୁ ପଡ଼ିବ। ଏଥିସହ ପ୍ରତିଦିନ ଆପଣଙ୍କୁ କିଭଳି ନିଦ ହେଲା, ଭଲ ନା ଖରାପ୍ ସେନେଇ ମଧ୍ୟ ସୂଚନା ଦେବାକୁ ପଡ଼ିବ। କେବଳ ସେତିକି ନୁହେଁ, ପ୍ରଥମେ କମ୍ପାନୀ ଶୋଇବା ପାଇଁ କିଛି ଲୋକଙ୍କୁ କାଉନସିଲ୍ କରିବ। ତା'ପରେ ସେମାନଙ୍କର ଶୋଇବା ଶୈଳୀକୁ ଟ୍ରାକ୍ କରିବ। ଏହାପରେ ସେମାନଙ୍କୁ ଏକ୍ସପର୍ଟଙ୍କ ପରାମର୍ଶ ମଧ୍ୟ ଦିଆଯିବ। ଯେଉଁମାନେ ଶୋଇବାକୁ ଯିବେ ସେମାନଙ୍କର ନିଦର ରେକର୍ଡ କରାଯିବା ସହ ଶୋଇବା ଶୈଳୀ ଉପରେ ନଜର ମଧ୍ୟ ରଖାଯିବ। ଏଥିସହ ବିଜେତାଙ୍କୁ ସ୍ଲିପ୍ ଟ୍ରାକର ବି ଦିଆଯିବ। ତେବେ କମ୍ପାନୀ ନିୟମ ଅନୁଯାୟୀ ଏହି ସ୍କିମ୍‌ରେ ଭାଗ ନେଉଥିବା ବ୍ୟକ୍ତିଙ୍କୁ ଶହେ ଦିନ ପର୍ଯ୍ୟନ୍ତ ପ୍ରତିଦିନ ୯ଘଣ୍ଟା ଶୋଇବାକୁ ପଡ଼ିବ। ଆଉ ଏଥିପାଇଁ ସେହିମାନଙ୍କୁ ଚୟନ କରାଯିବ, ଯେଉଁମାନେ ନିଦଠାରୁ ଆଉ କୌଣସି ଜିନିଷକୁ ଅଧିକ ଗୁରୁତ୍ୱ ଦେଇ ନ ଥାନ୍ତି। ଦୈନନ୍ଦିନ ଜୀବନରେ କାର୍ଯ୍ୟ ବ୍ୟସ୍ତତା ଓ ଚିନ୍ତା ଯୋଗୁ ବହୁ ଲୋକ ଭଲଭାବେ ଶୋଇ ପାରୁନାହାନ୍ତି। ଫଳରେ ଏହାର ସିଧାସଳଖ ପ୍ରଭାବ ସେମାନଙ୍କ ଶରୀର ଉପରେ ପଡୁଛି। ଏଥିପାଇଁ ଉକ୍ତ କମ୍ପାନୀ ଏହି ଇନ୍‌ଟର୍ଣ୍ଣସିପ୍ ପ୍ରୋଗ୍ରାମ ନେଇ ଆସିଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି, ଲୋକମାନେ ଭଲଭାବେ ବିଶ୍ରାମ ବି ନେବେ ଆଉ ତାଙ୍କୁ କାମ କି ଘର ମଧ୍ୟ ଛାଡ଼ିବାକୁ ପଡ଼ିବ ନାହିଁ।

# ରିଲିଜ୍ ପୂର୍ବରୁ ବିବାଦରେ 'ପାନିପତ୍'




**ମୁମ୍ବାଇ:** ରିଲିଜ୍ ପୂର୍ବରୁ ବିବାଦ ଘେରକୁ ଚାଲିଆସିଛି ନିର୍ଦ୍ଦେଶକ ଆଶୁତୋଷ ଗୋୱାରିକରଙ୍କ ଫିଲ୍ମ 'ପାନିପତ୍'। ଉକ୍ତ ଫିଲ୍ମରେ ମହାନ ମରାଠା ସେନାପତି ଓ ତାଙ୍କର ଦ୍ୱିତୀୟ ସ୍ତ୍ରୀ ମସ୍ତାନୀଙ୍କୁ ଅପମାନଜନକ ଢଙ୍ଗରେ ପରିବେଷଣ କରାଯାଇଛି ବୋଲି ପେଶୱା ବାଜିରାଓଙ୍କ ବଂଶ ଦାବି କରିଛନ୍ତି। ଏନେଇ ଫିଲ୍ମ ବିରୋଧରେ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଭୋପାଳରେ ରହୁଥିବା ପେଶୱା ବାଜିରାଓଙ୍କ ୮ମ ପିଢ଼ିର ବଂଶଜ ନବାବଜାଦା ଶାଦାବ ଅଲି ବାହାଦୂର ଫିଲ୍ମର ପ୍ରଯୋଜକ ସୁନୀତା ଗୋୱାରିକର, ରୋହିତ ଶେଲତାକର ଏବଂ ନିର୍ଦ୍ଦେଶକ ଆଶୁତୋଷ ଗୋୱାରିକରଙ୍କ ନାଁରେ ନୋଟିସ ପଠାଇଛନ୍ତି। ଏକ ସ୍ୱତନ୍ତ୍ର ସଂଳାପକୁ ନେଇ ଏହି ନୋଟିସ ଦିଆଯାଇଥିବା ଜଣାପଡ଼ିଛି। ନିକଟରେ ଏହି ଫିଲ୍ମର ଟ୍ରେଲର ରିଲିଜ୍ ହୋଇଥିଲା। ଏଥିରେ ଅଭିନେତ୍ରୀ କ୍ରିତି ସେନନ୍ ଏକ ସଂଳାପରେ କହିଛନ୍ତି, 'ଶୁଣିବାକୁ ମିଳେ ପେଶୱା ଯେତେବେଳେ ଏକୁଟିଆ ଗସ୍ତ କରନ୍ତି ସେତେବେଳେ ସେ ଜଣେ ମସ୍ତାନୀଙ୍କୁ ନେଇ ଫେରନ୍ତି'। ଏହି ସଂଳାପ ଉପରେ ବାଜିରାଓଙ୍କ ବଂଶଜ ଆପତ୍ତି ଉଠାଇବା ସହ ଏଥିରେ ମସ୍ତାନି ଓ ପେଶୱା ବାଜିରାଓଙ୍କୁ ଅପମାନ କରାଯାଇଛି ବୋଲି କହିଛନ୍ତି। ୧୭୬୧ରେ ମରାଠା ଓ ଆଫଗାନ ବିଜେତା ଅହମ୍ମଦ ଶାହ ଅବଦାଲିଙ୍କ ମଧ୍ୟରେ ହରିୟାଣାର ଏକ ସ୍ଥାନ ପାନିପତ୍‌ରେ ତୃତୀୟ ଯୁଦ୍ଧ ହୋଇଥିଲା। ଏହି କାହାଣୀକୁ ନେଇ ଫିଲ୍ମଟି ଗତିଶୀଳ ହୋଇଛି। ଏଥିରେ ବଲିଉଡ୍ ଅଭିନେତା ଅର୍ଜୁନ କପୁର, ଅଭିନେତ୍ରୀ କ୍ରିତି ସେନନ୍ ଓ ସଞ୍ଜୟ ଦତ୍ତଙ୍କ ଅଭିନୟ କରିଛନ୍ତି। ଡିସେମ୍ବର ୬ରେ ଏହି ଫିଲ୍ମ ବଡ଼ ପରଦାକୁ ଆସିବ ବୋଲି ଜଣାପଡ଼ିଛି।

# କାର୍ ଚାଳକଙ୍କୁ ୯.୮୦ ଲକ୍ଷ ଜରିମାନା

**ଅହମ୍ମଦାବାଦ:** ଦେଶରେ ସେପ୍ଟେମ୍ବର ପହିଲାରୁ ନୂଆ ମୋଟରଯାନ ନିୟମ ଲାଗୁ ହେବା ପରେ ପୋଲିସ ଲୋକଙ୍କଠାରୁ ପୂର୍ବାପେକ୍ଷା ଅଧିକ ଚାଲାଣ କାଟିବା ଆରମ୍ଭ କରିଛି। ପ୍ରତିଦିନ ଅଧିକରୁ ଅଧିକ ଟଙ୍କାର ଚାଲାଣ ଆଦାୟ କରାଯାଉଥିବା ଖବର ସାମ୍ନାକୁ ଆସୁଛି। କିନ୍ତୁ ଗୁଜରାଟର ଜଣେ କାର୍ ମାଲିକଙ୍କର ପୋଲିସ ଯେତିକି ଚାଲାଣ କାଟିଛନ୍ତି, ସେହି ଟଙ୍କାରେ ଗୋଟିଏ ନୂଆ କାର କିଣାଯାଇପାରିବ ବୋଲି ଆଲୋଚନା ହେଉଛି। ଏହି ଖବର ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ଶୁକ୍ରବାର ଗୁଜରାଟ ଅହମ୍ମଦାବଦ ନଗରର ସିନ୍ଧୁଭବନ ରୋଡ ନିକଟରେ ନାମୀଦାମି ଗାଡି 'ପର୍ସି'ଚଢୁଥିବା ଜଣେ ମାଲିକଙ୍କୁ ପୋଲିସ ଅଟକାଇଥିଲେ। ଗାଡି ମାଲିକଙ୍କର ନମ୍ବର ପ୍ଲେଟ, କାଗଜପତ୍ର ଓ ଲାଇସେନ୍ସ ନ ଥିବାରୁ ତାଙ୍କଠାରୁ ହଜାରେ କି ଦୁଇ ହଜାର ନୁହେଁ ବରଂ ୯ଲକ୍ଷ ୮୦ ହଜାର ଟଙ୍କାର ପୋଲିସ ଚାଲାଣ କାଟିଥିବା ଜଣାପଡ଼ିଛି। ପର୍ସି ଗାଡିର ଦାମ୍ ୨କୋଟି ହୋଇଥିବା ବେଳେ ଏହା ଏବେ ପର୍ଯ୍ୟନ୍ତର ସର୍ବାଧିକ ଚାଲାଣ ବୋଲି କୁହାଯାଉଛି।



# ଚାଇନାର ଡ୍ରିମ୍ ପ୍ରୋଜେକ୍ଟ
## ସୌରଚାଳିତ ପରମାଣୁ ରିଆକ୍ଟର

**ବେଜିଂ:** ସୌରଶକ୍ତିରୁ କାର୍ଯ୍ୟକ୍ଷମ ହେବ ପରମାଣୁ ରିଆକ୍ଟର। ପୃଥିବୀର ପ୍ରଥମ ଦେଶ ଭାବେ ଏହି ସଫଳତା ହାସଲ କରିବାକୁ ଯାଉଛି ଚାଇନା। ସିଚୁଆନା ପ୍ରଦେଶର ରାଜଧାନୀ ଚେଙ୍ଗ୍‌ଡୁରେ ନିର୍ମାଣ କରାଯାଉଥିବା ଏହି ରିଆକ୍ଟରର ନାମ 'ଏଚ୍‌ଏଲ୍-୨ଏମ୍'। ୨୦୨୦ ସୁଦ୍ଧା ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏହାପରେ ପେଟ୍ରୋଲ, ଡିଜେଲ, କୋଇଲା ଭଳି ଜୈବିକ ଇନ୍ଧନ ଉପରେ ନିର୍ଭରଶୀଳତା କମିଯିବ। ଏହାକୁ ଚାଇନାର ଡ୍ରିମ୍ ପ୍ରୋଜେକ୍ଟ ବୋଲି କୁହାଯାଉଛି।

ସୂର୍ଯ୍ୟର ପୃଷ୍ଠଦେଶରେ ଅହରହ ନ୍ୟୁକ୍ଲିୟର ଫ୍ୟୁଜନ ଚାଲିଛି। ଏହି ପ୍ରକ୍ରିୟାରେ ୨ଟି ପରମାଣୁ ମିଶି ହିଲିୟମରେ ପରିଣତ ହୋଇଥାଏ। ଏହାଦ୍ୱାରା ପ୍ରଚୁର ଶକ୍ତି ଉତ୍ପାଦନ ହୁଏ। ଏହି ରିଆକ୍ଟର ନିର୍ମାଣ କରି ଚାଇନା ସ୍ପଷ୍ଟ ସନ୍ଦେଶ ଦେଇଛି ଯେ, ପ୍ରଦୂଷଣରହିତ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଦେଶ କେବେ ପଛଘୁଞ୍ଚା ଦେବନାହିଁ। ତେବେ ଏହି ରିଆକ୍ଟର ନିର୍ମାଣ କରିବା ବହୁତ ମହଙ୍ଗା। ବୈଜ୍ଞାନିକମାନେ ଏହାକୁ ଜୀବାଶ୍ମ ଇନ୍ଧନର ବିକଳ୍ପ ବୋଲି କହିଛନ୍ତି। ବେଜିଂର ସିଘୁଆ ୟୁନିଭରର୍ସିଟିର ପ୍ରଫେସର ଗାଓ ଝେ କୁହନ୍ତି, ଆମେ ସବୁ ସମସ୍ୟାର ସମାଧାନ କରିପାରିବା, ଏକଥାର କୌଣସି ଗ୍ୟାରେଣ୍ଟି ନାହିଁ। ହେଲେ ଉଦ୍ୟମ ନ କଲେ ସମସ୍ୟା ସମାଧାନ ମଧ୍ୟ ହେବ ନାହିଁ ଏକଥା ବି ସତ।

ଇଣ୍ଟରନ୍ୟାଶନାଲ ଥର୍ମୋନ୍ୟୁକ୍ଲିୟର ଏକ୍ସପେରିମେଣ୍ଟାଲ ରିଆକ୍ଟର (ଆଇଟିଏଆର୍) ପ୍ରୋଜେକ୍ଟର ଅନ୍ୟତମ ସଦସ୍ୟ ହେଉଛି ଚାଇନା। ଏଥିରେ ଭାରତ, ଆମେରିକା, ଜାପାନ, ଦକ୍ଷିଣ କୋରିଆ, ରୁଷିଆ ମଧ୍ୟ ରହିଛି। ଆଇଟିଏଆର୍ ପକ୍ଷରୁ ଫ୍ରାନ୍ସରେ ସବୁଠାରୁ ବ୍ୟୟବହୁଳ ଫ୍ୟୁଜନ ରିଆକ୍ଟର ନିର୍ମାଣ କରାଯାଉଛି। ଏଥିରେ ପାଖାପାଖି ୧.୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହାଏବେ ସୀମିତ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବାକୁ ସକ୍ଷମ। ୨୦୨୫ ବେଳକୁ ଏହି ରିଆକ୍ଟର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଉଛି। ୧୯୬୦ ସୋଭିଏଟ୍ ସଂଘ ପକ୍ଷରୁ ଫ୍ୟୁଜନ ରିଆକ୍ଟର ସ୍ଥାପନ କରିବାକୁ ଉଦ୍ୟମ କରାଯାଇଥିଲା। ଏହି ରେସ୍‌ରେ ଗତବର୍ଷ ସାମିଲ ହୋଇଛି ବ୍ରିଟେନ। ଏଠାକାର ସରକାର ୨ ହଜାର କୋଟି ଟଙ୍କା ବିନିଯୋଗରେ ଫ୍ୟୁଜନ ରିଆକ୍ଟର ସ୍ଥାପନ କରିବାକୁ ଯୋଜନା କରୁଛନ୍ତି। ବ୍ରିଟିଶ ଆଟମିକ ଏନର୍ଜି ଅଥରିଟି ସିଇଓ ଇଆନ ଚେପ୍‌ମ୍ୟାନ କୁହନ୍ତି, ଫ୍ୟୁଜନ ଶକ୍ତିର ଆବଶ୍ୟକତା ପ୍ରାୟତଃ ସବୁ ଦେଶ ଜାଣିଛନ୍ତି। ବୈଷୟିକ ଜ୍ଞାନକୌଶଳର ଆଦାନପ୍ରଦାନ କରି ଏ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାର ସମୟ ଆସିଛି। ଏହା ସଫଳ ହେଲେ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାରୁ ମୁକ୍ତି ମିଳିପାରିବ।




# ନିଜେ ବହି ପଢ଼ିପାରିଲେନି ଶିକ୍ଷୟିତ୍ରୀ

**ଉନାଓ (ଉତ୍ତରପ୍ରଦେଶ):** ଭାରତରେ ସରକାରୀ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା କିପରି ଚାଲିଛି, ତାହାର ନଗ୍ନ ନମୁନା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ଏକ ସ୍କୁଲରେ। ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଇଂଲିଶ ପଢ଼ାଉଥିବା ଜଣେ ଶିକ୍ଷୟିତ୍ରୀ ନିଜେ ଠିକ୍‌ଭାବେ ଇଂଲିଶ ପଢ଼ିପାରୁ ନ ଥିବା ଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସରକାରୀ ସ୍କୁଲ ଗୁଡ଼ିକରେ ପାଠପଢ଼ା କିପରି ଚାଲିଛି, ତାହାର ଯାଞ୍ଚ କରିବା ପାଇଁ ଜିଲାପାଳ ଦେବେନ୍ଦ୍ର କୁମାର ପାଣ୍ଡେ ସିକନ୍ଦରପୁର ସରୌସିସ୍ଥିତ ଏକ ସରକାରୀ ସ୍କୁଲକୁ ଅନ୍ୟ ଅଧିକାରୀଙ୍କ ସହ ଅଚାନକ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ଅଷ୍ଟମ ଶ୍ରେଣୀରେ ପିଲାଙ୍କୁ ପାଠ ପଢ଼ାଉଥିବା ଇଂରାଜୀ ଶିକ୍ଷୟିତ୍ରୀ ରାଜକୁମାରୀଙ୍କୁ ଇଂଲିଶ ପୁସ୍ତକର କିଛି ଧାଡ଼ି ପଢ଼ିବାପାଇଁ କହିଥିଲେ। ହେଲେ ଶିକ୍ଷୟିତ୍ରୀ ଗୋଟିଏ ବାକ୍ୟ ମଧ୍ୟ ଠିକ୍‌ଭାବେ ପଢ଼ିପାରି ନ ଥିଲେ। ଏଥିରେ ଜିଲାପାଳ ବିରକ୍ତି ପ୍ରକାଶ କରି ତାଙ୍କୁ ତୁରନ୍ତ ନିଲମ୍ବିତ କରିବା ପାଇଁ ସ୍କୁଲ ଉଚ୍ଚ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଏହାସହ ସେ ଶିକ୍ଷୟିତ୍ରୀଙ୍କୁ କହିଥିଲେ ଯେ, ନିଜେ ପଢ଼ିପାରୁନାହାନ୍ତି, ପିଲାଙ୍କୁ କିପରି ଇଂଲିଶ ପଢ଼ାଇବେ। 'ଆପଣ ବି.ଏ. ପାସ୍ କରିଛନ୍ତି ତ' ବୋଲି ଶିକ୍ଷୟିତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହାର ଭିଡିଓ ସାମ୍ନାକୁ ଆସିବାପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

# ପାର୍ଲାମେଣ୍ଟରେ ପ୍ରେମିକାଙ୍କୁ ପ୍ରେମ ନିବେଦନ



**ରୋମ:** ବହୁଥର ଦେଖିବାକୁ ମିଳେ ପ୍ରେମିକାଙ୍କୁ ନିଜ ମନର କଥା କହିବା ପାଇଁ ପ୍ରେମିକମାନେ ନିଆରା ଢ଼ଙ୍ଗ ଆପଣାଇଥାନ୍ତି। ହେଲେ କେବେ ଶୁଣିଛନ୍ତି କି, କେହି ଏମ୍‌ପି ପାର୍ଲାମେଣ୍ଟ ଭିତରେ ନିଜ ପ୍ରେମିକାଙ୍କୁ ପ୍ରେମ ନିବେଦନ କରିବା କଥା। ଆଶ୍ଚର୍ଯ୍ୟ ଲାଗୁଥିଲେ ବି କଥାଟି ସତ। ଏହି ଦୃଶ୍ୟ ଦେଖିବାକୁ ମିଳିଛି ଇଟାଲୀ ପାର୍ଲାମେଣ୍ଟରେ। ଗୁରୁବାର ଗୃହରେ ଭୂକମ୍ପ ପରେ ପୁନଃନିର୍ମାଣକୁ ନେଇ ହୋ-ହଲ୍ଲା ଚାଲିଥିବା ସମୟରେ ୩୩ ବର୍ଷୀୟା ଏମ୍‌ପି ଫ୍ଲୋବିୟୋ ଡି ମୁରୋ ନିଜ ଗର୍ଲଫ୍ରେଣ୍ଡ ଏଲିସା ଡି ଲିଓଙ୍କୁ ବିବାହ ପାଇଁ ନିବେଦନ କରିଥିଲେ। ସେହି ସମୟରେ ତାଙ୍କ ଗର୍ଲଫ୍ରେଣ୍ଡ ଦର୍ଶକଙ୍କ ଗ୍ୟାଲେରୀରେ ବସିଥିବା ବେଳେ ଉକ୍ତ ପ୍ରୋପୋଜାଲକୁ ସ୍ୱୀକାର କରିଥିଲେ। ସଂସଦରେ ଉପସ୍ଥିତ ଅନ୍ୟ ସଦସ୍ୟମାନେ ଏନେଇ ଫ୍ଲୋବିୟୋଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଗୃହରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାବେଳେ ସଦସ୍ୟଙ୍କ ଏଭଳି କାର୍ଯ୍ୟକୁ ଅନୁଚିତ୍ ବୋଲି କହିଛନ୍ତି ବାଚସ୍ପତି ରୋବଟ ଫିକୋ।

# ଗୋଷ୍ଠୀସମୂହ ହିଁ ପରିବର୍ତ୍ତନର ଆଧାର

## ବିଶ୍ୱ ଏଡ୍‌ସ ଦିବସ

ଏଚ୍‌ଆଇଭି ସଂକ୍ରମଣ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୧ ଡିସେମ୍ବରରେ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଉଛି। ବିଶ୍ୱରେ ୨୦୧୮ ସୁଦ୍ଧା ୩କୋଟି ୮୦ ଲକ୍ଷ ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତି ରହିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ୧୭ ଲକ୍ଷ ଶିଶୁ। ଭାରତରେ ଏଚ୍‌ଆଇଭି ସଂକ୍ରମିତ ସଂଖ୍ୟା ୨୧ ଲକ୍ଷରୁ ଅଧିକ। ପ୍ରତିବର୍ଷ ୮୮,୦୦୦ ଜଣ ବ୍ୟକ୍ତି ନୂଆ ସଂକ୍ରମିତ ହେଉଛନ୍ତି ଓ ୬୯,୦୦୦ ଜଣଙ୍କର ଏଡ୍‌ସ ଜିନିତ ରୋଗରୁ ମୃତ୍ୟୁ ଘଟୁଛି। ଓଡ଼ିଶାରେ ଅକ୍ଟୋବର ୨୦୧୯ ସୁଦ୍ଧା ଏଚ୍‌ଆଇଭି ସଂକ୍ରମିତଙ୍କ ସଂଖ୍ୟା ୪୯,୬୬୧ ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୩୦,୭୩୮ ରହିଥିବାବେଳେ ମହିଳାଙ୍କ ସଂଖ୍ୟା ୧୮,୯୨୩।

ଏଡ୍‌ସର ମୁଖ୍ୟ ସଂକ୍ରମଣ ମାଧ୍ୟମ ହେଉଛି ଅସୁରକ୍ଷିତ ଯୌନ ସମ୍ପର୍କ। ମା'ଠାରୁ ଶିଶୁକୁ ମଧ୍ୟ ୩୦ପ୍ରତିଶତ କ୍ଷେତ୍ରରେ ଏହା ସଂକ୍ରମିତ ହୋଇଥାଏ। ବିଶୋଧିତ ହୋଇ ନଥିବା ଛୁଞ୍ଚି ଓ ସିରିଞ୍ଜ ଦ୍ୱାରା ଡ୍ରଗ୍ସ ବ୍ୟବହାର କରୁଥିବା ବ୍ୟକ୍ତି ଓ ସଂକ୍ରମିତ ରକ୍ତ ସଞ୍ଚାରଣ ଦ୍ୱାରା ଏହା ବ୍ୟାପିବା ଆଶଙ୍କା ରହିଥାଏ। ଏଡ୍‌ସ ସଂକ୍ରମଣ ରୋକିବା ଲାଗି ଯୌନକର୍ମୀ, ପୁରୁଷ ସମଲିଙ୍ଗୀ, ବର୍ଷର ଅଧିକାଂଶ ସମୟ ବାହାରେ ରହୁଥିବା ବ୍ୟକ୍ତିବିଶେଷ, ଟ୍ରକ୍ ଓ ଦୂରଗାମୀ ଗାଡିଚାଳକ ,ବାହାରୁ ଆସୁଥିବା ବ୍ୟକ୍ତିସମୂହ, ଶୀରା ମାଧ୍ୟମରେ ନିୟମିତ ନିଶା ନେଉଥିବା ବ୍ୟକ୍ତିମାନଙ୍କୁ ରକ୍ତ ପରୀକ୍ଷା କରିବାକୁ ଆଣିବା ସହିତ ସଂକ୍ରମଣ ନିରୂପଣ କାର୍ଯ୍ୟ ଉଭୟ ଦେଶ ଓ ରାଜ୍ୟରେ ଜାରି ରହିଛି। ସମ୍ବେଦନଶୀଳ ବ୍ୟକ୍ତିମାନଙ୍କ ମଧ୍ୟରେ ୯୦%ଭାଗକୁ ପରୀକ୍ଷା କରି ସେମାନଙ୍କର ଏଚ୍‌ଆଇଭି ସ୍ଥିତି ଜଣାଯାଉଛି। ଏହି ୯୦%ଭାଗ ନିରୂପିତ ଆକ୍ରାନ୍ତମାନଙ୍କ ମଧ୍ୟରୁ ନିହାତି ପକ୍ଷେ ୯୦%କୁ ଚିକିତ୍ସା ପରିସର ଆର୍ଥାତ୍ ଏଆର୍‌ଟି ଖାଇବାର ଲକ୍ଷ୍ୟ ରଖାଯାଇଛି। ଏହା ମଧ୍ୟ ପୂରଣ ହେବାକୁ ଯାଉଛି। ଏହି ଏଆର୍‌ଟି ବ୍ୟବହାରକାରୀମାନଙ୍କ ମଧ୍ୟରୁ ଅତିକମ୍‌ରେ ୯୦% ଆକ୍ରାନ୍ତଙ୍କର ଭୂତାଣୁ ସଂଖ୍ୟା କମାଯାଇ ସେମାନଙ୍କୁ ରୋଗର ଭୟାବହତାରୁ ରକ୍ଷାକରାଯାଉଛି। ୨୦୩୦ସୁଦ୍ଧା ଦେଶରୁ ସମ୍ପୂର୍ଣ୍ଣ ରୂପେ ଏଡ୍‌ସ ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରହିଛି ; ଯାହାର ମୂଳଭିତ୍ତି ହେଉଛି ଆଉ ନୂଆ ଏଚ୍‌ଆଇଭି ସଂକ୍ରମଣ ନ ହେବାକୁ ଦେବା। ବିନା ମୂଲ୍ୟରେ ସମସ୍ତ ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ମେଡିକାଲ କଲେଜ ପର୍ଯ୍ୟନ୍ତ ଏହି ପରୀକ୍ଷା ବ୍ୟବସ୍ଥା କରାଯାଉଛି। ସମସ୍ତେ ଏହାର ସୁଯୋଗ ନେବା ଉଚିତ୍। ପ୍ରତ୍ୟେକ ଅପରେଶନ୍ ଓ ସନ୍ତାନ ପ୍ରସବ ପୂର୍ବରୁ ଏହି ପରୀକ୍ଷା ଜରୁରୀ କରାଯାଉଛି। ଏଥିପାଇଁ 'ହୋଲ ବ୍ଲଡ୍ ଫିଙ୍ଗର ପ୍ରିକ୍ ଟେଷ୍ଟ' କିଟ୍‌ରେ ଯାଞ୍ଚ କରାଯାଇ ରିଆକ୍ଟିଭ୍ ବାହାରୁଥିବା ବ୍ୟକ୍ତିମାନଙ୍କୁ ପୁନଶ୍ଚ ନିଶ୍ଚିତ ପରୀକ୍ଷା କନ୍‌ଫରମେଶନ୍ ଟେଷ୍ଟ କରାଯାଉଛି। ଓଡ଼ିଶାରେ ଗର୍ଭବତୀ ମା'ମାନଙ୍କୁ ପରୀକ୍ଷା କରାଯାଇ ସଂକ୍ରମିତମାନଙ୍କୁ ଓ ସେମାନଙ୍କ ଶିଶୁମାନଙ୍କୁ ଚିକିତ୍ସା ପରିସରକୁ ଆଣିବା ସହଜ ହୋଇପାରିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏଥିପାଇଁ ନିଆଯାଇଥିବା ପଦକ୍ଷେପ ଏହି କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ଆଣିପାରିଛି।



### ଆମେ କ'ଣ କରିପାରିବା

- ନିଜେ ଏହି ସଂକ୍ରମଣ ବିଷୟରେ ଜାଣିବା ଓ ଅନ୍ୟମାନଙ୍କୁ ଜଣାଇବା
- ନିଜେ ଯଦି ସଂକ୍ରମଣର ଅଧିକ ସମ୍ଭାବନା ଗୋଷ୍ଠୀରେ ରହିଛନ୍ତି ତାହେଲେ ବିନା ଦ୍ୱିଧାରେ ଯାଇ ଯାଞ୍ଚ କେନ୍ଦ୍ରରେ ରକ୍ତପରୀକ୍ଷା କରାଇନେବା।
- ସଂକ୍ରମିତ ବ୍ୟକ୍ତିମାନେ ଜାଣିବା ଓ ନିଶ୍ଚିତ କରିବା ଉଚିତ୍ ଯେ, ସଂକ୍ରମଣ ଯେମିତି ତାଙ୍କଠାରୁ ଅନ୍ୟ କାହାକୁ ନ ବ୍ୟାପେ।
- ସ୍ୱାମୀ କିମ୍ବା ସ୍ତ୍ରୀ କାହାର ଜଣଙ୍କର ସଂକ୍ରମଣ ନିରୂପଣ ହେଲେ ଅନ୍ୟ ଜଣେ ଓ ପିଲାମାନଙ୍କର ମଧ୍ୟ ପରୀକ୍ଷା କରାଇନେବା ।
- ସଂକ୍ରମିତ ବ୍ୟକ୍ତିମାନଙ୍କ ସହିତ ଭେଦଭାବ ସୃଷ୍ଟି ନକରିବା ଓ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା।
- ଥରେ ସଂକ୍ରମଣ ଜଣାପଡି ଔଷଧ ନେଇଥିଲେ ଏହା ଚାଲୁ କରିବା ଓ ବନ୍ଦ ନକରିବା ତଥା ମଝିରେ ନିର୍ଦ୍ଦିଷ୍ଟ ସମୟରେ ରକ୍ତଯାଞ୍ଚ କରିବା।
- ଅସୁରକ୍ଷିତ ଯୌନ ସମ୍ପର୍କ ସମ୍ପୂର୍ଣ୍ଣରୂପେ ବନ୍ଦ କରିବା।
- ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତିମାନେ ନିଜର ଟିବି ପରୀକ୍ଷା କରାଇବା ଓ ନିରୂପିତ ବ୍ୟକ୍ତିମାନେ ଏଚ୍‌ଆଇଭି ପରୀକ୍ଷା କରାଇବା ଅତ୍ୟନ୍ତ ଜରୁରୀ।

ଡା. ରାମଚନ୍ଦ୍ର ରାଉତ
ମୋ-୯୪୩୭୭୪୨୪୯୯

# ଟିକ୍‌ଟକ୍ କ୍ରେଜ୍



ହ୍ୱାଟ୍ସଆପ୍ ହେଉ ବା ଫେସ୍‌ବୁକ୍ ଷ୍ଟାଟସ୍ ଖୋଲିବା ମାତ୍ରେ ବର୍ତ୍ତମାନ ସବୁଠୁ ଅଧିକ ଦେଖିବାକୁ ମିଳୁଛି ଟିକ୍‌ଟକ୍ ଭିଡିଓ। ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ ଯେପରି ନିଜର ଟିକ୍‌ଟକ୍ ଭିଡିଓ କରି ଅନ୍ୟମାନଙ୍କୁ ଦେଖାଇବା ଏକ ନିଶା ପାଲଟିଯାଇଛି। ଯେଉଁଥିରେ ସବୁଠୁ ଅଧିକ ପ୍ରଭାବିତ ହୋଇଛନ୍ତି ଯୁବପିଢ଼ି। ତେବେ ଏହା କାହାକୁ ଯୋଗାଉଛି ମନୋରଞ୍ଜନର ଭରପୂର ଖୋରାକ ତ ଆଉ କାହା ପାଇଁ ସାଜୁଛି ମୁଣ୍ଡବିନ୍ଧାର କାରଣ...

ବର୍ତ୍ତମାନ ସୋସିଆଲ୍ ମିଡିଆରେ ରାଜ୍ କରୁଛି ଟିକ୍‌ଟକ୍ ଭିଡିଓ। ଅଧିକରୁ ଅଧିକ ଲାଇକ୍ ଏବଂ କମେଣ୍ଟ ପାଇବା ନିଶାରେ ବିଭିନ୍ନ ପ୍ରକାର ଟିକ୍‌ଟକ୍ ଭିଡିଓ କରିବାକୁ ନେଇ ଅଧିକାଂଶଙ୍କ ମଧ୍ୟରେ ଚାଲିଛି ଯେମିତି କମ୍ପିଟିଶନ୍। ତେବେ ଟିକ୍‌ଟକ୍‌ରେ ସମସ୍ତଙ୍କଠୁ ନିଜ ଭିଡିଓକୁ ସ୍ପେଶାଲ କରିବା ଲାଗି ଅନେକେ ନୂଆ ନୂଆ ଫର୍ମୁଲା ଆପ୍ଲାଏ କରିବାରେ ସବୁଠୁ ଆଗରେ ଅଛନ୍ତି ଯୁବପିଢ଼ି। ତେବେ ଏହା କାହା ଲାଗି ନିଜ ପ୍ରତିଭା ଲୋକଲୋଚନକୁ ଆଣିବାର ମାଧ୍ୟମ ପାଲଟିଛି ତ କାହାକୁ ଯୋଗାଉଛି ଭରପୂର ମନୋରଞ୍ଜନର ଖୋରାକ। ପୁଣି ଅପରପକ୍ଷେ ଏହା କାହାର ସମୟ ନଷ୍ଟ କରୁଥିବା ବେଳେ ଆଉ କାହା ଲାଗି ସାଜୁଛି ଘାତକ। ଆସନ୍ତୁ ଜାଣିବା ଟିକ୍‌ଟକ୍ ଭିଡିଓକୁ ନେଇ କ'ଣ ମତ ରଖୁଛନ୍ତି ଏମାନେ...

**ଲୁକ୍କାୟିତ ପ୍ରତିଭା ପରିପ୍ରକାଶର ସୁଯୋଗ ଦେଇଛି:** ଟିକ୍‌ଟକ୍ ଭିଡିଓ ପ୍ରସ୍ତୁତ କରିବାକୁ ଖୁସି ଲାଗେ । ଖାଲି ସମୟରେ ଅନେକ ଭିଡ଼ିଓ କରିଛି। ଏଥିରେ ନିଜର ଅଭିନୟ ପାଇଁ ବହୁତ ପ୍ରଶଂସା ବି ପାଇଛି । ଲାଇକ୍ସ ବଢ଼ିଛି । ଏହାଦ୍ୱାରା ନିଜର ଲୁକ୍କାୟିତ ପ୍ରତିଭା ଅନ୍ୟ ଆଗରେ ପରିପ୍ରକାଶ କରିବା ପାଇଁ ମୋତେ ବହୁତ ସହାୟକ ହୋଇଛି । ତେଣୁ ଏବେ ପ୍ରତ୍ୟେକ ଦିନ ଅତିକ୍ରମରେ ଗୋଟିଏ ଟିକ୍‌ଟକ୍ ଭିଡିଓ ନିଜେ ଓ ସାଙ୍ଗମାନଙ୍କ ସହ ମିଶି କରୁଛି।

–ଏସ. ବିନୋଦ ଦାଶ, ଛାତ୍ର, ବ୍ରହ୍ମପୁର

**ନିଜ ସହ ଅନ୍ୟର ସମୟ ବି ନଷ୍ଟ କରୁଛନ୍ତି:** ବର୍ତ୍ତମାନ ହ୍ୱାଟ୍ସଆପ୍, ଫେସବୁକ୍ ଷ୍ଟଟସ୍ ହେଉ କି ୟୁଟ୍ୟୁବ୍ ସବୁ ଖୋଲିବା ମାତ୍ରେ ପ୍ରଥମେ ଦେଖିବାକୁ ମିଳୁଛି ଟିକ୍‌ଟିକ୍ ଭିଡିଓ। ନୂଆ ନୂଆ ଆରମ୍ଭ ହେବା ବେଳେ ଏହା ଦେଖିବାକୁ ଖୁବ୍ ମଜାଲାଗୁଥିଲା। ହେଲେ ବର୍ତ୍ତମାନ ଏହା ଏତେମାତ୍ରାରେ ବଢ଼ିବାରେ ଲାଗିଛି ଯେ, ଟିକ୍ ଟିକ୍ ନାଁ ଦେଖିଲେ ଭିଡିଓ ଦେଖିବାର ଇଚ୍ଛା କମିଯାଉଛି। ଏହାକୁ କରିବାର ନିଶା ଯୁବପିଢ଼ିଙ୍କୁ ଏମିତି ଘାରିଛି, ସେମାନେ ପାଠ ପଢ଼ା, କ୍ୟାରିଅର୍ ତଥା ଅନ୍ୟ ଜରୁରୀ କାର୍ଯ୍ୟ ପଛରେ ପକାଇ ଏହା ପିଛାରେ ଅଧିକ ସମୟ ନଷ୍ଟ କରୁଛନ୍ତି। ଆଉ ନିଜ ଭିଡିଓକୁ ବିଭିନ୍ନ ସୋସିଆଲ୍ ସାଇଟ୍‌ରେ ଛାଡି ଅନ୍ୟମାନଙ୍କ ସମୟ ବି ନଷ୍ଟ କରୁଛନ୍ତି।

– *ସୁମିତ୍ କୁମାର ଅଗ୍ରୱାଲ, ପଟିଆ, ଭୁବନେଶ୍ୱର*

**ଇଚ୍ଛା ପୂରଣ କରିଛି ଟିକ୍‌ଟକ୍:** ଟିକ୍‌ଟକ୍ ଭିଡିଓର ଚାର୍ମ ଅଲଗା। ଏହା ଦେଖିବାକୁ ଯେତିକି ଭଲ ଲାଗେ ନିଜେ କରିବାକୁ ତା'ଠୁ ଅଧିକ ମଜାଲାଗେ। ବର୍ତ୍ତମାନ ସୁଦ୍ଧା ୫ଶହରୁ ଊର୍ଦ୍ଧ୍ୱ ଟିକ୍‌ଟକ୍ ଭିଡିଓ କରି ସାରିଛି। ପ୍ରଥମେ ପ୍ରଥମେ ମ୍ୟୁଜିକ୍ ଭିଡିଓ କରୁଥିଲି। ବର୍ତ୍ତମାନ ବିଭିନ୍ନ ପ୍ରକାରର ଭିଡିଓ କରୁଛି। ମୋର ୨ ଶହରୁ ଊର୍ଦ୍ଧ୍ୱ ଭ୍ୟୁଅର୍ସ ବି ଅଛନ୍ତି। ସତ କହିବାକୁ ଗଲେ ଟିକ୍ ଟିକ୍ ଆସିବା ପରେ ପିଲାବେଳୁ ମୋର ଅଭିନୟ ପ୍ରତି ଥିବା ଇଚ୍ଛା ପୂରଣ ହୋଇପାରିଛି। ଯେତେବେଳେ ମୋ ଭିଡିଓରେ ଲାଇକ୍ସ ବଢୁଛି ଏବଂ କମେଣ୍ଟରେ ପ୍ରଶଂସା ମିଳୁଛି ବହୁତ ଖୁସିଲାଗୁଛି।

– *ସ୍ମରଣୀକା ଦାଶ, ଛାତ୍ରୀ, ପୁରୀ*

**ମନୋରଞ୍ଜନ ନିଶାରେ ବିପଦକୁ ନିମନ୍ତ୍ରଣ କରୁଛନ୍ତି:** ଟିକ୍‌ଟକ୍ ଆପ୍‌ରେ ଯୁବ ସମାଜ ତାଙ୍କର ମୂଲ୍ୟବାନ ସମୟକୁ ନଷ୍ଟ କରୁଛନ୍ତି । ଅଧିକ ଭିୟୁ ଏବଂ ଲାଇକ୍ସ ପାଇବା ପାଇଁ ଅନେକ ସମୟରେ ଜୀବନକୁ ବାଜି ଲଗାଇ ଭିଡ଼ିଓ ପ୍ରସ୍ତୁତ କରୁଛନ୍ତି । ଏପରି କି ବହୁ ଯୁବତୀଯୁବକଙ୍କର ଭିଡ଼ିଓ ରେକର୍ଡ ସମୟରେ ମୃତ୍ୟୁ ହେବାର ମଧ୍ୟ ନଜିର ରହିଛି । ଏହା ମନୋରଞ୍ଜନ କମ୍, ଦିନକୁ ଦିନ ବେଶି ବିପଦପୂର୍ଣ୍ଣ ହେବାରେ ଲାଗିଛି । କେବଳ ଏତିକି ନୁହେଁ, ଲାଇକ୍ସ ବଢ଼ାଇବା ପାଇଁ ବର୍ତ୍ତମାନ ଟିକ୍‌ଟକ୍ ଜରିଆରେ ଅଶ୍ଳୀଳ ଭିଡ଼ିଓ ବି ପ୍ରସ୍ତୁତ କରାଯାଉଛି । ବିଶେଷ କରି କଲେଜ ଛାତ୍ରୀଛାତ୍ରମାନେ ଅଶ୍ଳୀଳ ଇଙ୍ଗିତ ଏବଂ ନୃତ୍ୟର ଭିଡ଼ିଓ କରୁଛନ୍ତି। ତେଣୁ ଏସବୁକୁ ରୋକିବା ଆବଶ୍ୟକ। ଏଥିପାଇଁ କେବଳ ଟିକ୍‌ଟିକ୍ ଆପ୍‌କୁ ବନ୍ଦ କରିଦେଲେ, ସମସ୍ୟାର ସମାଧାନ ହେବ ନାହିଁ । ଏହାକୁ ବନ୍ଦ ହେଲେ, ଆଉ ଏକ ଆପ୍ ବାହାରିଯିବ । ଏଣୁ ସରକାର ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବା ସହ ଅଶ୍ଳୀଳତା ଏବଂ ବିପଦପୂର୍ଣ୍ଣ ଭିଡ଼ିଓ ରୋକିବା ଦିଗରେ ପଦକ୍ଷେପ ନେବା ଜରୁରୀ ।

–*ଜଗଦୀଶ ସାହୁ, ଯୁବ ଉଦ୍ୟୋଗୀ, ବ୍ରହ୍ମପୁର*

**ଲୋଡା ସରକାରୀ ଅଙ୍କୁଶ:** ଯୁବପିଢ଼ିଙ୍କ ମଧ୍ୟରେ ଟିକ୍‌ଟକ୍ ଭାଇରାସ ପରି ପସିଗଲାଣି। ଏଥିଲାଗି ଯୁବତୀ, ଯୁବକଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ରେଷ୍ଟୁରାଣ୍ଟ, କଲେଜ କ୍ୟାଣ୍ଟିନ, କ୍ଲାସରୁମ, ଘରେ, ବଜାରରେ ଚାରିଆଡେ ଟିକ୍‌ଟିକ ନିଶା ଘାରିଛି। ଟିକ୍‌ଟକ୍ ମନୋରଞ୍ଜନ ପରିବର୍ତ୍ତେ ମୃତ୍ୟୁକୁ ଆମନ୍ତ୍ରଣ କରୁଛି। ନିକଟରେ ଘଟିଥିବା ଘଟଣାରୁ ଯୁବପିଢ଼ି କୌଣସି ଶିକ୍ଷାଲାଭ କରୁନାହାନ୍ତି। ଏହା ବର୍ତ୍ତମାନ ଯୁବତୀଯୁବକଙ୍କୁ ଗ୍ରାସିବାକୁ ଲାଗିଛି। ଏହା ଉପରେ ସରକାର ଅଙ୍କୁଶ ଲଗାଯିବା ଆବଶ୍ୟକ।

– *ଜନାର୍ଦ୍ଦନ ବେହେରା, ପଲ୍ଲୀ, ପୁରୀ ସଦର*


ଜଗଦୀଶ


ଜନାର୍ଦ୍ଦନ


ବିନୋଦ


ସ୍ମରଣୀକା


ସୁମିତ୍

## ଏ ସପ୍ତାହର ପ୍ରଶ୍ନ

୧– ୟୁରୋପିଆନ କୋର୍ଟ ଅଫ୍ ଜଷ୍ଟିସ୍‌ର ହେଡ୍‌କ୍ୱାର୍ଟର........... ଠାରେ ରହିଛି ?
୨– ଭାରତର ଆଟୋମିକ୍ ଏନର୍ଜି କମିଶନର ପ୍ରଥମ ଚେୟାରମ୍ୟାନ୍........... ?
୩– ପ୍ରସିଦ୍ଧ ସଂଗୀତକାର ଗୁଲଜାର୍‌ଙ୍କ ପ୍ରଥମ ଇଂରାଜୀ ଉପନ୍ୟାସ......... ?
୪– ଶ୍ରୀଲଙ୍କାର ନୂଆ ରାଷ୍ଟ୍ରପତି ଭାବେ........ ଯୋଗଦେଇଛନ୍ତି ?
୫– ଭାରତରେ ବାୟୋ ଗ୍ୟାସ୍ ବସ୍ ଚଳାଚଳ ସର୍ବପ୍ରଥମେ.......... ସହରରେ ଆରମ୍ଭ କରାଗଲା ?

## ଗତ ଥରର ଉତ୍ତର

୧ ମ୍ୟାଡାମ୍ କ୍ୟୁରୀ
୨ ଭାନୁ ଆଥିୟା
୩ ମୋହାଲି
୪ ଅନିନ୍ଦିତା ନିୟୋଗୀ ଆନାମ୍
୫ ତାଇବାନ୍

## ଉତ୍ତର ଦାତା


ସଞ୍ଜୟ ଦଳାଇ, ଭଦ୍ରକ


ସୌମ୍ୟରଞ୍ଜନ ମୁଦୁଲି, ପୁରୀ


ସୋନାଲୀ ବେହେରା, ଗଞ୍ଜାମ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

**ପୃଥିବୀର ସବୁଠୁ ସୁନ୍ଦର ଷ୍ଟାଡିୟମ୍ ୨୦୧୯**



୧– ସକ୍କର ସିଟି ଷ୍ଟାଡିୟମ୍, ଜୋହାନ୍ସବର୍ଗ, ସାଉଥ୍ ଆଫ୍ରିକା
୨– ମାରାକାନା ଷ୍ଟାଡିୟମ, ରିଓ ଡି ଜେନିରୋ, ବ୍ରାଜିଲ
୩– ଆଲିଆଞ୍ଜ୍ ଆରେନା, ମ୍ୟୁନିଚ୍, ଜର୍ମାନୀ
୪– ୱେମ୍ବ୍ଲେ ଷ୍ଟାଡିୟମ୍, ଲଣ୍ଡନ୍
୫– ଦି ଫ୍ଲୋଟ୍ ଆଟ୍ ମରିନା ବେ, ସିଙ୍ଗାପୋର୍
୬– ପଞ୍ଜୋ ଆରେନା, ହଙ୍ଗେରୀ
୭– ଷ୍ଟାଡିଅନ୍ ଗସ୍କିନ୍ ଡୋଲକ୍, କ୍ରୋଏସିଆ
୮– ଇଷ୍ଟାଡିଓ ମୁନିସିପାଲ୍ ଡେ ଆଭେରିଓ, ପର୍ତ୍ତୁଗାଲ
୯– ସ୍ୱାଙ୍ଗାସ୍କାର୍ଡ ଷ୍ଟାଡିୟମ୍, ଫାରୋଜ୍
୧୦– ବାଡ୍ସ ନେଷ୍ଟ ଷ୍ଟାଡିୟମ୍, ବେଜିଂ, ଚାଇନା

**ଧରିତ୍ରୀ**ର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ କୃଷିଉନ୍ନୟନ ଏବଂ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ

କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର
ମୋରଡା, ଚିଡ୍ରଡା

ପ୍ରଗତି ପଥେ....
ଅରିଲୋ ଗ୍ରାମପଞ୍ଚାୟତ, କଟକସଦର
ଜନସାଧାରଣଙ୍କର ସାହାଯ୍ୟ ଓ ସହଯୋଗ ଦ୍ୱାରା ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଅର୍ଥର ସୁବିନିଯୋଗ ।
ଅକ୍ଷୟ କୁମାର ସାହୁ
ସରପଞ୍ଚ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ କଟକ ସଦର ପଞ୍ଚାୟତ ସମିତିର ଚାଷୀଭାଇ ଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରୁଅଛି ।
ଆସ ଉନ୍ନତ ପ୍ରଣାଳୀରେ ଚାଷ କାର୍ଯ୍ୟ ଆପଣେଇବା ।
ସମର ବେହେରା
ସଭାପତି, ଆମ୍ବା

ପ୍ରଗତି ପଥେ....
କଳପଡ଼ା ଗ୍ରାମପଞ୍ଚାୟତ, କଟକସଦର
ପଞ୍ଚାୟତ ବାସୀଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଁ ସଙ୍କଳ୍ପ ବଦ୍ଧ ।
ସରୋଜ କୁମାର ନାୟକ
ସରପଞ୍ଚ

ଦୈନିକ ଖବରକାଗଜ ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ଧରିତ୍ରୀ ପରିବାର ଓ ପାଠକଙ୍କୁ ଶୁଭେଚ୍ଛା ଜଣାଉଛି।

ଜି. ମୋହନ ଡୋରା
କୋରାପୁଟ ଡିଷ୍ଟ୍ରିକ୍ଟ, ସେକ୍ରେଟାରୀ
ଭାରତୀୟ ଜନତା ପାର୍ଟି

କଟକ ଜିଲ୍ଲା ପରିଷଦ ଜୋନ ନଂ.-୪ ଅନ୍ତର୍ଗତ ଆମଣ, ଖଣ୍ଡେଏତା ଓ ଉରାଳ ଗ୍ରାମପଞ୍ଚାୟତ ବାସୀଙ୍କର ସୁଖ, ସମୃଦ୍ଧି ଓ ନିରାମୟ ଜୀବନ କାମନା କରୁଅଛି।
ଜୀବନ ସାମନ୍ତରାୟ
ଜିଲ୍ଲା ପରିଷଦ ସଭ୍ୟ

ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୪୬ତମ ଜନ୍ମ ବାର୍ଷିକୀ ଅବସରରେ ବଡମ୍ବା ବ୍ଲକର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମକର୍ତ୍ତାଙ୍କୁ ମୋର ଅଭିନନ୍ଦନ।

ପୂର୍ଣ୍ଣଚନ୍ଦ୍ର ମିଶ୍ର
ସଭାପତି, ବଡମ୍ବା ବ୍ଲକ, ପ୍ରାଥମିକ ଶିକ୍ଷକ ସଂଘ

ଦୈନିକ ଓଡ଼ିଆ ଖବର କାଗଜ 'ଧରିତ୍ରୀ'ର ୪୬ତମ ଜନ୍ମ ବାର୍ଷିକୀ ଅବସରରେ ପରଜାପଡ଼ା ଗ୍ରାମପଞ୍ଚାୟତର ସମସ୍ତ ଗୁରୁଜନ, ମା', ଭଉଣୀ, ଭାଇ ଓ ଯୁବସାଥୀମାନଙ୍କୁ ମୋର ଅଭିନନ୍ଦନ।

ଚିନ୍ତାମଣି ସାମଲ (ବିଦେଶୀ)
ସରପଞ୍ଚ, ପରଜାପଡା ଗ୍ରାମପଞ୍ଚାୟତ
ବଡମ୍ବା, କଟକ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସରେ ପ୍ରହରାଜପୁର ଗ୍ରାମପଞ୍ଚାୟତ, କଟକସଦର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛି। ସମସ୍ତଙ୍କର ସହଯୋଗରେ ଜନସେବା ଏକାନ୍ତ କାମ୍ୟ।

ଶ୍ରୀମତୀ ରୂପସୀ ସାହୁ
ସରପଞ୍ଚ

ଦୈନିକ ଖବରକାଗଜ ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ଧରିତ୍ରୀ ପରିବାର ଓ ପାଠକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

ଲାଲୁ ଷଡ଼ଙ୍ଗୀ
ସିନିୟର୍ ଆଡଭୋକେଟ୍

ପ୍ରଗତି ପଥେ
ଫକିରପଡ଼ା ଗ୍ରାମପଞ୍ଚାୟତ, କଟକସଦର ପଞ୍ଚାୟତ ସମିତି ଅଢେଇ ବର୍ଷରେ ୭୫ଜଣଙ୍କୁ ଭତ୍ତା ପ୍ରଦାନ ୭୫ଲକ୍ଷ ଟଙ୍କାର ନିର୍ମାଣ ଭିତ୍ତିକ କାର୍ଯ୍ୟ, ୪୦ଜଣଙ୍କୁ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ପ୍ରଦାନ ସହ ୭୦ଜଣଙ୍କୁ ରାଶନ କାର୍ଡ, ନୂଆକରି ୨୦୦ ପାଇଖାନା କରାଯାଇଛି।

ଯତୀନ କୁମାର ରାଉଳ
ସରପଞ୍ଚ

ଦୈନିକ 'ଧରିତ୍ରୀ'ର ଜନ୍ମ ବାର୍ଷିକୀ ଉତ୍ସବ ପାଳିତ ଅବସରରେ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ସମବାୟବିତ୍, କୃଷକ, ସେବାସମବାୟ ସମିତିର ସମସ୍ତ ସଭ୍ୟ ଓ ସଭ୍ୟା ଭାଇ ଓ ଭଉଣୀମାନଙ୍କୁ ମୋର ଅଭିନନ୍ଦନ ଓ ଶୁଭକାମନା।

ରଘୁପତି ମହାନ୍ତି
ଖାରୋଡ଼ା, ବଡମ୍ବା, କଟକ
ନିର୍ଦ୍ଦେଶକ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ

'ଧରିତ୍ରୀ' ଖବରକାଗଜର ୪୬ତମ ଜନ୍ମବାର୍ଷିକୀ ପାଳିତ ଅବସରରେ ବଡ଼ମ୍ବା ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ, ସହାୟିକା ଓ ସମସ୍ତ କର୍ମଚାରୀଙ୍କୁ ମୋର ଶୁଭେଚ୍ଛା ଓ ଶୁଭକାମନା।

ପ୍ରମିଳା ଦେଈ
ସି.ଡି.ପି.ଓ., ବଡମ୍ବା ବ୍ଲକ

## ସଂକ୍ଷେପରେ

### କଳାଝାଟିଆଛକ ଦୋକାନରୁ ଚୋରି

**ଖଇରା, ୩୦।୧୧(ଡି.ଏନ.ଏ.):** ସୋର-କୁପାରୀ ରାସ୍ତାର କଳାଝାଟିଆ ଛକରେ ଥିବା ପ୍ରଭାକର ନାୟକଙ୍କ ଭେରାଇଟି ଷ୍ଟୋରରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ନେଇ ଖଇରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଚୋରମାନେ ଉପର ଆଜବେଷ୍ଟସ୍ କାଟି ଭିତରେ ପଶି ନଗଦ ୨୦ହଜାର ଟଙ୍କା ଓ ଅନ୍ୟ ୩୦ହଜାର ଟଙ୍କାର ଅନ୍ୟାନ୍ୟ ସାମଗ୍ରୀ ନେଇ ପଳାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଖଇରା ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

### ବିଜ୍ଞାନମେଳାରେ ୯୨ ପ୍ରକଳ୍ପ

**ଔପଦା, ୩୦।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ଦରଖୋଲି ନୋଡାଲ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ବିଇଓ ବିଜୟ କୁମାର ଗିରି ସଭାପତିତ୍ୱ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସୁଥିବା କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ୯୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅଧିକାଂଶ ପ୍ରକଳ୍ପ ପ୍ରଦୂଷଣ ଜନିତ ସମସ୍ୟା ଓ ତାର ନିରାକରଣ ଓ ଟ୍ରାଫିକ ଜନିତ ସମସ୍ୟା ସ୍ଥାନ ପାଇଥିଲା। ଔପଦା ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ଗିରିଙ୍କ ଅଧକ୍ଷତାରେ ବିଜ୍ଞାନ ମେଳା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ରୁପେ ଗଣିତ ଅଧାପକ ମନିନ୍ଦ୍ର କୁମାର ଦୀକ୍ଷିତ, ସମ୍ମାନିତ ଅତିଥି ଭାବେ ଡଃ ଷଡାନନ ଲେଙ୍କା, ଶିକ୍ଷାବିତ ମହେନ୍ଦ୍ର ପ୍ରସାଦ ବାରିକ, ବ୍ଲକ ଅଧକ୍ଷା ନିର୍ମଳା ବିଶ୍ୱାଳ, ଏବିଇଓ ଶମ୍ଭୁନାଥ ଗୋଛାୟତ, ପ୍ରମୁଖ ଯୋଗଦେଇ ବିଜ୍ଞାନ ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ବସ୍ତା ସେବା ସମବାୟ ସମିତିର ବାର୍ଷିକ ସଭା

**ବସ୍ତା, ୩୦।୧୧(ସ୍ୱ.ପ୍ର.):** ବସ୍ତା ସେବା ସମବାୟ ସମିତିର ସଭାପତି ମନୋଜ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ବସ୍ତା ଶାଖା ପରିଚାଳକ ଅରୁଣ କୁମାର ମାଇତି, ମୁଖ୍ୟବକ୍ତା ବ୍ୟାଙ୍କ ନିର୍ଦ୍ଦେଶକ ଅଜୟ କୁମାର ସାମଲ ଯୋଗଦେଇ ଚାଷୀଙ୍କ ଠାରୁ ଧାନକ୍ରୟ, ଋଣ ନେଣଦେଣ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ସମିତିର ଉନ୍ନତିରେ ସମସ୍ତଙ୍କ ସହଯୋଗ ପାଇଁ ପରାମର୍ଶ ଦେଇଥିଲେ। ସମିତିସଭ୍ୟ ତଥା ସୋସାଇଟି ନିର୍ଦ୍ଦେଶକ ରବୀନ୍ଦ୍ର ଦାସ, ସରପଞ୍ଚ ପ୍ରଣତି ସାହୁଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ଚାଷୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ଅନୁଗୋଳ କଂଗ୍ରେସ ଭବନରେ ଏଆଇସିସି ସମ୍ପାଦକ

# ଡିସିସି ସଭାପତି ଚୟନ ପାଇଁ ମତ ଲୋଡ଼ିଲେ

**ଅନୁଗୋଳ ଅଫିସ, ୩୦।୧୧**



ଅନୁଗୋଳ ବଜାରରେ ଥିବା କଂଗ୍ରେସ ଭବନରେ ଶନିବାର ପୂର୍ବାହ୍ନରେ ଏଆଇସିସି ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ସେକ୍ ମସ୍ତାନୀ ଭାଲି ଓ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ପହଞ୍ଚିଥିଲେ। ଏହି ଅବସରରେ ଜିଲାର ୫ ନିର୍ବାଚନ ମଣ୍ଡଳୀର କଂଗ୍ରେସ କର୍ମୀଙ୍କୁ ନେଇ ଏକ ବୈଠକ ଆୟୋଜନ କରାଯାଇଥିଲା। ଜିଲା କଂଗ୍ରେସ କମିଟି(ଡିସିସି) ସଭାପତି ଚୟନ କରାଯିବା ବୈଠକର ମୁଖ୍ୟ ଲକ୍ଷ୍ୟ ରହିଥିଲା। ଏଥିପାଇଁ ଦଳର ବରିଷ୍ଠ ଓ ଯୁବକଙ୍କ ମତ ଲୋଡାଯାଇଥିଲା। ସେହିପରି ସାଧାରଣ ନିର୍ବାଚନରେ ଜିଲାରେ କଂଗ୍ରେସ ୩ଟି ନିର୍ବାଚନ ମଣ୍ଡଳୀରେ ନୈରାଶ୍ୟ ଜନକ ପ୍ରଦର୍ଶନର କାରଣ ଉପରେ ଉଭୟେ ସମୀକ୍ଷା କରିଥିଲେ। ଦଳୀୟ ସଙ୍ଗଠନ ଧିରେ ଧିରେ ସ୍ଥାଣୁ ପାଲଟି ଯାଉଛି। ତେଣୁ ତୃଣମୂଳସ୍ତରରୁ ସଙ୍ଗଠନ ମଜଭୁତ କରିବା ଉପରେ ଏଆଇସିସି ସମ୍ପାଦକ ଗୁରୁତ୍ୱ ଦେଇଥିଲେ। ଏଥିସହ ଜିଲା ସଭାପତି ଚୟନ କରିବା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ସାଲୁଜା ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ଏକତ୍ରିତ ହୋଇ ସମସ୍ତ କର୍ମୀ ଉଦ୍ୟମ କଲେ ସଙ୍ଗଠନ ମଜଭୁତ ହୋଇପାରିବ ବୋଲି ସେ କହିଥିଲେ। ଅନୁଗୋଳ ଡିସିସି ସଭାପତି ବିପ୍ଳବ ଜେନା, କାର୍ଯ୍ୟକାରୀ ସଭାପତି ଅମ୍ବିକା ଭଞ୍ଜ, ସୁରେଶ ବେହେରା, ପୂର୍ବତନ ନଗରପାଳ ଅକ୍ଷୟ କୁମାର ସାମନ୍ତ, ସୁକାନ୍ତି ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଧୀର, ଜିଲା ପରିଷଦ ସଦସ୍ୟ ଦିଗାମ୍ବର ଗଡ଼ନାୟକ, ବେଣୁଧର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ବଂଶୀଧର ପ୍ରଧାନ, ଯୁବ କଂଗ୍ରେସର ରମେଶ ସାମଲ ପ୍ରମୁଖଙ୍କ ସହ ୫ଟି ନିର୍ବାଚନ ମଣ୍ଡଳୀର ଶତାଧିକ କର୍ମୀ ଉପସ୍ଥିତ ଥିଲେ।

■ରାଜ୍ୟସ୍ତରୀୟ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ

# ଗ୍ରୁପ ପର୍ଯ୍ୟାୟ ଶେଷ, ଆଜି ଫାଇନାଲ

**ଅନୁଗୋଳ ଅଫିସ, ୩୦।୧୧**

ଅନୁଗୋଳ ଜିଲାରେ ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ-୨୦୧୯ର ବାଳକ ବିଭାଗର ଗ୍ରୁପ ପର୍ଯ୍ୟାୟର ସମସ୍ତ ମ୍ୟାଚ ଶନିବାର ଶେଷ ହୋଇଛି। ପ୍ରଥମ ମ୍ୟାଚରେ ବାଲେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରି ୯୯ ରନ୍ ସଂଗ୍ରହ କରିଥିଲା। ଜବାବରେ ବରଗଡ଼ ୮୧ ରନ୍ କରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୪୩ ରନ୍ କରିଥିଲା। ଜବାବରେ ନୂଆପଡ଼ା ଦଳ ୭୩ ରନ୍ କରି ପରାସ୍ତ ହୋଇଛି। ତୃତୀୟ ମ୍ୟାଚରେ ମୟୁରଭଞ୍ଜ ୧୩୦ ରନ୍ କରିଥିଲା। ଜବାବରେ ଜଗତସିଂହପୁର ୧୦୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଚତୁର୍ଥ ମ୍ୟାଚରେ ଯାଜପୁର ୧୩୫ ରନ୍ କରିଥିବାବେଳେ ଜବାବରେ ବଲାଙ୍ଗୀର ଦଳ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ସେହିପରି ପଞ୍ଚମ ମ୍ୟାଚରେ ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୨୮ ରନ୍ କରିଥିଲା। ଜବାବରେ ଭଦ୍ରକ ଦଳ ୯୧ ରନ୍ କରି ପରାଜିତ ହୋଇଥିଲା। ଷଷ୍ଠ ମ୍ୟାଚରେ ବାଲେଶ୍ୱର ୮୬ ରନ୍ କରିଥିବାବେଳେ ଜବାବରେ ସୁନ୍ଦରଗଡ଼ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ତେବେ ରବିବାର ମୟୁରଭଞ୍ଜ ଓ ସୁନ୍ଦରଗଡ଼ ମଧ୍ୟରେ ପ୍ରଥମ ସେମିଫାଇନାଲ ଏବଂ ଦ୍ୱିତୀୟ ସେମିଫାଇନାଲ ଭୁବନେଶ୍ୱର ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହେବ। ଏହି ଦୁଇ ମ୍ୟାଚର ବିଜେତାଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ କୁମାର ସିହ୍ନା ସୂଚନା ଦେଇଛନ୍ତି।

# ବିଦାୟକାଳୀନ ସମ୍ବର୍ଦ୍ଧନା



ପ୍ରାଧ୍ୟାପକଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଉଛି।

**ବଇଣ୍ଡା,୩୦।୧୧(ଡି.ଏନ୍.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଜନତା କଲେଜ ପ୍ରାଧ୍ୟାପକ ଶ୍ରୀନିବାସ ଦେହୁରୀଙ୍କୁ କଲେଜ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟାପିକା ଡ. ସବିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଅଧକ୍ଷ ସିଦ୍ଧାର୍ଥ ପଣ୍ଡା ଯୋଗଦେଇ ତାଙ୍କର ଅଧ୍ୟାପକ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ କାଳନ୍ଦିଚରଣ ପ୍ରଧାନ, ରବିନାରାୟଣ ବେହେରା, ଅସିତ ଜେନା, ଚନ୍ଦ୍ରଶେଖର ସିଂ, ଶୁଭାଶିଷ ପ୍ରଧାନ, ସନ୍ଧ୍ୟାରାଣୀ ରାଉତ, ଅରୁନ୍ଧତୀ ସାହୁ, ମଧୁସ୍ମିତା ସାହୁ, ତରଣୀସେନ ସାହୁ, ରମାକାନ୍ତ କୁଲୁଙ୍କ ସମେତ କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀନିବାସଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନିରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

# ଦୁର୍ଘଟଣାରେ ଜଣେ ମୃତ

**ବଅଁରପାଳ, ୩୦।୧୧(ଡି.ଏନ.ଏ.)**

ବଅଁରପାଳ ଥାନା ତଣ୍ଟିଲେଇ ନିକଟରେ ଶନିବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ପବନା ନାୟକ(୪୫) ବୋଲି ଜଣାପଡିଛି। ସେ ସକାଳେ ଚାଲିଚାଲି ଯାଉଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଏ ସଂକ୍ରାନ୍ତରେ ବଅଁରପାଳ ପୋଲିସ ଏକ ମାମଲା ରୁଜୁ କରିଛି।

# ଅର୍ଦ୍ଧଉଲଗ୍ନ ଅବସ୍ଥାରେ ରାସ୍ତାରେ ବସିଲେ ଶିକ୍ଷୟିତ୍ରୀ

**ଅନୁଗୋଳ ଅଫିସ, ୩୦।୧୧**

ବିଶୃଙ୍ଖଳିତ ଆଚରଣ ପାଇଁ ଚାକିରିରୁ ନିଲମ୍ବିତ ହୋଇଥିବା ଜଣେ ଶିକ୍ଷୟିତ୍ରୀ ଶନିବାର ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟରେ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଅର୍ଦ୍ଧଉଲଗ୍ନ ଅବସ୍ଥାରେ ବସିଥିବା ଦେଖିବାକୁ ମିଳିଥିଲା। ଏଥିଯୋଗୁ ସେଠାରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ନିକଟରେ ଥିବା ବିଭିନ୍ନ କାର୍ଯ୍ୟାଳୟରୁ ମହିଳାମାନେ ଆସି ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ପରେ ଅନୁଗୋଳ ପୋଲିସ ପକ୍ଷରୁ ଏସ୍‌ଆଇ ଯମୁନା ମାରାଣ୍ଡି ଶିକ୍ଷୟିତ୍ରୀଙ୍କୁ ଉଦ୍ଧାର କରି ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ପରିବାର ଲୋକଙ୍କ ଜିମା ଦେଇଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ କହିଛନ୍ତି, ବିଭିନ୍ନ ସମୟରେ କାର୍ଯ୍ୟରେ ଅନିୟମିତତା କାରଣରୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟରୁ ସସ୍‌ପେଣ୍ଡ କରାଯାଇଥିଲା। ପରେ ହେଡକ୍ୱାର୍ଟର୍ସ ସିଫ୍ଟ କରାଯାଇ ତାଙ୍କୁ ବଜାରପଡ଼ା ବିଦ୍ୟାଳୟକୁ ପୋଷ୍ଟିଂ କରାଯାଇଥିଲା। କିନ୍ତୁ ସେ କାର୍ଯ୍ୟରେ ଯୋଗ ନ ଦେବା ସହ ରିପୋର୍ଟିଂ ମଧ୍ୟ କରି ନ ଥିଲେ। ଏପରି କି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଆସି ବିଶୃଙ୍ଖଳିତ ଆଚରଣ କରିବା ପରେ ତାଙ୍କୁ ପୁଣି ନିଲମ୍ବନ କରାଯାଇଥିଲା। ତେବେ ସେ କେଉଁ କାରଣରୁ ରାସ୍ତାରେ ବସୁଛନ୍ତି ସେ ସମ୍ପର୍କରେ କିଛି କହି ପାରିବେ ନାହିଁ ବୋଲି ଶିକ୍ଷା ଅଧିକାରୀ କହିଛନ୍ତି।

# ବିଜ୍ଞାନ ମେଳା ଉଦ୍‌ଯାପିତ

**କଣିହାଁ,୩୦।୧୧(ଡି.ଏନ୍.ଏ.)**

କଣିହାଁ ବ୍ଲକ କାକୁଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବ୍ଲକସ୍ତରୀୟ ବିଜ୍ଞାନ ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଚାରମଣ୍ଡଳୀଙ୍କ ଦ୍ୱାରା ବୋଲ, କାକୁଡ଼ିଆ, ବଡହୀରା, ବ୍ରଜକୋଟ, ସାନତ୍ରିବିଡ଼ା, କୁଲୁମା, ବିରୁ, ଗଣ୍ଡମାଳା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପ ମଧ୍ୟରୁ ୮ଟିକୁ ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ଦେହୁରି, ଶିକ୍ଷୟିତ୍ରୀ ତୁଳସା ପାତ୍ର ସହଯୋଗ କରିଥିଲେ।



କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ୬ଷ୍ଠ ଦିନରେ ପୁସ୍ତକ ମେଳା, ଲୋକ ମହୋତ୍ସବ

**କଣିହାଁ,୩୦।୧୧(ଡି.ଏନ୍.ଏ.)**



ପୁସ୍ତକ ମେଳା ଓ ଲୋକ ମହୋତ୍ସବର ୬ଷ୍ଠ ସନ୍ଧ୍ୟା।

କଣିହାଁ ବ୍ଲକ ବିଜିଗୋଳ ରାମ ମନ୍ଦିର ନିକଟ ରଙ୍ଗବେଡ଼ା ପଡ଼ିଆରେ ଚାଲିଥିବା ପୁସ୍ତକ ମେଳା ଓ ଲୋକ ମହୋତ୍ସବ ଶନିବାର ୬ଷ୍ଠ ଦିନରେ ପହଞ୍ଚିଛି। ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମପି ମହେଶ ସାହୁ, ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ, କିମ୍ସ ହସ୍ପିଟାଲ ଡାକ୍ତର ପଞ୍ଚାନନ ସାହୁ ଯୋଗ ଦେଇଥିଲେ। କଣିହାଁ ପବିତ୍ରମୋହନ ନାଗରିକ ମଞ୍ଚ, କର୍ପୋରେଟ ସଂସ୍ଥା ଓ ବଦାନ୍ୟ ବ୍ୟକ୍ତିଙ୍କ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକର୍ତ୍ତା ପ୍ରହ୍ଲାଦ ଚନ୍ଦ୍ରପାଣି ସଭାପତିତ୍ୱ କରିଥିଲେ। ରଞ୍ଜନ ମିଶ୍ର, ଚନ୍ଦ୍ରବିଜୟ ମିଶ୍ର ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ବହୁ ମାନ୍ୟଗଣ୍ୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶେଷରେ ମନୋରଞ୍ଜନ ପାଇଁ ବିଭିନ୍ନ ଜିଲାର କଳାକାରମାନେ ଲୋକକଳା ପ୍ରଦର୍ଶନ କରିଥିଲେ।

■ବସଲା ଦକ୍ଷିଣକାଳୀ କ୍ରିକେଟ ଟୁର୍ନାମେଣ୍ଟ

# ଖାଲଙ୍ଗା, ଫୁଲପଡା ବିଜୟୀ

**ବନ୍ତଳା, ୩୦।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଳା ଥାନା ବସଲା ଖେଳପଡିଆରେ ଶନିବାର ମା' ଦକ୍ଷିଣ କାଳୀ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବନ୍ତଳା ଥାନା ଆଇଆଇସି ଗୀତାଞ୍ଜଳି ସାହୁ ସମ୍ମାନିତ ଅତିଥି ଭାବରେ ହିଡ଼ିସିଙ୍ଗ କୃଷକ ମହାସଙ୍ଘ ସଭାପତି ଦିନେଶ କୁମାର ଦେହୁରୀ, ଅନ୍ୟତମ ଅତିଥି ଭାବେ ବସଲା ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଚ୍ୟୁତା ନନ୍ଦ ସ୍ୱାଇଁ, ପୂର୍ବତନ ସରପଞ୍ଚ ବେଣୁଧର ବେହେରା, ଗତିକୃଷ୍ଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ସୁରା ଏକାଦଶ ଏବଂ ଖାଲଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁରା ଏକାଦଶ ପ୍ରଥମେ ୧୧୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଖାଲଙ୍ଗା ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ବଣମିରା ଓ ଫୁଲପଡା ମଧ୍ୟରେ ଖେଳାଯାଇଥିଲା। ବଣାମିରା ପ୍ରଥମେ ବ୍ୟାଟିଂ କରି ୫୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଫୁଲପଡା ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ବିଶ୍ୱମୋହନ ଚିନ୍ମୟ ମହାପାତ୍ର ଓ ବିଦ୍ୟାଧର ବେହେରା ଖେଳ ପରିଚାଳନା କରିଥିଲେ। ରବିବାର ନୂଆନାଳୀ ସହିତ କୁରୁମିଠା ଏବଂ କୁମୁରିସିଙ୍ଗା ସହିତ କୁଶାସିଙ୍ଗା ମଧ୍ୟରେ ଖେଳ ଅନୁଷ୍ଠିତ ହେବ।



ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳିମାନେ ଅତିଥିଙ୍କ ସହ।

■ମେଡିକ୍ସ ପକ୍ଷରୁ ଏଡ୍ସ ସଚେତନତା କାର୍ଯ୍ୟକ୍ରମ

# ଆକ୍ରାନ୍ତଙ୍କୁ ଚିକିତ୍ସା, ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ

**ଅନୁଗୋଳ ଅଫିସ, ୩୦।୧୧**

ଡିସେମ୍ବର ୧ରେ ବିଶ୍ୱ ଏଡ୍ସ ଦିବସ ପାଳନ ଉପଲକ୍ଷେ ମେଡିକ୍ସ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଏଚ୍‌ଆଇଭି ଆକ୍ରାନ୍ତଙ୍କୁ ଚିହ୍ନଟ କରାଯିବା ସହ ସେମାନଙ୍କୁ ଚିକିତ୍ସାସେବା ତଥା ସ୍ୱାସ୍ଥ୍ୟ ସୁରକ୍ଷା ଜନିତ ପରାମର୍ଶ ଦିଆଯାଇଛି। ବିଶେଷ କରି ତୃତୀୟ ଲିଙ୍ଗୀ ଓ ମହିଳା ଯୌନକର୍ମୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଏଡ୍ସ ନିୟନ୍ତ୍ରଣ ଓ ନିରାକରଣ ଉପରେ ପରାମର୍ଶ ଦିଆଯାଇଥିବା ମେଡିକ୍ସ ସମ୍ପାଦକ ଦିଲୀପ କୁମାର ସାମଲ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମେଡିକ୍ସ ପକ୍ଷରୁ କୁହାଯାଇଛି, ଅନୁଗୋଳ ଜିଲାରେ ମୋଟ ୩୫୧୭ ଜଣ ତୃତୀୟଲିଙ୍ଗୀ ଥିବାବେଳେ ସେମାନଙ୍କ ମଧ୍ୟରୁ ଏଡ୍ସ ଭୂତାଣୁ ଥିବା ୮୪୮ ଜଣଙ୍କୁ ଚିହ୍ନଟ କରାଯାଇଛି।




ଆୟୋଜିତ ଖବରଦାତା ସମ୍ମିଳନୀ।

ଏଥିସହ ୮୩୭ ଜଣଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଏଡ୍ସରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଉଛି। ଗତ ୨ ବର୍ଷ ମଧ୍ୟରେ ୧୪ ଜଣ ତୃତୀୟଲିଙ୍ଗୀଙ୍କୁ ଏଚ୍‌ଆଇଭି ପଜିଟିଭ ଭାବେ ଚିହ୍ନଟ କରାଯାଇଛି। ସେହିଭଳି ଜିଲାରେ ମହିଳା ଯୌନକର୍ମୀ ୬୪୭ ଜଣ ଥିବାବେଳେ ସେମାନଙ୍କ ମଧ୍ୟରୁ ୩୮୧ ଜଣଙ୍କୁ ସଚେତନ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୫ ଜଣ ମହିଳା ଯୌନକର୍ମୀ ଏଚ୍‌ଆଇଭି ପଜିଟିଭ ଥିବା ଜଣାପଡିଛି। ମେଡିକସ ପକ୍ଷରୁ ଗତ ୨ ବର୍ଷ ମଧ୍ୟରେ ୭,୨୭,୫୫୧ କଣ୍ଡୋମ ବଣ୍ଟନ କରାଯାଇଥିବା ସମ୍ମିଳନୀରେ କୁହାଯାଇଥିଲା। ଅପରପକ୍ଷେ ଜିଲାରେ ୧୪ ବର୍ଷରୁ କମ୍ ୧୨୭ ବାଳିକାବାଳକ ଏଚ୍‌ଆଇଭି ଆକ୍ରାନ୍ତ ଥିଲେ ମଧ୍ୟ ସେମାନଙ୍କ ଚିକିତ୍ସା ଓ ଥଇଥାନ ପାଇଁ କୌଣସି ବ୍ୟବସ୍ଥା ହୋଇପାରି ନ ଥିବା ଜଣାପଡିଛି। ଏହି ସମ୍ମିଳନୀରେ ଜିଲା ମୁଖ୍ୟ ଚିକିତ୍ସାଳୟ ଯକ୍ଷ୍ମା ବିଭାଗ ମୁଖ୍ୟ ଡା. ତ୍ରିଲୋଚନ ପ୍ରଧାନ ଯୋଗଦେଇ ଏଡ୍ସର କାରଣ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଏଡ୍ସ ନିରାକରଣ ସମତିର ମୁଖ୍ୟ ଡା. ପ୍ରମିଳା ହୋତା ଯୋଗଦେଇ ଜିଲାରେ ଚିହ୍ନଟ ହୋଇଥିବା ଏଡସ ରୋଗୀଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଓ ମୋ କୁଡ଼ିଆ ଯୋଜନାରେ ସାମିଲ କରାଯାଉଥିବା କହିଥିଲେ। ଶେଷରେ ସଂସ୍ଥାର କୋଷାଧକ୍ଷ ଚିନ୍ତାମଣି ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଲ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିବସ ଅବସରରେ ଭୁବନ ଓମ୍ ଟ୍ରେଡର୍ସ ପକ୍ଷରୁ ସମସ୍ତ ଗ୍ରାହକମାନଙ୍କୁ ସ୍ୱାଗତ ଜଣାଉଛି।
ପ୍ରୋପ୍ରାଇଟର:
କାଳନ୍ଦିଚରଣ ସାହୁ
ଭୁବନ, କାଳୀବଜାର

ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିନ ଅବସରରେ
ଭୁବନ ଓକିଲ ସଂଘ ସଭାପତି
ବାବୁଲି ସେଠୀ
ଭୁବନବାସୀଙ୍କୁ ସ୍ୱାଗତ ଜଣାଉଛନ୍ତି।

ଦୈନିକ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ସମସ୍ତ ଜନସାଧାରଣଙ୍କୁ ତଥା ପାଠକମାନଙ୍କୁ ମୋର ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି।
ମହେଶ ସାହୁ
ସାଂସଦ, ଢେଙ୍କାନାଳ

ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିବସ ଅବସରରେ ଭୁବନ ବ୍ଲକ୍ ବାଲିବୋ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ସ୍ୱାଗତ।
ସନ୍ତୋଷ କୁମାର ଖୁଣ୍ଟିଆ
ସରପଞ୍ଚ
ବାଲିବୋ ଗ୍ରାମପଞ୍ଚାୟତ

ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିନ ଅବସରରେ ଭୁବନବାସୀଙ୍କୁ ସ୍ୱାଗତ ଜଣାଉଛି।
ମାୟାଧର ସାହୁ
ଭୁବନ ଏନ୍.ଏ.ସି.ର ପୂର୍ବତନ ଉପନଗରପାଳ

ଧରିତ୍ରୀର ୪୬ତମ ଜନ୍ମଦିନ ଅବସରରେ ଭୁବନ ରାଜସ୍ୱ ବିଭାଗ ପକ୍ଷରୁ ସ୍ୱାଗତ।
ଶକ୍ତିକାନ୍ତ ରାୟ
ତହସିଲଦାର, ଭୁବନ, ଢେଙ୍କାନାଳ

ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିବସ ଅବସରରେ ଅଞ୍ଚଳବାସୀଙ୍କୁ ସ୍ୱାଗତ ଜଣାଉଛୁ।
ଶ୍ରୀକୃଷ୍ଣ ଡ୍ରେସ୍ ହାଉସ୍
ନୂଆବଜାର, ଭୁବନ, ଢେଙ୍କାନାଳ

ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିବସ ଅବସରରେ ଭୁବନ ଅଞ୍ଚଳବାସୀଙ୍କୁ ସୁବାସ ଜୁଏଲାରୀ ପକ୍ଷରୁ ସ୍ୱାଗତ ଓ ଅଭିନନ୍ଦନ।
AN ISO 9001-2015 CERTIFIED
ସୁବାସ ଜୁଏଲର୍ସ
SUBASH JEWELLERS
GANESH BAZAR, BHUBAN, DKL. Ph. : 9937836525

ଦୈନିକ ଖବରକାଗଜର ୪୬ତମ ଜନ୍ମଦିନ ଅବସରରେ
ସ୍କୋୟାରଫିଟ୍
ପକ୍ଷରୁ ସ୍ୱାଗତ।
SQUARE Feet
PLANNER ✣ ESTIMATER ✣ DESIGNER
କାଳୀବଜାର, ଭୁବନ, ଢେଙ୍କାନାଳ
ମୋ: ୯୫୮୩୩୬୬୯୯୬

ଧରିତ୍ରୀ ଖବରକାଗଜର ୪୬ତମ ଜନ୍ମଦିନ ଅବସରରେ ଭୁବନ ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା।
ସୁଧାକର ସାହୁ
ବିଜେଡି ପୂର୍ବତନ ସଭାପତି
ଭୁବନ, ଢେଙ୍କାନାଳ

Prasant Banapali
Principal
Sree Ram Degree College, Kashinagar

ଧରିତ୍ରୀ'ର ୪୬ ତମ ସନକ୍ଷତ୍ର ଉତ୍ସବରେ ଶୁଭେଚ୍ଛା ଓ ଶୁଭକାମନା:-
କାର୍ଯ୍ୟଦକ୍ଷତା, ନିଷ୍ପକ୍ଷତା, ନିର୍ଭିକତା ବଳରେ ଓଡିଶାର ସାମାଜିକ ଓ ରାଜନୈତିକ ସ୍ତରରେ ଲୋକପ୍ରିୟ ଖବରକାଗଜ ଧରିତ୍ରୀ'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।
ଜୟଶ୍ରୀ ମହାପାତ୍ର
ନିର୍ଦ୍ଦେଶିକା ମହିଳା ଆଇନ ସହାୟତା କେନ୍ଦ୍ର, ପୁରୀ

With Best Compliments From:
Binapani Mishra, Secretary
Scociety for Women Action Devlopment
SWAD
At- Nuagaon, Sakhigopal, Puri- 752014

ଧରିତ୍ରୀ ର ୪୬ ତମ ଜନ୍ମବାର୍ଷିକ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା
ଗୋପିନାଥ ହସପିଟାଲ
ବ୍ଲକ୍ ଛକ, ସାକ୍ଷୀଗୋପାଳ
ସମସ୍ତ ଆୟୁର୍ବେଦ ଓ ଡାକ୍ତରୀ ଚିକିତ୍ସାର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ।

ROKKAM CHALAPATI RAO
BJP Leader, Kashinagar Town

My warmth congratulation
For the 46th Birth Anniversary of DHARITRI Daily.
Which served the people bringing them impartial News and fought for public strongly. May Lord Jagannath bless it and its family ?
PRASANTA NANDA
PRESEDENT
SATYABADI BAR ASSOCIATION, SAKHIGOPAL, PURI

ଧରିତ୍ରୀ ର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା
ଆପଣଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି ସହିତ
ସତ୍ୟବାଦୀର ସାମଗ୍ରୀକ ବିକାଶରେ ସହଯୋଗ କାମନା କରୁଛି
ପ୍ରହଲ୍ଲାଦ ଘଟୁଆରୀ
ଜିଲ୍ଲା ପରିଷଦ ସଭ୍ୟ, ସତ୍ୟବାଦୀ, ପୁରୀ

With Best Compliments From
SATYABADI GURUKUL SCHOLAR
One of the First CBSE Patten School in Sakhigopal
From Class Play Section to Std. (VIII) 8th Section
Activity Classes, Art & Craft, Dance, Yoga
Backside of Sakhigopal Temple, Sakhigopal
Mob- 9861117229/ 9556091917

RAGHURAM SAHOO
BJD, President
Kashinagar Town

ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକୀ ଅବସରରେ ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି।
ପିତମ ପାଢ଼ୀ
ବିଧାୟକ, ପଟ୍ଟାଙ୍ଗି

SRI RAM JUNIOR COLLEGE
Principal & Staff
Kashinagar

"ଧରିତ୍ରୀ"ର ୪୬ତମ ଜନ୍ମ ବାର୍ଷିକୀ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
କାଶୀନଗର ରକ୍ତ ସଂଘ
କାଶୀନଗର, ଗଜପତି
ସଭାପତି: ପ୍ରଶାନ୍ତ ମିଶ୍ର
କାର୍ଯ୍ୟକାରୀ ସଭାପତି: ଏସ୍. ତାଡେୟା
ଉପସଭାପତି: ଏସ୍. ଧନଞ୍ଜୟ, କେ. ସୂରିୟା ରାଓ,
ସମ୍ପାଦକ: ରଘୁରାମ ସାହୁ, କୋଷାଧ୍ୟକ୍ଷ: ବସନ୍ତ କୁମାର ଦାମୋଦର

## ସଂକ୍ଷେପରେ

### ମହିଳାଙ୍କୁ ହତ୍ୟା ଧମକ ଅଭିଯୋଗ

ବନ୍ତ, ୩୦।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଶୁକ୍ରବାର ଆଗରପଡ଼ା ନରିପୁର ଅଞ୍ଚଳର ଜଣେ ବ୍ୟକ୍ତି ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୮ଟା ବେଳେ ଆଗରପଡ଼ା ଅଞ୍ଚଳର ଜନୈକ ବ୍ୟକ୍ତି ସମ୍ପୃକ୍ତ ମହିଳାଙ୍କ ପଡ଼ୋଶୀ ଘରକୁ ଆସିଥିଲେ। ମହିଳାଙ୍କ ଘରବାରି ଭିତରେ ବ୍ୟକ୍ତି ଜଣଙ୍କ ଯାତାୟାତ କରୁଥିବା ନେଇ ସେ ବାରଣ କରିଥିଲେ। ଏହାକୁ ନେଇ ବ୍ୟକ୍ତି ଜଣଙ୍କ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଦର୍ଶାଯାଇଛି। ବନ୍ତ ଥାନା ପୋଲିସ ଏ ନେଇ ଏକ ମାମଲା(ନଂ.୧୫୬/୧୯) ରୁଜୁ କରି ତଦନ୍ତ ଚଳାଇଛି।

### ମଦଦୋକାନ ଖୋଲିବା ପ୍ରସ୍ତାବକୁ ବିରୋଧ

ଭଦ୍ରକ ଅଫିସ, ୩୦।୧୧

ରାଜ୍ୟ ସରକାରଙ୍କ ଦ୍ୱାରା ରାଜସ୍ୱ ଆଦାୟ ବୃଦ୍ଧି କରିବା ବାହାନାରେ ବହୁଳ ମଦ ଦୋକାନ ଖୋଲାଯିବା ଘୋଷଣାକୁ ବିରୋଧ କରାଯାଇଛି। ଏହାର ପ୍ରତିବାଦରେ ଶନିବାର ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଭଦ୍ରକ ଜିଲା କମିଟି ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ଶତାଧିକ ମହିଳା ବନ୍ତ ଛକରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ମଦ ଓ ଅନ୍ୟ ନିଶାଦ୍ରବ୍ୟ ବିକ୍ରି ଯୋଗୁ ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ନିଶାଗ୍ରସ୍ତ ଲୋକ କେତେବେଳେ ସଡ଼କ ଦୁର୍ଘଟଣାର ଶିକାର ହେଉଛନ୍ତି ତ ଆଉ କେତେବେଳେ ରାହାଜାନି ଓ ଅପରାଧ କରିବାକୁ ପଛାଉନାହାନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ମାଧମରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମହିଳାନେତ୍ରୀ ମମତା ଜେନା, ସୀତା ଦାସ, ସଞ୍ଜୁଲତା ଜେନା, ଶାନ୍ତିଲତା ନାୟକ, ରୋଜାଲିନ ସାମ୍ୟବାଦୀ, ଶିଖା ଦାସ, ସୁମତୀ ନାୟକ, ପ୍ରଭାତୀ ଜେନା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।

■୨୯ରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ବାର୍ଷିକ ଅଧିବେଶନ

# ଯୋଗଦେବେ ସୁପ୍ରିମକୋର୍ଟ ବିଚାରପତି

ଅନୁଗୋଳ ଅଫିସ, ୩୦।୧୧


ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଆଇନଜୀବୀମାନେ।

ରାଜ୍ୟ ଆଇନଜୀବୀମାନଙ୍କ ସର୍ବପୁରାତନ ସଙ୍ଗଠନ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୪୮ତମ ବାର୍ଷିକ ଉତ୍ସବ ଅନୁଗୋଳ ଷ୍ଟାଡ଼ିୟମଠାରେ ଆସନ୍ତା ଡିସେମ୍ବର ୨୯ ଓ ୩୦ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଅନୁଗୋଳ ଓକିଲ ସଂଘ ସଭାପତି ଜିତେନ୍ଦ୍ର କୁମାର ସାହୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ସ୍ଥାନରୁ ଆଇନଜୀବୀ ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟର ଆଇନଜୀବୀମାନଙ୍କ କଲ୍ୟାଣପାଣ୍ଠି ବୃଦ୍ଧି, ଆଡଭୋକେଟ ଏକାଡେମୀ ଓ ଆଇନ କମିଶନ କାର୍ଯ୍ୟକ୍ଷମ କରିବା ଲାଗି ବିଭିନ୍ନ ପ୍ରସ୍ତାବ ଏହି ସମ୍ମିଳନୀରେ ଆଗତ କରାଯିବ। ଏହି ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସୁପ୍ରିମକୋର୍ଟର ବିଚାରପତି ଭିନିତ୍ ଶରଣ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ସତ୍ୟେନ୍ଦ୍ର କଲ୍ପେଶ ଝାବେରୀ, ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର, ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ଗୋପାଳ ଗୌଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଇନମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସମ୍ମିଳନୀରୁ ସୂଚନା ମିଳିଛି। ଅନୁଗୋଳ ବାର୍ ଆସୋସିଏଶନର ସଭାପତି ସାହୁଙ୍କ ସହ ଉପସଭାପତି ଦିଲୀପ କୁମାର ସାହୁ, ସାଧାରଣ ସମ୍ପାଦକ ହିମାଂଶୁ ଭୂଷଣ ସାମଲ, ସହ ସମ୍ପାଦକ ସୁଶାନ୍ତ ବାରିକ, ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଗୋପାଳ ଅଗ୍ରୱାଲ, ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ଉପସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସ୍ୱରୂପ ସିଂ, ବରିଷ୍ଠ ସଭ୍ୟ ରାଜକିଶୋର ମହାରଣା, ପ୍ରଦୀପ ଦେବତା, ବିଧୁ ଭୂଷଣ ପଟ୍ଟନାୟକ, ପ୍ରମୋଦ ପ୍ରଧାନ, ରଞ୍ଜନ ମିଶ୍ର, ସରିତା ମିଶ୍ର, ପାର୍ଥ ସାରଥି ପ୍ରଧାନ, ଦିବ୍ୟଦର୍ଶୀ ବଳିୟାରସିଂ, ରାଜା ମହାପାତ୍ର ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ। ଶନିବାର ପୂର୍ବାହ୍ନରେ ନିଖିଳ ଆଇନଜୀବୀ ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି।

# ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

ତାଳଚେର,୩୦।୧୧(ନି.ପ୍ର.)

ତାଳଚେର ରେମୁଆଁ ଅଞ୍ଚଳରେ ପୌର ପରିଷଦ ପକ୍ଷରୁ ନିର୍ମାଣ କରାଯାଇଥିବା ପକ୍କା ରାସ୍ତାକୁ ଜନୈକ ବ୍ୟକ୍ତି ବେଆଇନ ଭାବେ ଘର ନିର୍ମାଣ କରି ଦୀର୍ଘ ଦିନ ହେଲା ଅବରୋଧ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଜନସାଧାରଣ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ଗ୍ରାମ୍ୟ କମିଟି ପୌର ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନକୁ ଲିଖିତ ଭାବେ ଜଣାଇବା ପରେ ପ୍ରଶାସନର ମିଳିତ ଉଦ୍ୟମରେ ତାହାକୁ ଉଚ୍ଛେଦ କରାଯାଇଛି। ସହକାରୀ ଜିଲାପାଳ ଗୌରୀ ନାଏକ, ନିର୍ବାହୀ ଅଧିକାରୀ ଅତସୀ ପରିଡା, ତାଳଚେର ଥାନା ଅଧିକାରୀ ସୌଭାଗ୍ୟ ସ୍ୱାଇଁଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଥିଲା। ପ୍ରଶାସନର ଏପରି କାର୍ଯ୍ୟରେ ରେମୁଆଁ ଗ୍ରାମବାସୀ ଖୁସି ହେବା ସହ ଗ୍ରାମ୍ୟ କମିଟି ପକ୍ଷରୁ ସଭାପତି ବାବୁଲାଲ ଖଣ୍ଡୁଆଳ ଓ ସମ୍ପାଦକ ନାରାୟଣ ସେଠୀଙ୍କ ନେତୃତ୍ୱରେ ବହୁ ଅଧିବାସୀ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ନିର୍ବାହୀ ଅଧିକାରୀ ଅତସୀ ପରିଡା, ତହସିଲଦାର ସଚ୍ଚିଦାନନ୍ଦ ନାୟକ ପ୍ରମୁଖଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଛନ୍ତି।


ଗ୍ରାମବାସୀ ପ୍ରଶାସନିକ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

■କ୍ଷତିଗ୍ରସ୍ତଙ୍କୁ ସଚେତନ କଲା ଏମ୍‌ସିଏଲ୍

# ନିଯୁକ୍ତି ପାଇଁ କାହାରି ସହ ଅର୍ଥ କାରବାର କରନ୍ତୁନି

ତାଳଚେର, ୩୦।୧୧(ନି.ପ୍ର.)

ମହାନଦୀ କୋଲ୍ ଫିଲଡ୍‌ସ ଅଧୀନରେ ଜମି ହରାଉଥିବା ପ୍ରଜାମାନଙ୍କୁ ରାଜ୍ୟ ସରକାରଙ୍କ ପୁନର୍ବାସ ଓ ଥଇଥାନ (ଆର୍‌ଆଣ୍ଡଆର୍) ନୀତି ଅନୁସାରେ ଉପଯୁକ୍ତ କ୍ଷତିପୂରଣ ଦିଆଯାଇଥାଏ। ଏହାସହିତ ଯୋଗ୍ୟ ବିବେଚିତ କ୍ଷତିଗ୍ରସ୍ତମାନଙ୍କୁ ଏମ୍‌ସିଏଲ୍‌ରେ ନିଯୁକ୍ତି ଓ ଅଣକୁଶଳୀରୁ କୁଶଳୀ କରିବା ପାଇଁ ମାସିକ ଦରମା ସହିତ ମାଗଣା ତାଲିମ ଯୋଗାଇ ଦେଇଥାଏ। ଏମ୍‌ସିଏଲ୍‌ରେ ଜମି ହରାଉଥିବା ପ୍ରତ୍ୟେକ ଜଣେ ଜଣେ ଭୂମିପୁତ୍ର। ଉପଯୁକ୍ତ ତାଲିମ ପରେ ଯୋଗ୍ୟତାଭିତ୍ତିରେ ସେମାନଙ୍କୁ ନିଯୁକ୍ତି ଦିଆଯାଇଥାଏ। ନିକଟ ଅତୀତରେ ମାଇନିଂ ସର୍ଦ୍ଦାର ପଦବୀ ପାଇଁ ଓଡ଼ିଶା ସହିତ ବିଭିନ୍ନ ରାଜ୍ୟର ଯୁବକ ପରୀକ୍ଷା ଦେଇଥିଲେ। ଏହା ଦକ୍ଷତା ତଥା ଅଭିଜ୍ଞ ଗ୍ରୁପ୍ ସି କାଟାଗୋରୀ ପଦବୀ। ଏଥିପାଇଁ କୌଣସି ଇଣ୍ଟରଭ୍ୟୁ କରାଯାଇ ନ ଥାଏ। ଲିଖିତ ପରୀକ୍ଷାରେ ସମସ୍ତ ପ୍ରକାର ସ୍ୱଚ୍ଛତା ଓ ପାରଦର୍ଶିତା ରଖାଯାଇଥାଏ। ଗତ ପରୀକ୍ଷାରେ କୌଣସି ଅନିୟମିତତା ହୋଇନାହିଁ। ଆରମ୍ଭରୁ ଶେଷପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ଭିଡିଓ ରେକର୍ଡିଂ କରାଯିବା ସହ ୪୮ ଘଣ୍ଟା ମଧ୍ୟରେ ଫଳାଫଳ ପ୍ରକାଶ କରାଯାଇଥିଲା। ମୂଲ୍ୟାଙ୍କନ କିମ୍ବା ଚୟନରେ ମଧ୍ୟ କୌଣସି ଅନିୟମିତତା କରାଯାଇ ନାହିଁ। ତେଣୁ ପରୀକ୍ଷା ଫଳ ପ୍ରକାଶନକୁ ନେଇ କୌଣସି ବ୍ୟକ୍ତିଙ୍କ ପ୍ରରୋଚନାରେ ନ ପଡିବା, ପ୍ରଭାବିତ ନ ହେବା, ଅର୍ଥ କାରବାର ନ କରିବାକୁ ଏମ୍‌ସିଏଲ୍ ପକ୍ଷରୁ ଅନୁରୋଧ କରାଯାଇଛି। ପରୀକ୍ଷାର୍ଥୀଙ୍କ ଯୋଗ୍ୟତା ହିଁ କେବଳ ମାନଦଣ୍ଡ ହିସାବରେ ଗ୍ରହଣ କରାଯାଇଥାଏ ବୋଲି ଏମ୍‌ସିଏଲ୍‌ର ଜନସମ୍ପର୍କ ଅଧିକାରୀ ଡିକେନ ମେହେରା ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୧୫୩ ପ୍ରକଳ୍ପ

ପାଲଲହଡ଼ା, ୩୦।୧୧(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ପାଲଲହଡ଼ା ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେମଳାଠାରେ ୨୫ ତମ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ରଘୁନନ୍ଦନ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ମାଲ୍ୟଗିରି ମହାବିଦ୍ୟାଳୟ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପରିଡା ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ ସଭା ପରିଚାଳନା କରିଥିଲେ। ମହତାବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟଙ୍କଧର ପ୍ରଧାନ ସହଯୋଗ କରିଥିଲେ। ଏଥିରେ ବ୍ଲକର ୨୬୫ ବିଦ୍ୟାଳୟର ୧୫୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

# ଗୋ-ଚାଲାଣ ରୋକିବାକୁ ଗୁରୁତ୍ୱ

ବଇଣ୍ଡା,୩୦।୧୧(ଡି.ଏନ୍.ଏ.)


ବୈଠକରେ ଉପସ୍ଥିତ ଗ୍ରାମବାସୀଙ୍କ ସମେତ ପୋଲିସ ଅଧିକାରୀମାନେ।

ଆଠମଲ୍ଲିକ ଉପଖଣ୍ଡର ଏକ ସାପ୍ତାହିକ ହାଟରୁ ପ୍ରତ୍ୟେକ ବୁଧବାର ବେଆଇନ ଭାବେ ଟ୍ରିପ୍ ଟ୍ରିପ୍ ଗୋରୁ ଚାଲାଣ କରାଯାଉଛି। ଚୋରା ବେପାରୀମାନେ ବିଲେଇନାଳୀର ନିଛାଟିଆ ରାସ୍ତାରେ ଚାଲାଣ କରୁଛନ୍ତି। ଏହାକୁ ରୋକିବା ଉପରେ ପୋଲିସ ଅଧିକ ଗୁରୁତ୍ୱ ଦେଉ ବୋଲି ଶୁକ୍ରବାର କିଶୋରନଗର ବ୍ଲକ ବିଲେଇନାଳୀ ପଞ୍ଚାୟତ ସଭାଗୃହ ପରିସରରେ ହଣ୍ଡପା ପୋଲିସ ପକ୍ଷରୁ ଅନୁଷ୍ଠିତ ଆମ ପୋଲିସ ସମିତି ବୈଠକରେ ଯୋଗଦେଇଥିବା ଗ୍ରାମବାସୀମାନେ ମତପ୍ରକାଶ କରିଛନ୍ତି। ହଣ୍ଡପା ଆଇଆଇସି ଲବ ବୋଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଲେଇନାଳୀ ସରପଞ୍ଚ ନବକିଶୋର ସାହୁ, ଭାଜପା ନେତା ଧ୍ରୁବଚରଣ ସାହୁ, ସଞ୍ଜୀବ ସେଠୀ, ଶରତ ଚନ୍ଦ୍ର ବିଶ୍ୱାଳ, ବିପିନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସାଇବର କ୍ରାଇମ ରୋକିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ରାସ୍ତାରେ ଗୋରୁ, ଗାଈ ନ ବାନ୍ଧିବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିସହିତ ଚୋରା ଗଞ୍ଜେଇ ଓ ମଦ କାରବାର ବନ୍ଦ କରିବା ପାଇଁ ଗ୍ରାମବାସୀ ବୈଠକରେ ଦାବି କରିଛନ୍ତି।

# ଆଦୃତା ଶିଶୁ ସଦନରେ ଓଏମ୍‌ସି ହୋମ୍ ଉଦ୍‌ଘାଟିତ


ଅତିଥିମାନେ ଓଏମ୍‌ସି ହୋମ୍‌କୁ ଉଦ୍‌ଘାଟନ କରୁଛନ୍ତି।

ଅନୁଗୋଳ ଅଫିସ, ୩୦।୧୧

ଅନୁଗୋଳ ପଞ୍ଚମହଲା ସ୍ଥିତ ଆଦୃତା ଶିଶୁ ସଦନ ପରିସରରେ ଓଏମ୍‌ସି ହୋମ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଗୃହ ସଚିବ ସଞ୍ଜୀବ ଚୋପ୍ରା, ଅନୁସୂଚିତ ଜାତି ଓ ଜନଜାତି ତଥା ପଛୁଆ ବର୍ଗ ବିଭାଗର ମୁଖ୍ୟ ସଚିବ ରଞ୍ଜନା ଚୋପ୍ରା ଓ ଜିଲାପାଳ ମନୋଜ କୁମାର ମହାନ୍ତି ଏହି ଅଟ୍ଟାଳିକାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ଏହି ଉତ୍ସବରେ ସଞ୍ଜୀବ ଚୋପ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ, ଛୋଟ ପିଲା ମୁହଁରେ ହସ ଫୁଟାଇବା ପାଇଁ ଏହି ନବନିର୍ମିତ ଓଏମ୍‌ସି ହୋମ ସଫଳ ହେବ। ଧାର୍ଯ୍ୟ ସମୟ ମଧ୍ୟରେ ଏହି ଘର ନିର୍ମାଣ କାର୍ଯ୍ୟ ସରିଥିବାରୁ ସେ ସନ୍ତୋଷ ପ୍ରକାଶ କରି ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ରଞ୍ଜନା ଚୋପ୍ରା ତାଙ୍କ ବକ୍ତବ୍ୟରେ କହିଲେ ଯେ, ମଣିଷ ସମାଜଠାରୁ ବହୁକିଛି ପାଇଥାଏ। ପ୍ରତିବଦଳରେ ତାକୁ ସମାଜ ସେବା ମାଧ୍ୟମରେ ସମାଜକୁ ଫେରାଇବା ହେଉଛି ନୈତିକ କର୍ତ୍ତବ୍ୟ। ଆମ ସମାଜର ବିଭିନ୍ନ ବର୍ଗର ଲୋକେ ଆଦୃତା ଭଳି ଶିଶୁ ଯତ୍ନ ଅନୁଷ୍ଠାନକୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ସାଧିତ ହୋଇପାରିବ। ଜିଲାପାଳ ମନୋଜ କୁମାର ମହାନ୍ତି ଉପସ୍ଥିତ ଶିଶୁମାନଙ୍କୁ ସମ୍ବର୍ଦ୍ଧିତ କରି ସେମାନଙ୍କୁ ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ। ଆଦୃତାର ପ୍ରତିଷ୍ଠାତା ପ୍ରଫେସର ଆଦିତ୍ୟ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ସୁପ୍ରୀତି ମହାନ୍ତି, ଶିଶୁ ମଙ୍ଗଳ ସମିତିର ସଦସ୍ୟା ବିଦ୍ୟୁଲତା ମିଶ୍ର, ଦେବାଶିଷ ପଟ୍ଟନାୟକ, ସତ୍ୟଭାମା ନାୟକ, ଡାକ୍ତର ସୌମେନ୍ଦ୍ର ଷଡ଼ଙ୍ଗୀ, ଦୀପ୍ତି ପ୍ରଧାନ, ସସ୍ମିତା ମହାନ୍ତି, ସାଗରିକା ମିଶ୍ର, ରବୀନ୍ଦ୍ର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

**OFFICE OF THE MUNICIPAL COUNCIL, KEONJHARGARH**

**email: keonjharm.hud@rediffmail.com**
**Invitation for Bids (IFB) 'e' Procurement Notice**
**Bid Identification No. KGM-08/2019-20**
**Letter No. 5975/ KGM/Date 30.11.2019**

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system through e-Procurement.

| | |
|---|---|
| 1. | Nature of work- Civil Work. |
| 2. | No. of Work- 02 Nos. |
| 3. | Value of works: Rs. 19,89,000/- to 19,89,000/-. |
| 4. | Date & Time of availability of Bid document in the portal- From 02.12.2019 at 11.00 AM upto 11.12.2019 at 5.00 PM. |
| 5. | Last date & time of submission of bid in portal- upto 5 PM of 11.12.2019. |
| 6. | Date of Opening of bid in portal- 13.12.2019 at 11.30 AM. |
| 7. | Name & address of the officer in Inviting Bid-EO, Keonjhargarh Municipality. |
| Further details can be seen from Website **www.tendersorissa.gov.in**. | |

**Sd./- Executive Officer, Keonjhargarh Municipality**

**GOVERNMENT OF ODISHA, " e "- PROCUREMENT NOTICE**

**Bid Identification No. E.E. PKL(R&B)- 07/2019-20**
**E-mail address- eepwd.pkl@rediffmail.com**
**B-369**
Letter No.- 5559 dt. 28.11..2019

1. Name of the work: - Road Works .
2. Numbers of work - 8(Eight)
3. Estimated cost: - Rs.26.78 to Rs 65.95 lakhs.
4. Period of completion - 3(Three) calendar months
5. Date & Time of availability of bid document in the portal - From 11.00 A.M of 06.12.2019 to 05.00 P.M of 19.12.2019
6. Last Date/ Time for receipt of bids in the portal - 05.00 P.M of 19.12.2019
7. Date of opening of Bid - 11.30 P.M of 20.12.2019
8. Name and address of the officer inviting Bid - Executive Engineer, Panikoili (R&B) Division, Panikoili.

Further details can be seen from the e-procurement portal https://tendersodisha.gov.in

Sd/-
Executive Engineer,
Panikoili (R&B) Division.

34067/11/0005/1920

**//1B//**
*GOVERNMENT OF ODISHA*
*OFFICE OF THE EXECUTIVE ENGINEER*
*MINOR IRRIGATION DIVISION, ANANDAPUR*
***Tel No. (06731)220314, e-Mail ID mianandapur@yahoo.co.in***
No. A-433

***"e" Procurement Notice***
Identification No-04 MID (ANP/2019-20)

The Executive Engineer, M.I.Division, Anandapur on behalf of Governor of Orissa invites percentage rate bids through e-procurement to be received in online mode only for the works as detailed in the table below.

1. Name of the works — Civil Construction works as mentioned in the website
2. Total No. of works — **4** nos.
3. Estimated Cost — **13.35 to 44.65** Lakh (Detail list of work Annexed)
4. Class of Contractor — As mentioned against work
5. Period of completion — As mentioned against work
6. Date & time of Availability of on-line Bid Document in the Portal — **06.12.2019** at 10.00 AM to **16.12.2019** upto 5.30PM.
7. Last date/Time for online receipt of Cost of Bid document, Bid security, Affidavit etc. in the Portal — **16.12.2019** up to 5.30 PM.
8. Date/Time of Opening of Bid — **17.12.2019** at 11.00 AM. Onwards at Office of the E.E.M.I.Divn. Anandapur
9. Date/Time of lottery if required — To be intimated after finalisation of bid documents.
10. Name & Address of the Officer Inviting the Bid — Executive Engineer, M.I.Division, Anandapur
11. Further details can be seen from the "e" Procurement Portal https://tendersorissa.gov.in

*Sd/-26.11.2019*
*Executive Engineer,*
**M.I. Division, Anandapur**

32108/11/0004/1920

**ZILLASWASTHYASAMITI(ZSS),KANDHAMAL**
**OFFICEOFTHECDM&PHO-CUM-DISTRICT MISSION DIRECTOR, NHM, KANDHAMAL**

**Advt. No.: 14031/NHM** **Date: 29.11.2019**

**WALK-IN-INTERVIEW**

Interested candidates fulfilling the eligibility criteria are requested to attend the Walk-in-Interview for filling up the following posts under National Health Mission, Kandhamal on contractual basis for a period of 11 months with monthly remunderation as noted against each and subject to renewal as per the society norm basing on the performance and subsistence of the programme. Performance Incentives & other benefits are also admissible as per norm applicable & orders issued there-under from time to time.

| Sl. No. | Name of the Post | Vacancy | Remune-ration | Date of Walk-in-Interview |
|---|---|---|---|---|
| 1 | Paediatrician-DEIC | 1 Post | Rs.66,150/- | 10.12.19 |
| 2 | MBBS Doctors (SNCU - 5, DEIC - 1) | 6 Posts | Rs.52,920/- | 10.12.19 |
| 3 | Programme Officer, Mental Health - 1 | 1 Post | Rs.52,920/- | 10.12.19 |
| 4 | Block Programme Manager (BPM) | 2 Posts | Rs.21,879/- | 11.12.19 |
| 5 | Optometrist - DEIC | 1 Post | Rs.13,428/- | 17.12.19 |
| 6 | Clinical Psychologist - DMHP | 1 Post | Rs.25,931/- | 17.12.19 |
| 7 | Psychiatric Social Worker - DMHP | 1 Post | Rs.25,931/- | 17.12.19 |
| 8 | Social Worker - DEIC | 1 Post | Rs.16,774/- | 18.12.19 |

The above positions are purely temporary and also co-terminus with the scheme. The actual numbers of vacancy may differ (increase or decrease) at the time of engagement. Canvassing in any form will render the candidate disqualified for the position and no undertaking will be entertained. Details of qualification, experience and ToR of each category of post along with application form can be donwloaded from the district website: **www.kandhamal.nic.in**. The interested candidates may attend the Walk-in-Interview from 10 A.M. to 11.30 A.M. on the scheduled date for registration. The candidates are requested to visit the district website on regular interval till completion of the recruitment process. The undersigned reserves the right to cancel any or all the applications without assigning any reason or communication thereof.

**Sd./- Dr. R. Pattnaik**
**CDM&PHO-cum-District Mission Director, NHM, Kandhamal**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**BALANGIR (R&B) CIRCLE, BALANGIR**
**Mail ID: sepwdbalangir@gmail.com, Fax/Ph. No.: 06652-231866**

**No.B-365:-** **e- Procurement Notice**
**BID IDENTIFICATION No: SE(R&B) BGR/04/2019-20**
**No. 4120** **Dtd. 29.11.2019**

| | | | |
|---|---|---|---|
| 1. | The Superintending Engineer, Balangir (R&B) Circle, Balangir on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from A/ Special Class Contractors registered with the State Governments and contractors of equivalent Grade/ Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid. | | |
| 2. | Nature of Work | : | Building work |
| 3. | No. of tender | : | Building-02 Nos. |
| 4. | Tender Cost | : | Rs. 10,000/- |
| 5. | Class of Contractor | : | A and Special Class. |
| 6. | Date & Time of sale & Receipt of Bids | : | From Dt. 09.12.2019, 10.00 AM to Dt. 23.12.2019 upto 05.00 PM |
| 7. | Date of opening Bid | : | Dt. 26.12.2019 at 11.00 AM. |
| 8. | The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only. | | |

**34131/11/0004/1920** **Sd./- Superintending Engineer, Balangir (R&B) Circle, Balangir**

# SUNDAY classifieds




## BRIDE WANTED

Dhoba boy 28, B.Tech, software Engineer at Hyderabad Infosys. Ph- 8917341265. D-15475

Wanted brahmin homely bride for 1980 born 5'9" Diploma Engineer Brahmin boy Contact: 9437633089, 6370737397. D-68520

Kshtriya boy 1984, 5'9" Serving Manager Nationalised Bank "Sunasansar", 9937512659. D-15503

ଛାଡ଼ପତ୍ର ପାଇଥିବା ଶିକ୍ଷକଙ୍କ ପାଇଁ ବ୍ରାହ୍ମଣ କନ୍ୟାପାତ୍ରୀ ଆବଶ୍ୟକ। କନ୍ୟା ସିଧା କଥା ହୋଇପାରିବେ। ଯୋଗାଯୋଗ: 9583045929. D-15433

Son age 29 B.Tech, M.Tech, Phd Degree from NIT working Scientist/Research Govt. of India Brahmin, 8144589551. D-15435

Handsome Sundhi boy 31, 5'7", Industrialist, required House wife. 9437555525. D-15426

Deserving Khandayat groom B.Tech+ M.Tech (IIT) working as a Manager, (Caste- No- Bar), Contact: 9861022750. D-68906

Wanted fair, beautiful bride for Bania boy, 32+, Software Engineer, Chennai, Caste-no-bar, Contact: 7008017424, 8093742890. D-67731

## GROOM WANTED

Suitable match for fair slim Bengali girl Baishya 29 yrs 5 feet B.COM, MFC Teacher in Paradip. Prefer Educated family, well established Bengali groom, 7749033208, 7749869975. D-15515

34,5.4,M.Sc B.ED, Govt. Teacher. ମାସିକ ଆୟ 38,000/-, ପାଇଁ ବର ଆବଶ୍ୟକ। ଅବିବାହିତ, ଛାଡ଼ପତ୍ର ପ୍ରାପ୍ତ ଗ୍ରହଣୀୟ ହେବେ। 9713925270. D-15516

ବ୍ରାହ୍ମଣ, କରଣ, ଖଣ୍ଡାୟତ, ତେଲି ଏବଂ ସବୁ ଜାତିର ବରପାତ୍ର ଆବଶ୍ୟକ। "AkankshyaGroup", 7978736177. D-68219

Divorcee bride Manager 31, Teacher 39, Clerk 42 (caste-no-bar), 7873374269. D-68621

43 Age Karan ଘର ଝିଅ Electricity department ରେ incharge ଭାବେ କାର୍ଯ୍ୟରତ। Salary:- 28,000/- ବରପାତ୍ର ଖୋଜୁଛୁ। 7653930086. D-15428

Girl age 29 MBBS MD in Delhi working in AIIMS, BBSR (Caste-no-bar) 7008986004. D-15434

Beautiful whitish Teli girl 23, 5'2", 8/4 B.SC. wanted serviceholder candidate settled near Bhubaneswar. 6370461466. D-60954

34 ବୟସ୍କା Divorcee ନିଃସନ୍ତାନ SBI PO ଚାକିରି କରୁଥିବା ଗୁଡ଼ିଆ ଝିଅଙ୍କ ପାଇଁ ଘରଜ୍ୱାଇଁ ଦରକାର। 7381460016. D-67919

Govt. ଚାକିରିଆ Divorcee 48 ବୟସ୍କା ସୁନ୍ଦର ଖଣ୍ଡାୟତ ଝିଅଙ୍କ ପାଇଁ any caste ପୁଅ ଦରକାର। 7381366108. D-67920

Now Matrimonial ads. only on Wednesday & Sunday Book 1 Get 1 FREE




## SALE

Swift VXI 2017, IGNIS 2018, Swift VDI 2016, Dezire VDI 2016, KUV 100 2016, Hondacity 2014, Pajero 2010, Maruti SX4 2008: 9937153557. D-67258

Ice factory compressor KC4 kiloskar, 100HP motor, starter. 8917525377. D-15474

Toyota Fortuner, Passat, Verna, Breeza, Mitsubishi Lancer, Hyundai Elantra. 7381091234, 9861194627. D-68439




## SALE

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68429

SC house 24,00,000/- general house 26,00,000/- finishing Hanspal-8093465134, 9668194157. D-68619

"Plot near Gita College 2400sqft. new 100' to Infosys Road". Contact: 8072428923. D-15089

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15139

**Gated community plot sale in Uttara Sqft.650/-, 2/3BHK flat available Hanspal, GGP Colony, Patia, Khandagiri. 8763886496, 8763887357.** D-68422

Booking open 3BR Luxurious Apartment SahidNagar, Bhubaneswar, Contact: 9777017120. D-68196

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15140

4300sqft. converted land at Kalinga Nagar near BDA Housing, 10500sqft. near Mancheswar, 6 acres N.H facing land at Bhandari Pokhari, Bhadrak for sale. Contact details: 9337413323, 7008388915. D-67727

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148.** D-68420

30ft road connected yellowzone plot for sale at SUM Hospital. 7064229141. D-15471

Yellowzone 30ft road connected plot at Patrapada (Tamando) 9776341255. D-15472

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

**ଭୁବନେଶ୍ୱର ବାଲିଅନ୍ତାରେ Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829.** D-68427

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68192

**ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948.** D-68430

**ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890.** D-68431

**1500sqft. (6 Nos) 2000sqft. (7 Nos) main road side plot, infront Tata Areana Ghatikia, Sankarpur, Bhubaneswar 30' road, Electricity, Supply water available 8114744495, 8328943165.** D-15406

3900 sqft. land with complete foundations and pillars close to Amri Hospital, Khandagiri, Bhubaneswar- 8658182243. D-68032

**BDA Residential plots at Patia railwaystation just 3.5K.M from Big Bazar, 7008613186.** D-68518

Plot having 2150 sqft. for sale near Damana, Bhubaneswar. Price-65 lakh. Contact: 7326084916. D-68198

**Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M- 280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68433

6000sqft. land at Mahanadi Vihar, Cuttack, Mobile- 9437177313, 8917242678. D-15427

**Bhubaneswar ନଖରାଛକ ପାଖରେ ସଙ୍ଗେସଙ୍ଗେ ଘରକଲାଭଳି boundarywall ଥାଇ gharabari plot ବିକ୍ରି ହେଉଅଛି। Price 1350/- sqft. & SC plot 650/-sqft. Contact: 9937161494.** D-15457

Residential plot available at Jagannath Nagar, Jharpada, Bhubaneswar. Contact: 7978751719. D-67512

**New Bhubaneswar Railway station ପାଖରେ 30ft ରାସ୍ତାଥାଇ immediate ଘରକଲାଭଳି yellowzone plot sqft.1400/-ରେ ମିଳୁଅଛି 7978286401, 9861411038.** D-68438

"Litigation free 2storied building with parking, 3phase electricity, 24hr water supply over Freehold Plot (60' X 90') for sale at B.J.B. Nagar (POSH Area), Bhubaneswar. Broker Not allowed, Only genuine buyer contact directly: 9776122122". D-15477

**2 bedroom (apartment) ready to move flat at Pokhariput, Bhubaneswar, buyers directly contact Deepak- 9937329999.** D-68031

9000 sqft. bunglow with fully interior designed, 3 parking, close to NH Jharpada, Bhubaneswar- 8658182243. D-68033

**କଟକ-ଭୁବନେଶ୍ୱର middle point ଫୁଲନଖରାଠାରେ ଥିବା Delhi Public Schoolକୁ ଲାଗି ଘରବାରି boundary plot କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 7749090720.** D-68436

2BHK ready Apartment, flats near Tankapani Road Saitemple and Rangabazar (BJEM School-II) @ Rs.25, 27.50, 30 Lakhs including parking, no hidden cost. 9437493502. D-63966

**2020sqft. developed gharabari boundary plot near Rangabazar 13,13,000/- 7991052183.** D-68437

1200sqft. land at Sundarpada rightside immediate sale (Owner), 8917399909. D-68440

4/5 BHK Duplex with gated community at Balianta (land- 1400 & construction-2200 @ 60,00,000/ 2600 @ 70,00,000), Mplanets: 9938219397, 9861022055. D-15470

Plot 40 x 50feet for sale Mahimanagar, Behrampur side of Policeline, Palligumula sqft. Rs.900/-. Contact: 7008240788, 9438806748. D-68620

**1800sqft. plot near Patia Bigbazar, close to main road for immediate sale. 9438363196, 6372696368.** D-15501

Commercial building for sale near NuaBazar Cuttack main highway. For more details Contact: 7326023269, 9556720780. D-15512

Jatni block approved plot sale near Infocity-II, Gitam College Gangapada, BBSR, 30' road gharabari boundrywall & electricity facility available, cost @ 700 per sqrft. Contact (only buyer): 7978090773. D-15504

To sell running bakery at Pahala (Bhubaneswar) with good turnover. Contact: 9178778888. D-63223

5BHK Duplex for sale at Aryapalli, Patia, Odisha Reality- 9937066926. D-68315

Premium 3BHK and 2BHK flats for sale at Chandrasekharpur and Patia. Construction work full swing. 7008346486, 9437192512. D-68197

## PURCHASE

Plot required at Cuttack CDA/ Bidanasi/ Tulasipur locality. Contact: 9124721060. D-67513




Do you want to construct buildings on your own plot ? Contact: Sachi Pattanaik, B.Tech (Civil)- 9338401309, 9439143273. D-67510

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15476

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




160000sqft. vacant land with boundary wall and outhouse to-let or lease for commercial purpose at Totapada adjacent to NH-16 near Khordha. Contact: 7854918287. D-60955

2/3BHK with balcony at Bharat villa Hanspal, Bhubaneswar. 1500sqft./ 2000sqft. Contact: 9437311135. D-67257

**6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695.** D-15405

Fully furnished A/C Bedroom, Drawingroom with Tata TV, dining hall for family only at Puri bus stand. Contact: 7008041140. D-15511

2BHK Ground floor, individual house near DAV Nayapalli Contact: 9437136820. D-15509

"One BHK near Big Bazar, Patia. Ladies/ Family preferred. 9437561861, 9439113100". D-15425




Shivam logistic packers movers. Household/ car relocation countrywide. 9777044177, 9338461133. D-15348




Rejuvenate and ayurvedic full body massage by smart therapist. 9114402304. D-68904

Refresh your mind and soul with best therapy at Orchid Salon/Spa. 9937287222. D-68708

Summer special mesmerizing offer expert therapeutic refreshing massage appointment. 9668374480. D-68903

Experience full body massage with us (expert). Call: 7377048581, 06742597822. D-68901


Herbal full body massage by smart / expert therapist. Contact: 8338067247. D-68902

Full body herbal massage with refreshment expert therapist. 7381239385, 06742540855. D-68200

Kasturi massage club, fully relaxed by expert lady, home service available- 9178845612. D-68713

"Ayurvedic body massage & steam bath by trained male therapist only. Phone: 9337337007. Bhubaneswar." D-15508

Sai herbal spa refresh your body with smart, expert therapist. 7608062524. D-68905




Home tuition for std. 8-10th CBSE Students. Preferred Location, Ravi Talkies square BBSR. For details call Ajit Pradhan. 9658443747. D-15514




Avon trading co. (Regd.) 1500 ରୁ 8000 ରୋଜଗାର କରନ୍ତୁ। Paper plate, ସୂତା ଉଦ୍ୟୋଗ ଲଗାନ୍ତୁ। କଞ୍ଚାମାଲ, ଟ୍ରେନିଂ, ଆଗ୍ରୀମେଣ୍ଟ, ଟ୍ରାନ୍ସପୋର୍ଟ ଫ୍ରୀ.– 9873093017, 9873093217. D-15430




ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-15270

### ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଗଙ୍ଗାଧର ଖିଲାର**

ସିଦ୍ଧମହାବୀର, ଦାଦାବାଡ଼ି, ପୁରୀ-୨
ଆବିର୍ଭାବ: ୧୮।୧୨।୧୯୫୩
ତିରୋଧାନ: ୧୨।୧୨।୨୦୧୮
(ମାର୍ଗଶିର ମାସ ପଞ୍ଚମୀ ତିଥି)

ଆପଣଙ୍କର ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

**ଶ୍ରଦ୍ଧାଞ୍ଜଳି ସହ:**

ସ୍ତ୍ରୀ, ପୁତ୍ର- ଟୁକୁ, ବଜନି, ବୁନୁ, ଝିଅ, ପୁତ୍ରବଧୂ: ଲକ୍ଷ୍ମୀ, ନାତୁଣୀ: କ୍ରୀଷ୍ଣା ଓ ପରିବାରବର୍ଗ।

ଧ-୭୪୧୦୦

### ୨ୟ ଜନ୍ମଦିନ ଶୁଭେଚ୍ଛା



**ବୈଷ୍ଣବୀ (ମିଠି)**

ଢ଼େଲାଙ୍ଗ, ଶକ୍ତିପୁର, ପୁରୀ

ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।

**ଶୁଭେଚ୍ଛାସହ:**

ବାପା, ମା, ବାବୁଲ୍, କାଲୁ, ରାହୁଲ୍, ଦିପା, ଜ୍ୟୋସ୍ନା, ରେସ୍ମା ଏବଂ ପରିବାରବର୍ଗ।

ଧ-୧୫୫୧୩

### Happy Birthday Wish



**Kirtiprakas Bidyapati**

Balarampur, Kujang, Jagatsinghpur

May god bless you a good and prosperious long life.

Well- Wishers-
Father and Dhana

D-15437

### 7th Birthday Wish



**Ayusman Koustav Bidyapati**

Balarampur, Kujang, Jagatsinghpur

May god bless you a good longlife with prosperious healthy wealthy and bright career.

**Well wishers:**
Jejaji, Father, Momy and Maa

D-15436

### ଶୁଭ ବିବାହ

**ପୁଷ୍ପଲତା (ରୋଜି)**
**ସହିତ**
**ପ୍ରିୟବ୍ରତ (ଫୁଲୁ)**

ଠିକଣା: କ୍ୱାର୍ଟର ନଂ- ଏଫ୍-୨
ଶ୍ରମଭବନ ପରିସର, ଭୁବନେଶ୍ୱର

ଆଜି ତୁମର ବିବାହ ଉତ୍ସବ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଓ ଶୁଭକାମନା।

**ଶୁଭେଚ୍ଛାସହ:**

ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ମୋବାଇଲ୍ ନଂ.- ୯୯୩୭୪୦୭୫୬୨

ଧ-୬୮୩୧୬

### ବିବାହ ଶୁଭେଚ୍ଛା



ଆୟୁଷ୍ମାନ ଦାମୋଦର (ଦାମ) ହରିପୁର, ପିପିଲିଙ୍କ ସହିତ ଆୟୁଷ୍ମତୀ ଭବାନୀ (ଗୁଗୁଲି) ଦାଣ୍ଡମକୁନ୍ଦପୁର, ପୁରୀ ଙ୍କର ଶୁଭବିବାହ ଆଜି।

ଶୁଭେଚ୍ଛା ସହ
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।

ଧ-୧୫୫୧୦

## AFFIDAVIT

I Susant Kumar Mohanty changed my name to Susanta Kumar Mohanty vide Affidavit dt. 30.11.19 sworn before Notary Bhubaneswar for all purposes. D-15502

Your Classified Advertisement published in Dharitri will be listed free in Dharitri Online Edition: www.dharitri.com




ମାଲକାନଗିରି ଜିଲ୍ଲା ଏକ ଜଙ୍ଗଲ ବହୁଳ ଅଞ୍ଚଳ । ଏହି ଜିଲ୍ଲାରେ କାଲିମେଳା, ଚିତ୍ରକୋଣ୍ଡା, ବାଲିମେଳା, ମୋଟୁ, ମାଥିଲି, ମାଲକାନଗିରି ବନାଞ୍ଚଳରେ ପ୍ରଚୁର ପରିମାଣର ପ୍ରାକୃତିକ ବାଉଁଶ ଜଙ୍ଗଲ ଅଛି । ବାଉଁଶ ଜଙ୍ଗଲ ଅଭିବୃଦ୍ଧି ପାଇଁ ବନ ବିଭାଗ ତରଫରୁ ଅନେକ ପଦକ୍ଷେପ ନିଆ ଯାଇଛି । ଏହି ଜିଲ୍ଲାରେ ଅନେକ ଲୁକାୟିତ ବାଉଁଶ କାରିଗର ଥିଲେ ମଧ୍ୟ ଉପଯୁକ୍ତ ତାଲିମ ଅଭାବରୁ ସେମାନେ ବାଉଁଶ ବ୍ୟବହାର କରି ପାରୁନାହାନ୍ତି କିମ୍ବା ବିଭିନ୍ନ ପ୍ରକାର ଘର କରଣା ସାମଗ୍ରୀ ଏବଂ ସୌଖିନ ଜିନିଷ ବାଉଁଶରେ ତିଆରି କରି ପାରୁନାହାନ୍ତି । ଏମାନଙ୍କୁ ପ୍ରୋତ୍ସାହନ ଦେବାପାଇଁ ବନ ବିଭାଗ ତରଫରୁ ଉପଯୁକ୍ତ ତାଲିମ ଏବଂ ନିଜ ଘରବାଡିରେ ବାଉଁଶ ଜଙ୍ଗଲ ସୃଷ୍ଟି କରିବା ପାଇଁ ଉନ୍ନତମାନର ଚାରା ପ୍ରସ୍ତୁତି ଏବଂ ବାଉଁଶ ରୋପଣ ପଦ୍ଧତି ବିଷୟରେ ବନ ବିଭାଗ ସମସ୍ତ ସହଯୋଗ ଯୋଗାଇଦେବେ । ଇଚ୍ଛୁକ ବ୍ୟକ୍ତିମାନେ ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ ସହ ସମ୍ପର୍କ ରଖିବା ପାଇଁ ପରାମର୍ଶ ଦିଆ ଯାଉଛି ।

ଖଣ୍ଡୀୟ ବନାଧିକାରୀ, ମାଲକାନଗିରି
ଦୂରଭାଷ- ୯୪୩୭୦୫୫୪୭୦

**କମୁଛି ଜିଡିପି ଅଭିବୃଦ୍ଧି**

# ଅଧିକ ସହାୟତାର ସୂଚନା ଦେଲେ ଅର୍ଥମନ୍ତ୍ରୀ



ନିର୍ମଳା ସୀତାରାମନ୍

**ନୂଆଦିଲ୍ଲୀ,୩୦।୧୧(ପି.ଟି.)**

ଦେଶର ଜିଡିପି ଅଭିବୃଦ୍ଧି ୪.୫ ପ୍ରତିଶତକୁ ଖସିଆସିଛି, ଯାହାକି ଗତ ୬ ବର୍ଷ ମଧ୍ୟରେ ସର୍ବନିମ୍ନ। ଅର୍ଥନୀତିରେ ଏଭଳି ମାନ୍ଦାବସ୍ଥା ଚିନ୍ତାଜନକ ହୋଇଥିବାବେଳେ ଏହାକୁ ଅତିକ୍ରମ କରିବା ଲାଗି ସରକାର ଆଉ କେତେକ ସହାୟତାମୂଳକ ପଦକ୍ଷେପ ନେଇପାରନ୍ତି ବୋଲି ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୂଚନା ଦେଇଛନ୍ତି। ଅର୍ଥନୀତିରେ ଢାଞ୍ଚାଗତ ସଂସ୍କାର ଲାଗି କେନ୍ଦ୍ର ସରକାର ଗତ କିଛିମାସ ମଧ୍ୟରେ ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଅର୍ଥନୀତିର ଆବଶ୍ୟକତା ପୂରଣ ପାଇଁ ସରକାରଙ୍କ ହସ୍ତକ୍ଷେପ ଜାରି ରହିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ସରକାର ୬ ମାସ ଅତିକ୍ରମ କରିଛି। ଏହି ସମୟ ମଧ୍ୟରେ ଅର୍ଥନୀତିକୁ ସଜାଡିବା ଲାଗି ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ଆହୁରି ଅନେକ କିଛି ପଦକ୍ଷେପର ଆବଶ୍ୟକତା ରହିଛି ବୋଲି ଅର୍ଥମନ୍ତ୍ରୀ ଟୁଇଟ୍ କରିଛନ୍ତି। ୨୦୨୫ ସୁଦ୍ଧା ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ଅନେକ ଆର୍ଥିକ ପଦକ୍ଷେପର ତାଲିକା କରିଛନ୍ତି। ତେବେ ବର୍ତ୍ତମାନର ଅଭିବୃଦ୍ଧି ହାରକୁ ଦେଖିଲେ ୨୦୨୫ ସୁଦ୍ଧା ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚିବା ପ୍ରଶ୍ନ ଉଠୁନାହିଁ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ସି. ରଙ୍ଗରାଜନ୍ କହିଛନ୍ତି। ପ୍ରଥମ ତ୍ରୈମାସିକରେ ଅଭିବୃଦ୍ଧି ହାର ୫ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ଦ୍ୱିତୀୟ ତ୍ରୈମାସିକରେ ଏହା ୪.୫ ପ୍ରତିଶତକୁ ଖସିଆସିଛି। ଆର୍‌ବିଆଇ ମଧ୍ୟ ବାର୍ଷିକ ଅଭିବୃଦ୍ଧି ପୂର୍ବାନୁମାନକୁ ୬.୧ ପ୍ରତିଶତକୁ କମାଇଦେଇଛି।

ନିମ୍ନଗାମୀ ଅର୍ଥନୀତିକୁ ସଜାଡିବା ଲାଗି ସୀତାରାମନ୍ ବର୍ତ୍ତମାନର କମ୍ପାନୀଗୁଡିକ ଲାଗି କର୍ପୋରେଟ ଟିକସକୁ ୩୦ ପ୍ରତିଶତରୁ ୨୨ ପ୍ରତିଶତକୁ ହ୍ରାସ କରିଥିଲେ। ନୂଆ କମ୍ପାନୀ ପାଇଁ ଏହି ଟିକସ ହାର ୨୫ ପ୍ରତିଶତରୁ ୧୫ ପ୍ରତିଶତକୁ ହ୍ରାସ କରାଯାଇଥିଲା। ସର୍‌ଚାର୍ଜ ଏବଂ ସେସ୍‌କୁ ମିଶାଇ ବର୍ତ୍ତମାନ କମ୍ପାନୀଙ୍କ ପାଇଁ ଟିକସ ୩୫ ପ୍ରତିଶତ ବଦଳରେ ୨୫.୧୭ ପ୍ରତିଶତ କରାଯାଇଥିଲା। ଏହାବ୍ୟତୀତ ଇନ୍‌ସଲ୍‌ଭେନ୍ସି ଓ ବ୍ୟାଙ୍କ୍ରପ୍ଟ କୋଡ୍ (ଆଇବିସି)ରେ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। ରିଅଲ ଇଷ୍ଟେଟ୍ ସେକ୍ଟର ପାଇଁ ସରକାର ୨୫ହଜାର କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଥିଲେ। ଏପରି ଅନେକ ଆର୍ଥିକ ସଂସ୍କାର ପଦକ୍ଷେପ ସତ୍ତ୍ୱେ ଅର୍ଥନୀତି ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ନିମ୍ନଗାମୀ ହେଉଥିବାରୁ ଏହା ସରକାରଙ୍କ ଚିନ୍ତା ବଢ଼ାଇଦେଇଛି। ଆଗାମୀ ଦିନରେ ସରକାର ଅଧିକ ସଂସ୍କାର ପ୍ରକ୍ରିୟା ଆପଣାଇପାରନ୍ତି ବୋଲି ସୂଚନା ମିଳୁଛି।

## ଆହୁରି ଖସିବ ଅଭିବୃଦ୍ଧି: ଚିଦାମ୍ବରମ



**ନୂଆଦିଲ୍ଲୀ,୩୦।୧୧(ପି.ଟି.):** ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ହାର ୪.୫ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ତୃତୀୟ ତ୍ରୈମାସିକରେ ଏହା ଆହୁରି ଖସିବ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ ପୂର୍ବାନୁମାନ କରିଛନ୍ତି। ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ହାର ୪.୫ ପ୍ରତିଶତ ରହିଛି। ଏହା ସତ୍ତ୍ୱେ ସବୁକିଛି ଠିକ୍ ଚାଲିଥିବା ସରକାର କହୁଛନ୍ତି। ତେବେ ଆଗକୁ ଏହା ୪.୫ ପ୍ରତିଶତରୁ କମିବ ସିନା ବଢ଼ିବ ନାହିଁ ବୋଲି ତିହାର ଜେଲ୍‌ରେ ଥିବା ଚିଦାମ୍ବରମ କହିଥିବା ତାଙ୍କ ପରିବାର ଟୁଇଟ୍ କରିଛନ୍ତି।

ଧରିତ୍ରୀର ୪୫ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରଙ୍କୁ ଶୁଭେଚ୍ଛା ଜଣାଉଛି। ମାଲକାନଗିରି ଜିଲ୍ଲାବାସୀ ନିଜର ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଅନୁରୋଧ କରୁଅଛି।



ମୋହନ ଗୁଡିଆ
ବନପାଳ, ପାଣ୍ଡ୍ରିପାଣି

ଧରିତ୍ରୀର ୪୫ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ





ରଜନିକାନ୍ତ ନାୟକ
ଶିକ୍ଷକ,
ମାଲକାନଗିରି

ବରଗଡ ଜିଲ୍ଲା ବିଜେପୁର ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା କେଉଁଟିପାଲି, ଜାରିଂ ବୁଢାପାଲି ମାର୍କେଟ ୟାର୍ଡରେ ଧାନ ବିକ୍ରି କରିବାର ସୁଯୋଗ ନିଅନ୍ତୁ। ସମସ୍ତ ଚାଷୀଭାଇମାନଙ୍କ ସୁଖ ସମୃଦ୍ଧି କାମନା କରୁଅଛୁ।



ଶ୍ରୀମତୀ ରୀତାରାଣୀ ମହାପାତ୍ର
ସଭାପତି



ଶ୍ରୀ ଦୟାନିଧି ସାହୁ
ସଂପାଦକ





ଧରିତ୍ରୀ ଦୈନିକ ଓଡ଼ିଆ ଖବରକାଗଜର ୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଶୁଭକାମନା ସହିତ ବିଞ୍ଝାରପୁର ଅଞ୍ଚଳର ଧରିତ୍ରୀ ପାଠକ ପାଠିକାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ସ୍ମୃତିରଞ୍ଜନ ସାହୁ
ଯୁବନେତା, ବିଜେଡି, ଗୃହାଳୀ ଗ୍ରାପ, ବିଞ୍ଝାରପୁର

ଧରିତ୍ରୀର ୪୫ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟ ସରକାର ମାଲକାନଗିରି ଭଳି ଏକ ଉପାନ୍ତ ଜିଲ୍ଲାର ଶିକ୍ଷୟିତ୍ରୀଙ୍କୁ ସୁରଭି କାର୍ଯ୍ୟକ୍ରମରେ ରାଜ୍ୟ ସ୍ତରୀୟ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରିଥିବାରୁ ମୁଁ ଶିକ୍ଷା ବିଭାଗକୁ କୃତଜ୍ଞତା ଜଣାଉଛି।




ଆଭାରାଣୀ ବିଶ୍ୱାଳ
ଶିକ୍ଷୟିତ୍ରୀ

ଧରିତ୍ରୀର ୪୬ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରକୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ମାଲକାନଗିରି ଜିଲ୍ଲାରେ କୃଷି ଉତ୍ପାଦିତ ବୃଦ୍ଧି ଏବଂ କୃଷକମାନଙ୍କ ମଙ୍ଗଳ କାମନା କରୁଅଛି।



ବାବୁଲା ସାବତ
ମାଲକାନଗିରି

ବରଗଡ ଜିଲ୍ଲା ବିଜେପୁର ବ୍ଲକ ଏମ ଶ୍ରୀଗିଡା ସେବା ସମବାୟ ସମିତି ପକ୍ଷରୁ ଖୋଲା ଯାଇଥିବା ଏମ୍ ଶ୍ରୀଗିଡ଼ା, କେଉଁଟିପାଲି ମଣ୍ଡିରେ ଧାନ, ମାଣ୍ଡିଆ ବିକ୍ରି କରିବାର ସୁଯୋଗ ନିଅନ୍ତୁ। ସମସ୍ତ ଚାଷୀଭାଇମାନଙ୍କ ସୁଖ, ସମୃଦ୍ଧି କାମନା କରୁଅଛୁ।



ଶ୍ରୀ ନିମାଇଁ ଚରଣ ସାହୁ
ସଭାପତି



ଶ୍ରୀ ନିର୍ମଳ ଜେନା
ସଂପାଦକ

ବରଗଡ ଜିଲ୍ଲା ବିଜେପୁର ବ୍ଲକ ସାଇପାଲି ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ସାଇପାଲି, ବଡ ବ୍ରାହ୍ମଣୀ ମଣ୍ଡିରେ ଧାନ ବିକ୍ରି କରିବାର ସୁଯୋଗ ନିଅନ୍ତୁ। ସମସ୍ତ ଚାଷୀଭାଇମାନଙ୍କ ସୁଖ, ସମୃଦ୍ଧି କାମନା କରୁଅଛୁ।



ଶ୍ରୀ ଯୋଗେଶ୍ୱର ଧରୁଆ
ସଭାପତି



ଶ୍ରୀ ରାଜେନ୍ଦ୍ର ସାହୁ
ସଂପାଦକ



ଧରିତ୍ରୀ ଦୈନିକ ଓଡ଼ିଆ ଖବରକାଗଜର ୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଶୁଭକାମନା ସହିତ ସମସ୍ତ ଜନସାଧାରଣଙ୍କୁ ପ୍ଲାଷ୍ଟିକ ବର୍ଜନ କରି ସୁସ୍ଥ ପରିବେଶ ଗଢ଼ି ତୋଳିବାକୁ ଅନୁରୋଧ କରୁଛି।

ଇଂ. ତୃପ୍ତାଞ୍ଜଳୀ ରଥ
କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ, ବିଞ୍ଝାରପୁର

ଧରିତ୍ରୀର ୪୫ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରଙ୍କୁ ଶୁଭେଚ୍ଛା ଜଣାଉଛି। ଧରିତ୍ରୀ ପରିବାର ଏବଂ ପାଠକମାନଙ୍କର ଆଗାମୀ ନୂତନ ବର୍ଷରେ ମଙ୍ଗଳ କାମନା କରିବା ସହ ମାଲକାନଗିରି ଜିଲ୍ଲାବାସୀଙ୍କ ଶାନ୍ତି ସମୃଦ୍ଧି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛି।



ମାଲା ମାଢି
କାଲିମେଳା ବ୍ଲକ ଅଧ୍ୟକ୍ଷ,
ମାଲକାନଗିରି ଜିଲ୍ଲା

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ତଥା ପବିତ୍ର ମାର୍ଗଶିରର ଶୁଭ ଲଗ୍ନରେ ବରଗଡ ଜିଲ୍ଲା ବିଜେପୁର ବ୍ଲକ ଲାଉମୁଣ୍ଡା ପଞ୍ଚାୟତବାସୀଙ୍କର ସୁଖ, ସମୃଦ୍ଧି କାମନା କରୁଅଛୁ।



ଶ୍ରୀମତୀ ସୁବର୍ଣ୍ଣ ମେହେର
ସରପଞ୍ଚ



ଶ୍ରୀ ପାଣ୍ଡବ ନନ୍ଦ
କାର୍ଯ୍ୟନିର୍ବାହୀ ଅଧିକାରୀ

ବରଗଡ ଜିଲ୍ଲା ବିଜେପୁର ବ୍ଲକ ବଡବାଉଁଶେନ ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ଅର୍ଡା ମଣ୍ଡିରେ ଧାନ, ମାଣ୍ଡିଆ, ବିକ୍ରି କରିବାର ସୁଯୋଗ ନିଅନ୍ତୁ। ସମସ୍ତ ଚାଷୀଭାଇମାନଙ୍କ ସୁଖ, ସମୃଦ୍ଧି କାମନା କରୁଅଛୁ।



ଶ୍ରୀ ସଂଜୀବ କୁମାର ପଣ୍ଡା
ସଭାପତି



ଶ୍ରୀ କୃପାସିନ୍ଧୁ ସାହୁ
ସଂପାଦକ



୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଅଭିନନ୍ଦନ ସହ ବିଞ୍ଝାରପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ।

କମଳ କୁମାର ଦାସ
ସମାଜସେବୀ, ବିଞ୍ଝାରପୁର

ବରଗଡ ଜିଲ୍ଲା ବିଜେପୁର ବ୍ଲକ ଲାଉମୁଣ୍ଡା ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ଅର୍ଡା, ଲାଉମୁଣ୍ଡା, ଭଟିଗାଁ ମଣ୍ଡିରେ ଧାନ ବିକ୍ରି କରିବାର ସୁଯୋଗ ନିଅନ୍ତୁ। ସମସ୍ତ ଚାଷୀଭାଇମାନଙ୍କ ସୁଖ, ସମୃଦ୍ଧି କାମନା କରୁଅଛୁ।



ଶ୍ରୀ ଲଳିତ ପଧାନ
ସଭାପତି



ଶ୍ରୀ ଧନଞ୍ଜୟ ପଧାନ
ସଂପାଦକ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ତଥା ପବିତ୍ର ମାର୍ଗଶିରର ଶୁଭ ଲଗ୍ନରେ ବରଗଡ ଜିଲ୍ଲା ବିଜେପୁର ବ୍ଲକ ସୁରୁବାଲି ପଞ୍ଚାୟତବାସୀଙ୍କର ସୁଖ, ସମୃଦ୍ଧି କାମନା କରୁଅଛୁ।



ଶ୍ରୀ ସୀତାରାମ ସାହୁ
ସରପଞ୍ଚ



ଶ୍ରୀ ନୀଳାଞ୍ଚଳ ପଧାନ
କାର୍ଯ୍ୟନିର୍ବାହୀ ଅଧିକାରୀ

ଧରିତ୍ରୀର ୪୬ବର୍ଷ ପୂର୍ତ୍ତି ଉପଲକ୍ଷେ ଧରିତ୍ରୀ ପରିବାରକୁ ମୋର ହାର୍ଦ୍ଦିକ ଶୁଭେଚ୍ଛା। ଜଣାଇବା ମାଲକାନଗିରିରେ ବସବାସ କରୁଥିବା ସବୁ ବର୍ଗର ଉନ୍ନତି କାମନା କରୁଅଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲ୍ଲାର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଜିଲ୍ଲା ବର୍ତ୍ତମାନ ପ୍ରଗତି ପଥରେ ଆଗେଇ ଚାଲିଛି। ଆଗାମୀ ଦିନରେ ଏହି ପ୍ରଗତି ଜାରି ରହିବା ସହ ସମସ୍ତ ଜିଲ୍ଲାବାସୀଙ୍କ ସହ ଯୋଗରେ ଉନ୍ନତିର ଧାରା ଆଗେଇ ଚାଲିବ।



ମାନସ ମାଡକାମି
ଉନ୍ନୟନ ବିକାଶ ପରିଷଦ, ଅଧ୍ୟକ୍ଷ
ମାଲଗାନଗିରି



ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ତଥା ପବିତ୍ର ମାର୍ଗଶିରର ଶୁଭ ଲଗ୍ନରେ ବରଗଡ ଜିଲ୍ଲା ବିଜେପୁର ବ୍ଲକର ଜନସାଧାରଣଙ୍କ ସୁଖ, ସମୃଦ୍ଧି କାମନା କରୁଅଛୁ।

ଶ୍ରୀ ଦିଲ୍ଲୀପ କୁମାର ପଣ୍ଡା
କଂଗ୍ରେସ ନେତା





୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଅଭିନନ୍ଦନ ସହ ବିଞ୍ଝାରପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ।

ମାନସରଞ୍ଜନ ଦାସ
ସମିତିସଭ୍ୟ, କଏଣା-ରଘୁନାଥପୁର ଗ୍ରାପ, ବିଞ୍ଝାରପୁର



'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସାଲେପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତଙ୍କ ଚଲାପଥ ସୁଖମୟ ହେଉ। ଆପଣଙ୍କର

ବିଶ୍ୱଜିତ୍ ଚାଟାର୍ଜୀ
ସମାଜସେବୀ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଶୁଭେଚ୍ଛା ବାର୍ତ୍ତା।



ଯଦୁମଣି ହଂସ
ସରପଞ୍ଚ, ଡାଳଗୁମା ଗ୍ରାମ ପଞ୍ଚାୟତ, କୋଳସରା ବ୍ଲକ



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଶୁଭେଚ୍ଛା ବାର୍ତ୍ତା।

ଜମ୍ବୁବତୀ ସାହୁ
ସରପଞ୍ଚ, କାଉଡୋଳା ଗ୍ରାମ ପଞ୍ଚାୟତ, କୋଳସରା ବ୍ଲକ



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଶୁଭେଚ୍ଛା ବାର୍ତ୍ତା।

କହ୍ନେଇ ଚରଣ ଦାସ
ସରପଞ୍ଚ, ଲଡୁଗାଁ ଗ୍ରାମ ପଞ୍ଚାୟତ, କୋଳସରା ବ୍ଲକ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଶୁଭେଚ୍ଛା ବାର୍ତ୍ତା।



ଅଶୋକା ନାଏକ
ସମିତିସଭ୍ୟା, କନ୍ଦାବୁଟୁରା ଗ୍ରାମ ପଞ୍ଚାୟତ
ବିଜେଡି ମହିଳା ସଭାନେତ୍ରୀ, କୋଳସରା ବ୍ଲକ



ଧରିତ୍ରୀ ଓଡ଼ିଆ ଖବରକାଗଜର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ । ଏ ଅବସରରେ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ଭାଇ ଭଉଣୀ ତଥା ପ୍ରିୟ ଜନସାଧାରଣଙ୍କୁ ମୋର ଅନେକ ଆନ୍ତରିକ ଶୁଭ କାମନା ।



ଆପଣଙ୍କ ସେବାରେ
ଶ୍ରୀ ପ୍ରଭାକର ପଣ୍ଡା
ସମାଜସେବୀ ଏବଂ ଭାଜପା ଯୁବନେତା
ପୋଲସରା ଓ ବୁଗୁଡ଼ା



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଶୁଭେଚ୍ଛା ବାର୍ତ୍ତା।

କୀର୍ତ୍ତନ ଶବର
ସରପଞ୍ଚ, ଫୁଫଗାଁ ଗ୍ରାମ ପଞ୍ଚାୟତ, କୋଳସରା ବ୍ଲକ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆନ୍ତରିକ ଶୁଭେଚ୍ଛା । ଏ ଅବସରରେ ବାଲିପଦର ଗ୍ରାମପଞ୍ଚାୟତର ସମସ୍ତ ପ୍ରିୟ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।





ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା
ସମାଜସେବୀ ଏବଂ ବାଲିପଦର ପଞ୍ଚାୟତର ସରପଞ୍ଚ, ବାଲିପଦର (ବୁଗୁଡ଼ା)



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ରଟିଲୋ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି ।

ସୁଜାତା ପଣ୍ଡା
ସରପଞ୍ଚ, ରଟିଲୋ ପଞ୍ଚାୟତ, ସାଲେପୁର ବ୍ଲକ



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସାଲେପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଯୁବ, ଛାତ୍ର ଓ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି।

ସଂଜିତ୍ ଦାଶ
ସାଲେପୁର ବ୍ଲକ ଯୁବ ବିଜେଡି ସଭାପତି

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା



ସନ୍ତୋଷ ପ୍ରଧାନ
ଉପ ସଭାପତି,
ଭାଜପା ଯୁବମୋର୍ଚ୍ଚା, ଓଡ଼ିଶା

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଏହାର ସମସ୍ତ କର୍ମକର୍ତ୍ତା ତଥା ପାଠିକା/ପାଠକମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ସୁଖସମୃଦ୍ଧି କରନ୍ତୁ, ଏତିକି ପ୍ରାର୍ଥନା ।



ଶରତ ଚନ୍ଦ୍ର ବାରିକ
ପ୍ରଧାନଶିକ୍ଷକ, କୁତାମଚଣ୍ଡି ବିଦ୍ୟାପୀଠ, ଓଡ଼ିଶା

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।



ରମେଶ କୁମାର ସାହୁ
ସଭାପତି, ବିଜୁ ଯୁବ ଜନତା ଦଳ, ନୟାଗଡ ଜିଲ୍ଲା

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଏହାର ସମସ୍ତ କର୍ମକର୍ତ୍ତା ତଥା ପାଠିକା/ପାଠକମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ।



ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ସୁଖସମୃଦ୍ଧି କରାନ୍ତୁ, ଏତିକି ପ୍ରାର୍ଥନା।

ବିବେକାନନ୍ଦ ବେହେରା

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଅବସରରେ ସମସ୍ତ କଂଗ୍ରେସୀ ପ୍ରେମୀ ଭାଇ ଭଉଣୀ ତଥା ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ



ମନୋଜ ସାହୁ
କାର୍ଯ୍ୟକାରୀ ସଭାପତି, ଜିଲ୍ଲା କଂଗ୍ରେସ କମିଟି
ନୟାଗଡ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ଅଭିନନ୍ଦନ



ମା ଭୈରବୀ ଏଣ୍ଟରପ୍ରାଇଜର୍ସ
ଷ୍ଟେଟ୍ ବ୍ୟାଙ୍କ୍ ମେନ୍ ବ୍ରାଞ୍ଚ ଶାଖା ପାଖ, ନୟାଗଡ
ଏଠାରେ ସୁଲଭ ମୂଲ୍ୟରେ ଟିଣ, ସିମେଣ୍ଟ, ଛଡ଼ ମିଳେ
ସୁନିତା ଅଗ୍ରୱାଲ
ପ୍ରୋପାଇଟର

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଅବସରରେ ନୟାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ସହ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା।



ଇରାନୀ ରାୟ
ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ତଥା ନେତ୍ରୀ



ଲାଲା ମନୋଜ ରାୟ
ଭାଜପା ନେତା, ନୟାଗଡ


See Career Appointment on every Wednesday & Saturday


ନୟାଗଡ ଜିଲ୍ଲା ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ
ଧରିତ୍ରୀ ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ଅଭିନନ୍ଦନ।
ଜନସଚେତନତାରେ କଳା ଓ କଳାକାର, ଲୋକକଳା ଓ ଲୋକଗୀତର ପୁନର୍ଜାଗରଣ, କଳା ସାହିତ୍ୟ ସଂସ୍କୃତିର ସାମଗ୍ରିକ ବିକାଶ ଆମ କଳା, ଆମ ସାହିତ୍ୟରେ ଆମେ ଯୋଡିହେବା ଓ ଏହାକୁ ଆମେ ସଜେଇବା।



ପ୍ରମୋଦ ପଟ୍ଟନାୟକ
ସଭାପତି

ଡକ୍ଟର ବିଜୟ କୁମାର ଚୌଧୁରୀ
କାର୍ଯ୍ୟକାରୀ ସଭାପତି

ନିର୍ମଳ ଚନ୍ଦ୍ର ଶୂରଦେଓ
ସମ୍ପାଦକ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବର ଶୁଭ ଅବସରରେ ନୂଆଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଆସନ୍ତୁ ସମସ୍ତେ ମିଳିମିଶି ନୂଆଗାଁ ବ୍ଲକର ପ୍ରଗତି ଓ ଉନ୍ନତି ପାଇଁ କାର୍ଯ୍ୟକରିବା, ସରକାରଙ୍କ ସମସ୍ତ ଯୋଜନାକୁ ସଠିକ ବିନିଯୋଗ କରିବା।



ହିମାଂଶୁ ଭୂଷଣ ପଣ୍ଡା
ନୂଆଗାଁ ବ୍ଲକ ସଭାପତି,
ବିଜୁ ଛାତ୍ର ଜନତା ଦଳ



ଗଜେନ୍ଦ୍ର ସାହୁ
ବରିଷ୍ଠ ବିଜେଡି ନେତା



ମଖଲୁ ଏକ୍କା
ଅଧକ୍ଷ ତଥା ବିଜେଡି ଯୁବନେତା
ନୂଆଗାଁ ବ୍ଲକ




ନିମାଇଁ ଚରଣ ଆଚାର୍ଯ୍ୟ
ବିଜେଡି ଯୁବନେତା



ଦିଗାମ୍ବର ଦାସ
ବିଜେଡି ସଭାପତି, ନୂଆଗାଁ ବ୍ଲକ



ପ୍ରଦୀପ ସାହୁ
ସମାଜସେବୀ ତଥା ବିଜେଡି ଯୁବନେତା



ସିମନ କୁଜୁର
ପୂର୍ବତନ ସରପଞ୍ଚ ତଥା ବିଜେଡି ଯୁବନେତା



ଆର୍ସେନାଲ ଦଳର ମୁଖ୍ୟ କୋଚ୍ ରହିବା ମୋ ପାଇଁ ସମ୍ମାନର ବିଷୟ। ଦେଢ଼ବର୍ଷର କାର୍ଯ୍ୟକାଳରେ ବହୁତ ସ୍ମୃତି ରହିଛି ।

–ଉନାଇ ଏମରି, ପୂର୍ବତନ ଆର୍ସେନାଲ କ୍ଲବ କୋଚ୍



ମହେନ୍ଦ୍ର ସିଂ ଧୋନୀଙ୍କୁ ନେଇ ସ୍ୱଷ୍ଟତା ରହିଛି। କିନ୍ତୁ ସବୁକିଛି ଜନସାଧାରଣଙ୍କ ସାମ୍ନାରେ କହି ହେବନାହିଁ। ସମୟ ଆସିଲେ ସମସ୍ତେ ଜାଣିପାରିବେ ।

–ସୌରଭ ଗାଙ୍ଗୁଲି, ବିସିସିଆଇ ସଭାପତି

## ସଂକ୍ଷେପରେ


### ଅଲ୍ ଓଡ଼ିଶା ଚେସ୍ ୧୪ରୁ

**ଭୁବନେଶ୍ୱର,୩୦।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବ ଆନୁକୂଲ୍ୟରେ ଆସନ୍ତା ୧୪ ଓ ୧୫ ତାରିଖରେ କ୍ଲବ ପରିସରରେ ଅରାତି ବିଜୟ ମହାନ୍ତି ସ୍ମାରକୀ ଅଲ୍ ଓଡ଼ିଶା ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଚାମ୍ପିୟନ୍‌ଙ୍କୁ ୫ ହଜାର ଟଙ୍କାର ପୁରସ୍କାର ରାଶି ସମେତ ବିଭିନ୍ନ ବିଭାଗର ୨୫ କୃତୀ ଖେଳାଳିଙ୍କୁ ସମୁଦାୟ ୪୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ବିଭିନ୍ନ ବୟସ ବର୍ଗରେ (୭, ୯, ୧୧ ବର୍ଷରୁ କମ୍) ଉଭୟ ବାଳିକା ଓ ବାଳକ ବର୍ଗର ଚାମ୍ପିୟନ ଏବଂ ଉପବିଜେତାଙ୍କୁ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକମାନେ ସ୍ପଷ୍ଟ କରିଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ପ୍ରତିଯୋଗୀ ୩୫୦ ଟଙ୍କାର ପ୍ରବେଶିକା ଫିସ୍ ସହ କ୍ଲବର ଉପସଭାପତି ମାନଗୋବିନ୍ଦ ଦଳାଇ କିମ୍ବା ଟୁର୍ନାମେଣ୍ଟ ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀଙ୍କୁ ଡିସେମ୍ବର ୧୨ ତାରିଖ ସୁଦ୍ଧା ଯୋଗାଯୋଗ କରିପାରନ୍ତି। ଭୁବନେଶ୍ୱର ବାହାରୁ ଆସୁଥିବା ପ୍ରତିଯୋଗୀଙ୍କ ପାଇଁ କ୍ଲବ ପରିସରରେ ରହିବା ବ୍ୟବସ୍ଥା କରାଯାଇଛି।

### ଫିଞ୍ଚଙ୍କ ମୁଣ୍ଡରେ ବାଜିଲା ବଲ

**ମେଲବୋର୍ନ, ୩୦।୧୧(ଏଏଫ୍‌ପି):** ଅଷ୍ଟ୍ରେଲିଆର ଦିନିକିଆ ଓ ଟି୨୦ ଦଳର ଅଧିନାୟକ ଆରୋନ ଫିଞ୍ଚ୍ ଶନିବାର ଶେଫିଲ୍ଡ ସିଲ୍ଡ ଟୁର୍ନାମେଣ୍ଟରେ ଆହତ ହୋଇଛନ୍ତି। ଭିକ୍ଟୋରିଆ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଫିଞ୍ଚଙ୍କ ହେଲମେଟରେ ବଲ୍ ବାଜିଛି। ଏଥିଯୋଗୁ କନକୁଶନ ନିୟମ ଯୋଗୁ ତାଙ୍କ ବଦଳରେ ଟ୍ରାଭିସ ହେଡ୍‌ଙ୍କୁ ଖେଳାଯାଇଛି। ନ୍ୟୁ ସାଉଥ୍ ୱେଲ୍ସ ଷ୍ଟିଭ ଓ କଫେ ଦ୍ୱିତୀୟ ଦିନର ପ୍ରଥମ ସେସନରେ ଜେମ୍ସ ପାଟିନଶନଙ୍କ ବଲ୍‌କୁ ଘୂରାଇ ମାରିଥିଲେ। ମାତ୍ର ବଲ୍ ଶର୍ଟ ଲେଗ୍ ଅଞ୍ଚଳରେ ଫିଲ୍ଡିଂ କରୁଥିବା ୩୩ ବର୍ଷୀୟ ଫିଞ୍ଚ୍‌ଙ୍କ ହେଲମେଟରେ ବାଜିଥିଲା। ମେଡିକାଲ ଟିମ୍ ତାଙ୍କ ଅବସ୍ଥା ଯାଞ୍ଚ କରିବା ପରେ ମଧ ଅଷ୍ଟ୍ରେଲିଆନ ଓପ୍‌ନର ଫିଲ୍ଡିଂ ଜାରି ରଖିଥିଲେ। ଲଞ୍ଚ ବ୍ରେକ୍ ବେଳେ କନକୁଶନର ଲକ୍ଷଣ ଦେଖାଯାଇଥିବା କ୍ରିକେଟ ଭିକ୍ଟୋରିଆ ପକ୍ଷରୁ ବିବୃତିରେ ପ୍ରକାଶ ପାଇଥିଲା।

# ୱାର୍ନରଙ୍କ ତ୍ରିଶତକ: ଅଷ୍ଟ୍ରେଲିଆ ଦୃଢ଼




### ବ୍ରାଡ୍‌ମ୍ୟାନ, ଆଖ୍ତାରଙ୍କ ରେକର୍ଡ ଭାଙ୍ଗିଲେ

ଅଷ୍ଟ୍ରେଲିଆନ ଓପ୍‌ନର ଡେଭିଡ୍ ୱାର୍ନର ପାକିସ୍ତାନ ବିପକ୍ଷ ଦିବାରାତ୍ର ତଥା ଦ୍ୱିତୀୟ ଟେଷ୍ଟରେ ୩୩୫ ରନ୍‌ର ତ୍ରିଶତକ ହାସଲ କରିଛନ୍ତି। ଏଥିସହ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ସର୍ବାଧିକ ବ୍ୟକ୍ତିଗତ ରନ୍ କରିବାରେ ସାର ଡନ୍ ବ୍ରାଡ୍‌ମ୍ୟାନଙ୍କ ରେକର୍ଡ ଭାଙ୍ଗିଛନ୍ତି। ବ୍ରାଡ୍‌ମ୍ୟାନ ୧୯୩୨/୩୩ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨୯୯ ରନ୍‌ର ଇନିଂସ ଖେଳିଥିଲେ। ଏହା ଓଭାଲ ଗ୍ରାଉଣ୍ଡରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା। ତେବେ ବ୍ରାଡ୍‌ମ୍ୟାନଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା ୩୩୪। ଏହାକୁ ମଧ ୱାର୍ନର ପଛରେ ପକାଇଛନ୍ତି। ବାମହାତୀ ବ୍ୟାଟ୍ସମ୍ୟାନ ଏକ ସିଙ୍ଗଲ ନେଇ ୩୩୫ ରନ୍ କରିବା ପରେ ଅଧିନାୟକ ଟିମ୍ ପେନ୍ ପ୍ରଥମ ଇନିଂସ ଘୋଷଣା କରିଥିଲେ। ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ଏବେ ମଧ ମାଥ୍ୟୁ ହେଡେନଙ୍କ ନାମରେ ରହିଛି। ସେ ୨୦୦୩ରେ ଜିମ୍ବାୱେ ବିପକ୍ଷରେ ୩୮୦ ରନ୍ କରିଥିଲେ। ଏହି ତାଲିକାରେ ୱାର୍ନର ଏବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୪୧୮ ବଲ୍‌ର ସମ୍ମୁଖୀନ ହୋଇଥିବା ୱାର୍ନରଙ୍କ ଇନିଂସ୍‌ରେ ୩୯ ଚୌକା ଓ ଏକ ଛକା ସାମିଲ ଥିଲା। ଏହି ଇନିଂସ୍ ସହ ଦିବାରାତ୍ର ଟେଷ୍ଟ ଇତିହାସରେ ସର୍ବାଧିକ ରନ୍ କରିବାର ରେକର୍ଡ ମଧ ନିଜ ନାମରେ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ପାକିସ୍ତାନର ଆଖ୍ତାର ଅଲି(୩୦୨)ଙ୍କ ନାମରେ ଥିଲା। ଅପରାଜିତ ରହି ପ୍ୟାଭିଲିୟନକୁ ଫେରିବା ବେଳେ ୩୩ ବର୍ଷୀୟ ବ୍ୟାଟ୍ସମ୍ୟାନଙ୍କୁ ସାଥୀ ଖେଳାଳିମାନେ ଗାର୍ଡ ଅଫ୍ ଅନର ଦେଇଥିଲେ।

**ଦିବାରାତ୍ର ଟେଷ୍ଟ**

**ଆଡିଲେଡ୍, ୩୦।୧୧ (ଏଏଫ୍‌ପି) :** ଓପ୍‌ନର ଡେଭିଡ୍ ୱାର୍ନରଙ୍କ ଦମ୍‌ଦାର ତ୍ରିଶତକ ଓ ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍‌ଙ୍କ ରେକର୍ଡ ସହାୟତାରେ ଅଷ୍ଟ୍ରେଲିଆ ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦିବାରାତ୍ର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ସ୍ଥିତି ଦୃଢ଼ କରିଛି। ୱାର୍ନର ଅପରାଜିତ ୩୩୫ ରନ୍‌ର ତ୍ରିଶତକ ହାସଲ କରିଥିବା ବେଳେ ସ୍ମିଥ୍ ୩୬ ରନ୍ କରି ଆଉଟ ହୋଇଥିଲେ ମଧ ଦ୍ରୁତତମ ବ୍ୟାଟ୍ସମ୍ୟାନ୍ ଭାବେ ୭,୦୦୦ ଟେଷ୍ଟ ରନ୍ ପୂରଣ କରିଛନ୍ତି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍‌ରେ ୧୨୭ ଓଭରରେ ୩ ଉଇକେଟ ହରାଇ ୫୮୯ ରନ୍ କରି ପାଳି ଘୋଷଣା କରିଥିଲା। ଜବାବରେ ପାକିସ୍ତାନ ପ୍ରଥମ ଇନିଂସ୍ ଆରମ୍ଭ କରି ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୩୫ ଓଭରରେ ୬ ଉଇକେଟ ହରାଇ ୯୬ ରନ୍ ସଂଗ୍ରହ କରିଛି। ଫଳରେ ପାକିସ୍ତାନ ମାତ୍ର ୪ ଉଇକେଟ ବାକି ରଖି ଏବେ ୪୯୩ ରନ୍ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ବାବର ଆଜମ ୪୩ ଓ ୟାସିର ଶାହ ୪ ରନ୍ କରି ଅପରାଜିତ ରହିଛନ୍ତି। ଓପ୍‌ନର ଶାନ ମାସୁଦ ୧୯ ଓ ଇଫତିକାର ଅହମ୍ମଦ ୧୦ ରନ୍ କରି ଆଉଟ ହୋଇଥିବା ବେଳେ ବାକି ୪ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରିନାହାନ୍ତି। ଓପ୍‌ନର ଇମାମ୍-ଉଲ୍-ହକ୍ ୨, ଅଧିନାୟକ ଆଖ୍ତାର ଅଲି ୯, ଆସାଦ ସାଫିକ ୯ ରନ୍ କରି ଆଉଟ ହୋଇଥିବା ବେଳେ ଉଇକେଟକିପର ମହମ୍ମଦ ରିଜ୍‌ୱାନ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ ସର୍ବାଧିକ ୪, ପ୍ୟାଟ କମିନ୍ସ ଓ ଜୋଶ ହାଜେଲଉଡ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଓଭରନାଇଟ ପ୍ରଥମ ଇନିଂସ୍ ସ୍କୋର ୩୦୨/୧ରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ଅପରାଜିତ ୧୬୬ ରନ୍‌ରୁ ଖେଳ ଆରମ୍ଭ କରି ୱାର୍ନର ୩୩୫ ରନ୍‌ର ତ୍ରିଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ସେହିପରି ୧୨୬ ରନ୍‌ରୁ ଖେଳ ଆରମ୍ଭ କରି ମାର୍ନସ ଲାବୁସ୍କାନ ୧୬୨ ରନର ବୃହତ୍ ଶତକୀୟ ପାଳି ଖେଳି ଶାହିନ ଶାହ ଆଫ୍ରିଦିଙ୍କ ଦ୍ୱାରା ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ସ୍ମିଥ୍ ୩୬ ରନ୍ କରି ଆଫ୍ରିଦିଙ୍କ ବଲ୍‌ରେ ଉଇକେଟକିପର ରିଜୱାନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ମାଥ୍ୟୁ ୱାଡେ ୩୮ ରନ୍ କରି ଅପରାଜିତ ରହିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ଆଫ୍ରିଦି ୩ଟି ଯାକ ଉଇକେଟ ଅକ୍ତିଆର କରିଥିଲେ। ପୂର୍ବରୁ ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ଏକ ଇନିଂସ ଓ ୫ ରନ୍‌ରେ ବିଜୟ ହାସଲ କରି ୨ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୨୭ ଓଭରରେ ୫୮୯/୩ ଇନିଂସ୍ ଘୋଷଣା (ୱାର୍ନର- ୩୩୫*, ଲାବୁସ୍କାନ- ୧୬୨, ସ୍ମିଥ୍- ୩୬, ୱାଡେ- ୩୮*, ଆଫ୍ରିଦି- ୩/୮୮)। ପାକିସ୍ତାନ ପ୍ରଥମ ଇନିଂସ- ୩୫ ଓଭରରେ ୯୬/୬ (ବାବର ଆଜମ- ୪୩, ମାସୁଦ- ୧୯, ଇଫତିକାର- ୧୦, ମିଚେଲ ଷ୍ଟାର୍କ- ୪/୨୨, କମିନ୍ସ- ୧/୪୫, ହାଜେଲଉଡ- ୧/୨୯)।

### ଟେଷ୍ଟ କ୍ରିକେଟରେ ସର୍ବାଧିକ ବ୍ୟକ୍ତିଗତ ରନ୍

| ଖେଳାଳି | ରନ୍ | ବଲ | ବିପକ୍ଷ ଦଳ | ବର୍ଷ |
|---|---|---|---|---|
| ବ୍ରାୟନ ଲାରା(ୱେଷ୍ଟଇଣ୍ଡିଜ) | ୪୦୦* | ୫୮୨ | ଇଂଲଣ୍ଡ | ୨୦୦୪ |
| ମାଥ୍ୟୁ ହେଡେନ(ଅଷ୍ଟ୍ରେଲିଆ) | ୩୮୦ | ୬୨୨ | ଜିମ୍ବାୱେ | ୨୦୦୩ |
| ବ୍ରାୟନ ଲାରା(ୱେଷ୍ଟଇଣ୍ଡିଜ) | ୩୭୫ | ୫୩୮ | ଇଂଲଣ୍ଡ | ୧୯୯୪ |
| ମହେଲା ଜୟବର୍ଦ୍ଧେନେ(ଶ୍ରୀଲଙ୍କା) | ୩୭୪ | ୫୭୨ | ଦକ୍ଷିଣ ଆଫ୍ରିକା | ୨୦୦୬ |
| ଗ୍ୟାରି ସୋବର୍ସ(ୱେଷ୍ଟଇଣ୍ଡିଜ) | ୩୬୫* | – | ପାକିସ୍ତାନ | ୧୯୫୮ |
| ଲେନ ହୁଟନ(ଇଂଲଣ୍ଡ) | ୩୬୪ | ୮୪୭ | ଅଷ୍ଟ୍ରେଲିଆ | ୧୯୩୮ |
| ଶନତ ଜୟସୁରିୟା(ଶ୍ରୀଲଙ୍କା) | ୩୪୦ | ୫୭୮ | ଭାରତ | ୧୯୯୭ |
| ହାନିଫ ମହମ୍ମଦ(ପାକିସ୍ତାନ) | ୩୩୭ | – | ୱେଷ୍ଟଇଣ୍ଡିଜ | ୧୯୫୮ |
| ୱାଲି ହାମ୍ମଣ୍ଡ(ଇଂଲଣ୍ଡ) | ୩୩୬* | – | ନ୍ୟୁଜିଲାଣ୍ଡ | ୧୯୩୩ |
| ଡେଭିଡ ୱାର୍ନର(ଅଷ୍ଟ୍ରେଲିଆ) | ୩୩୫* | ୪୧୮ | ପାକିସ୍ତାନ | ୨୦୧୯ |

### ସାଉଥ୍ ଇଷ୍ଟ ଏସିଆନ ଗେମ୍ସରେ ବିଶ୍ୱରଞ୍ଜନ ଅଫିସିଆଲ



**ଭୁବନେଶ୍ୱର, ୩୦।୧୧ (କ୍ରୀଡ଼ା ପ୍ରତିନିଧି):** ଫିଲିପାଇନ୍ସର ଲାଗୁନାଠାରେ ୩୦ତମ ସାଉଥ୍ ଇଷ୍ଟ ଏସିଆନ ଗେମ୍ସ ଡିସେମ୍ବର ୪ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାର ଇନ୍‌ଡୋର ହକି ପ୍ରତିଯୋଗିତା ପାଇଁ ଓଡ଼ିଶାର ବିଶ୍ୱରଞ୍ଜନ ଷଡ଼ଙ୍ଗୀଙ୍କୁ ସହକାରୀ ଟେକ୍ନିକାଲ ଅଫିସିଆଲଭାବେ ଏସିଆନ ହକି ଫେଡେରେଶନ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଅଫିସିଆଲମାନେ ଡିସେମ୍ବର ୨ରେ ଫିଲିପାଇନ୍ସରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି ବୋଲି ଏସିଆନ ହକି ଫେଡେରେଶନ ମୁଖ୍ୟ କାର୍ଯ୍ୟନିର୍ବାହୀ ଟାୟାବ ଇକରାମ ପ୍ରକାଶ କରିଛନ୍ତି।

### ସେମିଫାଇନାଲରେ ହାରିଲେ ଋତୁପର୍ଣ୍ଣା

**ଲକ୍ଷ୍ନୌ,୩୦।୧୧(ପି.ଟି.):** ପୂର୍ବତନ ଜାତୀୟ ଚାମ୍ପିୟନ ଋତୁପର୍ଣ୍ଣା ଦାସ କଡ଼ା ସଂଘର୍ଷକରିବା ସତ୍ତ୍ୱେ ସେମିଫାଇନାଲରେ ପରାସ୍ତ ହୋଇ ଚଳିତ ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ୨୩ ବର୍ଷୀୟା ଭାରତୀୟ ଶଟ୍‌ଲରଙ୍କୁ ୨୨-୨୪, ୧୫-୨୧ ଗେମ୍‌ରେ ଥାଇଲାଣ୍ଡର ଫିଟ୍ଟାୟପର୍ନ ଚାଇୱାନ୍ ହରାଇ ଦେଇଛନ୍ତି। ୨୦୧୬ ଓ ୨୦୧୮ ପୋଲିସ ଓପନ୍ ଚାମ୍ପିୟନ ମ୍ୟାଚ୍‌ରେ ୩୯ ମିନିଟ୍ ଧରି ସେ ସଂଘର୍ଷ କରିଥିଲେ।

### ରାଇଜିଂ-ସ୍ପୋର୍ଟ୍ସ ହଷ୍ଟେଲ ମ୍ୟାଚ୍ ଡ୍ର

**କଟକ ଅଫିସ,୩୦।୧୧:** ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ଫାଓ ମହିଳା ଲିଗ୍‌ରେ ଶନିବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ଓ ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ରବିବାର ଓଡ଼ିଶା ପୋଲିସ ଓ ପୂର୍ବତଟ ରେଲୱେ ମଧ୍ୟରେ ମୁକାବିଲା ହେବ।

## ବରୁଣ-ଉମେଶଙ୍କ ସ୍ମରଣୀୟ ଭାଗୀଦାରି

**ବାରବାଟୀ ଦିନିକିଆ**
**ଆଉ ୨୧ ଦିନ**

**କଟକ ଅଫିସ, ୩୦।୧୧:** ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୯ ଉଇକେଟ ହରାଇ ୨୧୧ରନ କରିଥିଲା। ବିଜୟଲକ୍ଷ୍ୟକୁ ପିଛା କରୁଥିବା ଭାରତ ୪୭ତମ ଓଭର ପ୍ରଥମ ବଲ୍‌ରେ ୯ମ ଉଇକେଟ ହରାଇଥିଲା। ଭାରତର ଦଳୀୟ ସ୍କୋର ଥିଲା ୨୦୧ରନ। ଅନ୍ତିମ ଯୋଡ଼ିରେ ଥାନ୍ତି ଦୁଇ ଦ୍ରୁତ ବୋଲର ବରୁଣ ଆରୋନ ଓ ଉମେଶ ଯାଦବ। ଭାରତ ନିମନ୍ତେ ବିଜୟ ଆଶା କ୍ଷୀଣ ହୋଇ ସାରିଥାଏ। ୪୯ତମ ଓଭରରେ ବୋଲିଂଭାର ପାଇଥିଲେ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଡାରେନ୍ ସାମି। ପ୍ରଥମ ବଲରେ ଉମେଶ ସିଙ୍ଗିଲ ନେବା ପରେ ଦ୍ୱିତୀୟ ବଲରେ ବରୁଣ ସ୍କୋୟାର ଲେଗରେ ଏକ ଚୌକା ମାରିଥିଲେ। ୩ୟ ବଲରେ ବରୁଣ ପଏଣ୍ଟ ଅଞ୍ଚଳକୁ ଏକ ଶଟ୍ ମାରିଥିଲେ। ଏଥିରେ ଦୁଇ ରନ ନେବା ସହଜ ଥିଲେ ମଧ ଗୋଟିଏ ରନ ନେବା ପରେ ଉମେଶ ଅଧାରୁ ବରୁଣଙ୍କୁ ଅଟକାଇ ଦେଇଥିଲେ। ଯାହା ଉପସ୍ଥିତ ଦର୍ଶକ ଓ ଉଭୟ ଦଳର ଖେଳାଳିଙ୍କୁ ଚକିତ କରିଥିଲା। ୪ର୍ଥ ବଲ ଡଟ୍ ହୋଇଥିଲା। ୫ମ ବଲରେ ବରୁଣ ମ୍ୟାଚ୍ ବିଜୟୀ ଚୌକା ମାରିଥିଲେ। ଗୋଟିଏ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିବା ଭାରତର ଏହି ସ୍ମରଣୀୟ ମ୍ୟାଚ୍ ୨୦୧୧ ମସିହା ନଭେମ୍ବର ୨୯ରେ ବାରବାଟୀରେ ଖେଳାଯାଇଥିଲା। ବାରବାଟୀ ସ୍ମୃତିରେ ବରୁଣ-ଉମେଶଙ୍କ ଏହି ମ୍ୟାଚ୍ ବିଜୟୀ ଭାଗିଦାରୀ ସବୁବେଳେ ସତେଜ ହୋଇ ରହିଛି। ଉକ୍ତ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୨୧୧ରନ କରିଥିବା ବେଳେ ଡାରେନ ବ୍ରାଭୋ ସର୍ବାଧିକ ୬୦ରନ କରିଥିଲେ। ଭାରତ ପକ୍ଷରୁ ଉମେଶ ଓ ବରୁଣ ୨ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ଭାରତ ପକ୍ଷରୁ ବ୍ୟାଟିଂରେ ସର୍ବାଧିକ ରନ କରିଥିବା ରୋହିତ ଶର୍ମା(୭୨)ରନ ଏହି ମ୍ୟାଚ୍‌ରେ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ।

## ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଆରମ୍ଭ

**ଭୁବନେଶ୍ୱର, ୩୦।୧୧(କ୍ରୀଡ଼ା ପ୍ରତିନିଧି):** ପାୱାରଲିଫ୍ଟିଂ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟ ସବ୍‌ଜୁନିୟର, ଜୁନିୟର, ସିନିୟର ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଶନିବାର ଇଷ୍ଟକୋଷ୍ଟ ରେଲୱେ ପରିସରରେ ଥିବା ଉପେନ୍ଦ୍ର ଭଞ୍ଜ ଇନ୍‌ଷ୍ଟିଚ୍ୟୁଟଠାରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ସବ୍‌ଜୁନିୟର ଇଭେଣ୍ଟରେରେ ପ୍ରୀତି କୋଣ୍ଡୋଗିରି, ସନ୍ତୋଷିନୀ ବିନ୍ଦ୍ର, ଜେମାମଣି ବାଗ୍, ଆଶା ବାବାଇୱାଲା, ମାମୁନି ପଲାଇ, ଗ୍ରାସିମା ବାଭିୱାଲା ପ୍ରମୁଖ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ଜୁନିୟରରେ ମୋନାଲିସା ସିଂ, ପ୍ରିୟମ୍ବଦା ପରିଡ଼ା, ପ୍ରଗତି ଜେନା, ସିନିୟରରେ ମୋନାଲିସା ସିଂ, ପ୍ରିୟମ୍ବଦା ପରିଡ଼ା, ପ୍ରଗତି ଜେନା, ସାଇରୁମ୍ ନିଶା, ମାମୁନି ପଲାଇ, ଗ୍ରାସିମା ବାଭିୱାଲା ଏବଂ ମାଷ୍ଟର୍ସ ବିଭାଗରେ ସେହନାଜ ବେଗମ୍, ହିମରାଗିଣି ଭୋଇ, ପ୍ରଗତି ଜେନା, ସୁମିତ୍ରା ଖଣ୍ଡଗିରି ସ୍ୱର୍ଣ୍ଣ ପଦକଲାଭ କରିଛନ୍ତି। ଓପନ ବେଞ୍ଚପ୍ରେସ୍‌ରେ ଆଲିଶା ନାଗ୍ ସ୍ୱର୍ଣ୍ଣ ପଦକ ପାଇଛନ୍ତି।

## ଭଲ ସ୍ଥିତିରେ ନ୍ୟୁଜିଲାଣ୍ଡ

**ହାମିଲଟନ, ୩୦।୧୧(ଏଏଫପି)**

ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଏକ ଇନିଂସ ଓ ୬୫ ରନରେ ବିଜୟ ହାସଲ କରିବା ପରେ ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଚାଲିଥିବା ଦ୍ୱିତୀୟ ମ୍ୟାଚ୍‌ରେ ମଧ ନ୍ୟୁଜିଲାଣ୍ଡ ଦମ୍‌ଦାର ପ୍ରଦର୍ଶନ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ଓପନର ଟମ୍ ଲଥାମଙ୍କ ଶତକ, ରସ ଟେଲର ଓ ଡାରିଲ ମିଚେଲଙ୍କ ଅର୍ଦ୍ଧଶତକ ସହାୟତାରେ ୧୨୯.୧ ଓଭରରେ ୩୭୫ ରନର ସମ୍ମାନଜନକ ସ୍କୋର ହାସଲ କରି ଅଲଆଉଟ ହୋଇଛି। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୮ ଓଭରରେ ୨ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହେବା ସହ ୩୯ ରନ ସଂଗ୍ରହ କରିଛି। ଫଳରେ ନ୍ୟୁଜିଲାଣ୍ଡ ୮ ଉଇକେଟ ହାତରେ ରଖି ଏବେ ୩୩୬ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ରୋରି ବର୍ନ୍ସ ୨୪ ଓ ଅଧିନାୟକ ଜୋ ରୁଟ୍ ୬ ରନ କରି ଅପରାଜିତ ରହିଛନ୍ତି। ଆଉଟ ହୋଇଥିବା ଦୁଇ ବ୍ୟାଟ୍ସମ୍ୟାନ ହେଲେ ଓପନର ଡୋମ ସିବ୍‌ଲି ଓ ଜୋ ଡେନ୍‌ଲି। ସିବ୍‌ଲି ୪ ରନ କରି ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସୌଦିଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଛନ୍ତି। ସେହିପରି ଡେନ୍‌ଲି ୪ ରନ କରିଥିବା ବେଳେ ମ୍ୟାଟ ହେନରୀଙ୍କ ବଲ୍‌ରେ ଉଇକେଟକିପର ବିଜେ ୱାଟ୍‌ଲିଙ୍ଗଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଇଂଲଣ୍ଡ ଏବେ ସିରିଜ ବଞ୍ଚାଇବାକୁ ସଂଘର୍ଷ କରୁଛି। ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୭୩/୩ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ଅଲଆଉଟ୍ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଲଥାମ ୧୦୧ରୁ ଖେଳ ଆରମ୍ଭ କରି ଆଉ ଅଧିକ ୪ ରନ ସଂଗ୍ରହ କରି ୧୦୫ ରନର ଶତକୀୟ ପାଳି ଖେଳି ଷ୍ଟୁଆର୍ଟ ବ୍ରଡଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ହେନେରୀ ନିକୋଲ୍ସ ୫ ରନରୁ ଖେଳ ଆରମ୍ଭ କରି ୧୬ ରନ କରି ସାମ କୁରାନଙ୍କ ବଲ୍‌ରେ ଷ୍ଟୁଆର୍ଟ ବ୍ରଡଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଟ୍‌ଲିଂ ୫୫ ଓ ମିଚେଲ ୭୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ଉଭୟ ବ୍ରଡଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ମିଚେଲ ସାଣ୍ଟନର ୨୩, ସୌଦି ୧୮ ରନ କରି ଆଉଟ ହୋଇଥିବା ବେଳେ ହେନରୀ ୫ ରନ କରି ଅପରାଜିତ ରହିଥିଲେ। ପୂର୍ବରୁ ରସ୍ ଟେଲର ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ବୋଲିଂରେ ଇଂଲଣ୍ଡ ପକ୍ଷରୁ ବ୍ରଡ ୪, କ୍ରିସ୍ ୱୋକ୍ସ ୩, କୁରାନ ୨ ଓ ଜୋଫ୍ରା ଆର୍ଚର ଗୋଟିଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୧୨୯.୧ ଓଭରରେ ୩୭୫ ଅଲଆଉଟ, (ଲଥାମ- ୧୦୫, ମିଚେଲ- ୭୩, ୱାଟ୍‌ଲିଂ- ୫୫, ଟେଲର- ୫୩, ବ୍ରଡ- ୪/୭୩, ୱୋକ୍ସ-/୮୩, କୁରାନ- ୨/୬୩ )। ଇଂଲଣ୍ଡ ପ୍ରଥମ ଇନିଂସ- ୧୮ ଓଭରରେ ୩୯/୨, (ବର୍ନ୍ସ- ୨୪*, ରୁଟ୍- ୬*, ସୌଦି- ୧/୨୪, ହେନରୀ- ୧/୧୦)।



ଆହତ ସୁରକ୍ଷାକର୍ମୀଙ୍କ ସହିତ ଆଲୋଚନା କରୁଛନ୍ତି ଇଂଲଣ୍ଡର ସାମ୍ କୁରାନ।

### ସାଣ୍ଟନରଙ୍କ ଛକାରେ ସୁରକ୍ଷା କର୍ମୀ ଆହତ

କ୍ରିକେଟ ଏଭଳି ଏକ ଖେଳ କେବେ, କେଉଁଠି ଓ କାହା ସହ ଦୁର୍ଘଟଣା ଘଟିବ ତାହା କହିହେବ ନାହିଁ। ଏଠାରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ କାର୍ଯ୍ୟରତ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ଘରୋଇ ଦଳର ସ୍କୋର ୩୬୫/୮ ଥିବାବେଳେ ମିଚେଲ ସାଣ୍ଟନର ଅଗ୍ରଣୀ ବ୍ୟବଧାନକୁ ବଢ଼ାଇବାକୁ ଉଦ୍ୟମ କରୁଥିଲେ। ଇଂଲଣ୍ଡ ପେସର ଜୋଫ୍ରା ଆର୍ଚରଙ୍କ ଏକ ଶର୍ଟ ବଲକୁ ସାଣ୍ଟନର ଫାଇନ ଲେଗ୍ ଅଞ୍ଚଳକୁ ଘୁରାଇ ମାରିଥିଲେ। ବଲଟି ସିଧା ବାଉଣ୍ଡ୍ରି ଲାଇନର ଅପରପାଖରେ ଛିଡ଼ା ହୋଇଥିବା ସୁରକ୍ଷା କର୍ମୀଙ୍କ ମୁଣ୍ଡରେ ବାଜିଥିଲ। ଇଂଲଣ୍ଡର ଖେଳାଳି ଓ ଫିଲ୍ଡ ଅମ୍ପାୟର ସୁରକ୍ଷାକର୍ମୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିଯୋଗୁ ଖେଳ କିଛି ସମୟ ପାଇଁ ବନ୍ଦ କରାଯାଇଥିଲା। ମେଡିକାଲ ଷ୍ଟାଫ ତାଙ୍କ ମୁଣ୍ଡରେ ବରଫ ମାଲିସ କରିଥିଲେ। ଉକ୍ତ ଗାର୍ଡ ଠିକ୍ ଥିବା ଜଣାଇବା ପରେ ମ୍ୟାଚ୍ ପୁଣି ଆରମ୍ଭ ହୋଇଥିଲା।

## ପାକିସ୍ତାନକୁ ୪-୦ରେ ହରାଇଲା ଭାରତ

**ନୁର- ସୁଲତାନ, ୩୦।୧୧(ପି.ଟି.)**

**ଡେଭିସ୍ କପ**

କାଜାଖସ୍ଥାନ ରାଜଧାନୀ ନୁର-ସୁଲତାନରେ ଅନୁଷ୍ଠିତ ଡେଭିସ୍ କପ୍ ଟେନିସ ମ୍ୟାଚ୍‌ରେ ଶନିବାର ଭାରତ ୪-୦ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରିଛି। ଏହି ବିଜୟ ସହ ଭାରତ ୱାର୍ଲ୍ଡ ଗ୍ରୁପ୍ କ୍ୱାଲିଫାୟର୍ସ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛି। ଅର୍ଥାତ୍ ୨୦୨୦ କ୍ୱାଲିଫାୟର୍ସରେ ଭାରତ ସ୍ଥାନ ହାସଲ କରିଛି। ଅଭିଜ୍ଞ ଟେନିସ ତାରକା ଲିଆଣ୍ଡର ପେସ୍ ନିଜର ଡେଭିସ ରେକର୍ଡକୁ ଉନ୍ନତି ଆଣି ଆହୁରି ଦୃଢ଼ କରିଛନ୍ତି।

ଶନିବାର ଡବଲ୍ସ ରବରରେ ପେସ୍ ଓ ପଦାର୍ପଣ କରିଥିବା ଯୁବ ଭାରତୀୟ ଖେଳାଳି ଜୀବନ ନେଦୁନଚେଝିୟାନ ପ୍ରତିପକ୍ଷ ପାକିସ୍ତାନ ଯୋଡି ମହମ୍ମଦ ସୋଏବ ଓ ହୁଫାଇଜା ଅବଦୁଲ ରେହମାନଙ୍କୁ ପରାସ୍ତ କରିଥିଲେ। ପେସ୍ ଓ ଜୀବନ ମାତ୍ର ୫୩ ମିନିଟ୍‌ରେ ୬-୧, ୬-୩ ସେଟରେ ଏହି ସ୍ୱଳ୍ପ ବୟସ୍କ ପାକିସ୍ତାନ ଯୋଡିକୁ ପରାସ୍ତ କରି ଭାରତକୁ ୪-୦ରେ ବିଜୟୀ କରାଇଥିଲେ। ଏଥିସହିତ ପେସ୍ ଡେଭିସ୍ କପ୍‌ରେ ୪୪ତମ ଡବଲ୍ସ ବିଜୟ ହାସଲ କରି ପୂର୍ବର ରେକର୍ଡକୁ ଆହୁରି ଦୃଢ଼ କରିଛନ୍ତି। ଗତବର୍ଷ ପେସ୍ ଚାଇନା ବିପକ୍ଷରେ କ୍ୟାରିୟରର ୪୩ତମ ଡବଲ୍ସ ମ୍ୟାଚ ଜିତି ବିଶ୍ୱ ରେକର୍ଡ କରିଥିଲେ। ଏହି କ୍ରମରେ ସେ ଇଟାଲୀର କିମ୍ବଦନ୍ତୀ ଖେଳାଳି ନିକୋଲା ପିଏଟ୍ରାଙ୍ଗେଲିଙ୍କୁ ପଛରେ ପକାଇଥିଲେ। ୪୬ ବର୍ଷୀୟ ପେସ୍ ୫୬ଟି ଟାଇ ଖେଳି ୪୩ତମ ବିଜୟ ହାସଲ କରିଥିଲେ। ପିଏଟ୍ରାଙ୍ଗେଲି କିନ୍ତୁ ୬୬ଟି ଯାଇ ଖେଳି ୪୨ତମ ଡବଲ୍ସ ବିଜୟ ହାସଲ କରିଥିଲେ।

ସେହିପରି ରିଭର୍ସ ସିଙ୍ଗଲ୍ସରେ ସୁମିତ ନାଗାଲ ୬-୧, ୬-୦ ସେଟରେ ଅତି ସହଜରେ ୟୁସାଫ୍ ଖଲିଲଙ୍କୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛନ୍ତି। ଏହାପରେ ଉଭୟ ଦଳ ପଞ୍ଚମ ରବର ନ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ମୋଟାମୋଟି ଉପରେ ଭାରତ ଅତି ସହଜରେ ପାକିସ୍ତାନକୁ ଡେଭିସ୍ କପ୍‌ରେ ପରାସ୍ତ କରିଛି। ୨୦୧୪ ଫେବ୍ରୁୟାରୀ ପରେ ଭାରତ ପ୍ରଥମଥର ପାଇଁ ଟାଇର ସବୁ ମ୍ୟାଚ୍‌ରେ ବିଜୟୀ ହୋଇଛି। ଏହି ବର୍ଷ ଭାରତ ଇନ୍ଦୋରରେ ଚାଇନିଜ୍ ତାଇପେକୁ ୫-୦ରେ ହରାଇ ସବୁ ମ୍ୟାଚ୍ ଜିତିଥିଲା। ଭାରତ ଏବେ କ୍ୱାଲିଫାୟର୍ସ ବିଶ୍ୱର ୨ ନମ୍ବର ଦଳ କ୍ରୋଏସିଆକୁ ଭେଟିବ।



ପାକିସ୍ତାନ ବିପକ୍ଷରେ ଡେଭିସ୍‌କପ୍ ବିଜୟୀ ଭାରତୀୟ ଦଳ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ରବିବାର, ଡିସେମ୍ବର ୧/୨୦୧୯ Dhenkanal, Sunday, December 1 / 2019

## ସଂକ୍ଷେପରେ

### ଓଲଟିଲା ମଦ ବୋଝେଇ ଟ୍ରକ୍



**ଓଡ଼ାପଡ଼ା, ୩୦।୧୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା ୫୫ନଂ. ଜାତୀୟ ରାଜପଥର ମୋଟଙ୍ଗା ବାଇପାସ୍ ନିକଟରେ ଶୁକ୍ରବାର ରାତିରେ ଏକ ମଦ ବୋଝେଇ ଟ୍ରକ୍ (ନଂ. ଓଡ଼ି ୧୫ ଇ ୨୩୧୧) ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଟ୍ରକ୍‌ଟି ସମ୍ବଲପୁରରୁ ବାଲେଶ୍ୱର ଅଭିମୁଖେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଗାଡ଼ି ଓଲଟି ପଡ଼ିବା ପରେ ସ୍ଥାନୀୟ ଲୋକେ ମଦ ପେଟି ବୋହି ନେଇଥିଲେ। ସୂଚନା ପାଇ ମୋଟଙ୍ଗା ଥାନା ପୋଲିସ ପହଞ୍ଚି ଟ୍ରକ୍‌କୁ ଜବତ କରିଛି। ଚାଳକ ଏବଂ ହେଲ୍‌ପର ସୁରକ୍ଷିତ ଥିବା ଜଣାପଡ଼ିଛି।

### ଏସ୍‌ଏଚ୍‌ଜି ସଦସ୍ୟଙ୍କଠାରୁ ୫୦ ହଜାର ଟଙ୍କା ଲୁଟ୍

**ଢେଙ୍କାନାଳ ଅଫିସ, ୩୦।୧୧:** ଢେଙ୍କାନାଳ ଜିଲା ଗଁଦିଆ ଥାନା ଦେଓଗାଁ-ମହୁଲଖୋଳି ରାସ୍ତାରୁ ଶନିବାର ଶ୍ରୀଦେବୀ ସ୍ୱଂୟ ସହାୟକ ଗୋଷ୍ଠୀର ସଭାନେତ୍ରୀ ସାଗରିକା ଦେହୁରୀଙ୍କଠାରୁ ୫୦ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଗଁଦିଆସ୍ଥିତ ଅନୁଗୋଳ ସଂଯୁକ୍ତ ବ୍ୟାଙ୍କ ଶାଖାରୁ ୫୦ ହଜାର ଟଙ୍କା ଉଠାଇ ସାଗରିକା ସ୍ୱାମୀଙ୍କ ସହ ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ତାଙ୍କୁ ପିଛା କରୁଥିବା ୨ଜଣ ଦୁର୍ବୃତ୍ତ ଗାଡ଼ି ଅଟକାଇ ଟଙ୍କା ବ୍ୟାଗ୍ ଛଡ଼ାଇ ନେଇ ପଳାଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ଜିତେନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

### ଶ୍ୟାମଳ ଅଞ୍ଚଳରେ ହାତୀପଲ ଆତଙ୍କ

**ଭୁବନ, ୩୦।୧୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ବନାଞ୍ଚଳ ଅଧୀନ ଶ୍ୟାମଳ ଗ୍ରାମ୍ୟ ଜଙ୍ଗଲରେ ଶନିବାର ରାତିରେ ହାତୀପଲ ଉପସ୍ଥିତି ଜାହିର କରିଛନ୍ତି। ଏହି ଦଳରେ ୭ଟି ହାତୀ ଅଛନ୍ତି। ଉକ୍ତ ହାତୀପଲ କପିଳାସ ଜଙ୍ଗଲରୁ ବ୍ରାହ୍ମଣୀ ନଦୀ ପାର ହୋଇ ଚାଲି ଆସିଥିବା ଜଣାପଡ଼ିଛି। ଚଣ୍ଡୀପାଳ, ଜଇପୁର, କିଙ୍ଗୋଳ ଅଞ୍ଚଳରେ ଥିବା ଜମିରେ ହାତୀ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ଏହାକୁ ନେଇ ଜଙ୍ଗଲ ତଳି ଅଞ୍ଚଳର ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ରେଞ୍ଜର ଅନିତା ସେଠୀ, ବନ କର୍ମଚାରୀ, ସ୍କ୍ୱାଡ୍ ସହ ହାତୀପଲ ଉପରେ ନଜର ରଖିଛନ୍ତି।

### କୋଇଲା ଗାଡ଼ି ଜବତ

**ରାସୋଳ, ୩୦।୧୧(ଡି.ଏନ.ଏ):** ରାସୋଳ ଥାନା ପୁରୁଣା କଟକ-ସମ୍ବଲପୁର ରାସ୍ତାର ସୁକିଆବାଉତୀ ଛକ ନିକଟରୁ ଶନିବାର ସକାଳେ ପୋଲିସ କୋଇଲା ବୋଝେଇ ୨ଟି ୧୦ଚକିଆ ଟ୍ରକ୍ (ନଂ. ଓଆର ୦୪ ଏଚ୍ ୦୫୮୫ ଏବଂ ଓଆର ୧୫ ଏଲ୍ ୬୨୨୯) ଜବତ କରିଛି। ଛେଣ୍ଡିପଦା ଅଞ୍ଚଳରୁ କୋଇଲା ନେଇ ଉଭୟ ଗାଡ଼ି ପୁରୀ ଅଭିମୁଖେ ଯାଉଥିଲା। ସୂଚନା ପାଇ ଏସ୍‌ଡିପିଓ ସୁଧାକର ଜେନାଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରୀ ବିଷ୍ଣୁଚରଣ ବାରିକ ସଦଳବଳ ଚଢ଼ାଉ କରିଥିଲେ। ଡ୍ରାଇଭର ପ୍ରଦୀପ ସାହୁ, ଅଜିତ ପ୍ରଧାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏହି ରାସ୍ତାଦେଇ ବ୍ୟାପକ ଚୋରା ସାମଗ୍ରୀ ଚାଲାଣ ହେଉଛି। ଆଗାମୀ ଦିନରେ ଚଢ଼ାଉ ଜୋରଦାର କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

### ୩ରୁ ସାହାଣୀ କପ୍ ଫୁଟବଲ

**ଢେଙ୍କାନାଳ ଅଫିସ, ୩୦।୧୧:** ଢେଙ୍କାନାଳ ଷ୍ଟାଡିୟମରେ ଆସନ୍ତା ୩ ତାରିଖରୁ ଆରମ୍ଭ ହେବ ମଣ୍ଡଳସ୍ତରୀୟ ଆନ୍ତଃଜିଲା ସାହାଣୀ କପ୍ ଫୁଟ୍‌ବଲ ପ୍ରତିଯୋଗିତା। ଓଡ଼ିଶା ଫୁଟବଲ୍ ସଂଘ ଏବଂ ଜିଲା କ୍ରୀଡ଼ା ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ୧୧ ତାରିଖ ଯାଏ ଚାଲିବ। ଏଥିରେ ଢେଙ୍କାନାଳ, ଗଞ୍ଜାମ, କେନ୍ଦୁଝର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଏବଂ କଟକ ଜିଲା ଅଂଶଗ୍ରହଣ କରିବେ। ୯ ତାରିଖରେ ଏହାର କ୍ୱାର୍ଟର ଫାଇନାଲ ଏବଂ ୧୧ ତାରିଖରେ ସେମିଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

■ଲେଖକ ସଂସଦର ସାରସ୍ୱତ ସମାରୋହ

# ସାହିତ୍ୟିକ ପରିବର୍ତ୍ତନର କର୍ଣ୍ଣଧାର

**ଢେଙ୍କାନାଳ ଅଫିସ, ୩୦।୧୧**



ସାରସ୍ୱତ ସମାରୋହରେ ଅତିଥିମାନେ।

ସାହିତ୍ୟିକମାନେ ପରିବର୍ତ୍ତନର କର୍ଣ୍ଣଧାର। ସକାରାତ୍ମକ ଢଙ୍ଗରେ ଲେଖନୀ ଚାଳନା କଲେ ସାମାଜିକ ବ୍ୟବସ୍ଥା, ମାନସିକତାରେ ପରିବର୍ତ୍ତନ ଆସିବ ବୋଲି କହିଛନ୍ତି ଏମ୍‌ପି ମହେଶ ସାହୁ। ଢେଙ୍କାନାଳ ଲେଖକ ସଂସଦର ୪୦ତମ ସାରସ୍ୱତ ସମାରୋହକୁ ଉଦ୍‌ଘାଟନ କରି ଏମ୍‌ପି ଏହା କହିଥିଲେ। ଶନିବାର ପୂର୍ବାହ୍ନ ୧୧ଟାରେ ସଂସଦ ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଯୋଗଦେଇ ଓଡ଼ିଆ ସାହିତ୍ୟକୁ ଢେଙ୍କାନାଳର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ୪୦ ଜଣ ବରିଷ୍ଠ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନରେ ଶତରୂପା ଓଡ଼ିଶୀ ନୃତ୍ୟ ଗବେଷଣା କେନ୍ଦ୍ର ପକ୍ଷରୁ ଅଭିନୟ ନୃତ୍ୟ 'ଛୋଟ ମୋର ଗାଁଟି' ପରିବେଷଣ କରାଯାଇଥିଲା।

ସଂସଦର ସଭାପତି ଶତ୍ରୁଘ୍ନ ଭୂତିଆଙ୍କ ପ୍ରସ୍ତାବକ୍ରମେ ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତଙ୍କୁ ନୂତନ ସଭାପତି ଭାବେ ମନୋନୀତ କରାଯାଇଥିଲା। ଉପସଭାପତି ଗଗନ ବିହାରୀ ନନ୍ଦ, ସମ୍ପାଦକ ବସନ୍ତ ପଟ୍ଟନାୟକ, ପରିଚାଳନା ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ, କୋଷାଧ୍ୟକ୍ଷ କାଳିନ୍ଦୀ ଚରଣ ସାହୁ, ପ୍ରଦ୍ୟୁମ୍ନ ମହାନ୍ତି, ଅନନ୍ତ ଶତପଥୀ, ପ୍ରେମାନନ୍ଦ ରାଉତ, କାଳୀଚରଣ ତ୍ରିପାଠୀ, ନିମାଇଁ ମିଶ୍ର, ବୈଜୟନ୍ତୀ ପଟ୍ଟନାୟକ, ସାରଙ୍ଗଧର ମିଶ୍ର, ପ୍ରଫେସର ଧନେଶ୍ୱର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏହି ଉପଲକ୍ଷେ ପୂର୍ବାହ୍ନ ୮ଟାରେ ସାରସ୍ୱତ ପ୍ରତିଭାଙ୍କୁ ନେଇ ଏକ ଶୋଭାଯାତ୍ରା ସ୍ଥାନୀୟ ବାଜିଚୌକଠାରୁ ଆରମ୍ଭ ହୋଇ ଲେଖକ ସଂସଦ ଭବନରେ ପହଞ୍ଚିଥିଲା।

## ଗୁରୁ ରାଧାକାନ୍ତଙ୍କ ସ୍ମୃତିଚାରଣ

**ଢେଙ୍କାନାଳ ଅଫିସ, ୩୦।୧୧**

ବିଶିଷ୍ଟ ତବଲା ବାଦକ ତଥା ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ରାଧାକାନ୍ତ ନନ୍ଦଙ୍କ ପରଲୋକରେ ଢେଙ୍କାନାଳ ବାହୁଡ଼ାଯାତ୍ରା ଭଜନ ସମାରୋହ କମିଟି ପକ୍ଷରୁ ଶନିବାର ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଗଣେଶ ବଜାରରେ ଆୟୋଜିତ ସ୍ମୃତିସଭାରେ ରାଧାକାନ୍ତଙ୍କ ଅମରାତ୍ମାର ସଦ୍‌ଗତି କାମନା କରିଥିଲେ। କମିଟି ସମ୍ପାଦକ ବିଶ୍ୱନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଶୋକସଭାରେ ଉପଦେଷ୍ଟା ଶଶିମୌଳି ରଥ, ସୁକାନ୍ତ ମିଶ୍ର, ସଭାପତି ରତନ ନାୟାର, ଉପସଭାପତି ନୃସିଂହ ବେହେରା, ବସନ୍ତ ସାହୁ, ସତ୍ୟସ୍ୱରୂପ ଦାସ, ଅରବିନ୍ଦ ସାହୁ, ଦେବାଶିଷ ମିଶ୍ର, ରାଜଶ୍ରୀ ଶତପଥୀ, ବିନୋଦ ମହାନ୍ତି, ଅଥୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଧାକାନ୍ତ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବାହୁଡ଼ାଯାତ୍ରା ଭଜନ ସମାରୋହରେ ନିଜ ଟିମ୍ ସହ ଯୋଗଦେଇ ଆସୁଥିଲେ। ଢେଙ୍କାନାଳ ରଜ ମହୋତ୍ସବରେ ତାଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କ ବିୟୋଗ ସଙ୍ଗୀତ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ମତପ୍ରକାଶ ପାଇଥିଲା।

# ଦୁର୍ଘଟଣା ମଧ୍ୟସ୍ଥତା କେନ୍ଦ୍ର ଉଦ୍‌ଘାଟିତ




ଉଦ୍‌ଘାଟନୀ ସମାରୋହରେ ଜିଲାଜଜ୍ ମଳୟ ରଞ୍ଜନ ଦାଶଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୩୦।୧୧**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟ ପରିସରରେ ଶନିବାର ଅପରାହ୍ନରେ ମୋଟରଯାନ ଦୁର୍ଘଟଣା ମଧ୍ୟସ୍ଥତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ୍ ମଳୟ ରଞ୍ଜନ ଦାଶ ଏହାକୁ ଉଦ୍‌ଘାଟନ କରି କହିଲେ, ଏହି କେନ୍ଦ୍ର ଦ୍ୱାରା ଦୁର୍ଘଟଣା ପୀଡ଼ିତ ଲୋକେ ସୁଫଳ ପାଇପାରିବେ।

ଉଦ୍‌ଘାଟନୀ ସମାରୋହରେ ବିଚାରପତି ଦୀପ୍ତିରଞ୍ଜନ କାନୁନ୍‌ଗୋ, ପ୍ରତିମା ପଣ୍ଡା, ରାଜକିଶୋର ମହାପାତ୍ର, ମୁକ୍ତିରଞ୍ଜନ ଶତପଥୀ, ଅଞ୍ଜନା ସ୍ୱାଇଁ, ଗୀତାଞ୍ଜଳି ନନ୍ଦ, ଅଭିଜିତ ପୁରୋହିତ, ମୟିତ୍ରୀ ସାମନ୍ତରାୟ, ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ନିଶା ଅଗ୍ରୱାଲ, ରେଜିଷ୍ଟ୍ରାର ସଞ୍ଜିତ ବେହେରା, ଜିଲା ଓକିଲ ସଂଘ ଉପସଭାପତି ସରୋଜ କୁମାର ପାଢ଼ୀ, ସମ୍ପାଦକ ଟଙ୍କଧର ବେହେରା, ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଗଛ କଟା ବନ୍ଦ କର, ହାତୀ ବଞ୍ଚାଅ'



କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୩୦।୧୧**

ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ଗଦାଶିଳା ଫରେଷ୍ଟ ସେକ୍ସନ ଅଧୀନ ଓଡ଼ାପଡ଼ା ବ୍ଲକ ଚାଇଁପୁର ମଣିଦେବୀ ହାଇସ୍କୁଲ ଏବଂ ଦାଣ୍ଡିମାଳ ହାଇସ୍କୁଲରେ ହାତୀ ସଂରକ୍ଷଣ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ୱାଇଲ୍ଡ ଲାଇଫ୍ ମନିଟରିଂ ଅଫିସର ନୃସିଂହ ଚରଣ ଦାଶ, ଫରେଷ୍ଟର ରବିନାରାୟଣ ନାୟକଙ୍କ ସମେତ ବନ କର୍ମଚାରୀମାନେ ଉପସ୍ଥିତ ଥିଲା।

ଢେଙ୍କାନାଳ ଜିଲା ଏକଦା ହାତୀଙ୍କ ଭୂସ୍ୱର୍ଗ ଭାବେ ପରିଚିତ ହେଉଥିଲା। ଦ୍ରୁତ ଜଙ୍ଗଲ କ୍ଷୟ ଏବଂ ଶିକାରୀ ଭୟ ଯୋଗୁ ଏବେ ହାତୀ ବଂଶ ଉପରେ ବିପଦ ଦେଖାଦେଇଛି। ଏପରି ଧାରା ଜାରି ରହିଲେ କିଛି ବର୍ଷ ମଧ୍ୟରେ ଜିଲା ହାତୀଶୂନ୍ୟ ହୋଇଯିବ। ହାତୀଙ୍କ ସୁରକ୍ଷା ପାଇଁ ସାମୂହିକ ଉଦ୍ୟମ ଲୋଡ଼ା। ଏହି ଅବସରରେ ଗଛକଟା ବନ୍ଦ କର, ହାତୀ ବଞ୍ଚାଅ ସ୍ଲୋଗାନ ଦିଆଯାଇଥିଲା। ପ୍ରଧାନ ଶିକ୍ଷକ ଅମର କୁମାର ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଶିକ୍ଷାନୁଷ୍ଠାନର କର୍ମଚାରୀ ଉପସ୍ଥିତ ଥିଲେ।

## ଗୁଣ୍ଡିଚାପଡ଼ା ଫାଇନାଲରେ

**ଢେଙ୍କାନାଳ ଅଫିସ, ୩୦।୧୧**

ଢେଙ୍କାନାଳ ସଦର ବ୍ଲକ ଦୁର୍ଗାପ୍ରସାଦ ଗ୍ରାମରେ ଚାଲିଥିବା ୧୭ତମ ନିରଞ୍ଜନ ମେମୋରିଆଲ ଫୁଟବଲ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଗୁଣ୍ଡିଚାପଡ଼ା ୬-୧ ଗୋଲରେ ଦଣ୍ଡେଇବେରେଣୀକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ରେଫରି ଭାବେ ପର୍ଶୁରାମ ମିଶ୍ର, ଘନଶ୍ୟାମ ହୋତା, ସୁଶୀଲ ପଣ୍ଡା, ଜ୍ଞାନରଞ୍ଜନ ଶତପଥୀ ମ୍ୟାଚ ପରିଚାଳନା କରିଥିଲେ। ରବିବାର ଆୟୋଜକ ଦୁର୍ଗାପ୍ରସାଦ ଏବଂ ଗୁଣ୍ଡିଚାପଡ଼ା ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ। ସନ୍ତୋଷ ରାଉତ, ସୁଧୀର ରାଉତ, ରମାକାନ୍ତ ରାଉତ, ଶ୍ରୀଧର ବିଶ୍ୱାଳ, କାଳିଆ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

■ମହିଳା ହିଂସାମୁକ୍ତି ଅଭିଯାନ

# ସଚେତନତା ହେଉଛି ସୁରକ୍ଷା କବଚ

**ଢେଙ୍କାନାଳ ଅଫିସ, ୩୦।୧୧**




କାର୍ଯ୍ୟକ୍ରମରେ ଅତିଥିମାନେ।

ମହିଳା ହିଂସା ବିରୋଧରେ ସଚେତନତା ସୃଷ୍ଟି କରିବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଶୋ ଏବଂ ଅକ୍ସଫାମ୍ ସହାୟତାରେ ଆରମ୍ଭ ହୋଇଛି ୧୬ଦିନିଆ ଅଭିଯାନ। ଏହି ଉପଲକ୍ଷେ ଶନିବାର ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲ ପରିସରରେ ଯୁବ ମହୋତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ, ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଡିଏସ୍‌ପି ବିନୟକୃଷ୍ଣ କାମିଲା, ଶିଶୁ ମଙ୍ଗଳ କମିଟି ସଭ୍ୟ ନିରଞ୍ଜନ ମିଶ୍ର, ଭାନୁମତୀ ପାଣି, ମହିଳା ପ୍ରକୋଷ୍ଠ ସେଲ୍ ପରାମର୍ଶଦାତା ଶାନ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ।

ମହିଳା ହିଂସାକୁ ରୋକିବାକୁ ସଚେତନତା ହିଁ ସୁରକ୍ଷା କବଚ। ଯୁବଗୋଷ୍ଠୀ ସଚେତନ ହେବା ସହ ପ୍ରତିସ୍ତରରେ ସୁସ୍ଥ ବାତାବରଣ ସୃଷ୍ଟି କରିପାରିଲେ ହିଂସା, ଯୌତୁକ ପ୍ରଥା ଏବଂ ର୍‍ୟାଗିଂ ଭଳି ସମସ୍ୟାର ସମାଧାନ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଇଶୋର ସମ୍ପାଦିକା ପୁଷ୍ପାଞ୍ଜଳି ଜେନା ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ କଲେଜ ଏବଂ ସ୍କୁଲସ୍ତରରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ଦଳଗତ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଯୌତୁକ ପ୍ରଥା, ବାଲ୍ୟ ବିବାହ, ଘରୋଇ ହିଂସା, ର୍‍ୟାଗିଂର କାରଣ ଏବଂ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଏବଂ ବ୍ୟକ୍ତିବିଶେଷ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

ଅପରାହ୍ନ ଅଧିବେଶନରେ ଆଇନ ମହାବିଦ୍ୟାଳୟର ପ୍ରାଧ୍ୟାପକ ବିଜୟ ଚନ୍ଦ୍ର ମହାପାତ୍ର, ଅକ୍ସଫାମ୍‌ର ଅଙ୍ଗୁର ମିଶ୍ର, ସମ୍ବଳ କର୍ମୀ ପ୍ରଳୟ ଦାସ ଉପସ୍ଥିତ ଥିଲେ। ତାରା ସ୍ୱାଇଁ, ରୁଚିରା ନାୟକ, ଅନିମା ନାୟକ, ହରିପ୍ରିୟା ପଣ୍ଡା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ପୂର୍ବତନ ଏଏସ୍‌ଆଇଙ୍କୁ ୩ ବର୍ଷ ଜେଲ

**ଢେଙ୍କାନାଳ ଅଫିସ, ୩୦।୧୧**

ପଥର ବୋଝେଇ ଟ୍ରାକ୍ଟର ଛାଡ଼ିଦେବା ପାଇଁ ୨୦୧୫ରେ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ସୁରପ୍ରତାପପୁର ଫାଣ୍ଡିର ତତ୍କାଳୀନ ଏଏସ୍‌ଆଇ ବୀରବର ଲେଙ୍କାଙ୍କୁ ୩ବର୍ଷ ଜେଲଦଣ୍ଡ ହୋଇଛି। ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରତିମା ପଣ୍ଡା ମାମଲାର ବିଚାର କରି ଶନିବାର ଏହି ରାୟ ଶୁଣାଇଛନ୍ତି। ୨୦୧୫ ଅକ୍ଟୋବର ୨୮ରେ ସୁରପ୍ରତାପପୁର ଫାଣ୍ଡି ପୋଲିସ ଦ୍ୱାରା ଉକ୍ତ ପଥର ବୋଝେଇ ଟ୍ରାକ୍ଟର ଜବତ ହୋଇଥିଲା। ଏହାକୁ ଛାଡ଼ିଦେବାକୁ ଶ୍ରୀଧର ରାଉତ ନାମକ ଜଣେ ବ୍ୟକ୍ତିଙ୍କଠାରୁ ବୀରବର ୭ ହଜାର ଟଙ୍କା ଦାବି କରିଥିଲେ। ଲାଞ୍ଚ ବାବଦ ଟଙ୍କା ନେଉଥିବାବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ କାବୁ କରିଥିଲେ। ଏ ନେଇ କଟକ ଭିଜିଲାନ୍ସ ପକ୍ଷରୁ ନଂ. ୫୬/୧୫, ଦଫା ୧୩ (୨)ଆର/ଡବ୍ଲ୍ୟୁ, ୧୩(୧)(ଡି)/୭ ପିସି ଆକ୍ଟ -୧୯୮୮ରେ ମାମଲା ରୁଜୁ କରାଯାଇଥିଲା। ମାମଲାର କେସ୍ ନଂ. ଡିକେଏଲ୍, ଟିଆର ନଂ. ୬୫/୧୭ର ବିଚାର କରି ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ପ୍ରତିମା ପଣ୍ଡା ଅଭିଯୁକ୍ତଙ୍କୁ ଦଫା ୭, ୧୩ (୨), ଆର/ଡବ୍ଲ୍ୟୁ ୧୩(୧)(ଡି)୧୯୮୮ରେ ୨ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୩ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସେହିପରି ଦଫା ୭ ପିସି ଆକ୍ଟ-୧୯୮୮ ଅନୁଯାୟୀ ୧ବର୍ଷ ସଶ୍ରମ କାରାଦଣ୍ଡ, ୨ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ୨ମାସ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରାଯାଇଛି। ଉଭୟ ଦଣ୍ଡାଦେଶ ସମାନ୍ତରାଳ ଭାବରେ ଚାଲିବ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଭିଜିଲାନ୍ସ ପବ୍ଲିକ ପ୍ରସିକ୍ୟୁଟର କୈଳାସ ଚନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ।

■ଡିପିଏସ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

# କଲାମ ହାଉସ୍ ଶ୍ରେଷ୍ଠ




ଛାତ୍ରୀଛାତ୍ରମାନେ ଦୁଃସାହସିକ କ୍ରୀଡ଼ା କୌଶଳ ପ୍ରଦର୍ଶନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୩୦।୧୧**

ଢେଙ୍କାନାଳ ଦିଲ୍ଲୀ ପବ୍ଲିକ୍ ସ୍କୁଲ (ଡିପିଏସ୍)ରେ ଚାଲିଥିବା ବାର୍ଷିକ କ୍ରୀଡ଼ା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସାମୂହିକ ପ୍ରଦର୍ଶନରେ କଲାମ ହାଉସ୍ ଶ୍ରେଷ୍ଠ ବିବେଚିତ ହୋଇଛି। ସେହିପରି ୧୦୦ ମିଟର ପୁରୁଷ ବିଭାଗ ଦୌଡ଼ରେ ମାନସ ମଲ୍ଲିକ, ମହିଳା ବିଭାଗରେ ଜଲି ପଣ୍ଡା, ମହିଳା ରିଲେ ବାସ୍କେଟିଂରେ ପ୍ରଜ୍ଞା ପାରମିତା ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ୬ଷ୍ଠରୁ ୧୨ଶ ଶ୍ରେଣୀର ପିଲାଙ୍କୁ ନେଇ ଆୟୋଜିତ ଫ୍ୟୁଜନ ନୃତ୍ୟ, ଶାରୀରିକ ଶିକ୍ଷାଭିତ୍ତିକ ଡମ୍‌ବେଲ, ଲେଜିୟନ ନୃତ୍ୟ, ମଡର୍ନ ମେପୋଲ ନୃତ୍ୟ, ଟର୍ଚ୍ଚ ଡ୍ରିଲ ବେଶ୍ ଆକର୍ଷଣୀୟ ହୋଇଥିଲା। ଏଥିସହ ସିବିଏସ୍‌ଇ ପରୀକ୍ଷାରେ ୯୦% ମାର୍କ ରଖିଥିବା ଏବଂ ୧୦୦% ଉପସ୍ଥାନ ପାଇଁ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସବୁଜ ପୃଥିବୀର ସୁରକ୍ଷା ଆହ୍ୱାନ ଦେଇ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା।

ପ୍ରୋ-ଭାଇସ୍ ଚାନ୍‌ସେଲର ବିନୋଦ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଆକ୍ସିସ ବ୍ୟାଙ୍କ ସର୍କଲ ମୁଖ୍ୟ ସରୋଜ ସାହୁ, ସମ୍ମାନିତ ଅତିଥି କଲୋନେଲ ଭାସ୍କରଜ୍ୟୋତି ହଜାରିକା, ଯୁବରାଣୀ ମୀନାଲ କୁମାରୀ, ସୂର୍ଯ୍ୟ ମହାପାତ୍ର, ପାରାଦୀପ ଡିପିଏସ୍ ଅଧ୍ୟକ୍ଷ ଡ. ଧନଞ୍ଜୟ ପଣ୍ଡା, ଆକ୍ସିସ ବ୍ୟାଙ୍କ ଡେପୁଟି ଉପସଭାପତି ଶଶିଭୂଷଣ ପ୍ରସାଦ, ରଣେନ୍ଦ୍ର ପ୍ରସାଦ ସିଂଦେଓ ପ୍ରମୁଖ ମଞ୍ଚାସୀନ ରହି ବନ୍ୟପ୍ରାଣୀ ସୁରକ୍ଷା ଲାଗି ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଉଦ୍‌ଘାଟନୀ ସମାରୋହରେ ଟାଟା ଷ୍ଟିଲ ବିଏସ୍‌ଏଲ ମୁଖ୍ୟ ମଣିକାନ୍ତ ନାୟକ, ଯୁବରାଜ ଅମରଜ୍ୟୋତି ସିଂଦେଓ, ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଯଜ୍ଞେଶ୍ୱର ବୋରା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରାଇଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ